# ଧରିତ୍ରୀ
DHARITRI

ଧରିତ୍ରୀ 50 Years

ଭୁବନେଶ୍ୱର, ବୁଧବାର, ଅଗଷ୍ଟ ୨୧/୨୦୨୪ (୧୬ ପୃଷ୍ଠା) | Bhubaneswar, Wednesday, August 21/2024 | Page 16 | ₹ 7.00 | RAYAGADA

୫୦ଶ ଭାଗ ୨୬୭ ସଂଖ୍ୟା | www.orissakhabar.com/www.dharitri.com | Printed at Rayagada, Bhubaneswar, Sambalpur & Angul | VOLUME 50 ISSUE 267 | ମୂଲ୍ୟ₹୭/-



DSPL - 79

ODISHA
INDIA'S BEST KEPT SECRET.

# ଭାରତୀୟ ହକି ତାରକାମାନଙ୍କୁ ସମ୍ବର୍ଦ୍ଧନା ଉତ୍ସବ



ମୁଖ୍ୟ ଅତିଥି

**ଶ୍ରୀ ମୋହନ ଚରଣ ମାଝୀ**

ମାନ୍ୟବର ମୁଖ୍ୟମନ୍ତ୍ରୀ, ଓଡ଼ିଶା

କନ୍‌ଭେନ୍‌ସନ୍ ସେଣ୍ଟର୍, ଲୋକସେବା ଭବନ

ସନ୍ଧ୍ୟା ୫:୦୦ ଘଟିକା, ୨୧ ଅଗଷ୍ଟ ୨୦୨୪

ସିଧାପ୍ରସାରଣ : | ସ୍ପୋର୍ଟସ ଓଡ଼ିଶା

"ଅଲିମ୍ପିକ୍ସ କାଂସ୍ୟ ପାଇଁ ଉତ୍ସବମୁଖରିତ ଓଡ଼ିଶା"

## ବିଜୟ ଗୌରବ ଯାତ୍ରା

ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦର ଠାରୁ
କଳିଙ୍ଗ ଷ୍ଟାଡ଼ିୟମ୍ ପର୍ଯ୍ୟନ୍ତ
ଅପରାହ୍ନ ୧୨:୩୦ ଘଟିକା



୨୦୩୬ ପର୍ଯ୍ୟନ୍ତ ଭାରତୀୟ ଜାତୀୟ ହକି ଦଳର ପ୍ରାୟୋଜକ ଭାବେ ଓଡ଼ିଶା ଗର୍ବିତ

OIPR-29001/13/0012/2425

କ୍ରୀଡ଼ା ଓ ଯୁବ ସେବା ବିଭାଗ, ଓଡ଼ିଶା

ଧରିତ୍ରୀ DHARITRI 50 Years
ସ୍ୱତନ୍ତ୍ର
ଭୁବନେଶ୍ୱର, ବୁଧବାର, ୨୧ ଅଗଷ୍ଟ, ୨୦୨୪

# ଅଜମେର ବର୍ବରତା

## ବଳାତ୍କାର, ବ୍ଲାକ୍‌ମେଲ୍: ଶିକାର ହୋଇଥିଲେ ୨୫୦ ଛାତ୍ରୀ

ଜୟପୁର,୨୦।୮



ରାଜସ୍ଥାନର ଅଜମେର ସହରରେ ଆଜିକୁ ୩୨ ବର୍ଷ ପୂର୍ବେ ସିରିଜ୍ ଗଣବଳାତ୍କାର ଓ ବ୍ଲାକ୍‌ମେଲ୍ ଭଳି ଲୋମହର୍ଷକ ଘଟଣା ସାମ୍ନାକୁ ଆସିଥିଲା। ୧୧ରୁ ୨୦ ବର୍ଷ ବୟସ ବର୍ଗର ସ୍କୁଲ୍ ଏବଂ କଲେଜ ଯାଉଥିବା ୨୫୦ ଜଣ ଛାତ୍ରୀ ଏହି ଅପରାଧର ଶିକାର ହୋଇଥିଲେ। ଏକ ଗ୍ୟାଙ୍ଗର ସଦସ୍ୟମାନେ ଛାତ୍ରୀମାନଙ୍କୁ ପ୍ରଥମେ ବନ୍ଧୁତା ଜାଲରେ ଫସାଇବା ପରେ ସେମାନଙ୍କୁ ଏକ ଫାର୍ମହାଉସ୍‌କୁ ଡାକୁଥିଲେ। ସେଠାରେ ସେମାନଙ୍କ ସହ ନିବିଡ଼ତା ବଢ଼ିବା ସହ ଆପତ୍ତିଜନକ ମୁହୂର୍ତ୍ତର ଫଟୋକୁ ଉକ୍ତ ଗ୍ୟାଙ୍ଗର ସଦସ୍ୟମାନେ ଉଠାଇ ନେଉଥିଲେ। ପରେ ଉକ୍ତ ଫଟୋକୁ ଦେଖାଇ ସେମାନେ ଝିଅମାନଙ୍କୁ ବ୍ଲାକ୍‌ମେଲ କରିବା ସହ ସେମାନଙ୍କୁ ବଳାତ୍କାର କରୁଥିଲେ। ଦୀର୍ଘଦିନ ଧରି ଏଭଳି ଅପରାଧ ଚାଲିଥିଲା। ପୀଡ଼ିତାଙ୍କ ମଧ୍ୟରୁ ଅଧିକାଂଶ ହେଉଛନ୍ତି ଅଜମେରର ସୋଫିଆ ସିନିୟର ସେକେଣ୍ଡାରୀ ସ୍କୁଲ୍‌ର ଛାତ୍ରୀ। ଘଟଣାରେ ସାରା ଦେଶ ସ୍ତବ୍ଧ ହୋଇଥିଲା। ଲୋକେ ରାସ୍ତାକୁ ଓହ୍ଲାଇ ପ୍ରତିବାଦ କରିବା ସହ ସାମ୍ପ୍ରଦାୟିକ ଉତ୍ତେଜନା ବଢ଼ିଥିଲା। ୩ ଦିନ ବନ୍ଦ ପାଳନ କରାଯାଇଥିଲା। ସୂଚନା ଥାଇ ମଧ୍ୟ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବାରୁ ସମାଲୋଚିତ ହୋଇଥିଲା।

ଦେଶରେ ସାମ୍ପ୍ରଦାୟିକ ଉତ୍ତେଜନା ବଢୁଥିବାବେଳେ ଏହି ହାଇପ୍ରୋଫାଇଲ ମାମଲା ସାମ୍ନାକୁ ଆସିଥିଲା ବୋଲି ତତ୍କାଳୀନ ସିଆଇଡି-କ୍ରାଇମ୍ ବ୍ରାଞ୍ଚ ଏସ୍‌ପି ଏନ୍.କେ. ପଟନି କହିଥିଲେ। ବରିଷ୍ଠ ଭାଜପା ନେତା ଲାଲ୍‌କୃଷ୍ଣ ଆଡଭାନୀଙ୍କ ରଥଯାତ୍ରାକୁ ନେଇ ସାମ୍ପ୍ରଦାୟିକ ଉତ୍ତେଜନା ଦେଖାଦେଇଥିଲା। ୧୯୯୨ ଡିସେମ୍ବରରେ ବିବାଦୀୟ ବାବ୍ରୀ ମସ୍‌ଜିଦକୁ ହିନ୍ଦୁ କରସେବକମାନେ ଭାଙ୍ଗିଦେଇଥିଲେ। ଏହାର କିଛି ମାସ ପୂର୍ବରୁ ଅଜମେରର ଏହି କଳା କାରନାମା ସାମ୍ନାକୁ ଆସିଥିଲା। ସେତେବେଳେ ଏହି ଘଟଣା ସାରା ଦେଶରେ ଆଲୋଡ଼ନ ସୃଷ୍ଟି କରିଥିଲା। ମୁଖ୍ୟ ଅଭିଯୁକ୍ତମାନେ ମୁସଲମାନ ଏବଂ ଅଧିକାଂଶ ପୀଡ଼ିତା ହିନ୍ଦୁ ହୋଇଥିବାରୁ ଏହା ଯେପରି ସାମ୍ପ୍ରଦାୟିକ ଦଙ୍ଗାର ରୂପ ନ ନିଏ, ସେଥିପାଇଁ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା।

## ଫାରୁକ୍, ନାଫିସ୍ ଥିଲେ କିଙ୍ଗ୍‌ପିନ୍

ଅଜମେର ସିରିଜ ଗଣବଳାତ୍କାର ଓ ବ୍ଲାକ୍‌ମେଲ ମାମଲା ପଛର କିଙ୍ଗ୍‌ପିନ୍ ଥିଲେ ଫାରୁକ୍ ଚିସ୍ତି ଏବଂ ନାଫିସ୍ ଚିସ୍ତି। ଅଜମେର ଶରିଫ୍ ଦରଘାର ଦେଖାରଖା କରୁଥିବା ଖାଦିମ୍ ପରିବାରର ସେମାନେ ପରିବର୍ଦ୍ଧିତ ସଦସ୍ୟ। ସେମାନଙ୍କ ନେତୃତ୍ୱରେ ଅପରାଧୀମାନଙ୍କ ଗୋଷ୍ଠୀ କାର୍ଯ୍ୟ କରୁଥିଲା। ବହୁବର୍ଷ ଧରି ଏହି ଅପରାଧ ଚାଲିବା ପରେ ୧୯୯୨ରେ ପଦାକୁ ଆସିବାରୁ ଏହାର ଅନ୍ତ ଘଟିଥିଲା। ଅପରାଧୀମାନେ ସ୍କୁଲ୍ ଓ କଲେଜ ଯାଉଥିବା ଝିଅମାନଙ୍କୁ ପ୍ରଲୋଭିତ କରି ନିକଟବର୍ତ୍ତୀ ଫାର୍ମହାଉସ୍ କିମ୍ବା ବଙ୍ଗଳାକୁ ନେଇଯାଉଥିଲେ। ସେଠାରେ ଜଣେ କିମ୍ବା ଏକାଧିକ ଗ୍ୟାଙ୍ଗ ସଦସ୍ୟ ସେମାନଙ୍କୁ ବଳାତ୍କାର କରୁଥିଲେ। ଏହି ସମୟରେ ସେମାନଙ୍କ ଉଲଗ୍ନ ଫଟୋ ନିଆଯାଉଥିଲା। ଫଳରେ ପୀଡ଼ିତାମାନେ ବାରମ୍ବାର ବଳାତ୍କାରର ସମ୍ମୁଖୀନ ହେଉଥିଲେ ମଧ୍ୟ ଫଟୋ ପ୍ରଘଟ ହୋଇଯିବା ଭୟରେ ମୁହଁ ଖୋଲୁ ନ ଥିଲେ।

ବଳାତ୍କାର ପରେ ଅଧିକାଂଶ ପୀଡ଼ିତାଙ୍କୁ ହଇରାଣ କରାଯିବା ସହ ଧମକ ଦିଆଯାଉଥିଲା। ସେଥିପାଇଁ ସେମାନଙ୍କ ପରିବାର କିମ୍ବା ସମାଜରୁ ସମର୍ଥନ ମିଳୁ ନ ଥିଲା। ୬ ଜଣ ପୀଡ଼ିତା ଲୋକଲଜ୍ଜା ସହି ନ ପାରି ଆତ୍ମହତ୍ୟା କରିଥିଲେ। ଅଜମେର ମହିଳା ସମୂହ ମାମଲାର ତଦନ୍ତ କରିବାକୁ ଉଦ୍ୟମ କରିଥିଲେ ମଧ୍ୟ ଧମକ ପାଇବା ପରେ ଓହରିଯାଇଥିଲା। ଏପରିକି କେତେକ ଛୋଟ ପତ୍ରିକା ଦ୍ୱାରା ପୀଡ଼ିତାମାନେ ବ୍ଲାକ୍‌ମେଲର ସମ୍ମୁଖୀନ ହୋଇଥିବା ଅଭିଯୋଗ ହୋଇଥିଲା। ପତ୍ରିକାର ମାଲିକ ଓ ପ୍ରକାଶକ ପୀଡ଼ିତାମାନଙ୍କ ପରିଚୟ ଲୁଚାଇ ରଖିବା ପାଇଁ ସେମାନଙ୍କ ପରିବାରଠାରୁ ଟଙ୍କା ଚାହିଁଥିଲେ ବୋଲି ସେତେବେଳେ ଖବର ପ୍ରକାଶ ପାଇଥିଲା।



ଅନୱର ଚିସ୍ତି, ନାଫିସ୍ ଚିସ୍ତି ଓ ଫାରୁକ ଚିସ୍ତି।

## କିପରି ଲୋକଲୋଚନକୁ ଆସିଲା



ଏହି ଫାର୍ମହାଉସ୍‌କୁ ଛାତ୍ରୀମାନଙ୍କୁ ଡାକି ବଳାତ୍କାର କରାଯାଉଥିଲା।

ସ୍ଥାନୀୟ ପ୍ରଭାବଶାଳୀ ଲୋକଙ୍କ ଗ୍ରୁପ୍ ନାବାଳିକାମାନଙ୍କୁ ଟାର୍ଗେଟ କରୁଥିଲା। ପ୍ରଥମେ ଫାରୁକ୍ ଚିସ୍ତି ଅଜମେର ହାଇସ୍କୁଲର ଜଣେ ଛାତ୍ରୀଙ୍କୁ ଫସାଇ ତାଙ୍କ ସହ ଅଶ୍ଳୀଳ ଫଟୋ ନେବା ପରେ ବ୍ଲାକ୍‌ମେଲ କରିଥିଲେ। ଉକ୍ତ ଛାତ୍ରୀ ମାଧ୍ୟମରେ ସେ ତାଙ୍କ ସହପାଠୀ ଓ ବାନ୍ଧବୀମାନଙ୍କ ସହ ପରିଚିତ ହୋଇଥିଲେ। ସେମାନଙ୍କୁ ମଧ୍ୟ ଅନୁରୂପ ଭାବେ ବ୍ଲାକ୍‌ମେଲ କରାଯିବା ସହ ବଳାତ୍କାର କରାଯାଉଥିଲା। ଏହି ଧାରା ଜାରି ରହିଥିବାବେଳେ ସେଥିରେ ଗ୍ରୁପ୍‌ର ଅନ୍ୟ ସଦସ୍ୟମାନେ ସାମିଲ ହୋଇଥିଲେ। ଅଜମେରର ଏକ ସ୍ଥାନୀୟ ଖବରକାଗଜ ଦୈନିକ ନବଜ୍ୟୋତି ଉକ୍ତ ଯୌନ କେଲେଙ୍କାରୀ ସମ୍ପର୍କରେ ଏକ ଲେଖା ଛାପିଥିଲା। ସେଥିରେ ଅପରାଧ ସମ୍ପର୍କିତ ସବିଶେଷ ତଥ୍ୟ ଦିଆଯିବା ସହ ବଳାତ୍କାରୀମାନେ ଉଠାଇଥିବା କେତେକ ଫଟୋ ମଧ୍ୟ ପ୍ରକାଶ ପାଇଥିଲା। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିବା ସହ ଅପରାଧୀମାନଙ୍କୁ ଧରିବା ପାଇଁ ବିଭିନ୍ନ ଅଞ୍ଚଳରେ ଚଢ଼ାଉ କରିଥିଲା। ସ୍ଥାନୀୟ କର୍ତ୍ତୃପକ୍ଷ ଏହି କେଲେଙ୍କାରୀ ସମ୍ପର୍କରେ ବର୍ଷେ ପୂର୍ବରୁ ଅବଗତ ଥିଲେ ମଧ୍ୟ ଆଇନଗତ କାର୍ଯ୍ୟାନୁଷ୍ଠାନ ନେଉ ନ ଥିବା ଅଭିଯୋଗ ହୋଇଥିଲା। ତେବେ ଅପରାଧୀଙ୍କ ବିରୋଧରେ ମାମଲା ପ୍ରସ୍ତୁତ କରିବା କଷ୍ଟକର ଥିଲା। କାରଣ ଅଧିକାଂଶ ପୀଡ଼ିତା ଆଗକୁ ଆସିବାକୁ କୁଣ୍ଠାବୋଧ କରୁଥିଲେ। ତେବେ ବ୍ଲାକ୍‌ମେଲ୍ ପାଇଁ ଅପରାଧୀ ବ୍ୟବହାର କରିଥିବା ଫଟୋ ଓ ଭିଡିଓରୁ ସେମାନଙ୍କୁ ଚିହ୍ନଟ କରାଯାଇଥିଲା ଓ ତାହାକୁ ଆଧାର କରି ମମଲା ଦାଏର ହୋଇଥିଲା। ଅପହରଣ ଓ ଗଣବଳାତ୍କାର ନେଇ ୧୮ ଜଣଙ୍କ ନାଁରେ ଆଇପିସିର ବିଭିନ୍ନ ଧାରାରେ ମାମଲା ରୁଜୁ ହୋଇଥିଲା।

### ଅଭିଯୁକ୍ତ ବିଭିନ୍ନ ପଦବୀରେ ଥିଲେ

ମୁଖ୍ୟ ଅଭିଯୁକ୍ତ ଫାରୁକ୍ ଚିସ୍ତି ସେତେବେଳେ ଅଜମେର ଯୁବ କଂଗ୍ରେସ ସଭାପତି ଥିଲେ। ନାଫିସ୍ ଚିସ୍ତି ଅଜମେର କଂଗ୍ରେସର ଉପସଭାପତି ଥିବାବେଳେ ଅନୱର ଚିସ୍ତି ଯୁଗ୍ମ ସମ୍ପାଦକ ରହିଥିଲେ। ସୁହେଲ ଚିସ୍ତି ୨୬ ବର୍ଷ ଫେରାର ରହିବା ପରେ ଆତ୍ମସମର୍ପଣ କରିଥିଲେ। ସଲିମ୍ ଚିସ୍ତି ୨୦୧୨ରେ ଗିରଫ ହୋଇଥିବାବେଳେ ଅଲମାସ୍ ଏବେ ବି ଫେରାର ରହିଛନ୍ତି। ଘଟଣା ପଦାକୁ ଆସିବାର ବର୍ଷେ ପୂର୍ବରୁ ସ୍ଥାନୀୟ ପୋଲିସ କର୍ତ୍ତୃପକ୍ଷଙ୍କୁ ଜଣାଥିଲା। ଏପରିକି ଗୋଇନ୍ଦା ବିଭାଗ ୫ ମାସ ପୂର୍ବରୁ ଯୌନ କେଲେଙ୍କାରୀ ସମ୍ପର୍କରେ ସୂଚନା ଦେଇଥିଲା। ତେବେ ସ୍ଥାନୀୟ ରାଜନେତାଙ୍କୁ ସୁରକ୍ଷା ଦେବା ପାଇଁ ପୋଲିସ ଚୁପ୍ ରହିଥିଲା ବୋଲି ସେତେବେଳେ ନବଜ୍ୟୋତିର ସମ୍ପାଦକ ଦୀନବନ୍ଧୁ ଚୌଧରୀ କହିଥିଲେ। ସ୍ଥାନୀୟ ପ୍ରଶାସନକୁ କାର୍ଯ୍ୟାନୁଷ୍ଠାନ ପାଇଁ ଚାପ ପକାଇବାକୁ ହେଲେ ନିଜ ଖବରକାଗଜରେ ଏହାକୁ ପ୍ରକାଶ କରିବା ପାଇଁ ଚୌଧରୀ ନିଷ୍ପତ୍ତି ନେଇଥିଲେ।

## ଦୀର୍ଘ ବିଚାର ପ୍ରକ୍ରିୟା



### ଅଭିଯୁକ୍ତ ପ୍ରଭାବୀ ଥିବାରୁ ବୟାନ ଦେବାକୁ ଡରୁଥିଲେ ପୀଡ଼ିତା

ତଦନ୍ତ ବେଳେ ୩୦ ଜଣ ପୀଡ଼ିତାଙ୍କୁ ଚିହ୍ନଟ କରାଯାଇଥିଲା। ସେମାନଙ୍କ ମଧ୍ୟରୁ ଅଳ୍ପ କେତେଜଣ ଏତଲା ଦାଏର କରିଥିବାବେଳେ ପରେ ଆଉ ୧୦ ଜଣ ଏତଲା ଦେଇଥିଲେ। ୧୯୯୨ ସେପ୍ଟେମ୍ବରରେ ୧୮ ଜଣ ସିରିଏଲ୍ ଅପରାଧୀଙ୍କୁ ଏହି ମାମଲାରେ ଅଭିଯୁକ୍ତ କରାଯାଇଥିଲା। ସେମାନଙ୍କ ମଧ୍ୟରୁ ପୁରୁଷୋତ୍ତମ ନାମକ ଅପରାଧୀ ୧୯୯୪ରେ ଆତ୍ମହତ୍ୟା କରିଥିଲେ। ପ୍ରଥମ ୮ ଜଣଙ୍କର ତଳକୋର୍ଟରେ ବିଚାର ଶେଷ ହେବା ପରେ ସେମାନଙ୍କୁ ଆଜୀବନ ଜେଲଦଣ୍ଡ ଦିଆଯାଇଥିଲା। ତେବେ ସେମାନଙ୍କ ମଧ୍ୟରୁ ୪ ଜଣ ୨୦୦୧ରେ ରାଜସ୍ଥାନ ହାଇକୋର୍ଟଙ୍କ ଦ୍ୱାରା ଦୋଷମୁକ୍ତ ହୋଇଥିଲେ। ୨୦୦୭ରେ ଅଜମେରର ଫାଷ୍ଟ ଟ୍ରାକ୍ କୋର୍ଟ ଫାରୁକ ଚିସ୍ତିଙ୍କୁ ଦୋଷୀସାବ୍ୟସ୍ତ କରିଥିବାବେଳେ ସେ ଦୀର୍ଘଦିନ ଜେଲରେ କାଟିସାରିଥିବାରୁ ୨୦୧୩ରେ ହାଇକୋର୍ଟ ତାଙ୍କୁ ମୁକ୍ତ କରିଦେଇଥିଲେ। ହାଇକୋର୍ଟ ଅପରାଧୀଙ୍କ ଦଣ୍ଡାଦେଶକୁ ହ୍ରାସ କରିଥିବାବେଳେ ଏହା ବିରୋଧରେ ରାଜ୍ୟ ସରକାର କରିଥିବା ଆବେଦନ ସୁପ୍ରିମକୋର୍ଟରେ ଖାରଜ ହୋଇଯାଇଥିଲା।

ଅଭିଯୁକ୍ତମାନେ ସାମାଜିକ ଏବଂ ଆର୍ଥିକ ଦୃଷ୍ଟିରୁ ପ୍ରଭାବଶାଳୀ ସ୍ଥିତିରେ ଥିବାରୁ ପୀଡ଼ିତାମାନଙ୍କୁ ଡାକି ସେମାନଙ୍କ ବୟାନ ସଂଗ୍ରହ କରିବା କଷ୍ଟକର ଥିଲା ବୋଲି ତତ୍କାଳୀନ ପୋଲିସ ଡିଆଇଜି ଓମେନ୍ଦ୍ର ଭରଦ୍ୱାଜ କହିଥିଲେ। ଯେଉଁ ପୀଡ଼ିତା ସାକ୍ଷୀ ଭାବେ ହାଜର ହୋଇଥିଲେ ସେମାନେ ଅସୁବିଧାରେ ପଡ଼ିଥିଲେ। ସେଥିପାଇଁ ଅଧିକାଂଶ ଆଗକୁ ଆସି ବୟାନ ଦେବାକୁ ଚାହିଁ ନ ଥିଲେ, ଯାହାକୁ ସୁପ୍ରିମକୋର୍ଟ ଦୁର୍ଭାଗ୍ୟଜନକ ବୋଲି କହିଥିଲେ। ଦୀର୍ଘ ୩୨ ବର୍ଷ ପରେ ସ୍ଥାନୀୟ ଏକ ପୋକ୍‌ସୋ ଅଦାଲତ ମଙ୍ଗଳବାର ମାମଲାର ଅନ୍ୟ ୬ ଅଭିଯୁକ୍ତଙ୍କୁ ଆଜୀବନ ଜେଲ ଦଣ୍ଡାଦେଶ ଦେଇଛନ୍ତି।

# କୋଲକାତା ଲଜ୍ଜା

## ସିବିଆଇ ତଦନ୍ତରୁ ବଦଳି ଦୁର୍ନୀତି ଓ ବେଆଇନ ଔଷଧ ରାକେଟ୍

**କୋଲକାତାର ଆର୍.ଜି. କର ମେଡିକାଲ କଲେଜ ଓ ହସ୍ପିଟାଲ୍‌ର ଟ୍ରେନି ଡାକ୍ତରଙ୍କୁ ଗତ ଅଗଷ୍ଟ ୯ରେ ବଳାତ୍କାର ଓ ହତ୍ୟା କରାଯାଇଥିଲା। ମେଡିକାଲ କଲେଜର ସେମିନାର ହଲ୍ ମଧ୍ୟରୁ ମହିଳା ଡାକ୍ତରଙ୍କ ମୃତଦେହ ମିଳିଥିଲା। ଏହି ଘଟଣାକୁ ନେଇ ଦେଶବ୍ୟାପୀ ବିଭିନ୍ନ ଡାକ୍ତର ସଙ୍ଗଠନ ପକ୍ଷରୁ ପ୍ରତିବାଦ କରାଯାଉଛି। କାଲକାଟା ଉଚ୍ଚନ୍ୟାୟାଳୟ ଏହି ମାମଲାର ତଦନ୍ତଭାର କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ)କୁ ହସ୍ତାନ୍ତର କରିଥିଲେ। ସିବିଆଇ ବିଭିନ୍ନ ଦିଗକୁ କେନ୍ଦ୍ର କରି ମାମଲାର ତଦନ୍ତ କରିବା ସହ ମେଡିକାଲ କଲେଜର ପୂର୍ବତନ ଅଧ୍ୟକ୍ଷ ସନ୍ଦୀପ ଘୋଷଙ୍କୁ ବାରମ୍ବାର ଜେରା କରୁଛି। ତଦନ୍ତରେ ଉକ୍ତ କଲେଜ ସମେତ ପଶ୍ଚିମବଙ୍ଗର ବିଭିନ୍ନ କଲେଜରେ ଡାକ୍ତରମାନଙ୍କ ବଦଳି ପାଇଁ ଲାଞ୍ଚ କାରବାର ହେଉଥିବା ଜଣାପଡ଼ିଛି। ସେହିପରି ପଶ୍ଚିମବଙ୍ଗର ମେଡିକାଲ କଲେଜଗୁଡ଼ିକରେ ବେଆଇନ ଔଷଧ କାରବାର ହେଉଥିବା ମଧ୍ୟ ସିବିଆଇ ଜାଣିବାକୁ ପାଇଛି। ତେବେ ତଦନ୍ତ କରିବାର ସପ୍ତାହେ ବିତିଯାଇଥିଲେ ସୁଦ୍ଧା ସିବିଆଇ କାହାକୁ ଗିରଫ ନ କରିବାକୁ ନେଇ ପ୍ରଶ୍ନ ଉଠିଛି। ଡାକ୍ତରଙ୍କ ସୁରକ୍ଷା ସହ ଜଡ଼ିତ ଥିବା ଏହି ମାମଲାକୁ ୧୧ ଦିନ ବିତିଯାଇଥିଲେ ମଧ୍ୟ ପୀଡ଼ିତାଙ୍କୁ ନ୍ୟାୟ ମିଳିବାକୁ ଆଉ କେତେଦିନ ଲାଗିବ ସେନେଇ ପ୍ରଶ୍ନ ଉଠିଛି।**

କୋଲକାତାର ଆର୍.ଜି. କର୍ ମେଡିକାଲ କଲେଜ ଓ ହସ୍ପିଟାଲରେ ଟ୍ରେନି ମହିଳା ଡାକ୍ତରଙ୍କୁ ବଳାତ୍କାର ଓ ହତ୍ୟା ମାମଲାର ତଦନ୍ତ ଭାର କୋଲକାତା ହାଇକୋର୍ଟ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ(ସିବିଆଇ)କୁ ହସ୍ତାନ୍ତର କରିଛନ୍ତି। ସିବିଆଇ ମାମଲାର ତଦନ୍ତ ଭାର ଜାରି ରଖିଛି। ତେବେ ଉକ୍ତ ମେଡିକାଲ କଲେଜରେ ଟ୍ରାନ୍ସଫର ପୋଷ୍ଟିଂ ପାଇଁ ଲାଞ୍ଚ କାରବାର ହେଉଥିବା ନେଇ ସିବିଆଇ ତଦନ୍ତରୁ ଜଣାପଡ଼ିଛି। ସେହିପରି ଦୀର୍ଘଦିନ ଧରି ବେଆଇନ ମେଡିସିନ କାରବାର ମଧ୍ୟ ଉକ୍ତ ମେଡିକାଲ କଲେଜରେ ହେଉଥିବା ନେଇ ସିବିଆଇ ଜାଣିବାକୁ ପାଇଛି। ଏହି ବେଆଇନ ଔଷଧ ରାକେଟ ବର୍ଷ ବର୍ଷ ଧରି ଉକ୍ତ ମେଡିକାଲ କଲେଜରେ ସକ୍ରିୟ ରହିଛି ଏବଂ ପଶ୍ଚିମବଙ୍ଗ ସରକାରଙ୍କ ଦ୍ୱାରା ସଞ୍ଚାଳିତ ଅନ୍ୟାନ୍ୟ ମେଡିକାଲ କଲେଜକୁ ମଧ୍ୟ ବ୍ୟାପିଛି। ପଶ୍ଚିମବଙ୍ଗ ରାଜ୍ୟ ସରକାରଙ୍କ ଦ୍ୱାରା କିଣାଯାଇଥିବା କୋଟି କୋଟି ମୂଲ୍ୟର ଏହି ମେଡିସିନ ବିଭିନ୍ନ ଅବୈଧ ନେଟ୍‌ୱାର୍କ ମାଧ୍ୟମରେ ଘରୋଇ ମେଡିକାଲ ଷ୍ଟୋରଗୁଡ଼ିକୁ ସ୍ଥାନାନ୍ତରିତ କରାଯାଇଥିବା ସିବିଆଇ ସୂତ୍ରରୁ ପ୍ରକାଶ ପାଇଛି। ଯେଉଁ ଡାକ୍ତର କିମ୍ବା ହସ୍ପିଟାଲ କର୍ମଚାରୀ ବିଭିନ୍ନ ଫୋରମ୍‌ରେ ଏହି ଦୁର୍ନୀତି ଏବଂ ଅନିୟମିତତା ବିରୋଧରେ ସ୍ୱର ଉଠାଇଥାନ୍ତି ସେମାନଙ୍କୁ ଟାର୍ଗେଟ କରାଯାଇ ବଳାତ୍କାର ଏବଂ ହତ୍ୟା କରାଯାଇଥାଏ। ତେବେ ଉଭୟ ଦୁର୍ନୀତିରେ ରାଜ୍ୟ ସରକାରଙ୍କ କେତେଜଣ ବରିଷ୍ଠ ଅଧିକାରୀ ସାମିଲ ଥିବା ନେଇ ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଦୁର୍ନୀତିରେ ସମ୍ପୃକ୍ତ ଅନ୍ୟ ଡାକ୍ତର ଏବଂ ବ୍ୟକ୍ତିବିଶେଷଙ୍କୁ ଖୋଜିବାକୁ ସିବିଆଇ ପ୍ରୟାସ ଜାରି ରଖିଛି। ଲାଞ୍ଚ ନେଇ ଡାକ୍ତରଙ୍କ ବଦଳି ଦୁର୍ନୀତିରେ କେତେଜଣ ଡାକ୍ତର ଏବଂ ରାଜ୍ୟ ପ୍ରଶାସନର ଗୋଟିଏ ରାକେଟ କାମ କରୁଥିବା ଜଣେ ସିବିଆଇ ଅଧିକାରୀ ସୂଚନା ଦେଇଛନ୍ତି। ଯେଉଁ ଡାକ୍ତରମାନେ ନିଜ ମନପସନ୍ଦର ମେଡିକାଲ କଲେଜକୁ ବଦଳିହେବାକୁ ଚାହୁଁଛନ୍ତି, ସେମାନଙ୍କୁ ପ୍ରାୟ ୨୦ରୁ ୩୦ ଲକ୍ଷ ଟଙ୍କା ଦେବାକୁ କୁହାଯାଉଛି। ଗତ ୯ରେ ଆର୍.ଜି. କର୍ ମେଡିକାଲ କଲେଜରେ ବଳାତ୍କାର ଓ ହତ୍ୟାର ଶିକାର ହୋଇଥିବା ପୀଡ଼ିତା ଏହି ବ୍ୟବସ୍ଥାକୁ ନେଇ ଅସନ୍ତୁଷ୍ଟ ରହିଥିଲେ। ସେ ବିଭିନ୍ନ ଫୋରମରେ ଏହା ବିରୋଧରେ ପ୍ରତିବାଦ କରିଥିଲେ ବୋଲି ସିବିଆଇ କହିଛି।




କୋଲକାତାର ଏକାଡେମୀ ଅଫ୍ ଫାଇନ୍ ଆର୍ଟସ୍‌ଠାରେ ଟ୍ରେନି ଡାକ୍ତରଙ୍କୁ ବଳାତ୍କାର ଓ ହତ୍ୟାକୁ ବିରୋଧ କରି କେତେକ ଯୁବ ସଙ୍ଗଠନ ପକ୍ଷରୁ ପ୍ରତିବାଦ କରାଯାଉଛି।



### ପୋଲିସ-ଏବିଭିପି କର୍ମୀ ଧସ୍ତାଧସ୍ତି

ପଶ୍ଚିମବଙ୍ଗର ସ୍ୱାସ୍ଥ୍ୟ ବିଭାଗ ମୁଖ୍ୟାଳୟ 'ସ୍ୱାସ୍ଥ୍ୟ ଭବନ'କୁ ଘେରାଉ କରିବାକୁ ଛାତ୍ର ସଙ୍ଗଠନ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ପଦଯାତ୍ରାକରି ଯାଉଥିବାବେଳେ ମଙ୍ଗଳବାର କୋଲକାତା ପୋଲିସ ବ୍ୟାରିକେଡ୍ ଲଗାଇ ସେମାନଙ୍କୁ ଅଟକାଇଥିଲା। ସ୍ୱାସ୍ଥ୍ୟ ଭବନକୁ ସଂଯୋଗ କରୁଥିବା ବିଭିନ୍ନ ରାସ୍ତାରେ ଏବିଭିପି କର୍ମୀ ବ୍ୟାରିକେଡ୍ ହଟାଇବାକୁ ପ୍ରୟାସ କରିଥିଲେ। ଫଳରେ ପୋଲିସ ଓ ଏବିଭିପି କର୍ମୀଙ୍କ ମଧ୍ୟରେ ଧସ୍ତାଧସ୍ତି ପରିସ୍ଥିତି ସୃଷ୍ଟି ହୋଇଥିଲା। ଏବିଭିପି ପକ୍ଷରୁ ଘଟଣାରେ ମମତା ବାନାର୍ଜୀଙ୍କ ଇସ୍ତଫା ଦାବି କରାଯାଇଛି।

### ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ 'ଆଇଏମ୍‌ଏ'ର ସ୍ୱାଗତ

ଡାକ୍ତରମାନଙ୍କ ସୁରକ୍ଷା ଜାତୀୟ ସ୍ୱାର୍ଥ ହୋଇଥିବା ଦର୍ଶାଇ ସର୍ବୋଚ୍ଚ ଅଦାଲତ ଏଥିପାଇଁ ଏକ ୧୦ ଜଣିଆ ନ୍ୟାଶନାଲ ଟାସ୍କଫୋର୍ସ ଗଠନ କରିଛନ୍ତି। ସୁପ୍ରିମକୋର୍ଟଙ୍କ ଏହି ନିର୍ଦ୍ଦେଶକୁ ଇଣ୍ଡିଆନ୍ ମେଡିକାଲ ଆସୋସିଏଶନ୍(ଆଇଏମ୍‌ଏ) ସ୍ୱାଗତ କରିଛି। ଡାକ୍ତରମାନଙ୍କ ଉପରେ ହୋଇଥିବା ଆକ୍ରମଣକୁ ନେଇ ସୁପ୍ରିମକୋର୍ଟ ହସ୍ତକ୍ଷେପ କରିଛନ୍ତି। ଡାକ୍ତରଙ୍କ ସୁରକ୍ଷା ଓ ନିରାପତ୍ତା ପ୍ରସଙ୍ଗକୁ ନେଇ ସୁପ୍ରିମକୋର୍ଟଙ୍କ ଦ୍ୱାରା ନିଯୁକ୍ତ କମିଟିକୁ ଆଇଏମ୍‌ଏ ସହଯୋଗ କରିବ।

### ସୋସିଆଲ ମିଡିଆରୁ ପୀଡ଼ିତାଙ୍କ ବିବରଣୀ ହଟାଇବାକୁ ନିର୍ଦ୍ଦେଶ

ବିଭିନ୍ନ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମରୁ ବଳାତ୍କାର ଓ ହତ୍ୟାର ଶିକାର ହୋଇଥିବା ଆର୍. ଜି. କର ମେଡିକାଲ କଲେଜର ଟ୍ରେନି ଡାକ୍ତରଙ୍କ ନାମ, ଫଟୋ, ଭିଡିଓ ହଟାଇବାକୁ ମଙ୍ଗଳବାର ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଗତ ୯ ତାରିଖରେ ପୀଡ଼ିତାଙ୍କ ହତ୍ୟା ହେବା ପରଠାରୁ ତାଙ୍କ ନାମ ଏବଂ ଫଟୋ ବିଭିନ୍ନ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମରେ ଭାଇରାଲ ହେଉଥିଲା। ପୀଡ଼ିତାଙ୍କ କିଛି ବ୍ୟକ୍ତିଗତ ଓ ପାରିବାରିକ ଫଟୋକୁ ବହୁ ୟୁଜର୍ସ ଶେୟାର କରି ତାଙ୍କ ପ୍ରତି ନିଜର ସମ୍ବେଦନା ବ୍ୟକ୍ତ କରୁଥିଲେ।

> ଟ୍ରେନି ଡାକ୍ତରଙ୍କୁ ବଳାତ୍କାର ଓ ହତ୍ୟା ଘଟଣାରେ ପଶ୍ଚିମବଙ୍ଗ ସରକାର ସମ୍ବେଦନହୀନ ମନୋଭାବ ପୋଷଣ କରିଛନ୍ତି। ରାଜ୍ୟ ଏବଂ କେନ୍ଦ୍ର ସରକାର ସୁପ୍ରିମକୋର୍ଟଙ୍କ ନିଷ୍ପତ୍ତି ପାଳନ କରିବା ଜରୁରୀ।
>
> -ଧର୍ମେନ୍ଦ୍ର ପ୍ରଧାନ,
> କେନ୍ଦ୍ର ଶିକ୍ଷା ମନ୍ତ୍ରୀ

> ଡାକ୍ତରମାନଙ୍କୁ ବାରମ୍ବାର ଆକ୍ରମଣ ଓ ଅସଦାଚରଣ କରାଯିବା ସତ୍ତ୍ୱେ ଦୋଷୀଙ୍କୁ ଦଣ୍ଡ ମିଳିପାରୁ ନାହିଁ। ଡାକ୍ତରଙ୍କ ସୁରକ୍ଷା ପାଇଁ କେନ୍ଦ୍ର ସରକାର ଏକ ନୂଆ ଆଇନ ପ୍ରଣୟନ କରନ୍ତୁ।
>
> -ସୌରଭ ଭରଦ୍ୱାଜ,
> ଦିଲ୍ଲୀ ସ୍ୱାସ୍ଥ୍ୟ ମନ୍ତ୍ରୀ

# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ଅଗଷ୍ଟ ୨୧/୨୦୨୪ Bhubaneswar, Wednesday, August 21/2024 | ପୃଷ୍ଠା-୧


# ଡାକ୍ତରଙ୍କ ସୁରକ୍ଷା ପାଇଁ ଟାସ୍କଫୋର୍ସ

## ଆଉ ଏକ ବଳାତ୍କାରକୁ ଦେଶ ଅପେକ୍ଷା କରିପାରିବ ନାହିଁ: ସିଜେଆଇ

**ନୂଆଦିଲ୍ଲୀ,୨୦ା୮(ପି.ଟି.)**

କୋଲକାତାର ଆର୍‌.ଜି. କର ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲରେ ମହିଳା ଟ୍ରେନି ଡାକ୍ତରଙ୍କୁ ବଳାତ୍କାର ଓ ହତ୍ୟା ଘଟଣା ଅତ୍ୟନ୍ତ ଭୟାବହ ବୋଲି ମଙ୍ଗଳବାର ସୁପ୍ରିମକୋର୍ଟ କହିବା ସହ ମାମଲା ଦାଏରରେ ବିଳମ୍ବ ପାଇଁ ପଶ୍ଚିମବଙ୍ଗ ସରକାରଙ୍କୁ ଭର୍ତ୍ସନା କରିଛନ୍ତି। ଏହିବର୍ବର ଘଟଣା ଦେଶର ଡାକ୍ତରମାନଙ୍କ ସୁରକ୍ଷା ପ୍ରତି ପ୍ରଶ୍ନ ଉଠାଇଥିବାବେଳେ ସର୍ବୋଚ୍ଚ ଅଦାଲତ ନିଜ ଆଡୁ ମାମଲାକୁ ବିଚାର ପାଇଁ ଗ୍ରହଣ କରିଥିଲେ। ଡାକ୍ତରମାନଙ୍କ ସୁରକ୍ଷା ଓ ସ୍ୱାଚ୍ଛନ୍ଦ୍ୟ ଏକ ଜାତୀୟ ସ୍ୱାର୍ଥ ବୋଲି ସର୍ବୋଚ୍ଚ ଅଦାଲତ ଟିପ୍ପଣୀ ଦେବା ସହ ଏଥିପାଇଁ ଏକ ୧୦ ଜଣିଆ ନ୍ୟାଶନାଲ ଟାସ୍କଫୋର୍ସ ଗଠନ କରିଛନ୍ତି। ଡାକ୍ତରଙ୍କ ସୁରକ୍ଷା ଓ ନିରାପତ୍ତା ସୁନିଶ୍ଚିତ କରିବା ପାଇଁ ଉକ୍ତ ଟାସ୍କଫୋର୍ସ ପ୍ରୋଟୋକଲ

**ପଶ୍ଚିମବଙ୍ଗ ସରକାରଙ୍କୁ ସୁପ୍ରିମକୋର୍ଟଙ୍କ ଭର୍ତ୍ସନା**



ପ୍ରସ୍ତୁତ କରିବ। ୩ ସପ୍ତାହ ମଧ୍ୟରେ ଅନ୍ତରୀଣ ରିପୋର୍ଟ ଏବଂ ୨ ମାସରେ ଚୂଡ଼ାନ୍ତ ରିପୋର୍ଟ ଦେବାକୁ ଟାସ୍କଫୋର୍ସକୁ କୁହାଯାଇଛି।

ଟାସ୍କଫୋର୍ସରେ ନୌସେନା ମେଡିକାଲ ସର୍ଭିସ ମହାନିର୍ଦ୍ଦେଶକ ଭାଇସ୍ ଆଡମିରାଲ ଆରତି ସାରିନ୍, ଏସିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଗାଷ୍ଟ୍ରୋଏଣ୍ଟେରୋଲୋଜି ଆଣ୍ଡ ଏଆଇଜି ହସ୍ପିଟାଲ ହାଇଦ୍ରାବାଦର ଅଧ୍ୟକ୍ଷ ତଥା ☞ପୃଷ୍ଠା-୨

## ମମତା ମହାନ୍ତ ଭାଜପା ରାଜ୍ୟ ସଭା ପ୍ରାର୍ଥୀ



**ଭୁବନେଶ୍ୱର,୨୦ା୮(ଅନିଲ ଦାସ)**

ବିଜେଡି ଛାଡ଼ି ଭାଜପାରେ ସାମିଲ ହୋଇଥିବା ମମତା ମହାନ୍ତଙ୍କୁ ଦଳ ରାଜ୍ୟ ସଭା ପ୍ରାର୍ଥୀ କରିଛି। ରାଜ୍ୟ ସଭା ପ୍ରାର୍ଥୀ ପାଇଁ ଭାଜପା ରାଷ୍ଟ୍ରୀୟ ମହାସଚିବ ଓ ମୁଖ୍ୟାଳୟ ପ୍ରଭାରୀ ଅରୁଣ ସିଂ ମମତାଙ୍କ ନାଁ ଘୋଷଣା କରିଛନ୍ତି। ମମତା କୁଡୁମୀ ସମ୍ପ୍ରଦାୟର ☞ପୃଷ୍ଠା-୨

## ଅଜମେର ବଳାତ୍କାର

## ୩୨ ବର୍ଷ ପରେ ନ୍ୟାୟ

### ଆଉ ୬ ଦୋଷୀଙ୍କୁ ଆଜୀବନ ଜେଲ


**ଜୟପୁର,୨୦ା୮**

୧୯୯୧-୯୨ରେ ରାଜସ୍ଥାନ ଅଜମେରରେ ୨୫୦ ନାବାଳିକା ଓ ଯୁବତୀଙ୍କୁ ଗଣବଳାତ୍କାର ସହ ବ୍ଲାକ୍‌ମେଲ୍ କରାଯାଇଥିଲା। ଏହି ସମ୍ବେଦନଶୀଳ ମାମଲାର ୩୨ ବର୍ଷ ପରେ ମଙ୍ଗଳବାର ଏକ ଶିଶୁ ଯୌନ ଅପରାଧ ସୁରକ୍ଷା (ପୋକ୍ସୋ) ଅଦାଲତ ଆଉ ୬ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ ଜେଲ ଦଣ୍ଡାଦେଶ ଦେଇଛନ୍ତି। ଦୋଷୀମାନେ ହେଲେ ନାଫିସ୍ ଚିଶ୍ତି, ନସିମ ଓରଫ ଟାର୍ଜନ, ସଲିମ ଚିଶ୍ତି, ଇକ୍‌ବାଲ ଭଟି, ସୋହେଲ ଗନି ଓ ସୟେଦ ଜମିର ହୁସେନ୍। ପୋକ୍ସୋ କୋର୍ଟ ବିଚାରପତି ରଞ୍ଜନ ସିଂ ରାୟ ୬ ଦୋଷୀଙ୍କୁ କାରା ଦଣ୍ଡାଦେଶ ସହ ୫ ଲକ୍ଷ ଟଙ୍କା ଲେଖାଏ ଜରିମାନା ଆଦେଶ ଦେଇଛନ୍ତି।

୧୯୯୨ରେ ଅଜମେର ଯୌନ କେଲେଙ୍କାରୀ ମାମଲା ସାମ୍ନାକୁ ଆସିଥିଲା। ଏକ ଜଣାଶୁଣା ଘରୋଇ ସ୍କୁଲ୍‌ରେ ପଢୁଥିବା ୧୧ରୁ ୨୦ ବର୍ଷୀୟା ଛାତ୍ରୀମାନଙ୍କ ସହ ଗ୍ୟାଙ୍ଗ୍ ସଦସ୍ୟମାନେ ନିୟମିତ ଶାରୀରିକ ସମ୍ପର୍କ ସ୍ଥାପନ କରୁଥିଲେ। ପରେ ଏକ ଫାର୍ମହାଉସ୍‌କୁ ଡାକି ସେମାନଙ୍କ ସହ ଆପତ୍ତିଜନକ ସ୍ଥିତିରେ ଫଟୋ ଉଠାଉଥିଲେ। ଉକ୍ତ ଫଟୋକୁ ଦେଖାଇ ସେମାନଙ୍କୁ ବ୍ଲାକ୍‌ମେଲ କରିବା ସହ ବାରମ୍ବାର ବଳାତ୍କାର କରିଆସୁଥିଲେ। ଏହି ମାମଲାରେ ମୋଟ ୧୮ ଅଭିଯୁକ୍ତ ଥିଲେ। ୧୨ ଜଣଙ୍କ ନାଁରେ ପ୍ରଥମ ଚାର୍ଜଶିଟ୍ ହୋଇଥିବାବେଳେ ୧୯୯୪ରେ ଟାର୍ଜନ ଫେରାର ହୋଇଯାଇଥିଲେ। ୧୯୯୮ରେ ୮ ଅଭିଯୁକ୍ତଙ୍କୁ ଆଜୀବନ ଜେଲ ଦଣ୍ଡାଦେଶ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

ନାମରେ ନୁହେଁ, କାମରେ




**ଆଜିର ମନ୍ତବ୍ୟ**

ଇଣ୍ଡୋ-ପାସିଫିକ୍ କ୍ଷେତ୍ରର ଶାନ୍ତି ଓ ସମୃଦ୍ଧି ପାଇଁ ଭାରତ ଏବଂ ମାଲେସିଆ ମିଳିତ ଭାବେ କାର୍ଯ୍ୟ କରିବେ। ଏହାଦ୍ୱାରା ଦ୍ୱିପାକ୍ଷିକ ରଣନୈତିକ ସମ୍ପର୍କ ସୁଦୃଢ଼ ହେବା ସହ ବିଭିନ୍ନ ସେକ୍ଟରରେ ସହଭାଗିତା ବୃଦ୍ଧି ପାଇବ।
– ଦ୍ରୌପଦୀ ମୁର୍ମୁ, ରାଷ୍ଟ୍ରପତି

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଉତ୍କଳ ବିଶ୍ୱବିଦ୍ୟାଳୟର ବାର୍ଷିକୋତ୍ସବ, ସ୍ଥାନ: ବିଶ୍ୱବିଦ୍ୟାଳୟ ପରିସର, ସମୟ: ସକାଳ ୭ଟା ୪୫।
- ଚାରାରୋପଣ କାର୍ଯ୍ୟକ୍ରମ, ସ୍ଥାନ: ସଙ୍କରାବଜାର, ସୁନ୍ଦରପଦା, ସମୟ: ସକାଳ ୯ଟା ୧୫।
- ସ୍କିଲ ଡେଭଲପମେଣ୍ଟ ଆଣ୍ଡ ଟେକ୍ନିକାଲ ଏଜୁକେଶନ ବିଭାଗୀୟ ମନ୍ତ୍ରୀଙ୍କ ପରିଦର୍ଶନ ଓ ବିଭିନ୍ନ କାର୍ଯ୍ୟକ୍ରମର ଉଦ୍‌ଘାଟନ, ସ୍ଥାନ: ୱାର୍ଲ୍ଡ ସ୍କିଲ ସେଣ୍ଟର, ସମୟ: ପୂର୍ବାହ୍ନ ୧୦ଟା।
- ଓଡ଼ିଆ ଭାଷା ପ୍ରତିଷ୍ଠାନ ପକ୍ଷରୁ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଭାଷାବିତ୍ ପଣ୍ଡିତ ଗୋପୀନାଥ ନନ୍ଦଶର୍ମା ଓ ପଦ୍ମଶ୍ରୀ ସତ୍ୟନାରାୟଣ ରାଜଗୁରୁଙ୍କ ଜୟନ୍ତୀ ସମାରୋହ, ସ୍ଥାନ: ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଓଏସ୍‌ଆର୍‌ଟିସି ମୁଖ୍ୟ କାର୍ଯ୍ୟାଳୟରେ ସଫେଇ କାର୍ଯ୍ୟକ୍ରମ, ସ୍ଥାନ: ଓଏସ୍‌ଆର୍‌ଟିସି ମୁଖ୍ୟ କାର୍ଯ୍ୟାଳୟ, ଏଜି ଛକ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ସାଇ ଫାଉଣ୍ଡେଶନ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: କ୍ୱାଣ୍ଟମ ଲିପ ଆଇଏଏସ୍ ଏକାଡେମୀ, ଜୟଦେବ ବିହାର, ସମୟ: ପୂର୍ବାହ୍ନ ୧୧ଟା।
- ନାଗରିକ ସମ୍ବର୍ଦ୍ଧନା ସଭା, ସ୍ଥାନ: ସୂଚନା ଭବନ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଇ–ଚାଷ ଓ ପୋର୍ଟାଲର ଶୁଭାରମ୍ଭ, ସ୍ଥାନ: ରିସର୍ଚ୍ଚ ପ୍ଲଟ ଆଗ୍ରୋନେମି, ଓୟୁଏଟି ପଛପଟ, ସମୟ: ପୂର୍ବାହ୍ନ ୧୧ଟା ୪୫।ଗେ
- ମା' ହିଙ୍ଗୁଳା ପ୍ରବାସୀ ସମିତିର ପ୍ରଥମ ବାର୍ଷିକୀ ସ୍ୱନକ୍ଷତ୍ର ଉତ୍ସବ, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୭ଟା।
- ଭାରତୀୟ ପୁରୁଷ ହକି ଦଳର ରୋଡ୍ ଶୋ', ସ୍ଥାନ: ଭୁବନେଶ୍ୱର ବିମାନ ବନ୍ଦର, ସମୟ: ଅପରାହ୍ନ ୧୨ଟା ୩୦। କଳିଙ୍ଗ ଷ୍ଟାଡିୟମରେ ଫଟୋ ଶୁଟ୍ କାର୍ଯ୍ୟକ୍ରମ, ସମୟ: ଅପରାହ୍ନ ୩ଟା ୩୦। ଲୋକସେବା ଭବନ କନ୍‌ଭେନଶନ ସେଣ୍ଟରରେ ସମ୍ବର୍ଦ୍ଧନା, ସମୟ: ଅପରାହ୍ନ ୫ଟା ୩୦।
- ଶିଳାଶ୍ରୀ ପବ୍ଲିକେଶନ ପକ୍ଷରୁ ପୁସ୍ତକ ଲୋକାର୍ପଣ, ସ୍ଥାନ: ବୁଦ୍ଧ ମନ୍ଦିର, ସମୟ: ସନ୍ଧ୍ୟା ୬ଟା।
- ଆରାଧନା ଡ୍ୟାନ୍ସ ଏକାଡେମୀ ପକ୍ଷରୁ ସସ୍ନେହା, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।
- ୭ମ ଗୁରୁ ନମନ ଡ୍ୟାନ୍ସ ଆଣ୍ଡ ମ୍ୟୁଜିକ୍ ଉତ୍ସବ 'ନୃତ୍ୟାଧାମ', ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।

## ପୁରୀ

- ପୁରୀ ଜିଲା ଦଳିତ ଓ ଆଦିବାସୀ ଫେଡେରେଶନ୍ ପକ୍ଷରୁ ଭାରତ ବନ୍ଦ ପାଇଁ ବିକ୍ଷୋଭ ପ୍ରଦର୍ଶନ, ସ୍ଥାନ: ସତ୍ୟବାଦୀ ବ୍ଲକ ଛକ, ସାକ୍ଷୀଗୋପାଳ, ସମୟ: ସକାଳ ୮ଟା।
- ମହିଳା ଓ ଶିଶୁ ବିକାଶ କାର୍ଯ୍ୟାଳୟ ପକ୍ଷରୁ ସତନ୍ତ୍ର କାର୍ଯ୍ୟକ୍ରମ 'ଶିଶୁଙ୍କ ପାଇଁ ଦିନଟିଏ', ସ୍ଥାନ: ସତ୍ୟବାଦୀ ବ୍ଲକର ପଞ୍ଚାୟତ ସମିତି ସଭାଗୃହ, ସାକ୍ଷୀଗୋପାଳ, ସମୟ: ମଧ୍ୟାହ୍ନ ୧୨ଟା।

## ଖୋର୍ଦ୍ଧା

- ନର୍ସିଂ ଅଫିସରଙ୍କ ଧାରଣା, ସ୍ଥାନ: ଗୋପବନ୍ଧୁ ଜିଲା ମୁଖ୍ୟ ଚିକିତ୍ସାଳୟ, ଖୋର୍ଦ୍ଧା, ସମୟ: ପୂର୍ବାହ୍ନ ୧୦ଟା।

- ଡେଙ୍ଗୁ ଓ ମ୍ୟାଲେରିଆ ରୋଗ ସଂକ୍ରାନ୍ତୀୟ ବୈଠକ, ସ୍ଥାନ: ଜିଲା ପରିଷଦ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଜଟଣୀ ବ୍ୟବସାୟୀ ମହାସଂଘ ପକ୍ଷରୁ ଗଣେଶ ପୂଜା ପ୍ରସ୍ତୁତି ବୈଠକ, ସ୍ଥାନ: ମା'ଖଣ୍ଡୁଆଳ ମନ୍ଦିର ପରିସର, କୁସୁମାଟି, ଜଟଣୀ, ସମୟ: ପୂର୍ବାହ୍ନ ୧୧ଟା।

## ବାଲେଶ୍ୱର

- 'କଳାକାର'ର ରାଜ୍ୟସ୍ତରୀୟ ଶିଶୁ ନାଟକ ମହୋତ୍ସବର ରୌପ୍ୟଜୟନ୍ତୀ ପାଳନ ନିମନ୍ତେ ଖବରଦାତା ସମ୍ମିଳନୀ, ସ୍ଥାନ: ଅରୁଣ ଦା' ସ୍ମୃତି ସଂସଦ ପରିସର, ମଲ୍ଲିକାଶପୁର, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ବୈଦିକ ଗୁରୁକୁଳ ଆଶ୍ରମରେ ଶ୍ରାବଣୀ ଉପାକର୍ମର ତୃତୀୟ ଦିବସ, ସ୍ଥାନ: ପିଣ୍ଛାବଣିଆ ଆଶ୍ରମ ପରିସର, ରୂପସା, ସମୟ: ପୂର୍ବାହ୍ନ ୧୦ଟା।
- କୃଷି ବିଜ୍ଞାନ କେନ୍ଦ୍ରରେ ବୃକ୍ଷରୋପଣ, ସ୍ଥାନ: ରାଣିତାଲ, ଭଦ୍ରକ ସମୟ: ଅପରାହ୍ନ ୧ଟା।
- ପ୍ରତିଷ୍ଠା ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଯୋଗେନ୍ଦ୍ର ମହାବିଦ୍ୟାଳୟ ସମ୍ମିଳନୀ କକ୍ଷ, ରୂପସା, ସମୟ: ଅପରାହ୍ନ ୩ଟା।
- ପୁରାତନ ଛାତ୍ର ସଂସଦର ବୈଠକ, ସ୍ଥାନ: ବାରାପାଳ ହାଇସ୍କୁଲ, ରୂପସା, ସମୟ: ଅପରାହ୍ନ ୪ଟା।
- ଟାଟା ଏଆଇଜି ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ବାହାବଳପୁର ମତ୍ସ୍ୟଜୀବୀ ଓ ମତ୍ସ୍ୟ ବ୍ୟବସାୟୀ ସଂଘ କାର୍ଯ୍ୟାଳୟ, ବାଲେଶ୍ୱର, ସମୟ: ଅପରାହ୍ନ ୪ଟା।

## ଭଦ୍ରକ

- ଭାରତ ବନ୍ଦ ପାଳନ, ସ୍ଥାନ: ବନ୍ତଛକ, ଭଦ୍ରକ, ସମୟ: ସକାଳ ୮ଟା।
- ଅଧ୍ୟକ୍ଷଙ୍କ ବିରୋଧରେ ଧାରଣା, ସ୍ଥାନ: ବରପଦା ଇଞ୍ଜିନିୟରିଂ କଲେଜ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।

## କେନ୍ଦୁଝର

- ମହାବୀର ସେବା ସଂଗଠନର ବୈଠକ, ସ୍ଥାନ: ଜଳସୁଆଁ ଜଳେଶ୍ୱର ଶୈବ ପୀଠ, ଆନନ୍ଦପୁର, ସମୟ: ଅପରାହ୍ନ ୪ଟା।

## ମୟୂରଭଞ୍ଜ

- ସମ୍ବିଧାନ ବଞ୍ଚାଅ ଦାବିରେ ଆଦିବାସୀ ସମାଜ ପକ୍ଷରୁ ୧୨ ଘଣ୍ଟିଆ ଭାରତ ବନ୍ଦ ପାଳନ, ସ୍ଥାନ:ରାଇରଙ୍ଗପୁର, ସମୟ: ସକାଳ ୬ଟାରୁ ସନ୍ଧ୍ୟା ୬ଟା।
- ସହାୟକ ଯନ୍ତ୍ର ପ୍ରଦାନ ନିମନ୍ତେ ଦିବ୍ୟାଙ୍ଗ ଚିହ୍ନଟ ଶିବିର, ସ୍ଥାନ:ବଡ଼ସାହି ବ୍ଲକ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ତହସିଲ କାର୍ଯ୍ୟାଳୟ ପକ୍ଷରୁ ଜାଗା ମାପଚୁପ, ସ୍ଥାନ: ଚିତ୍ରଡ଼ା ବଜାର, ମୋରଡ଼ା ବ୍ଲକ, ସମୟ:ପୂର୍ବାହ୍ନ ୧୦ଟା।
- ଦକ୍ଷତା ବିକାଶ ରଥ ପରିକ୍ରମା, ସ୍ଥାନ: ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ ଏବଂ ଏସ୍‌ଏସ୍‌ଡି ବାଳିକା ଉଚ୍ଚ ବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ନିୟୁ ରାଜସ୍ଥାନୀ କଟନ ଫାବ୍ ପ୍ରଦର୍ଶନୀ, ସ୍ଥାନ: ଛଉ ପଡ଼ିଆ ବାରିପଦା, ସମୟ: ପୂର୍ବାହ୍ନ ୧୧ଟାରୁ ରାତି ୧୦ଟା।

## କନ୍ଧମାଳ

- ଅଶ୍ୱଗନ୍ଧା ଚାଷ ଓ ତା'ର ଉପକାରିତା ସମ୍ପର୍କରେ ତାଲିମ, ସ୍ଥାନ: ସିମନବାଡ଼ିର ଶିବ ମନ୍ଦିର ସାହି ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା।

## ରାୟଗଡ଼ା

- ରାୟଗଡା ଅନୁସୂଚିତ ଜାତି, ଜନଜାତି ମିଳିତ ସମାଜର ୧୨ ଘଣ୍ଟିଆ ବନ୍ଦ ଡାକରା, ସ୍ଥାନ: କପିଳାସ ଛକ, ରାୟଗଡା, ସମୟ: ସକାଳ ୬ରୁ ସନ୍ଧ୍ୟା ୬ ଟା।
- ଆଦିବାସୀ ସଂଘର୍ଷ ମୋର୍ଚ୍ଚା ପକ୍ଷରୁ ଭାରତ ବନ୍ଦ ଡାକରା, ସ୍ଥାନ: ଗୁଣପୁର, ସମୟ: ସକାଳ ୬ଟା।
- ମହିଳା ଡାକ୍ତରଙ୍କୁ ବଳାତ୍କାର ଓ ହତ୍ୟା ପ୍ରତିବାଦରେ ଗୁଡାରି ବ୍ଲକ ଶିକ୍ଷକ ସମାଜ ପକ୍ଷରୁ କ୍ୟାଣ୍ଡେଲ ଶୋଭାଯାତ୍ରା, ସ୍ଥାନ: ଗୁଡାରି ଜଗନ୍ନାଥ ମନ୍ଦିର, ସମୟ: ସନ୍ଧ୍ୟା ୬ଟା।
- ୧୧ ଲକ୍ଷ ହନୁମାନ ଚାଳିଶା ଏବଂ ମହା ପାରାୟଣ ଜପ ପାଠ, ସ୍ଥାନ: ମଙ୍ଗଳା ମନ୍ଦିର, ରାୟଗଡା, ସମୟ: ସନ୍ଧ୍ୟା ୬ ଟା।

## ନବରଙ୍ଗପୁର

- ଅନୁସୂଚିତ ଜାତି ଜନଜାତି ମିଳିତ ସଂଘର ୧୨ ଘଣ୍ଟିଆ ବନ୍ଦ ଡାକରା, ସ୍ଥାନ: ନବରଙ୍ଗପୁର। ଡାବୁଗାଁ ମୁଖ୍ୟ ରାସ୍ତା, ସମୟ: ସକାଳ ୬ଟା।

## କୋରାପୁଟ

- ଆଦିବାସୀ ସମନ୍ୱୟ କମିଟି ପକ୍ଷରୁ ଭାରତ ବନ୍ଦ ଡାକରା, ସ୍ଥାନ: ଦାମନଯୋଡ଼ି ବ୍ଲକ ମାଥାଲପୁଟ ବସ୍‌ଷ୍ଟାଣ୍ଡ, ସମୟ: ସକାଳ ୬ଟାରୁ ଆରମ୍ଭ।
- ଦଳିତ ଆଦିବାସୀ ସଂଘ ପକ୍ଷରୁ ଭାରତ ବନ୍ଦ, ସ୍ଥାନ: ଦଶମନ୍ତପୁର, ସମୟ: ସକାଳ ୬ଟା।
- ବିକ୍ରମ ଶିଳା ଫାଉଣ୍ଡେସନର ତୃତୀୟ ଷ୍ଟିୟରିଙ୍ଗ କମିଟି ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସଭାଗୃହ, କୋରାପୁଟ, ସମୟ: ଅପରାହ୍ନ ୪ ଟା।
- ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ଉପରେ ଜିଲାସ୍ତରୀୟ କମିଟି ବୈଠକ, ସ୍ଥାନ କୋରାପୁଟ ଜିଲାପାଳଙ୍କ କାର୍ଯ୍ୟାଳୟ ସଭାଗୃହ, ସମୟ: ଅପରାହ୍ନ ୫ ଟା।

## ମାଲକାନଗିରି

- ମାଥିଲି ଗୁଳିକାଣ୍ଡ ଦିବସ ପାଳନ, ସ୍ଥାନ:ମାଥିଲି, ସମୟ: ପୂର୍ବାହ୍ନ ୧୧ଟା।

## ସମ୍ବଲପୁର

- ଅଖିଳ ଭାରତୀୟ ଅନୁସୂଚିତ/ଜନଜାତି ସମନ୍ୱୟ ସମିତି ପକ୍ଷରୁ ରେଳରୋକୋ, ସ୍ଥାନ : କ୍ଷେତରାଜପୁର ରେଳ ଷ୍ଟେଶନ, ସମୟ : ସକାଳ ୬ଟା।
- ବିଭିନ୍ନ ଦାବିରେ ଷ୍ଟାଫ ନର୍ସଙ୍କ ଧାରଣା, ଭୀମସାର ମେଡିକାଲ, ସମୟ : ପୂର୍ବାହ୍ନ ୧୦ଟା।
- ଡାକ୍ତର ସନାତନ ବେହେରା ସ୍ମାରକୀ ସୁପର ଲିଗ ପର୍ଯ୍ୟାୟ ଫୁଟବଲ ମ୍ୟାଚ– ଡିଷ୍ଟ୍ରିକ ଅନାମିକା କ୍ଲବ ବନାମ ପୋଲିସ କ୍ଲବ, ସ୍ଥାନ: ବୀରସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ଅପରାହ୍ନ ୨ଟା ୧୫।
- ଦ୍ୱିଦିବସୀୟ ଶ୍ରୀଜଗନ୍ନାଥ କଥାମୃତ କାର୍ଯ୍ୟକ୍ରମ, ସ୍ଥାନ : ଶୀଲା ଟାୱାର ସ୍ଥିତ ସମ୍ମିଳନୀ କକ୍ଷ, ସମୟ : ସନ୍ଧ୍ୟା ୫ଟା ୩୦।

## ବଲାଙ୍ଗୀର

- ଭାରତ ବନ୍ଦ ଅବସରରେ ବଲାଙ୍ଗୀରରେ ବନ୍ଦ ପାଳନ, ସ୍ଥାନ: ବଲାଙ୍ଗୀର, ସମୟ : ସକାଳ: ୬ଟା।

## ରାଉରକେଲା

- ବେଦବ୍ୟାସ ସଂସ୍କୃତ କଲେଜରେ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ବେଦବ୍ୟାସ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ରାଉରକେଲା କଲେଜରେ ଓଡ଼ିଆ ସାହିତ୍ୟ ଆଲୋଚନାଚକ୍ର, ସ୍ଥାନ: ସେକ୍ଟର–୪, ସମୟ: ପୂର୍ବାହ୍ନ ୧୧ଟା।

## ସୁନ୍ଦରଗଡ଼

- ବୈଜ୍ଞାନିକ ପଦ୍ଧତିରେ ସଘନ ମାଛ ସମ୍ପର୍କିତ ତାଲିମ କାର୍ଯ୍ୟକ୍ରମ, ସ୍ଥାନ: କୃଷି ବିଜ୍ଞାନ କେନ୍ଦ୍ର, କିରେଇ, ସମୟ: ପୂର୍ବାହ୍ନ ୧୦ଟା।
- ବଡ଼ଗାଁରେ ଅଖିଳ ଭାରତୀୟ ଏସ୍‌ଟି/ଏସ୍‌ସି ସମନ୍ୱୟ କମିଟି ପକ୍ଷରୁ ସଂରକ୍ଷଣରେ ବର୍ଗୀକରଣକୁ ବିରୋଧ କରି ଆନ୍ଦୋଳନ, ସ୍ଥାନ: ବସଷ୍ଟାଣ୍ଡ, ସମୟ: ପୂର୍ବାହ୍ନ ୧୦ଟା।

## ବରଗଡ଼

- ବନ୍ଦ ପାଳନ ସଫଳ ପାଇଁ ଏସ୍‌ସି, ଏସ୍‌ଟି ମିଳିତ ମଞ୍ଚର ସମାବେଶ, ସ୍ଥାନ: ଗାନ୍ଧିଛକ, ବରଗଡ଼, ସମୟ: ସକାଳ ୬ଟା।
- ଜିଲା କ୍ରୀଡ଼ା ସଂସଦର ଖବରଦାତା ସମ୍ମିଳନୀ, ସ୍ଥାନ: ଲେଙ୍ଗୁ ମିଶ୍ର ମିନି ଷ୍ଟାଡ଼ିୟମ, ବରଗଡ଼, ସମୟ: ଅପରାହ୍ନ ୫ଟା।

## କଳାହାଣ୍ଡି

- ବହୁଜନ ସଂଗ୍ରାମ ସମିତି ପକ୍ଷରୁ ଭବାନୀପାଟଣାରେ ଭାରତ ବନ୍ଦ ପାଳନ, ସ୍ଥାନ: ନକଟିଗୁଡା, ଭବାନୀପାଟଣା, ସମୟ: ସକାଳ ୬ଟା।
- ଭାରତ ବନ୍ଦ କାର୍ଯ୍ୟକ୍ରମ, ସ୍ଥାନ: କର୍ଲାମୁଣ୍ଡା ବ୍ଲକ କାର୍ଯ୍ୟାଳୟ ସମ୍ମୁଖ, ସମୟ: ସକାଳ ୧୦ଟା।
- ଭବାନୀପାଟଣା ଟାଉନ ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ, ସ୍ଥାନ: ଭବାନୀପାଟଣା ଲାଲ ବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ, ସମୟ: ଅପରାହ୍ନ ୪ଟା।
- ଆମ ପୋଖରୀ ଯୋଜନା ଓ ପଶ୍ଚିମ ଓଡିଶା ବିକାଶ ପରିଷଦର ଯୋଜନା ଉପରେ ଜିଲାପାଳଙ୍କ ବୈଠକ, ସ୍ଥାନ: ଭବାନୀପାଟଣା ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୫ଟା।

## ବୌଦ୍ଧ

- ନୂଆଁଖାଇ ନେଇ ପ୍ରସ୍ତୁତି ବୈଠକ, ସ୍ଥାନ: ମାଉସୀ ମା' ମନ୍ଦିର, ବୌଦ୍ଧ, ସମୟ: ପୂର୍ବାହ୍ନ ୧୧ଟା।
- ପରିବେଶ ପାର୍କ (ନନ୍ଦନବନ) ସ୍ଥାପନ ନେଇ ବୈଠକ, ସ୍ଥାନ: ଯାଯାବର ବୀରନରସିଂହପୁର, ହରଭଙ୍ଗା, ସମୟ: ଅପରାହ୍ନ ୩ଟା।

## ଦେବଗଡ଼

- ଅନୁସୂଚିତ ଜାତି ଜନଜାତି ମିଳିତ ମଞ୍ଚ ପକ୍ଷରୁ ଜିଲା ବନ୍ଦ ଡାକରା, ସ୍ଥାନ: ଦେବଗଡ ଜିଲା, ସମୟ: ସକାଳ ୬ଟା।
- ପ୍ରାଥମିକ ଗ୍ରେଡ ଶିକ୍ଷକମାନଙ୍କୁ ନେଇ ୩ଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ, ସ୍ଥାନ: ଦୁଧିଆନାଲି ହାଇସ୍କୁଲ ଓ ତିଲେଇବଣି ହାଇସ୍କୁଲ, ଦେବଗଡ, ସମୟ: ପୂର୍ବାହ୍ନ ୧୧ଟା।
- ପାର୍ଥେ ନିୟମ ସଚେତନତା ସପ୍ତାହ ପାଳନ, ସ୍ଥାନ: କୃଷି ବିଜ୍ଞାନ କେନ୍ଦ୍ର, ଦେବଗଡ, ସମୟ: ପୂର୍ବାହ୍ନ ୧୧ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠ ସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ଏସ୍‌ସି, ଏସ୍‌ଟି ଓ ଓବିସି ଯୁଗ୍ମ କମିଟି ପକ୍ଷରୁ ସୁବର୍ଣ୍ଣପୁରରେ ୧୨ ଘଣ୍ଟିଆ ଭାରତ ବନ୍ଦ ପାଳନ, ସ୍ଥାନ: ସୁବର୍ଣ୍ଣପୁର ସହର, ସମୟ:ସକାଳ ୬ଟା।
- ବିନିକାରେ ୭ଦଫା ଦାବି ନେଇ ୧୨ଘଣ୍ଟିଆ ବନ୍ଦ ପାଳନ ଓ ତହସିଲଦାରଙ୍କୁ ସ୍ମାରକପତ୍ର, ସ୍ଥାନ: ବିନିକା ବସଷ୍ଟାଣ୍ଡ ଛକ, ସମୟ: ସକାଳ ୬ଟା।
- ଏସ୍‌ସି ଓ ଏସ୍‌ଟି ସମାଜ ପକ୍ଷରୁ ଭାରତ ବନ୍ଦ ପାଳନ, ସ୍ଥାନ:ଡୁଙ୍ଗୁରିପାଲି ବସଷ୍ଟାଣ୍ଡ, ସମୟ:ସକାଳ ୬ଟା।

## ନୂଆପଡ଼ା

- ଭାଗବତ ମହାପାରାୟଣ, ସ୍ଥାନ: ବୋଡେନ ବ୍ଲକ କେରାପଦର ଗାଁ, ସମୟ: ସକାଳ ୬ଟା ଓ ସନ୍ଧ୍ୟା ୭ଟା।
- ଏସ୍‌ସି/ଏସ୍‌ଟି ସଂରକ୍ଷଣ ପ୍ରସଙ୍ଗକୁ ନେଇ ଭାରତ ବନ୍ଦ, ସ୍ଥାନ: ନୂଆପଡ଼ା ଜିଲା ସଦର ମହକୁମା, ସମୟ: ସକାଳ ୬ରୁ ସନ୍ଧ୍ୟା ୬ଟା।

## ଝାରସୁଗୁଡ଼ା

- ସ୍ୱତନ୍ତ୍ର ପୂଜାର୍ଚ୍ଚନା, ସ୍ଥାନ: ଝାଡେଶ୍ୱର୍ ମନ୍ଦିର ପ୍ରାଙ୍ଗଣ, ସମୟ: ପ୍ରାତଃ ୫ଟା ୩୦।
- ସାମାଜିକ କର୍ମୀ ଫକିର ନାଏକଙ୍କ ଅନ୍ତେଷ୍ଟିକ୍ରିୟା, ସ୍ଥାନ: କାପୁମାଲ ଗ୍ରାମ, ସମୟ: ସକାଳ ୯ଟା।
- ଗଣେଶ ପୂଜା ପାଇଁ ବୈଠକ, ସ୍ଥାନ: ମଙ୍ଗଳ ବଜାର, ସମୟ: ପୂର୍ବାହ୍ନ ୧୦ଟା।
- ବିହାରୀ ତେଲି ସମାଜର ବୈଠକ, ସ୍ଥାନ: ବୁରୋମାଲ ଗ୍ରାମ ଧର୍ମଶାଳା, ସମୟ: ପୂର୍ବାହ୍ନ ୧୦ଟା ୩୦।

## ଢେଙ୍କାନାଳ

- ବିପର୍ଯ୍ୟୟ ପ୍ରଶମନ ପାଇଁ ମକ୍‌ଡ୍ରିଲ୍, ସ୍ଥାନ:ସଦ୍‌ଭାବନା ହଲ, ଜିଲା କାର୍ଯ୍ୟାଳୟ, ସମୟ: ଅପରାହ୍ନ ୪ଟା।

## ଅନୁଗୋଳ

- ମା' ବୁଢୀ ଠାକୁରାଣୀଙ୍କ ଜନ୍ମବାର୍ଷିକ ଉତ୍ସବ, ସ୍ଥାନ:ବୁଢୀ ଠାକୁରାଣୀ ମନ୍ଦିର, ସମୟ:ସକାଳ ୭ଟା।
- ଏଣ୍ଟରପ୍ରିନିୟର୍ସ ଆୱାରନେସ୍ ପ୍ରୋଗ୍ରାମ, ସ୍ଥାନ: ଡିଆଡିଏ ସଭାଗୃହ, ସମୟ: ସକାଳ ୯ଟା ୩୦।
- ବ୍ରାହ୍ମଣୀଦେଇ ମନ୍ଦିର ବାର୍ଷିକୋତ୍ସବ, ସ୍ଥାନ: ବ୍ରାହ୍ମଣୀଦେଇପଡ଼ା, ସମୟ: ପୂର୍ବାହ୍ନ ୧୧ଟା।
- ଜିଲା ଶିଶୁ ସୁରକ୍ଷା ଅଧିକାରୀଙ୍କ ପୋଷ୍ୟ ସନ୍ତାନ ଗ୍ରହଣ ଉପରେ ବୈଠକ, ସ୍ଥାନ: ଜିଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ମଧ୍ୟାହ୍ନ ୧୨ଟା।
- ଜିଲା ସାମାଜିକ ସୁରକ୍ଷା ଅଧିକାରୀଙ୍କ କାର୍ଯ୍ୟ ସମୀକ୍ଷା, ସ୍ଥାନ: ଜିଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୪ଟା।

## ଜଗତ୍‌ସିଂହପୁର

- ଜାତୀୟ ଅନ୍ତରୀକ୍ଷ ଦିବସ ଉପଲକ୍ଷେ ଛାତ୍ରୀଛାତ୍ରଙ୍କୁ ନେଇ ଚନ୍ଦ୍ରାୟନ ଉପରେ ପେଣ୍ଟିଂ ପ୍ରତିଯୋଗିତା, ସ୍ଥାନ: ପାରାଦୀପ ପୋର୍ଟ ଟ୍ରଷ୍ଟ ହାଇସ୍କୁଲ, ସମୟ: ଅପରାହ୍ନ ୩ଟା।

## କେନ୍ଦ୍ରାପଡ଼ା

- ମା' ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: ବାଗ୍‌ହାପୁର, ରାଜନଗର, ସମୟ: ପୂର୍ବାହ୍ନ ୧୦ଟା।

## ଯାଜପୁର

- ମୂଳନିବାସୀ ୟୁନାଇଟେଡ ଫୋରମ ପକ୍ଷରୁ ଭାରତ ବନ୍ଦ ଡାକରା, ସ୍ଥାନ: ଚଣ୍ଡିଖୋଲ ଛକ, ସମୟ: ସକାଳ ୬ଟା।
- ସଂସ୍କୃତ ଦିବସ ପାଳନ, ସ୍ଥାନ: ରସୁଲପୁର ବ୍ଲକର ବଡ଼ କଇଞ୍ଚି ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email–pkmahapatro@gmail.com

**ମେଷ**
ଆଜିର ଲାଭଭାବସ୍ଥ ଶନି ଯୁକ୍ତ ଚନ୍ଦ୍ର ହେତୁ ବନ୍ଧୁମିଳନ, କର୍ମକ୍ଷେତ୍ରରେ କାର୍ଯ୍ୟସିଦ୍ଧି ଓ ସାମାଜିକ ସ୍ତରରେ ସମ୍ମାନଲାଭ କରାଇବ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ମତାନ୍ତର କିମ୍ବା ପଡ଼ୋଶୀଙ୍କ ସହ କଳହ ଲାଗିପାରେ। ଭୁଲ୍ ନିଷ୍ପତ୍ତି ନେଇ ସମାଲୋଚିତ ହେବା ସାଙ୍ଗକୁ ମାନସିକ ସ୍ତରରେ ଅଶାନ୍ତି ଅନୁଭବ କରିପାରନ୍ତି।

**ବୃଷ**
ଆଜିର ଗ୍ରହସ୍ଥିତିର ପ୍ରଭାବରେ ଆପଣ କହିବେ ଯେମିତି କାମ ମଧ କରିବେ ସେମିତି। ବନ୍ଧୁ ପରିଜନଙ୍କ ଆଦରବୋଳା କଥାରେ ମନ ଚହଲି ଯାଇପାରେ। ଗାଡ଼ି, ମୋଟରରେ ଯାତ୍ରା ସମୟରେ ଅନ୍ୟମନସ୍କ ନ ରହି ସତର୍କତାର ସହ ଯାତ୍ରା କରିବା ଭଲ। ସାଧାରଣ କଥାରେ ଅଫିସ୍‌ର କୌଣସି ବ୍ୟକ୍ତିଙ୍କ ସହ ମତାନ୍ତର ଘଟିପାରେ।

**ମିଥୁନ**
ତୃତୀୟସ୍ଥ ବୁଧଯୁକ୍ତ ଶୁକ୍ର ଯୋଗୁ ବିଭିନ୍ନ ସୁବିଧା ସୁଯୋଗ ଲାଭକରି ଖୁସିରେ ସମୟ କାଟିବେ। ଭଲ ସମ୍ପର୍କ ନ ଥିବା ବ୍ୟକ୍ତିଙ୍କ ଆକ୍ଷେପୋକ୍ତି ଆପଣଙ୍କୁ ପ୍ରଭାବିତ କରିପାରିବ ନାହିଁ। କର୍ମକ୍ଷେତ୍ରରେ, ବ୍ୟବସାୟରେ ସମସ୍ୟା ସମାଧାନ ହୋଇଯିବ। ମାଲିମକଦ୍ଦମାରେ କାର୍ଯ୍ୟ ହାସଲ ସକାଶେ ନୂଆ ଚିନ୍ତା କରିପାରନ୍ତି।

**କର୍କଟ**
ଅଷ୍ଟମସ୍ଥ ରାଶ୍ୟାଧିପ ପ୍ରଭାବରେ ଈର୍ଷାନ୍ୱିତ ବ୍ୟକ୍ତିମାନେ ସାଧାରଣ କଥାକୁ କଳହର ରୂପ ଦେବେ। ପୁନର୍ବସୁ ପ୍ରତ୍ୟେକ କ୍ଷେତ୍ରରେ ଆଲୋଚନା ଦ୍ୱାରା ସମସ୍ୟାର ସମାଧାନ କରିବାରେ ସମର୍ଥ ହେବେ। ସମସ୍ୟା ସୃଷ୍ଟିକାରୀଙ୍କ ସକ୍ରିୟତା ବୃଦ୍ଧି ପାଇବ। ଅନ୍ୟକୁ ଆପଣାର କରିବାରେ ପ୍ରଲୋଭନ ଓ କୌଶଳ ଆପଣଙ୍କୁ ସାହାଯ୍ୟ କରିବ।

**ସିଂହ**
ସ୍ୱଗୃହୀ ରବିଙ୍କ ଯୋଗୁ ଶାରୀରିକ ସୁସ୍ଥତା ସହିତ ସମସ୍ୟା ସମାଧାନ ସକାଶେ ମାନସିକ ଅସ୍ଥିରତା ଲାଗିରହିବ। ବନ୍ଧୁବର୍ଗ ହିତକଥା କହି ପଛରେ ଅପପ୍ରଚାର କରିପାରନ୍ତି। ବିବାଦରେ, ପ୍ରତିଯୋଗିତା କିମ୍ବା ପ୍ରତିଦ୍ୱନ୍ଦ୍ୱିତାରେ ବିଜୟୀ ହେବେ। ଏକା ସଙ୍ଗରେ ବହୁତ କାମ ହାତକୁ ନେଇ ବ୍ୟସ୍ତ ବିବ୍ରତ ହେବାର ସୂଚନା ରହିଛି।

**କନ୍ୟା**
ନିଜେ କୌଣସି ତ୍ରୁଟି ନ କଲେ ମଧ ପିଲାଙ୍କ ସକାଶେ ମୁଣ୍ଡ ନୁଆଁଇବାକୁ ପଡିପାରେ। ନିଜକଥାର ବିରୁଦ୍ଧାଚରଣ କରୁଥିବା ବନ୍ଧୁଙ୍କ ସକାଶେ ମନଟା ଭଲ ଲାଗି ନ ପାରେ। ବ୍ୟବସାୟ, ପରିବହନ, ଯାତ୍ରା, ସଭାସମିତି କ୍ଷେତ୍ରର ଅସ୍ଥିରତା ଦୂରେଇଯିବ। ଗୃହ ସଜ୍ଜା, ଗାଡ଼ି ମରାମତି, ପୁରୁଣା ଘରକୁ ସଜାଡ଼ିବାରେ ମନୋନିବେଶ କରିପାରନ୍ତି।

**ତୁଳା**
ଏକାଦଶସ୍ଥ ଶୁକ୍ରଙ୍କ ପ୍ରଭାବରେ ଖୁସି ରହିବା ସହ ଅନ୍ୟକୁ ସୁହାଇଲା ଭଳି କଥା କହି ସମ୍ପର୍କୀୟଙ୍କୁ ଆପଣେଇ ନେବେ। ଭୁଲ୍ ବୁଝାମଣା ହେତୁ ପରିବାରରେ ଝଡ଼ ଉଠିପାରେ। ବିବାଦୀୟ ଘଟଣାର ସମାଧାନ ହୋଇଯିବା ଆଶା ରହିଛି। ସାଙ୍ଗଠନିକ ଓ ଆନୁଷ୍ଠାନିକ କାମ ସକାଶେ ବ୍ୟସ୍ତ ରହିପାରନ୍ତି।

**ବିଛା**
ଆଜି ଘର କାମ ସାଙ୍ଗକୁ ଅଫିସ୍ କାମର ଜଞ୍ଜାଳ ବଳିଯିବାରୁ ସାମୟିକ ଟେନ୍ସନ ସୃଷ୍ଟି ହୋଇପାରେ। ଅନ୍ୟମାନଙ୍କ କଥାରେ ଭାସି ନ ଯାଇ ନୀଚ ସଂସର୍ଗରୁ ଦୂରେଇ ରହିବା ଭଲ ହେବ। କ୍ରୀଡ଼ା, କଳା, ସାହିତ୍ୟ, ସଙ୍ଗୀତ ଓ ଚଳଚ୍ଚିତ୍ର କ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ। ପରିବହନ ଓ ଆନୁଷ୍ଠାନିକ କ୍ଷେତ୍ରରେ ବ୍ୟତିକ୍ରମ ଘଟିପାରେ।

**ଧନୁ**
ଆତ୍ମୀୟଙ୍କ ସହାୟତାରୁ ସମସ୍ୟା ଓ ପ୍ରତିବନ୍ଧକ ଦୂରେଇଯିବା ସହ କାର୍ଯ୍ୟକୁ ସମ୍ପନ୍ନ କରିପାରିବେ। ପାପଗ୍ରହଯୁକ୍ତ ଚନ୍ଦ୍ର ପ୍ରଭାବରେ ମନ ଭଲ ରହିବ ନାହିଁ। ବନ୍ଧୁଙ୍କ ଅସଂଗତ ବ୍ୟବହାର ଆଘାତ ଦେବ। ପରିବହନ, ଆମଦାନୀ କ୍ଷେତ୍ରରେ ଖୁସି ରହିବେ। ସାଂଗଠନିକ କ୍ଷେତ୍ରରେ ବହୁତ ଜନ କଲ୍ୟାଣ କାମ ହାତକୁ ନେଇ ପ୍ରଶଂସିତ ହେବେ।

**ମକର**
ଶ୍ରବଣା ନକ୍ଷତ୍ର ଉଚ୍ଚବର୍ଗଙ୍କ ଅନୁକମ୍ପାରୁ କର୍ମକ୍ଷେତ୍ରରେ ସମସ୍ୟାରୁ ମୁକୁଳି ଯାଇ ପାରନ୍ତି। ସାୟାହ୍ନରେ ବନ୍ଧୁଙ୍କ ସମ୍ପର୍କରେ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ନିର୍ମାଣ ଓ ପରିବହନରୁ ଲାଭବାନ ହେବେ। ଶତ୍ରୁତା କରୁଥିବା ବ୍ୟକ୍ତିମାନେ ଅନର୍ଥ ସୃଷ୍ଟି କରିପାରନ୍ତି, ଏଣୁ ସତର୍କ ରହିବା ଭଲ।

**କୁମ୍ଭ**
କାମଗୁଡ଼ିକ ଘାତପ୍ରତିଘାତ ମଧ୍ୟ ଦେଇ ସମ୍ପନ୍ନ ହେବାର ଆଶଙ୍କା ରହିଛି। ନୀଚାରୋହୀ ଶୁକ୍ର ହେତୁ ପରିବାରରେ କାହାର ସ୍ୱାସ୍ଥ୍ୟ ସକାଶେ ମନ ବ୍ୟସ୍ତ ରହିବାର ସୂଚନା ମଧ୍ୟ ରହିଛି। ବାଣିଜ୍ୟ, ବ୍ୟବସାୟରେ ଉନ୍ନତି କରିବା ସହ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ପୁତ୍ରକନ୍ୟାଙ୍କ ହେତୁକ କେତେକ ସମସ୍ୟାକୁ ନେଇ ଚିନ୍ତିତ ହୋଇପାରନ୍ତି।

**ମୀନ**
ବନ୍ଧୁମାନଙ୍କ ସହ ଆଜିର ସକାଳୁଆ ଯାତ୍ରା ପ୍ରୀତିପ୍ରଦ ରହିବ ଓ ଯେଉଁ କାମରେ ଯାଉଛନ୍ତି ତାହା ଅବଶ୍ୟ ପୂରଣ ହେବ। ବୁଝାମଣା ଅଭାବରୁ କର୍ମକ୍ଷେତ୍ରରେ ହଠାତ୍ ସହକର୍ମୀଟି ସହ ବିବାଦ ବୃଦ୍ଧି ହୋଇପାରେ। ଯାତ୍ରା, ବାଣିଜ୍ୟ, ବ୍ୟବସାୟ, ମାଲି ମକଦ୍ଦମା, ସଂଗଠନ, କ୍ଷେତ୍ରରେ ସାମୟିକ ସମସ୍ୟା ଲାଗି ରହିବ। ସ୍ୱାସ୍ଥ୍ୟ ଓ ଆର୍ଥିକ ସ୍ଥିତିରେ ପୂର୍ବାବସ୍ଥାର ପରିବର୍ତ୍ତନ ଘଟିବ ନାହିଁ।

ଆଜି ଅଗଷ୍ଟ ୨୧ ତାରିଖ, ବିଶ୍ୱ ବରିଷ୍ଠ ନାଗରିକ ଦିବସ, ବୁଧିବାମନ ଓଷା ଆରମ୍ଭ, ଭାଦ୍ରବ କୃଷ୍ଣ ଦ୍ୱିତୀୟା ବୁଧବାର। ରାଶିନକ୍ଷତ୍ର–ପୂର୍ବଭାଦ୍ର/କୁମ୍ଭ, ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୫.୩୨ମି. ଗତେ ଘ.୦୭.୧୨ମି. ମଧ୍ୟେ, ଘ.୧୦.୧୫ମି. ଗତେ ଘ.୧୧.୨୪ମି. ମଧ୍ୟେ ଶୁଭବେଳା। ଦିବା ଘ.୧୧.୪୯ମି. ଗତେ ଘ.୦୧.୨୩ମି. ମଧ୍ୟେ ରାହୁ କାଳ।

**ପ୍ରଥମ ପୃଷ୍ଠାରୁ...**

## ଡାକ୍ତରଙ୍କ ସୁରକ୍ଷା...

ପରିଚାଳନା ନିର୍ଦ୍ଦେଶକ ଡା. ଡି. ନାଗେଶ୍ୱର ରେଡ୍ଡୀ, ଦିଲ୍ଲୀ ଏମ୍ସର ନିର୍ଦ୍ଦେଶକ ଡା. ଏମ୍. ଶ୍ରୀନିବାସ, ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଣ୍ଟାଲ ହେଲ୍‌ଥ ଆଣ୍ଡ ନ୍ୟୁରୋସାଇନ୍ସ, ବେଙ୍ଗାଲୁରୁର ନିର୍ଦ୍ଦେଶିକା ଡା. ପ୍ରତିମା ମୂର୍ତ୍ତି, ଏମ୍ସ ଯୋଧପୁରର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଗୋବର୍ଦ୍ଧନ ଦତ୍ତ ପୁରୀ, ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସର୍ଜିକାଲ ଗାଷ୍ଟ୍ରୋଏଣ୍ଟେରୋଲୋଜି ଅଧ୍ୟକ୍ଷ ଡ.ସୁମିତ୍ରା ରାଓ୍ୱତ ସଦସ୍ୟ ରହିଛନ୍ତି। ଏହା ବ୍ୟତୀତ ପଣ୍ଡିତ ବି.ଡି. ଶର୍ମା ମେଡିକାଲ ୟୁନିଭର୍ସିଟି ରୋହତକର କୁଳପତି ପ୍ରଫେସର ଅନିତା ସାକ୍ସେନା, ଏମ୍ସ ଦିଲ୍ଲୀର ପୂର୍ବତନ ଡିନ୍ ତଥା କାର୍ଡିଓ ଥୋରାସିସ୍ ସେଣ୍ଟର ମୁଖ୍ୟ ଏବଂ କାର୍ଡିଓଲୋଜି ବିଭାଗ ମୁଖ୍ୟ, ଗ୍ରାଣ୍ଟ ମେଡିକାଲ କଲେଜ ଏବଂ ସାର୍ ଜେ.ଜେ. ଗ୍ରୁପ୍ ଅଫ୍ ହସ୍ପିଟାଲ ମୁମ୍ବାଇର ଡିନ୍ ଡା. ପଲ୍ଲବୀ ସାପ୍‌ଲ ଏବଂ ଏମ୍ସ ଦିଲ୍ଲୀ ନ୍ୟୁରୋଲୋଜି ବିଭାଗର ପୂର୍ବତନ ପ୍ରଫେସର ଡା. ପଦ୍ମା ଶ୍ରୀବାସ୍ତବ ମଧ ଟାସ୍କଫୋର୍ସ ସଦସ୍ୟ ରହିଛନ୍ତି। କେନ୍ଦ୍ର ସରକାରଙ୍କ କ୍ୟାବିନେଟ ସଚିବ, ସ୍ୱରାଷ୍ଟ୍ର ସଚିବ, ସ୍ୱାସ୍ଥ୍ୟ ସଚିବ, ନ୍ୟାଶନାଲ ମେଡିକାଲ କମିଶନ ଅଧ୍ୟକ୍ଷ ଏବଂ ନ୍ୟାଶନାଲ ବୋର୍ଡ ଅଫ୍ ଏକ୍‌ଜାମିନେଶନ୍ସର ଅଧ୍ୟକ୍ଷ ଟାସ୍କଫୋର୍ସର ଏକ୍ସ–ଅଫିସିଓ ସଦସ୍ୟ ରହିବେ ବୋଲି ପ୍ରଧାନ ବିଚାରପତି (ସିଜେଆଇ) ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଜେ.ବି. ପର୍ଦ୍ଦିୱାଲା ଏବଂ ମନୋଜ ମିଶ୍ରାଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି।

ମୁଖ୍ୟତଃ ୨ଟି ବିଷୟରେ କାର୍ଯ୍ୟଯୋଜନା ପ୍ରସ୍ତୁତ କରିବାକୁ ଟାସ୍କଫୋର୍ସକୁ କୁହାଯାଇଛି। ତାହା ହେଲା ମେଡିକାଲ ପେସାଦାରମାନଙ୍କ ବିରୋଧରେ ଲିଙ୍ଗଭିତ୍ତିକ ହିଂସା ସମେତ ଅନ୍ୟାନ୍ୟ ହିଂସା ରୋକିବା ଏବଂ ଇଣ୍ଟର୍ନ, ରେସିଡେଣ୍ଟ, ସିନିୟର ରେସିଡେଣ୍ଟ, ଡାକ୍ତର, ନର୍ସ ଓ ସମସ୍ତ ସ୍ୱାସ୍ଥ୍ୟ କର୍ମଚାରୀଙ୍କ ପାଇଁ ମର୍ଯ୍ୟାଦାପୂର୍ଣ୍ଣ ଓ ସୁରକ୍ଷିତ କାର୍ଯ୍ୟ ପରିବେଶ ନିମନ୍ତେ ଲାଗୁ ଯୋଗ୍ୟ ଜାତୀୟ ପ୍ରୋଟୋକଲ। ସ୍ଥିତିରେ ପରିବର୍ତ୍ତନ ପାଇଁ ଦେଶ ଆଉ ଏକ ବଳାତ୍କାରକୁ ଅପେକ୍ଷା କରିପାରିବ ନାହିଁ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଏତଲା ଦାଏରରେ ବିଳମ୍ବ ସମେତ ମାମଲା ପରିଚାଳନାରେ ଅନ୍ୟାନ୍ୟ ପଦ୍ଧତିଗତ ତ୍ରୁଟିକୁ ନେଇ ଖଣ୍ଡପୀଠ ପଶ୍ଚିମବଙ୍ଗ ସରକାର ଏବଂ ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ଉପରେ ଗଭୀର ଅସନ୍ତୋଷ ବ୍ୟକ୍ତ କରିଥିଲେ। ହିଂସା ଯୋଗୁ ମେଡିକାଲ ପେସାଦାରଙ୍କ ପ୍ରତି ବିପଦ ସୃଷ୍ଟି ହୋଇଛି। ଅନ୍ତର୍ନିହିତ ପକ୍ଷପାତ ଯୋଗୁ ମହିଳା ଡାକ୍ତରମାନେ ଅଧିକ ଟାର୍ଗେଟର ଶିକାର ହେଉଛନ୍ତି। କାର୍ଯ୍ୟକ୍ଷେତ୍ରରେ ଅଧିକରୁ ଅଧିକ ମହିଳା ଯୋଗଦେଉଥିବାରୁ ସ୍ଥିତିରେ ପରିବର୍ତ୍ତନ ଆଣିବାକୁ ଆଉ ଏକ ବଳାତ୍କାର ପାଇଁ ଅପେକ୍ଷା କରାଯାଇପାରିବ ନାହିଁ ବୋଲି ସିଜେଆଇ ଚନ୍ଦ୍ରଚୂଡ଼ କହିଛନ୍ତି।

କୋଲକାତାର ମହିଳା ଟ୍ରେନି ଡାକ୍ତରଙ୍କୁ ବଳାତ୍କାର ଓ ହତ୍ୟା ଘଟଣାକୁ ନେଇ ଦେଶବ୍ୟାପୀ ଡାକ୍ତରମାନେ ଆନ୍ଦୋଳନ ଚଳାଇଥିବାବେଳେ ସେମାନଙ୍କୁ ଧର୍ମଘଟ ପ୍ରତ୍ୟାହାର କରି କାର୍ଯ୍ୟରେ ଯୋଗଦେବା ନିମନ୍ତେ ସର୍ବୋଚ୍ଚ ଅଦାଲତ ନିବେଦନ କରିଛନ୍ତି। କାର୍ଯ୍ୟରୁ ବିରତ ରହିବା ଦ୍ୱାରା ଚିକିତ୍ସା ସେବା ଆବଶ୍ୟକ କରୁଥିବା ବହୁ ଲୋକ ପ୍ରଭାବିତ ହେବେ। ଡାକ୍ତରମାନଙ୍କ ସୁରକ୍ଷାକୁ ସର୍ବୋଚ୍ଚ ଜାତୀୟ ଚିନ୍ତାର ବିଷୟ ଭାବେ ଗ୍ରହଣ କରି ସେମାନଙ୍କ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ଆମେ କାର୍ଯ୍ୟ କରୁଛୁ। ଆମକୁ ବିଶ୍ୱାସକୁ ନିଆଯାଉ ବୋଲି ଖଣ୍ଡପୀଠ କହିଛନ୍ତି।

ଯଦି ମହିଳାମାନେ କାର୍ଯ୍ୟକୁ ଯାଇ ନ ପାରନ୍ତି ଏବଂ ସେମାନଙ୍କ ପାଇଁ ସୁରକ୍ଷିତ କାର୍ଯ୍ୟ ପରିବେଶ ନ ମିଳେ, ତେବେ ଆମେ ସେମାନଙ୍କୁ ସମାନତା ଦେଇପାରୁନାହୁଁ। ବଳାତ୍କାର–ହତ୍ୟା ମାମଲାରେ ମାମଲା ଦାଏରରେ ଏତେ ବିଳମ୍ବ କ'ଣ ପାଇଁ ହେଲା ଏବଂ ହସ୍ପିଟାଲ କର୍ତ୍ତୃପକ୍ଷ କ'ଣ କରୁଥିଲେ ବୋଲି ସୁପ୍ରିମକୋର୍ଟ ପଶ୍ଚିମବଙ୍ଗ ସରକାରଙ୍କୁ ପ୍ରଶ୍ନ କରିଛନ୍ତି। ୯ ତାରିଖ ସକାଳେ ଅପରାଧ ଜଣାପଡ଼ିଥିଲେ ମଧ ମେଡିକାଲ କଲେଜ ପ୍ରିନ୍ସିପାଲ ଏହାକୁ ଆତ୍ମହତ୍ୟା ରୂପ ଦେବାକୁ ଉଦ୍ୟମ କରିଥିଲେ ବୋଲି ଖଣ୍ଡପୀଠ କହିଛନ୍ତି। ଡାକ୍ତରମାନେ ଆର୍.ଜି. କର ମେଡିକାଲ କଲେଜରେ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ଚଳାଇଥିବାବେଳେ ପୋଲିସର ଜ୍ଞାତସାର ବିନା ୭ ହଜାର ଲୋକ ରାତିଅଧିଆ ସେଠାରେ ପ୍ରବେଶ କରି ଭଙ୍ଗାରୁଜା କଲେ କିପରି ବୋଲି ଖଣ୍ଡପୀଠ କୋଲକାତା ପୋଲିସକୁ ପ୍ରଶ୍ନ କରିଛନ୍ତି। ପ୍ରିନ୍ସିପାଲଙ୍କ କାର୍ଯ୍ୟ ଉପରେ ପ୍ରଶ୍ନ ଉଠିଥିବାବେଳେ ତାଙ୍କୁ ଅନ୍ୟ ଏକ କଲେଜରେ ତୁରନ୍ତ ନିଯୁକ୍ତି ଦିଆଗଲା କିପରି ବୋଲି ଖଣ୍ଡପୀଠ ସରକାରଙ୍କୁ ପ୍ରଶ୍ନ କରିଛନ୍ତି। ଶାନ୍ତିପୂର୍ଣ୍ଣ ଆନ୍ଦୋଳନକାରୀଙ୍କ ଉପରେ ପଶ୍ଚିମବଙ୍ଗ ସରକାର କ୍ଷମତା ପ୍ରୟୋଗ କରିପାରିବେ ନାହିଁ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି। ଅଧିକାଂଶ ଜୁନିୟର ଡାକ୍ତର ୩୬ ଘଣ୍ଟିଆ ଶିଫ୍ଟରେ କାମ କରୁଥିବାରୁ କାର୍ଯ୍ୟସ୍ଥଳରେ ସୁରକ୍ଷିତ ସ୍ଥିତି ସୁନିଶ୍ଚିତ କରିବା ଜରୁରୀ ବୋଲି ଅଦାଲତ କହିଛନ୍ତି।

## ମମତା ମହାନ୍ତ ଭାଜପା...

ଜଣେ ଟାଣୁଆ ନେତ୍ରୀ। ୨୦୨୦ ଏପ୍ରିଲରେ ବିଜେଡି ତାଙ୍କୁ ରାଜ୍ୟ ସଭାକୁ ନିର୍ବାଚିତ କରି ପଠାଇଥିଲା। କାର୍ଯ୍ୟକାଳ ଶେଷ ହେବା ପୂର୍ବରୁ ଅର୍ଥାତ ଗତ ଜୁଲାଇ ୩୧ ତାରିଖରେ ସେ ରାଜ୍ୟ ସଭା ଓ ବିଜେଡି ସଦସ୍ୟ ପଦବୀରୁ ଇସ୍ତଫା ଦେଇଥିଲେ। ବିଜେଡିରୁ ଇସ୍ତଫା ବେଳେ ସେ ଅସନ୍ତୋଷ ପ୍ରକାଶ କରିଥିଲେ। ତାଙ୍କୁ ଦଳରେ ଅଣଦେଖା କରାଯାଇଥିବା ନେଇ ସେ ଅଭିଯୋଗ ଆଣିଥିଲେ।

ମମତା ୨୦୨୦ ଏପ୍ରିଲ ୬ ତାରିଖରେ ରାଜ୍ୟ ସଭାକୁ ନିର୍ବାଚିତ ହୋଇଥିଲେ। ଆସନ୍ତା ୨୦୨୬ ଏପ୍ରିଲରେ ତାଙ୍କର କାର୍ଯ୍ୟକାଳ ଶେଷ ହୋଇ ଥାଆନ୍ତା। ତେବେ ସେ ଗତ ଜୁଲାଇ ୩୧ ତାରିଖରେ ଅଚାନକ ରାଜ୍ୟ ସଭା ସଦସ୍ୟ ଓ ବିଜେଡି ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଥିଲେ। ବିଜେଡି ଛାଡ଼ିବାର ଦିନକ ପରେ ସେ ନୂଆଦିଲ୍ଲୀରେ ଭାଜପାରେ ସାମିଲ ହୋଇଥିଲେ। ଖାଲି ପଡ଼ିଥିବା ଆସନରୁ ଓଡ଼ିଶାରୁ ରାଜ୍ୟ ସଭାକୁ କିଏ ଯିବେ ତାକୁ ନେଇ ଗତ କିଛିଦିନ ହେବ ଚର୍ଚ୍ଚା ଲାଗି ରହିଥିଲା। ଶେଷରେ ଭାଜପା ମମତାଙ୍କୁ ପୁଣି ଥରେ ରାଜ୍ୟ ସଭାକୁ ପଠାଇ ସମସ୍ତ କଳ୍ପନା ଜଳ୍ପନାର ଅନ୍ତ ଘଟାଇଛି। ଗତ ୧୭ ତାରିଖରେ ରାଜ୍ୟ ଭାଜପା ପ୍ରଭାରୀ ବିଜୟ ପାଲ ସିଂ ତୋମାର ମମତାଙ୍କୁ ରାଜ୍ୟ ସଭା ପ୍ରାର୍ଥୀ କରିବା ନେଇ ସୂଚନା ଦେଇଥିଲେ।

ଖାଲି ପଡ଼ିଥିବା ରାଜ୍ୟ ସଭା ପଦବୀ ପାଇଁ ବୁଧବାର ନାମାଙ୍କନ ଦାଖଲର ଶେଷ ତାରିଖ ଧାର୍ଯ୍ୟ କରାଯାଇଛି। ସଂଖ୍ୟା ଦୃଷ୍ଟିରୁ ଭାଜପା ଏହି ଆସନ ଜିତିବା ଏକ ପ୍ରକାର ନିଶ୍ଚିତ ହୋଇଛି। ତେବେ ଆବଶ୍ୟକ ପଡ଼ିଲେ ସେପ୍ଟେମ୍ବର ୩ରେ ଉପନିର୍ବାଚନ ଅନୁଷ୍ଠିତ ହେବ। ସେହିଦିନ ସନ୍ଧ୍ୟା ୫ଟାରେ ଭୋଟ ଗଣତି କରାଯାଇ ନିର୍ବାଚନ ଫଳାଫଳ ଘୋଷଣା କରାଯିବ। ଯଦି ଅନ୍ୟ କୌଣସି ଦଳ ପ୍ରାର୍ଥୀ ନ ଦିଅନ୍ତି ତେବେ ମମତା ନିର୍ଦ୍ୱନ୍ଦ୍ୱରେ ରାଜ୍ୟ ସଭାକୁ ନିର୍ବାଚିତ ହେବେ।

## ୩୨ ବର୍ଷ ପରେ...

ହୋଇଥିଲା। ଦ୍ୱିତୀୟ ଚାର୍ଜଶିଟ୍ ନସିଫ୍ ଚିସ୍ତି, ସଲିମ ଚିସ୍ତି, ଇକ୍‌ବାଲ ଭଟି, ସୋହେଲ ଗନି, ସୟେଦ ଜମିର ହୁସେନ୍ ଏବଂ ଅଲମାସଙ୍କ ବିରୋଧରେ ଦାଖଲ ହୋଇଥିଲା। ଅଲମାସ୍ ଏବେ ମଧ ଫେରାର ଅଛନ୍ତି। ପ୍ରଥମ ଚାର୍ଜଶିଟ୍‌ର ଅଭିଯୁକ୍ତ ଟାର୍ଜନଙ୍କ ସମେତ ଦ୍ୱିତୀୟ ଚାର୍ଜଶିଟ୍‌ର ୫ ଜଣଙ୍କୁ ମଙ୍ଗଳବାର ଆଜୀବନ ଜେଲଦଣ୍ଡରେ ଦଣ୍ଡିତ କରାଯାଇଛି। ଅନ୍ୟ ଅଭିଯୁକ୍ତମାନେ ପୂର୍ବରୁ ଦଣ୍ଡିତ ହୋଇ, ଜେଲଦଣ୍ଡ ଭୋଗିସାରିଛନ୍ତି କିମ୍ବା କୋର୍ଟ ଦ୍ୱାରା ଦୋଷମୁକ୍ତ ହୋଇଛନ୍ତି। ପ୍ରଥମ ଚାର୍ଜଶିଟ୍ ଦାଖଲବେଳେ ଏହି ୬ ଜଣଙ୍କ ବିରୋଧରେ ତଦନ୍ତ ଅଟକି ରହିଥିବାରୁ ସେମାନଙ୍କ ପାଇଁ ଅଲଗା ବିଚାର ହୋଇଥିଲା ବୋଲି ଆଇନଜୀବୀ କହିଛନ୍ତି।

## ୨୩ରେ ସ୍ଥାନାନ୍ତର ହେବ ରତ୍ନଭଣ୍ଡାର ପୁରୁଣା ସିନ୍ଦୁକ, ଆଲମିରା

ପୁରୀ,୨୦।୮ (ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିର ରତ୍ନଭଣ୍ଡାରରେ ଥିବା ଖାଲି ପୁରୁଣା ସିନ୍ଦୁକ ଓ ଆଲମିରା ସ୍ଥାନାନ୍ତର କରାଯିବ। ରାଜ୍ୟ ସରକାରଙ୍କ ଅନୁମୋଦିତ ମାର୍ଗଦର୍ଶିକା ବା ଏସ୍‌ଓପି ଅନୁସାରେ ଚଳିତମାସ ୨୩ ତାରିଖରେ ବାହାର ଏବଂ ଭିତର ରତ୍ନଭଣ୍ଡାରରେ ଥିବା ଖାଲି ଆଲମିରା ଓ ସିନ୍ଦୁକଗୁଡ଼ିକ ସ୍ଥାନାନ୍ତର କରାଯିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ମଙ୍ଗଳବାର ସୂଚନା ମିଳିଛି। ଶ୍ରୀମନ୍ଦିର ପ୍ରଶାସନର ସୂଚନା ମୁତାବକ, ମାର୍ଗଦର୍ଶିକା ଅନୁସାରେ ଶ୍ରୀମନ୍ଦିର ଭିତର ଓ ବାହାର ରତ୍ନଭଣ୍ଡାର ଭିତରେ ଥିବା ଖାଲି ଆଲମିରା ଓ ସିନ୍ଦୁକଗୁଡ଼ିକୁ ସ୍ଥାନାନ୍ତର କରାଯାଇ ଶ୍ରୀମନ୍ଦିର ପରିସରସ୍ଥ ନୀଳାଦ୍ରି ବିହାର ମ୍ୟୁଜିୟମ୍ ନିକଟ ଏକ ଗୃହରେ ସୁରକ୍ଷିତ ଭାବେ ରଖାଯିବ। ତେଣୁ ଉକ୍ତଦିନ ଶ୍ରୀବିଗ୍ରହମାନଙ୍କ ନୀତିକାନ୍ତି ବା ସେବାପୂଜାରେ ବ୍ୟାଘାତ ସୃଷ୍ଟି ନ କରି ସ୍ଥାନାନ୍ତରଣ ପ୍ରକ୍ରିୟା ପାଇଁ ଆବଶ୍ୟକ ସମୟ ଦେବା ଲାଗି ବିଶେଷ ନୀତି ନିର୍ଘଣ୍ଟ ପ୍ରସ୍ତୁତ କରାଯାଇଛି। ତଦନୁଯାୟୀ ୨୩ତାରିଖ ପାଇଁ ହୋଇଥିବା ବିଶେଷ ନୀତିନିର୍ଘଣ୍ଟ ଅନୁସାରେ ଭୋରରୁ ଶ୍ରୀମନ୍ଦିର ଦ୍ୱାର ଖୋଲାଯାଇ ନୀତିକାନ୍ତି ଆରମ୍ଭ ହେବ। ସେହିପରି ଅପରାହ୍ନ ୧ଟାରୁ ସ୍ଥାନାନ୍ତର କାର୍ଯ୍ୟ ଆରମ୍ଭ ହେବ। ତେବେ ସ୍ଥାନାନ୍ତର ଆରମ୍ଭ ସମୟରୁ ଶେଷ ହେବା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ। ଉକ୍ତ ସମୟରେ ଇଚ୍ଛୁକ ଭକ୍ତ ସିଂହଦ୍ୱାର ପଟେ ବାଇଶି ପାହାଚ ଦେଇ ଆନନ୍ଦ ବଜାରରୁ ମହାପ୍ରସାଦ କ୍ରୟ କରି ଉତ୍ତର ଦ୍ୱାର ପଟେ ପ୍ରସ୍ଥାନ କରିପାରିବେ। ସୂଚନାଯୋଗ୍ୟ, ଗତ ଜୁଲାଇ ୧୪ ଓ ୧୮ ତାରିଖରେ ଯଥାକ୍ରମେ ବାହାର ଓ ଭିତର ରତ୍ନଭଣ୍ଡାରରୁ ଶ୍ରୀମନ୍ଦିର ଭିତରେ ହୋଇଥିବା ଅସ୍ଥାୟୀ ରତ୍ନଭଣ୍ଡାରକୁ ଅଳଙ୍କାର ଏବଂ ମୂଲ୍ୟବାନ ସାମଗ୍ରୀ ସ୍ଥାନାନ୍ତର କରାଯାଇଥିଲା। ମାତ୍ର ଭଣ୍ଡାର ମଧ୍ୟରେ ପୁରୁଣା ଆଲମିରା ଓ ସିନ୍ଦୁକଗୁଡ଼ିକ ସେହିପରି ରହିଥିଲା। ପୁରୁଣା ସିନ୍ଦୁକ ଓ ଆଲମିରାଗୁଡ଼ିକ ସ୍ଥାନାନ୍ତର କରାଯିବା ପରେ ରତ୍ନଭଣ୍ଡାର ମରାମତି ଓ ସ୍କାନିଂ କାର୍ଯ୍ୟ ନିମନ୍ତେ ପଦକ୍ଷେପ ନିଆଯିବ।

- ଅପରାହ୍ନ ୧ଟାରୁ ବନ୍ଦ ରହିବ ସର୍ବସାଧାରଣ ଦର୍ଶନ
- ମହାପ୍ରସାଦ କିଣି ଉତ୍ତର ଦ୍ୱାର ପଟେ ପ୍ରସ୍ଥାନ କରିବେ ଭକ୍ତ

# ଲାଟେରାଲ ଏଣ୍ଟ୍ରି : ନଇଁଲା କେନ୍ଦ୍ର

## ୪୫ ଅମଲାତାନ୍ତ୍ରିକ ପଦବୀରେ ଥଇଥାନ ବିଜ୍ଞାପନ ବାତିଲ

ନୂଆଦିଲ୍ଲୀ,୨୦।୮(ପି.ଟି.)




ରାଜନୈତିକ ବିବାଦ ଜୋର ଧରିବା ପରେ ଶେଷରେ ବିରୋଧୀ ଏବଂ ଏନ୍‌ଡିଏ ସହଯୋଗୀଙ୍କ ଚାପ ଆଗରେ ମୁଣ୍ଡ ନୁଆଁଇ ଲାଟେରାଲ ଏଣ୍ଟ୍ରି ନିଯୁକ୍ତି ବ୍ୟବସ୍ଥାରୁ ଓହରିଯାଇଛନ୍ତି। ବିଭିନ୍ନ ମନ୍ତ୍ରଣାଳୟ ଓ ବିଭାଗର ୪୫ଟି ଗୁରୁତ୍ୱପୂର୍ଣ୍ଣ ପଦବୀରେ ଲାଟେରାଲ ଏଣ୍ଟ୍ରି ଜରିଆରେ ନିଯୁକ୍ତି ପ୍ରଦାନ ଲାଗି କେନ୍ଦ୍ରୀୟ ଲୋକ ସେବା ଆୟୋଗ (ୟୁପିଏସ୍‌ସି) ପ୍ରକାଶ କରିଥିବା ବିଜ୍ଞାପନକୁ ମଙ୍ଗଳବାର ସରକାର ବାତିଲ କରିଦେଇଛନ୍ତି। ଏହି ପଦବୀଗୁଡ଼ିକ ପାଇଁ ଥିବା ସଂରକ୍ଷଣ ବ୍ୟବସ୍ଥାକୁ ହଟାଇବାକୁ ସରକାର ଉଦ୍ୟମ କରୁଥିବା ନେଇ ରାଜନୈତିକ ବିବାଦ ଜୋର୍ ଧରିଥିଲା। କଂଗ୍ରେସ ସମେତ ବହୁ ବିରୋଧୀ ଦଳ ଏପରିକି ଭାଜପାର ସହଯୋଗୀ ଦଳ ନେତା ମଧ୍ୟ ଲାଟେରାଲ ଏଣ୍ଟ୍ରିବ୍ୟବସ୍ଥାକୁ ବିରୋଧ କରିଥିଲେ। ଫଳରେ କେନ୍ଦ୍ର କାର୍ମିକ ବିଭାଗ ରାଷ୍ଟ୍ରମନ୍ତ୍ରୀ ଜିତେନ୍ଦ୍ର ସିଂ ୟୁପିଏସ୍‌ସି ଅଧ୍ୟକ୍ଷା ପ୍ରୀତି ସୁଦନଙ୍କୁ ପତ୍ର ଲେଖି ବିଜ୍ଞାପନ ରଦ୍ଦ କରିବାକୁ କହିଥିଲେ।

୧୦ ଯୁଗ୍ମ ସଚିବ ଏବଂ ୩୫ଟି ନିର୍ଦ୍ଦେଶକ ଅଥବା ଉପସଚିବ ପଦବୀ ଠିକା ଭିତ୍ତିରେ ଲାଟେରାଲ ଏଣ୍ଟ୍ରି ମୋଡ୍‌ରେ ପୂରଣ କରିବା ପାଇଁ ଶନିବାର ୟୁପିଏସ୍‌ସି ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏହି ପଦବୀଗୁଡ଼ିକରେ ଭାରତୀୟ ପ୍ରଶାସନିକ ସେବା (ଆଇଏଏସ୍), ଭାରତୀୟ ପୋଲିସ ସେବା (ଆଇପିଏସ୍), ଭାରତୀୟ ଜଙ୍ଗଲ ସେବା (ଆଇଏଫ୍‌ଓଏସ୍) ଏବଂ ଗ୍ରୁପ୍ ଏ ସର୍ଭିସର ଅଫିସରମାନେ ନିଯୁକ୍ତ ହୋଇଥାନ୍ତି। ଗୁରୁତ୍ୱପୂର୍ଣ୍ଣ ପଦବୀରେ ଲାଟେରାଲ ଏଣ୍ଟ୍ରି ଜରିଆରେ ନିଯୁକ୍ତି ଦିଆଯିବା ଦ୍ୱାରା ଅନୁସୂଚିତ ଜାତି, ଜନଜାତି ଏବଂ ଓବିସିଙ୍କ ପାଇଁ ଥିବା ସଂରକ୍ଷଣକୁ ଛଡ଼ାଇ ନିଆଯାଉଛି। ୟୁପିଏସ୍‌ସି ପାଇଁ ପ୍ରସ୍ତୁତ ହେଉଥିବା ମେଧାବୀ ଛାତ୍ରୀଛାତ୍ରଙ୍କ ଅଧିକାରକୁ ଲୁଣ୍ଠନ କରାଯାଉଛି। ଏହା ଅବହେଳିତଙ୍କ ପାଇଁ ଥିବା ସଂରକ୍ଷଣ ସମେତ ସାମାଜିକ ନ୍ୟାୟ ଧାରଣା ଉପରେ ଆକ୍ରମଣ ବୋଲି ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଅଭିଯୋଗ କରିଥିଲେ। କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେଙ୍କ ସମେତ ଅନ୍ୟ ବିରୋଧୀ ଦଳ ନେତାମାନେ ମଧ୍ୟ ସରକାରଙ୍କ ଲାଟେରାଲ ଏଣ୍ଟ୍ରି ବ୍ୟବସ୍ଥାକୁ ସମାଲୋଚନା କରିଥିଲେ।

ଏପରିକି ଭାଜପାର ସହଯୋଗୀ ଦଳ ଲୋକ ଜନଶକ୍ତି ପାର୍ଟି (ରାମବିଳାସ)ର ନେତା ତଥା କେନ୍ଦ୍ରମନ୍ତ୍ରୀ ଚିରାଗ ପାଶ୍ୱାନ ମଧ୍ୟ ଲାଟେରାଲ ଏଣ୍ଟ୍ରି ବ୍ୟବସ୍ଥାକୁ ବିରୋଧ କରିଥିଲେ। ସମସ୍ତ ସରକାରୀ ନିଯୁକ୍ତିରେ ସଂରକ୍ଷଣ ବ୍ୟବସ୍ଥା ସପକ୍ଷରେ ସେ ଯୁକ୍ତି ବାଢ଼ିବା ସହ ଲାଟେରାଲ ଏଣ୍ଟ୍ରି ପ୍ରସଙ୍ଗରେ ସରକାରଙ୍କୁ ପ୍ରତିବାଦ ଜଣାଇବେ ବୋଲି କହିଥିଲେ। ଚାପ ବଢ଼ିବା ପରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ) ବିଜ୍ଞାପନ ବାତିଲ ପାଇଁ ନିଷ୍ପତ୍ତି ନେଇଥିବା ଏକ ସୂତ୍ରରୁ ଜଣାପଡ଼ିଛି। ସରକାର ଲାଟେରାଲ ଏଣ୍ଟ୍ରି ନିଯୁକ୍ତିରେ ସଂରକ୍ଷଣ ବ୍ୟବସ୍ଥା ସହ ଲାଗୁ କରାଯାଇପାରିବ କି ନାହିଁ, ତାହା ଉପରେ ସରକାର ଅନୁଧ୍ୟାନ କରିବେ ବୋଲି ଜଣାପଡ଼ିଛି।

ଲାଟେରାଲ ଏଣ୍ଟ୍ରି ନିଯୁକ୍ତି ବିଜ୍ଞାପନ ବାତିଲ ହେବା ପରେ ଏହାକୁ ବିରୋଧୀ ଦଳ ସ୍ୱାଗତ କରିଛି। ସମ୍ବିଧାନ ଏବଂ ସଂରକ୍ଷର ବ୍ୟବସ୍ଥାର ସୁରକ୍ଷା ପାଇଁ କଂଗ୍ରେସ ସମସ୍ତ ମୂଲ୍ୟ ଦେଇ ଭାଜପାର ଷଡ଼ଯନ୍ତ୍ରକୁ ପଣ୍ଡ କରିବ ବୋଲି ବିରୋଧୀ ଦଳ ନେତା ରାହୁଲ କହିଛନ୍ତି। ସଂରକ୍ଷଣରେ ୫୦ ପ୍ରତିଶତ ସୀମା ହଟାଯିବା ଦ୍ୱାରା ଜାତି ଜନଗଣନା ଆଧାରରେ ଅନୁସୂଚିତ ଜାତି, ଜନଜାତି, ପଛୁଆ ବର୍ଗଙ୍କୁ ସାମାଜିକ ନ୍ୟାୟ ସୁନିଶ୍ଚିତ କରାଯାଇପାରିବ ବୋଲି ରାହୁଲ ପୁନର୍ବାର ଦୋହରାଇଛନ୍ତି। ବିଏସ୍‌ପି ସୁପ୍ରିମୋ ମାୟାବତୀ କହିଛନ୍ତି, ବିରୋଧୀଙ୍କ ଚାପରେ ସରକାର ବିଜ୍ଞାପନ ବାତିଲ କରିଛନ୍ତି ସତ। ତେବେ ଏଭଳି ସମସ୍ତ ସଂରକ୍ଷଣ ବିରୋଧୀ ପ୍ରକ୍ରିୟାକୁ ରଦ୍ଦ କରାଯିବା ଉଚିତ।

# ଆଜି ୪ ଘଣ୍ଟା ମହାପ୍ରଭୁଙ୍କ ଦର୍ଶନ ବନ୍ଦ

### ଶ୍ରୀମନ୍ଦିରରେ ବନକଲାଗି ନୀତି ହେବ

ପୁରୀ,୨୦।୮(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିରରେ ବୁଧବାର ଶ୍ରୀବିଗ୍ରହମାନଙ୍କର ଶ୍ରୀମୁଖ ଶୃଙ୍ଗାର ବା ବନକଲାଗି ନୀତି ହେବ। ଏହା ଏକ ଗୁପ୍ତ ନୀତି ହୋଇଥିବାରୁ ଏହି ସମୟରେ ମହାପ୍ରଭୁଙ୍କ ଦର୍ଶନ ବନ୍ଦ ରହିବ। ବୁଧବାର ଅପରାହ୍ନ ୫ଟାରୁ ରାତି ୯ଟା ପର୍ଯ୍ୟନ୍ତ ବନକ ଲାଗି ନୀତି ଅନୁଷ୍ଠିତ ହେବାକୁ ଥିବାରୁ ଏହି ସମୟରେ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କ ଦ୍ୱିତୀୟ ଭୋଗ ମଣ୍ଡପ ସମ୍ପନ୍ନ ହୋଇ ପାଣି ପଡ଼ିବା ପରେ ଏହି ନୀତି ଅନୁଷ୍ଠିତ ହେବ। ଦତ୍ତ ମହାପାତ୍ର ସେବକମାନେ ରତ୍ନସିଂହାସନ ଉପରକୁ ଉଠି ଠାକୁରମାନଙ୍କ ଶ୍ରୀମୁଖ ଶୃଙ୍ଗାର କରିବେ। ବନକଲାଗିରେ ପ୍ରାକୃତିକ ରଙ୍ଗ ବ୍ୟବହାର କରାଯାଏ। ଦତ୍ତମହାପାତ୍ର ସେବକମାନେ ବନକଲାଗି ନୀତି ଶେଷ କରି ଶ୍ରୀମନ୍ଦିରରୁ ବାହାରିବା ପରେ ଶ୍ରୀବିଗ୍ରହମାନଙ୍କର ମହାସ୍ନାନ ନୀତି ସମ୍ପନ୍ନ କରାଯାଇ ଅନ୍ୟାନ୍ୟ ନୀତି ବଢ଼ିବା ପରେ ଦର୍ଶନ ପୁନର୍ବାର ଆରମ୍ଭ ହେବ ବୋଲି ସୂଚନା ମିଳିଛି।

# ପିଜି ପ୍ରଥମ ମେଧା ତାଲିକା: ୨୧,୬୩୫ ମନୋନୀତ

### ଆଜିଠୁ ନାମଲେଖା

ଭୁବନେଶ୍ୱର,୨୦।୮(ଅସମାପିକା ସାହୁ)

୨୦୨୪-୨୫ ଶିକ୍ଷାବର୍ଷରେ ପିଜି ନାମଲେଖା ପାଇଁ ମଙ୍ଗଳବାର ପ୍ରଥମ ପର୍ଯ୍ୟାୟ ମେଧା ତାଲିକା ପ୍ରକାଶ ପାଇଛି। ଏଥିରେ ମୋଟ ୨୧,୬୩୫ଜଣ ମନୋନୀତ ହୋଇଛନ୍ତି। ୧୪,୬୪୫ଜଣ ଛାତ୍ରୀ ଥିବା ବେଳେ ୬,୯୮୮ଜଣ ଛାତ୍ର ଓ ୨ଜଣ କିନ୍ନର ରହିଛନ୍ତି। ମନୋନୀତ ଛାତ୍ରୀଛାତ୍ର ୨୧ ତାରିଖ ପୂର୍ବାହ୍ନ ୧୦ଟାରୁ ୨୪ ତାରିଖ ଅପରାହ୍ନ ୫ଟା ମଧ୍ୟରେ ନାମ ଲେଖାଇବେ। ୩୧ ତାରିଖ ଅପରାହ୍ନ ୪ଟାରେ ଦ୍ୱିତୀୟ ପର୍ଯ୍ୟାୟ ମେଧା ତାଲିକା ପ୍ରକାଶ ପାଇବ। ସେପ୍ଟେମ୍ବର ୧୮ରେ ପିଜି ପ୍ରଥମ ବର୍ଷ ପାଠପଢ଼ା ଆରମ୍ଭ ହେବ। ସୂଚନାଯୋଗ୍ୟ, ରାଜ୍ୟରେ ଚଳିତ ଶିକ୍ଷାବର୍ଷ ୨୦୨୪-୨୫ରେ ପିଜି ନାମଲେଖା ନିମନ୍ତେ ୬୫,୦୫୬ଜଣ ଏକକ ପିଜି ପ୍ରବେଶିକା ପରୀକ୍ଷା (ସିପିଇଟି) ଦେଇଥିଲେ। ସେମାନଙ୍କ ମଧ୍ୟରୁ ୫୪,୯୦୪ଜଣଙ୍କୁ ର୍‍ୟାଙ୍କ୍ ପ୍ରଦାନ କରାଯାଇଛି। ତେବେ ରାଜ୍ୟରେ ପିଜି ନାମଲେଖା ପାଇଁ ମୋଟ ୧୧୪ଟି ଶିକ୍ଷାନୁଷ୍ଠାନ ଥିବା ବେଳେ ୨୯୦୦୦ଟି ସିଟ୍ ରହିଛି।

# ଯୁକ୍ତ୨ ପ୍ରଶ୍ନପତ୍ର ଢାଞ୍ଚା ବଦଳିଲା

ଭୁବନେଶ୍ୱର,୨୦।୮(ଅସମାପିକା ସାହୁ)

ଯୁକ୍ତ୨ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ଶିକ୍ଷାର ପ୍ରଶ୍ନପତ୍ର ଢାଞ୍ଚା ବଦଳିଛି। ଆସନ୍ତା ବର୍ଷ ଅର୍ଥାତ୍ ୨୦୨୫ରୁ ଏହା ଲାଗୁ କରାଯିବ। ନୂଆ ପ୍ରଶ୍ନପତ୍ର କିଭଳି ରହିବ ଏବଂ ମାର୍କ କିପରି ଦିଆଯିବ, ସେନେଇ ମଙ୍ଗଳବାର ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ(ସିଏଚ୍‌ଏସ୍‌ଇ) ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଗତ ଜୁନ୍ ୨୮ରେ ପରିଷଦର ବୈଠକରେ ଏହି ନିଷ୍ପତ୍ତି ନିଆଯାଇଥିବା ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି।

ବିଜ୍ଞପ୍ତି ଅନୁସାରେ, ୨୦୨୫ରେ ଯୁକ୍ତ୨ ବାର୍ଷିକ ପରୀକ୍ଷା ଦେବାକୁ ଥିବା ରେଗୁଲାର ଛାତ୍ରୀଛାତ୍ର(୨୦୨୩ରେ ନାମଲେଖାଇଥିବା ଛାତ୍ରୀଛାତ୍ର)ଙ୍କ ପାଇଁ ଏହି ନୂତନ ପ୍ରଶ୍ନପତ୍ର ଢାଞ୍ଚା ଲାଗୁ ହେବ। ପ୍ରାକ୍ଟିକାଲ ଥିବା ବିଷୟଗୁଡ଼ିରେ ଛାତ୍ରୀଛାତ୍ରଙ୍କୁ ୭୦ମାର୍କର ଥିଓରି ଏବଂ ୩୦ ମାର୍କର ପ୍ରାକ୍ଟିକାଲ ଦେବାକୁ ପଡ଼ିବ। ପ୍ରୋଜେକ୍ଟ କମ୍ପୋନେଣ୍ଟ ଥିବା ବିଷୟରେ ୮୦ ମାର୍କ ଥିଓରି ଏବଂ ୨୦ ମାର୍କର ପ୍ରୋଜେକ୍ଟ ଦେବାକୁ ହେବ। ଇଣ୍ଟିଗ୍ରେଟେଡ୍ ଧନ୍ଦାମୂଳକ ବିଷୟରେ ୫୦ମାର୍କର ଥିଓରି ଓ ୫୦ମାର୍କର ପ୍ରାକ୍ଟିକାଲ ଏବଂ ଭୋକେଶନାଲ ଟ୍ରେଡ୍ ବିଷୟରେ ୪୦ ମାର୍କର ଥିଓରି ଓ ୬୦ମାର୍କର ପ୍ରାକ୍ଟିକାଲ ରହିବ। ତେବେ ନନ୍‌ପ୍ରାକ୍ଟିକାଲ ବିଷୟଗୁଡ଼ିକରେ ୮୦ମାର୍କର ଥିଓରି ଏବଂ ୨୦ମାର୍କ ଇଣ୍ଟରନାଲ ପରୀକ୍ଷାରୁ ଦିଆଯିବ। ପ୍ରୋଜେକ୍ଟ ନ ଥିବା ବିଷୟଗୁଡ଼ିକରେ ୪୦ମାର୍କର ଥିଓରି ଓ ୧୦ ମାର୍କ ଇଣ୍ଟରନାଲ ପରୀକ୍ଷାରୁ ମିଳିବ। ପ୍ରାକ୍ଟିକାଲ/ପ୍ରୋଜେକ୍ଟ ନ ଥିବା ବିଷୟଗୁଡ଼ିକରେ ଛାତ୍ରୀଛାତ୍ରଙ୍କୁ ପାସ୍ ହେବା ପାଇଁ ମୋଟ ୮୦ ମାର୍କରୁ ୩୦% ଅର୍ଥାତ୍ ୨୪ ମାର୍କ ରଖିବାକୁ ପଡ଼ିବ। ସେହିଭଳି ୨୦୨୨ରେ ନାମଲେଖାଇଥିବା ଏକ୍ସରେଗୁଲାର ଛାତ୍ରୀଛାତ୍ରଙ୍କର କିଭଳି ମାର୍କ ଦିଆଯିବ ସେ ନେଇ ମଧ୍ୟ ଉକ୍ତ ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି।

# ଦାରା ସିଂଙ୍କ କ୍ଷମା ଆବେଦନ: ସୁପ୍ରିମକୋର୍ଟ ଲୋଡ଼ିଲେ ଓଡ଼ିଶା ମତ

ନୂଆଦିଲ୍ଲୀ,୨୦।୮(ପିଟି)


ରବୀନ୍ଦ୍ର ପାଲ୍ ଓରଫ ଦାରା ସିଂ

ବହୁଚର୍ଚ୍ଚିତ ଅଷ୍ଟ୍ରେଲୀୟ ମିଶନାରି ଗ୍ରାହାମ୍ ଷ୍ଟେନ୍ସ ଏବଂ ତାଙ୍କର ୨ ନାବାଳକ ପୁତ୍ରଙ୍କ ହତ୍ୟା ମାମଲାରେ ଆଜୀବନ ଦଣ୍ଡାଦେଶ ପାଇଥିବା ରବୀନ୍ଦ୍ର ପାଲ୍ ଓରଫ ଦାରା ସିଂଙ୍କ କ୍ଷମା ଆବେଦନ ଉପରେ ଓଡ଼ିଶା ସରକାରଙ୍କ ମତ ଲୋଡ଼ିଛନ୍ତି ସର୍ବୋଚ୍ଚ ଅଦାଲତ। ଜେଲରେ ୨୪ବର୍ଷରୁ ଉର୍ଦ୍ଧ୍ୱ ସମୟ କାଟି ସାରିଥିବାରୁ ତାଙ୍କୁ କ୍ଷମା କରି ଜେଲରୁ ମୁକ୍ତ କରିବାକୁ ଦାରା ସିଂ ସୁପ୍ରିମ୍ କୋର୍ଟରେ ଆବେଦନ କରିଛନ୍ତି। ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ ଏବଂ ଜଷ୍ଟିସ୍ ଜେ.ବି. ପର୍ଡିୱାଲା ଓ ଜଷ୍ଟସ୍ ମନୋଜ ମିଶ୍ରାଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ଆବେଦନର ଶୁଣାଣି କରି ଓଡ଼ିଶା ସରକାରଙ୍କଠାରୁ ୨ ସପ୍ତାହ ମଧ୍ୟରେ ଉତ୍ତର ଚାହିଁଛନ୍ତି। ଦାରାଙ୍କ ପାଇଁ ମାମଲା ଲଢୁଥିବା ଓକିଲ ବିଷ୍ଣୁ ଶଙ୍କର ଜୈନ କହିଛନ୍ତି ଯେ, ଯେହେତୁ ଦାରା ୨୪ବର୍ଷ ୬ମାସ ଜେଲ୍‌ରେ କାଟିସାରିଲେଣି, ତାଙ୍କ କ୍ଷମା ଆବେଦନକୁ ଗ୍ରହଣ କରାଯାଇ କୋହଳ ନୀତି ଲାଗୁ କରି ମୁକ୍ତ କରାଯାଉ। ଏହି ଯୁକ୍ତି ଶୁଣିବା ପରେ ରାଜ୍ୟ ସରକାରଙ୍କଠାରୁ ୨ସପ୍ତାହ ମଧ୍ୟରେ ଉତ୍ତର ଲୋଡ଼ା ଯାଇଥିବା ଖଣ୍ଡପୀଠ କହିଛନ୍ତି।

ପ୍ରକାଶ ଯେ, ୧୯୯୯ ଜାନୁଆରୀ ୨୨ ତାରିଖ ମଧ୍ୟରାତିରେ କେନ୍ଦୁଝର ଜିଲା ମନୋହରପୁର ଗ୍ରାମରେ ଗ୍ରାହାମ ଷ୍ଟେନ୍ସ ଏବଂ ତାଙ୍କ ୧୧ବର୍ଷୀୟ ପୁଅ ଫିଲିପ୍ ଏବଂ ୮ବର୍ଷୀୟ ପୁଅ ତିମୋଥି ଏକ ଗାଡ଼ିରେ ଶୋଇଥିଲେ। ଦାରାଙ୍କ ନେତୃତ୍ୱରେ କେତେଜଣ ଲୋକ ଉକ୍ତ ଗାଡ଼ିରେ ନିଆଁ ଲଗାଇ ଦେଇଥିଲେ। ଫଳରେ ଗାଡ଼ି ଭିତରେ ୩ଜଣ ଯାକ ଜୀବନ୍ତ ଦଗ୍ଧ ହୋଇଯାଇଥିଲେ। ଏହି ଘଟଣାରେ ଦାରା ମୁଖ୍ୟ ଅଭିଯୁକ୍ତ ଥିଲେ। ୨୦୦୩ରେ ସିବିଆଇ କୋର୍ଟ ଦାରାଙ୍କୁ ଫାଶୀ ଦଣ୍ଡ ଦେଇଥିଲେ। ପରେ ୨୦୦୫ରେ ଓଡ଼ିଶା ହାଇକୋର୍ଟ ଉକ୍ତ ଫାଶୀ ଦଣ୍ଡାଦେଶକୁ କୋହଳ କରି ଆଜୀବନ କାରାଦଣ୍ଡ ଶୁଣାଇଥିଲେ। ଏପରି କି ହାଇକୋର୍ଟଙ୍କ ଏହି ରାୟକୁ ୨୦୧୧ରେ ସୁପ୍ରିମକୋର୍ଟ ମଧ୍ୟ କାଏମ ରଖିଥିଲେ। ଦାରାଙ୍କ ସହଯୋଗୀ ମହେନ୍ଦ୍ର ହେମ୍ବ୍ରମ୍ ମଧ୍ୟ ଏହି ଘଟଣାରେ ଆଜୀବନ କାରାଦଣ୍ଡ ଭୋଗୁଛନ୍ତି। ଏହି ମାମଲାରେ ଅନ୍ୟ ୧୧ଜଣଙ୍କୁ ପ୍ରମାଣ ଅଭାବରୁ ହାଇକୋର୍ଟ ଦୋଷମୁକ୍ତ କରିଛନ୍ତି।

# ଆଜି ୧୨ ଘଣ୍ଟିଆ ଭାରତ ବନ୍ଦ

### ସଂରକ୍ଷଣ ରାୟକୁ ବିରୋଧ

ଭୁବନେଶ୍ୱର,୨୦।୮(ଅନୁରାଧା ମହାରଣା)

ଅନୁସୂଚିତ ଜାତି ଓ ଜନଜାତିଙ୍କ ପାଇଁ ସ୍ଥାନ ସଂରକ୍ଷଣ ସଂକ୍ରାନ୍ତରେ ସୁପ୍ରମ୍‌କୋର୍ଟଙ୍କ ରାୟକୁ ବିରୋଧ କରି ଅନୁସୂଚିତ ଜାତି, ଜନଜାତି, ପଛୁଆବର୍ଗ, ସଂଖ୍ୟାଲଘୁ ମିଳିତ କ୍ରିୟାନୁଷ୍ଠାନ କମିଟି ଓ ରାଜନୈତିକ ଦଳଗୁଡିକ ପକ୍ଷରୁ ବୁଧବାର ୧୨ ଘଣ୍ଟିଆ ଭାରତ ବନ୍ଦ ଡାକରା ଦିଆଯାଇଛି। ସକାଳ ୬ରୁ ସନ୍ଧ୍ୟା ୬ଟା ଯାଏ ଆନ୍ଦୋଳନ ଚାଲିବ। ଅନ୍ୟ ରାଜ୍ୟ ଭଳି ଓଡ଼ିଶାରେ ମଧ୍ୟ ରାଜ୍ୟ ଅନୁସୂଚିତ ଜାତି, ଜନଜାତି, ପଛୁଆବର୍ଗ, ସଂଖ୍ୟାଲଘୁ ମିଳିତ କ୍ରିୟାନୁଷ୍ଠାନ କମିଟି ସହ ବିଭିନ୍ନ ରାଜନୈତିକ ଦଳ ଭାରତ ବନ୍ଦକୁ ସମର୍ଥନ ଜଣାଇଛି। କମିଟି ପକ୍ଷରୁ କୁହାଯାଇଛି ଯେ, ସୁପ୍ରିମକୋର୍ଟଙ୍କ ରାୟ ଅନୁସୂଚିତବର୍ଗଙ୍କ ସଂରକ୍ଷଣ ବ୍ୟବସ୍ଥାକୁ ଅକାମୀ କରିଦେବ ଓ ଅଧିକ ସଂଖ୍ୟକ ସାଧାରଣବର୍ଗର ବ୍ୟକ୍ତିମାନେ ଏହାଦ୍ୱାରା ଉପକୃତ ହେବେ। ସୁପ୍ରିମକୋର୍ଟ ଅନୁସୂଚିତ ଜାତି ଓ ଜନଜାତିଙ୍କ ସାମାଜିକ, ଆର୍ଥିକ, ଶିକ୍ଷାଗତ ସ୍ଥିତିର ଠିକ୍ ଆକଳନ ନ କରି ଏବଂ ଏହି ବର୍ଗର ସୁରକ୍ଷା ନିମନ୍ତେ ରହିଥିବା ସାମ୍ବିଧାନିକ ଅନୁଷ୍ଠାନ ଓ ମନ୍ତ୍ରଣାଳୟ ସହ ପରାମର୍ଶ ନ କରି ରାୟ ଦେଇଥିବାରୁ ଏହାର ପୁନର୍ବିଚାର ପାଇଁ ସଂଗଠନଗୁଡ଼ିକ ପକ୍ଷରୁ ଦାବି କରାଯାଇଛି। ତେବେ ବୁଧବାର ରାଜଧାନୀ ଭୁବନେଶ୍ୱର ସମେତ ସମସ୍ତ ଜିଲା ସଦର ମହକୁମା ଅଞ୍ଚଳରେ ଶାନ୍ତିପୂର୍ଣ୍ଣ ଭାବରେ ପିକେଟିଂ ସହ ମହାପ୍ରତିବାଦ ପ୍ରଦର୍ଶନ କରାଯିବ। ରାଜ୍ୟର ବିଭିନ୍ନ ରାଜନୈତିକ ଦଳ, ସମସ୍ତ ଏସ୍‌ସି ଏସ୍‌ଟି ସଂଗଠନ, ମାନବ ଅଧିକାର ସଂଗଠନ, ଗଣ ସଂଗଠନ, ଶ୍ରମିକ ସଂଗଠନ, ମୋଟର ଯାନ ଆସୋସିଏଶନ, କର୍ମଚାରୀ ସଂଘ ଏହି ଭାରତ ବନ୍ଦକୁ ସମର୍ଥନ କରି ମହାପ୍ରତିବାଦରେ ସାମିଲ ହେବା ପାଇଁ ସଂଯୋଜକ ଅଭିରାମ ମଲ୍ଲିକ ଆହ୍ୱାନ ଦେଇଛନ୍ତି।



ଭୁବନେଶ୍ୱର ୟୁନିଟ୍-୧ ହାଟରେ ମଙ୍ଗଳବାର ଯୋଗାଣ ବିଭାଗ ପକ୍ଷରୁ ଚଢ଼ାଉ।

# ଆଳୁ ପରେ ପିଆଜ କଷ୍ଟ, ଚିନ୍ତାରେ ଖାଉଟି

କଟକ,୨୦।୮(କାର୍ତ୍ତିକ ସାହୁ)

**କେ.ଜି. ୫୦**

ଗରିବ, ଖଟିଖିଆର ପଖାଳ କଂସାକୁ ଭରସା ପିଆଜ। କଞ୍ଚା ଲଙ୍କା, ପିଆଜ ସହ ଆଳୁପୋଡ଼ା ବା ଶିଝା ହେଲେ ଚଳିଯାଉଥିଲା ସଂସାର। ହେଲେ ତାହା ଏବେ ମହଙ୍ଗା ହୋଇଛି। ଆଳୁ ପରେ ଏବେ ପିଆଜ ଦର ଖାଉଟିଙ୍କୁ ଚିନ୍ତାରେ ପକାଇଛି। ସମଗ୍ର ରାଜ୍ୟରେ ପିଆଜ ଦରକୁ ନେଇ ହଇଚଇ ସୃଷ୍ଟି ହୋଇଛି। ଗତ କିଛି ଦିନ ଧରି ଆଳୁ ଦର ୫୦ଟଙ୍କା ଉପରେ ରହୁଥିବା ବେଳେ ଏବେ ସେଥିରେ ସାମାନ୍ୟ ହ୍ରାସ ପାଇ ୪୦ଟଙ୍କା ମଧ୍ୟରେ ରହୁଛି। ହେଲେ ପିଆଜ ଦର କିଛି ଦିନ ହେବ ବଢ଼ି ୫୦ ଟଙ୍କା ଧରିଲାଣି। ମଙ୍ଗଳବାର କଟକ ଛତ୍ରବଜାର ଗୋଦାମରେ ପିଆଜ ହୋଲସେଲ ଦର କିଲୋ ପ୍ରତି ୪୦ଟଙ୍କା ବିକ୍ରି ହେଉଥିବାବେଳେ ଖୁଚୁରା ଦର କିଲୋ ୫୦ଟଙ୍କା। ତେବେ ୩ କିଲୋ ପିଆଜକୁ କେତେକ ସ୍ଥାନରେ ୧୪୦ ଟଙ୍କାରେ ବିକ୍ରି ହେଉଥିବା ଜଣାପଡ଼ିଛି।

ଛତ୍ରବଜାର ବ୍ୟବସାୟୀ ସଂଘ ସମ୍ପାଦକ ଦେବେନ୍ଦ୍ର ସାହୁଙ୍କ ସୂଚନା ଅନୁଯାୟୀ, ମହାରାଷ୍ଟ୍ରର ନାସିକ୍‌ରୁ ଛତ୍ରବଜାରକୁ ଏବେ ପିଆଜ ଆମଦାନୀ ହେଉଛି। କେବଳ ନାସିକ୍ ହିଁ ବର୍ତ୍ତମାନ ଭରସା। ହେଲେ ସେଠାରେ ପ୍ରବଳ ବର୍ଷା ହୋଇ କ୍ଷେତରେ ପିଆଜ ନଷ୍ଟ ହୋଇଛି। ଯେତକ ପିଆଜ ସେଠାକାର ଚାଷୀମାନଙ୍କ ପାଖରେ ମହଜୁଦ୍ ଅଛି, ସେମାନେ ଉଚ୍ଚା ଦରରେ ରପ୍ତାନି କରୁଛନ୍ତି। ପିଆଜ ସଙ୍କଟ ହେତୁ ଚାଷୀମାନେ ଦର କମାଉନାହାନ୍ତି। ସେମାନେ ବି ଅଧିକ ଦି' ପଇସା ଲାଭ ଉଠାଇବା ମନୋବୃତ୍ତିରେ ରହୁଛନ୍ତି, ଯଦ୍ଦ୍ୱାରା କଟକରେ ଦର ବୃଦ୍ଧିର କାରଣ ହେଉଛି। ଦର ବଢ଼ିଯିବା କାରଣରୁ ବଜାରରେ ପିଆଜ ବିକ୍ରି ବି କମିଯାଇଛି। ଆନ୍ଧ୍ରର କର୍ଣ୍ଣୁଲରୁ ଗଣେଶ ପୂଜା ପରେ ପିଆଜ ଆସିବ। ସେଠାରେ ପାଗ ଅନୁକୂଳ ରହିଲେ ଏବଂ ଭଲ ଫସଲ ହୋଇଥିଲେ ପିଆଜ ଦର କମିବ। ନଚେତ ପୁଣି ଦର ଅଧିକ ରହିବ। ଗଣେଶ ପୂଜା ଯାଏ ପିଆଜ ଦର ଏମିତି ବଢ଼ି ରହିବ। ପୂର୍ବରୁ ହୋଲସେଲ ଦର ୪୫ ଯାଏ ବଢ଼ି ଯାଇଥିଲା। ମାତ୍ର ଏବେ ତାହା କମି ୪୦ ଟଙ୍କା ହୋଇଛି। ଚଢ଼ା ଦର ପ୍ରାୟ ୧୦ ଦିନ ହେବ ହେଲାଣି। ଦୈନିକ ଛତ୍ରବଜାରକୁ ୧୨୦ରୁ ୧୪୦ ଟନ୍ ଭଳି ପିଆଜ ଆବଶ୍ୟକ ହୋଇଥାଏ। ଓଡ଼ିଶାରେ ପିଆଜ ଉତ୍ପାଦନ ନ ଥିବାରୁ ନାସିକ୍ ଓ କର୍ଣ୍ଣୁଲ ଉପରେ ଓଡ଼ିଶା ବଜାର ନିର୍ଭର କରୁଛି।

ସେହିପରି ବର୍ତ୍ତମାନ ଛତ୍ରବଜାରରେ ଆଳୁ ହୋଲସେଲ ଦର ବସ୍ତା ପ୍ରତି ୧୨୦୦ ଟଙ୍କା ରହୁଛି। ଗୋଟିଏ ବସ୍ତାରେ ୪୫ରୁ ୪୭ କେଜି ଆଳୁ ରହୁଛି। ଫଳରେ ଖୁଚୁରା ବଜାରରେ ଆଳୁ କିଲୋ ୪୦ ଟଙ୍କା ଓ ୩ କେଜିକୁ ୧୧୦ ଟଙ୍କା ହିସାବରେ ବିକ୍ରି ହେଉଛି। ଆଳୁ ଓ ପିଆଜ ଚାଷ ଓଡ଼ିଶାରେ ଆବଶ୍ୟକତା ମେଣ୍ଟାଇବା ଭଳି ହେଉ ନ ଥିବା କାରଣରୁ ପ୍ରତିବର୍ଷ ଏଭଳି ସଙ୍କଟ ଦେଖାଦେଉଛି, ଯାହାର ପ୍ରଭାବ କେବଳ ସାଧାରଣ ଖାଉଟିଙ୍କୁ ହିଁ ଭୋଗିବାକୁ ପଡୁଛି। ସରକାର ଏ ଦିଗରେ ଦୃଷ୍ଟି ଦେଇ ସ୍ଥାୟୀ ସମାଧାନ ନିମନ୍ତେ ଯୋଜନା ପ୍ରସ୍ତୁତ କରିବାକୁ ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି।

# ରାଞ୍ଚିରେ ୩ୟ ସିମ୍‌ବକ୍ସ ସେଟ୍‌ଅପ୍ ଠାବ




ଭୁବନେଶ୍ୱର,୨୦।୮(ସତ୍ୟଜିତ୍ ରାଉତ)

■ ୫ ସିମ୍‌ବକ୍ସ, ୨୫୯ ସିମ୍‌କାର୍ଡ ସମେତ ଅନ୍ୟାନ୍ୟ ଉପକରଣ ଜବତ
■ ଭୁବନେଶ୍ୱରରେ ଏନ୍‌ଆଇଏ ଟିମ୍

ଓଡ଼ିଶାରେ ଅପରେଟ୍ ହେଉଥିବା ସିମ୍‌ବକ୍ସ ନେଟ୍‌ୱର୍କର ଚେର ଝାଡ଼ଖଣ୍ଡକୁ ଲମ୍ବିଥିବା ଜଣାପଡ଼ିବା ପରେ କମିଶନରେଟ୍ ପୋଲିସ ଗୁରୁତ୍ୱର ସହ ଅଧିକ ଛାନଭିନ୍ ଆରମ୍ଭ କରିଛି। ଭୁବନେଶ୍ୱରରେ ପ୍ରଥମ, କଟକରେ ଦ୍ୱିତୀୟ ସିମବକ୍ସ ସେଟ୍‌ଅପ୍ ଚେର ମିଳିବା ପରେ ଝାଡ଼ଖଣ୍ଡ ରାଞ୍ଚିରେ ମଙ୍ଗଳବାର ତୃତୀୟ ସିମ୍‌ବକ୍ସ ସେଟ୍‌ଅପ୍ ଠାବ କରିଛି ପୋଲିସ। ୫ ଦିନିଆ ରିମାଣ୍ଡରେ ଥିବା ବଙ୍ଗୀୟ ଏଜେଣ୍ଟ ରାଜୁ ମଣ୍ଡଳଙ୍କୁ ରାଞ୍ଚି ନେଇ ସ୍ଥାନୀୟ ପୋଲିସ ଟିମ୍ ସହାୟତାରେ ଓଡ଼ିଶା ପୋଲିସ ଟିମ୍ ଏହି ସିମ୍‌ବକ୍ସ ସେଟ୍‌ଅପ୍ ପାଖରେ ପହଞ୍ଚିଛି। ରାଞ୍ଚି ସହରସ୍ଥିତ ମୌଲାନା ଆଜାଦ୍ କଲୋନୀସ୍ଥିତ ୧୫ ନଂ ଗଳିରେ ଥିବା ଏକ ଭଡ଼ା ଘରୁ ପୋଲିସ ଟିମ୍ ୫ଟି ସିମ୍‌ବକ୍ସ ସମେତ ୨୧୯ଟି ଆକ୍ଟିଭ୍ ସିମ୍ ଏବଂ ୪୦ଟି ଅଚଳ ସିମ୍, ଇନ୍‌ଭର୍ଟର ବ୍ୟାଟେରି, ଦୁଇଟି ଜିଓ ମୋଡେମ ରାଉଟର, ଗୋଟେ ସ୍ମାର୍ଟ ସୁଇଚ୍ ଜବତ କରାଯାଇଛି।

ମୌଲାନା ଆଜାଦ୍ କଲୋନୀରେ ମାଷ୍ଟରମାଇଣ୍ଡ ବାଂଲାଦେଶର ଅଶାଦ୍ଦୁର ଜମାନ୍ ଓ ଏଜେଣ୍ଟ ରାଜୁ ମଣ୍ଡଳ ୪ ମହଲା ବିଶିଷ୍ଟ ଘରର ୪ର୍ଥ ମହଲାରେ ଏକ ରୁମ୍‌କୁ ୬ମାସ ତଳେ ମାସିକ ସଢ଼େ ୭ହଜାର ଟଙ୍କାରେ ଭଡ଼ାରେ ନେଇ ଏହି ସିମ୍‌ବକ୍ସ ଅପରେଟ୍ କରୁଥିଲେ। ସପ୍ତାହରେ ଥରେ ରାଜୁ ଉକ୍ତ ସ୍ଥାନକୁ ଯାଇ ବିଦ୍ୟୁତ୍ ଓ ଇଣ୍ଟରନେଟ୍ ସଂଯୋଗ ଯାଞ୍ଚ ସହ ଅଚଳ ସିମ୍‌କୁ ବଦଳାଇବା ଆଦି କାର୍ଯ୍ୟ କରୁଥିଲେ। ସ୍ଥାନୀୟ ପୋଲିସ ଓ ରିଜର୍ଭ ବାଟାଲିଅନ୍ ସହାୟତାରେ କମିଶନରେଟ୍ ପୋଲିସ ଉକ୍ତ କଲୋନୀରେ ପହଞ୍ଚି ଛାନଭିନ୍ ଚଳାଇବା ପରେ ସ୍ଥାନୀୟ ଲୋକମାନେ ଆଶ୍ଚର୍ଯ୍ୟ ହୋଇପଡ଼ିଥିଲେ। ସେମାନେ ରହୁଥିବା ଏକ ଜନଗହଳି ପୂର୍ଣ୍ଣ କୋଲନୀ ଭିତରେ ଅଶାଦ୍ଦୁର ଓ ରାଜୁ କିପରି ଏହି ସିମ୍‌ବକ୍ସ ସେଟ୍‌ଅପ୍ ବସାଇ କାରବାର ଚଳାଇଥିଲେ ତାହାକୁ ନେଇ ଚର୍ଚ୍ଚା ଜୋର ଧରିଥିବାବେଳେ ଏଥିପାଇଁ ସ୍ଥାନୀୟ ପୋଲିସର ଅପାରଗତାକୁ ନେଇ ଦୋଷ ଦେଇଛନ୍ତି। ତେବେ ପୋଲିସ ଟିମ୍ ଏହି ମାମଲାରେ ଘରମାଲିକ ହାଜି ସୋହେଲ ମଲିକଙ୍କୁ ପଚରାଉଚରା କରି ଏକାଧିକ ତଥ୍ୟ ହାସଲ କରିଛି। ଅଭିଯୁକ୍ତଦ୍ୱୟ ଉକ୍ତ ଘରକୁ ଭଡାରେ ନେଇଥିବାବେଳେ ସେଠାକୁ ଆଉ କିଏ ଆସୁଥିଲେ, ମାଲିକଙ୍କୁ କିପରି ଟଙ୍କା ପଠାଉଥିଲେ ଆଦି ତଥ୍ୟ ହାସଲ କରିଛି ପୋଲିସ। ଅନ୍ୟପକ୍ଷରେ ରାଜୁଙ୍କୁ ମାରାଥନ୍ ଜେରା ଭିତରେ ପଶ୍ଚିମବଙ୍ଗରେ ଚତୁର୍ଥ ସିମ୍‌ବକ୍ସ ସେଟ୍‌ଅପ୍ ରହିଛି ବୋଲି ପୋଲିସ ଆଗରେ ସ୍ୱୀକାର କରିଥିବା ସୂଚନା ମିଳିଛି। ତେଣୁ ରାଜୁଙ୍କୁ ଦ୍ୱିତୀୟ ପର୍ଯ୍ୟାୟରେ ରିମାଣ୍ଡରେ ନେଇ ପଶ୍ଚିମବଙ୍ଗରେ ଏହି ସିମ୍‌ବକ୍ସ ସେଟ୍‌ଅପ୍ ଠାବ କରିବ ବୋଲି ପୋଲିସ ଯୋଜନା କରିଛି। ଅନ୍ୟପକ୍ଷରେ ମାଷ୍ଟରମାଇଣ୍ଡ ଅଶାଦ୍ଦୁରଙ୍କୁ ଗିରଫ କରିବାକୁ କମିଶନରେଟ୍ ପୋଲିସ ଇଣ୍ଟରପୋଲ୍‌ର ସହାୟତା ନେଇଛି। ତେବେ ଏହି କାରବାରରେ ଆତଙ୍କୀ ଲିଙ୍କ୍ ରହିଥିବା ସହ ଦେଶର ଗୁପ୍ତ ତଥ୍ୟ ପଘଟ ଆଶଙ୍କାରେ ଏନ୍‌ଆଇଏ ଟିମ୍ ଭୁବନେଶ୍ୱର ଆସିବ ବୋଲି ବିଶେଷ ସୂତ୍ରରୁ ଜଣାପଡ଼ିଛି।

# ୨ ଲକ୍ଷ ଫି' ଦେଲେ 'ଡକାୟତିରେ ସ୍ନାତକ'

## ମଧ୍ୟପ୍ରଦେଶରେ ଅପରାଧୀ ହେବା ପାଇଁ ପିଲାଙ୍କୁ ଦିଆଯାଉଛି ତାଲିମ

ଭୋପାଳ, ୨୦।୮



ମଧ୍ୟପ୍ରଦେଶ ରାଜଗଡ଼ ଜିଲାର ପଚୋର ତହସିଲ ଅନ୍ତର୍ଗତ ୩ ଗ୍ରାମରେ ପିଲାମାନଙ୍କୁ ଅପରାଧୀ ହେବା ପାଇଁ ଟ୍ରେନିଂ ଦିଆଯାଉଥିବାର ଏକ ଅଜବ ମାମଲା ସାମ୍ନାକୁ ଆସିଛି। ଅଗଷ୍ଟ ୮ରେ ରାଜସ୍ଥାନରେ ଏକ ବିବାହରେ ଦେଢ଼ କୋଟି ଟଙ୍କା ମୂଲ୍ୟର ଅଳଙ୍କାର ଓ ନଗଦ ୧ ଲକ୍ଷ ଟଙ୍କା ଚୋରି ହୋଇଥିଲା। ଏହି ମାମଲାରେ ପୋଲିସ ଏକ ଆପରାଧିକ ଗୋଷ୍ଠୀର ସଦସ୍ୟମାନଙ୍କୁ ଗିରଫ କରି କଡ଼ିଆ, ଗୁଲଖେଡ଼ି ଓ ହୁଲଖେଡ଼ି ଗ୍ରାମରେ ଚାଲିଥିବା ର୍‍ୟାକେଟର ରହସ୍ୟ ଉପରୁ ପରଦା ହଟାଇଥିଲା। ରାଜଧାନୀ ଭୋପାଳଠାରୁ ୧୧୭ କି.ମି. ଦୂର ଏହି ୩ ଗାଁରେ ପିଲାମାନଙ୍କୁ କମ୍ ବୟସରୁ ଚୋରି, ଲୁଟ୍‌ପାଟ, ଡକାୟତି ଆଦି ଅପରାଧ ଶିଖାଯାଇଥାଏ ବୋଲି ମଧ୍ୟପ୍ରଦେଶ ଏଡିଜି ଜୟଦୀପ ପ୍ରସାଦ କହିଛନ୍ତି। ଉକ୍ତ ଅଞ୍ଚଳର ପିଲାଙ୍କୁ ୧୨ରୁ ୧୩ ବର୍ଷ ହେବାମାତ୍ରେ ଅପରାଧ ଶିକ୍ଷା ପାଇବା ପାଇଁ ଅଭିଭାବକମାନେ ଏଠାକୁ ପଠାଇଥାନ୍ତି। ଅଭିଭାବକମାନେ ଅପରାଧୀଙ୍କ ବିଭିନ୍ନ ଗ୍ୟାଙ୍ଗ୍ ଲିଡରଙ୍କୁ ଭେଟି ସେମାନଙ୍କ ପିଲାମାନଙ୍କୁ ଅପରାଧରେ କିଏ ଭଲ ତାଲିମ ଦେଇପାରିବେ ତାହା ସ୍ଥିର କରିଥାନ୍ତି। ଏହି ଶିକ୍ଷା ପାଇବା ପାଇଁ ପିଲାଙ୍କ ଅଭିଭାବକଙ୍କୁ ୨ରୁ ୩ ଲକ୍ଷ ଟଙ୍କା ଫି' ଆକାରରେ ଦେବାକୁ ପଡ଼ିଥାଏ। ଏଠାରେ ପିଲାମାନଙ୍କୁ ପକେଟମାର କରିବା, ଭିଡ଼ରୁ ବ୍ୟାଗ୍ ଉଠାଇନେବା, ଚୋରି ଧରାପଡ଼ିବାର ସମ୍ଭାବନା ଥିଲେ ଦ୍ରୁତ ଗତିରେ ଦୌଡ଼ିବା, ପୋଲିସଠାରୁ ଦୂରେଇ ରହିବା, ମାଡ଼କୁ ସହିବା ଆଦି ବିଭିନ୍ନ ଅପରାଧ କୌଶଳ ସମ୍ପର୍କରେ ଶିକ୍ଷା ଦିଆଯାଇଥାଏ। ବର୍ଷେ ପର୍ଯ୍ୟନ୍ତ ପିଲାଟିକୁ ବିଭିନ୍ନ ଆପରାଧିକ ଗ୍ୟାଙ୍ଗରେ କାମ କରିବାରୁ ସୁଯୋଗ ମିଳିଥାଏ ବୋଲି ଜୟଦୀପ କହିଛନ୍ତି। ପୋଲିସ ସୂଚନା ଅନୁଯାୟୀ, ଦେଶରେ ଘଟୁଥିବା ଅନେକ ଆପରାଧିକ ଘଟଣାରେ ଉକ୍ତ ୩ ଗ୍ରାମରେ ଅପରାଧର ଟ୍ରେନିଂ ନେଉଥିବା ପିଲାମାନଙ୍କର ସମ୍ପୃକ୍ତି ରହିଛି। ପୋଲିସ କହିଛି, ଉକ୍ତ ଗ୍ରାମର ମହିଳାମାନେ କୌଣସି ବାହାର ଲୋକଙ୍କୁ ଦେଖିବା ମାତ୍ରେ ନ ଶୁଣିଲା ପରି ଅଭିନୟ କରନ୍ତି। ସେହିପରି ଯଦି କେହି ଅଜ୍ଞାତ ବ୍ୟକ୍ତି ଗ୍ରାମରେ ପ୍ରବେଶ କରେ, ତେବେ ଗ୍ରାମବାସୀ ତୁରନ୍ତ ସତର୍କ ହୋଇଯାଆନ୍ତି। ସେହିପରି କ୍ୟାମେରା କିମ୍ବା ମୋବାଇଲ ଫୋନ୍ ଧରି ଉକ୍ତ ଗ୍ରାମଗୁଡ଼ିକୁ ଆସୁଥିବା ଅଜଣା ବ୍ୟକ୍ତିମାନଙ୍କୁ ବିରୋଧର ସାମ୍ନା କରିବାକୁ ପଡ଼ିଥାଏ। ସ୍ଥାନୀୟ ବୋଡ଼ା ଥାନା ଇନ୍‌ସ୍ପେକ୍ଟର ରାଜକୁମାର ଭଗତଙ୍କ ଅନୁଯାୟୀ, ଏହି ୩ ଗ୍ରାମରୁ ଅପରାଧର ଟ୍ରେନିଂ ନେଉଥିବା ପିଲାମାନେ ଅଲଗା ଅଲଗା ରାଜ୍ୟ ଏବଂ ସହର ଯାଇ ବିବାହ ସମାରୋହଗୁଡ଼ିକରୁ ସୁନା ଗହଣା, ଟଙ୍କା ଆଦି ଚୋରି କରିଥାନ୍ତି। ଏହି ୩ ଗ୍ରାମର ୨ ହଜାର ଲୋକଙ୍କ ନାଁରେ ଦେଶବ୍ୟାପୀ ବିଭିନ୍ନ ଥାନାରେ ୮ ହଜାରରୁ ଅଧିକ ମାମଲା ରୁଜୁ ହୋଇଥିବା ସେ ସୂଚନା ଦେଇଛନ୍ତି। ମଧ୍ୟପ୍ରଦେଶର ଏହି ୩ ଗ୍ରାମ ଅପରାଧର ବିଦ୍ୟାଳୟରେ ପରିଣତ ହୋଇଥିବାବେଳେ, ରାଜ୍ୟ ପ୍ରଶାସନ ଓ ପୋଲିସ ପକ୍ଷରୁ ଏହାକୁ ପ୍ରତିହତ କରିବାକୁ ଯୋଜନା ପ୍ରସ୍ତୁତ କରାଯାଉଛି।

“ଅତୀତ ଜୀବନକୁ ଦୃଷ୍ଟିପାତ କରିବାର କୌଣସି ଆବଶ୍ୟକତା ନାହିଁ। ବରଂ ଉଜ୍ଜ୍ୱଳ ଆନନ୍ଦମୟ ଦିବ୍ୟ ଭବିଷ୍ୟତକୁ ଦୃଷ୍ଟି ସମ୍ମୁଖରେ ରଖି ଦ୍ରୁତ ଗତିରେ ସେ ଦିଗରେ ଅଗ୍ରସର ହେବା ହିଁ ବୁଦ୍ଧିମାନର କାର୍ଯ୍ୟ। ଏବଂ ପ୍ରଗତିଶୀଳ ଆତ୍ମାର ଲକ୍ଷଣ। –ଶ୍ରୀମା

-ବୁଧିବାମନ ଓଝା
ଓ ଶରଣ ଶେଷ



# ନାମରେ ନୁହେଁ, କାମରେ

ବୃହତ୍କାୟ ପ୍ରାଣୀ ହାତୀର ଜୀବନ ଏବେ ସଙ୍କଟରେ। ନିୟମିତ ବ୍ୟବଧାନରେ ହାତୀ ମୃତ୍ୟୁ ଖବର ପ୍ରକାଶ ପାଇଆସୁଛି। ଏ ମଧ୍ୟରେ ଓଡ଼ିଶାର ସଦ୍ୟ ହାତୀମୃତ୍ୟୁ ଘଟଣା ଅତ୍ୟନ୍ତ ଚିନ୍ତାଜନକ। ୪୮ ଘଣ୍ଟା ମଧ୍ୟରେ ରାଜ୍ୟରେ ୩ଟି ହାତୀଙ୍କ ମୃତ୍ୟୁ ହୋଇଛି। ପରିତାପର ବିଷୟ, ସେମାନଙ୍କ ମଧ୍ୟରୁ ୨ଟିର ବିଦ୍ୟୁତ୍ ଆଘାତରେ ମୃତ୍ୟୁ ଘଟିଛି। ସବୁଠୁ ଆଶ୍ଚର୍ଯ୍ୟର କଥା ହେଉଛି ଭୁବନେଶ୍ୱର ନିକଟସ୍ଥ ଚନ୍ଦକା-ଡମପଡ଼ା ଅଭୟାରଣ୍ୟର ଭରତପୁର ସଂରକ୍ଷିତ ଜଙ୍ଗଲରେ ବନ ବିଭାଗ ଆଖିଆଗରେ ଚଳପ୍ରଚଳ ହେଉଥିବା ଦନ୍ତାହାତୀ ରାମୁର ଜୀବନ ବିଦ୍ୟୁତ୍ ଆଘାତରେ ଚାଲିଯାଇଛି। ଚୁନୁକୁଲି ବସ୍ତି ନିକଟ ଭରତପୁର ଜଙ୍ଗଲରୁ ତା’ମୃତଦେହ ଅଗଷ୍ଟ ୧୯ରେ ଜବତ କରାଯାଇଛି। ଏହି ଘଟଣା ସୂଚିତ କରୁଛି ଯେ, ଜନବସତି ନିକଟରେ ଯେଉଁ ବିଦ୍ୟୁତ୍ ଲାଇନ ରହୁଛି ତାହାକୁ ଠିକ୍ ଭାବେ ଦେଖାଯାଉନାହିଁ। ଏଥିରେ ଫରେଷ୍ଟର ଓ ଫରେଷ୍ଟ ଗାର୍ଡଙ୍କ ଦାୟିତ୍ୱହୀନତା ପ୍ରମାଣିତ ହେଉଛି। ଏଥିସହ ହାତୀଙ୍କ ସୁରକ୍ଷା ପାଇଁ ସରକାରଙ୍କ ତରଫରୁ କୌଣସି ଦୃଢ଼ ପଦକ୍ଷେପ ନିଆଯାଉନାହିଁ ବୋଲି ଜଣାପଡୁଛି। ସୁରକ୍ଷା ତ ଦୂରର କଥା, ହାତୀ ଚଲାପଥଗୁଡ଼ିକୁ ଅକ୍ଷୁଣ୍ଣ ନ ରଖି ରାଜ୍ୟ ସରକାର ଚନ୍ଦକା ଭଳି ଜଙ୍ଗଲ ଏରିଆରେ ଶିଳ୍ପାଞ୍ଚଳକୁ ଅନୁମତି ଦେଇଛନ୍ତି, ଯାହାକି ହାତୀଙ୍କ ଚଲାପଥକୁ ଛିନ୍ନବିଚ୍ଛିନ୍ନ କରିଦେଇଛି। ଖୋଦ୍ ଭରତପୁର ନିକଟରେ ଜନବସତି ଏପରିକି ବଡ଼ ବଡ଼ କଲେଜ ଏବଂ ନୂଆକରି ଗଢ଼ି ଉଠୁଥିବା ଆପାର୍ଟମେଣ୍ଟ, ସ୍କୁଲ ଓ ଟାଉନଶିପ୍ ଆଗକୁ ସ୍ଥିତିକୁ ଆହୁରି ସଙ୍ଗିନ କରିବ। ଏହି ହାତୀ ଚଳପ୍ରଚଳ ଅଞ୍ଚଳରେ ପ୍ରଗତି ନାଁରେ ଚଉଡ଼ା ରାସ୍ତା, କଳକାରଖାନା ଏପରିକି ସିମେଣ୍ଟ ଫ୍ୟାକ୍ଟ୍ରି ଗଢ଼ିଉଠିଛି। ଏହା ହାତୀଙ୍କ ପ୍ରତି ବିପଦ ଟାଣି ଆଣିବା ସହ ମଣିଷ ଜୀବନ ଉପରେ ସଙ୍କଟ ସୃଷ୍ଟି କରିବ।

ରାମୁର ମୃତ୍ୟୁ ବ୍ୟତୀତ ଅଗଷ୍ଟ ୧୮ରେ ସମ୍ବଲପୁର ରେଢ଼ାଖୋଲରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଗୋଟିଏ ମାଈହାତୀର ମୃତ୍ୟୁହେବା ସହ ସୁନ୍ଦରଗଡ଼ ବରସୁଆଁ ରେଞ୍ଜ ଡିଭିଜନରେ ମାଲବାହୀ ଟ୍ରେନ୍‌ରେ କଟି ଏକ ହାତୀ ଛୁଆର ମୃତ୍ୟୁ ଘଟିଛି। ଦେଖିବାକୁ ଗଲେ ପ୍ରାକୃତିକ ମୃତ୍ୟୁ ତୁଳନାରେ ବିଦ୍ୟୁତ୍ ଆଘାତ ଓ ଟ୍ରେନ୍ ଧକ୍କାରେ ହାତୀଙ୍କର ଅଧିକ ମୃତ୍ୟୁ ହେଉଛି। ଶିକାରୀମାନେ ହାତୀଦାନ୍ତ ପାଇଁ ବିନା ଭୟରେ ଶିକାର କରୁଛନ୍ତି। ଏହାସହ ହାତୀ-ମଣିଷ ସଂଘର୍ଷ ବୃଦ୍ଧିପାଇବା ଯୋଗୁ ଉଭୟଙ୍କ ଉପରେ ସଙ୍କଟ ବଢ଼ୁଛି। ଜଙ୍ଗଲ କ୍ଷୟ ଓ ଖାଦ୍ୟାଭାବ ଯୋଗୁ ହାତୀ ଜନବସତିକୁ ଆସୁଛନ୍ତି ଓ ଏଥିରୁ ସଂଘର୍ଷ ଆହୁରି ତୀବ୍ର ହେଉଛି। ହାତୀ-ମଣିଷ ସଂଘର୍ଷରେ ୨୦୧୩-୨୦୨୩ ମଧ୍ୟରେ ୭୯୪ ହାତୀଙ୍କ ମୃତ୍ୟୁ ଓ ୧୧୦୦ ଲୋକଙ୍କର ପ୍ରାଣହାନି ସହ ୬୫୦ ଆହତ ହୋଇଥିବା ସରକାରୀ ସୂତ୍ରରୁ ଜଣାପଡ଼ିଛି। କେବଳ ଏତିକି ନୁହେଁ, ବିଦ୍ୟୁତ୍ ବିତରକ କମ୍ପାନୀଙ୍କ ଖାମଖିଆଲ ମନୋଭାବ ଯୋଗୁ ହାଇ ଭୋଲ୍‌ଟେଜ ଲାଇନ ସଂସ୍ପର୍ଶରେ ଆସି ହାତୀ ମୃତ୍ୟୁମୁଖରେ ପଡୁଛନ୍ତି। ଏସବୁ ଘଟଣାରେ ଫରେଷ୍ଟର ଓ ଫରେଷ୍ଟ ଗାର୍ଡଙ୍କର ବେପରୁଆ ମନୋଭାବ ରହୁଥିବା ଦେଖାଯାଉଛି। ଏଥିସହ ଏବେ ରାଜ୍ୟରେ ଫରେଷ୍ଟର ଓ ଫରେଷ୍ଟ ଗାର୍ଡର ମୋଟ ଦେଢ଼ ହଜାରରୁ ଅଧିକ ପଦବୀ ଖାଲିପଡ଼ିଛି। ୨୦୧୮ରେ ଢେଙ୍କାନାଳର କମଳାଙ୍ଗ ଗାଁ ନିକଟରେ ଉଚ୍ଚଶକ୍ତିସମ୍ପନ୍ନ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଏକାବେଳକେ ୭ଟି ହାତୀଙ୍କ ମୃତ୍ୟୁ ହେବା ଓଡ଼ିଶାରେ ହାତୀ ମୃତ୍ୟୁ ଇତିହାସର ଏକ ବଡ଼ ଘଟଣା ଥିଲା। ଏହାପରେ ମଧ୍ୟ ହାତୀ ସୁରକ୍ଷା ଦିଗରେ ସେଭଳି କୌଣସି ପଦକ୍ଷେପ ଏ ପର୍ଯ୍ୟନ୍ତ ନିଆଯାଇନାହିଁ। ହାତୀ ମୃତ୍ୟୁ ରୋକିବା ପାଇଁ କରାଯାଉଥିବା ଯୋଜନା ଓ ତାହାର କାର୍ଯ୍ୟକାରିତା ଭିତରେ ଆକାଶ ପାତାଳ ପ୍ରଭେଦ ଥିବା ଭଳି ମନେହେଉଛି।

ଉଲ୍ଲେଖନୀୟ ଯେ, ଭାରତରେ ଏବେ ପାଖାପାଖି ୩୦ ହଜାର ହାତୀ ଅଛନ୍ତି। ହାତୀ ସଂଖ୍ୟାରେ କର୍ନାଟକ (୬,୦୪୯), ଆସାମ (୫,୭୧୯), କେରଳ (୩,୦୫୪), ତାମିଲନାଡୁ (୨,୭୬୧) ପଛକୁ ରହିଛି ଓଡ଼ିଶା। ଚଳିତ ବର୍ଷ ଜୁନ୍‌ରେ ପ୍ରକାଶ ପାଇଥିବା ଅଲ ଓଡ଼ିଶା ଏଲିଫ୍ୟାଣ୍ଟ ସେନ୍‌ସସ୍, ୨୦୨୪ରୁ ଜଣାପଡ଼ିଛି ଯେ ଓଡ଼ିଶାରେ ମୋଟ ୨,୦୯୮ ହାତୀ ଅଛନ୍ତି। ୨୦୧୭ ରେ ଏହି ସଂଖ୍ୟା ୧,୯୭୬ ଥିଲା। ଏହି ତଥ୍ୟକୁ ଦର୍ଶାଇ ସରକାର ଓ ବନ ବିଭାଗ ଉତ୍‌ଫୁଲ୍ଲିତ ହୋଇପାରନ୍ତି, କିନ୍ତୁ ମନେରଖିବାକୁ ହେବ ଯେ, ଭାରତବର୍ଷରେ ହାତୀ ମୃତ୍ୟୁରେ ଓଡ଼ିଶା ସବୁଠୁ ଆଗରେ ରହିଛି। ଏଠାରେ ସୂଚିତ କରାଯାଇପାରେ, ହାତୀ-ମଣିଷ ସଂଘର୍ଷଜନିତ ମୃତ୍ୟୁ ରୋକିବା ଲାଗି ଓଡ଼ିଶା ଉଚ୍ଚ ନ୍ୟାୟାଳୟ ୨୦୨୨ରେ ବନ ବିଭାଗ, ଓଡ଼ିଶା ପୋଲିସ ଏବଂ ୱାଇଲ୍ଡ ଲାଇଫ୍ ଆକ୍ଟିଭିଷ୍ଟଙ୍କୁ ନେଇ ଏକ ଜଏଣ୍ଟ ଟାସ୍କଫୋର୍ସ(ଜେଟିଏଫ୍) ଗଠନ କରିବାକୁ କହିଥିଲେ। ଏବେ ଜେଟିଏଫ୍ ସହ ବନ୍ୟଜନ୍ତୁ ସୁରକ୍ଷା ଆଇନ ରହିଛି ଓ ସରକାରଙ୍କ ପ୍ରୋଜେକ୍ଟ ଏଲିଫ୍ୟାଣ୍ଟ ବି କାମ କରୁଛି। ମନେକରାଯାଉଥିଲା ଯେ, ଏହି ପଦକ୍ଷେପ ପରେ ହାତୀ ମୃତ୍ୟୁ ନିୟନ୍ତ୍ରଣକୁ ଆସିପାରିବ। କିନ୍ତୁ ତାହା ସମ୍ଭବ ହୋଇପାରୁନାହିଁ। ତେବେ ଏଭଳି ଏକ ସମ୍ବେଦନଶୀଳ ପ୍ରସଙ୍ଗକୁ ସମାଧାନ କରିବାକୁ ହେଲେ କେତେକ ଦିଗ ଉପରେ ବିଚାର କରିବାକୁ ହେବ। ଗତ ୨ଦଶନ୍ଧି ମଧ୍ୟରେ ଜଳବାୟୁ ପରିବର୍ତ୍ତନ ଯୋଗୁ ହାତୀଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ହୋଇଛି ଏବଂ ସେମାନଙ୍କ ପାଇଁ ଖାଦ୍ୟ ଓ ପିଇବା ପାଣିର ଅଭାବ ଦେଖାଯାଇଛି। ଅନ୍ୟ ପକ୍ଷରେ ଟ୍ରେନ୍ ଲାଇନ ଓ ରାସ୍ତାର ବିକାଶ ତଥା ସହର ଜଙ୍ଗଲମୁଖୀ ହେବା ଯୋଗୁ ସେମାନେ ଅସୁରକ୍ଷିତ ମଣୁଛନ୍ତି ଏବଂ ଜନବସତି ଆଡ଼କୁ ଚାଲିଆସୁଛନ୍ତି। ପ୍ରତିକାର ସ୍ୱରୂପ, ଜଙ୍ଗଲରେ କୃତ୍ରିମ ହ୍ରଦ ସୃଷ୍ଟି କରିବା ସହ ଖାଦ୍ୟ ପାଇଁ ବିଭିନ୍ନ ଫଳଜାତୀୟ ଗଛ ରୋପଣ କରାଯିବା ଦରକାର। ଶିକାରୀଙ୍କ ଉପରେ କଡ଼ା ନଜର ରଖିବା ଲାଗି ଅଧିକ ସଂଖ୍ୟକ ଫରେଷ୍ଟ ଗାର୍ଡ ସହିତ ଅତ୍ୟାଧୁନିକ କ୍ୟାମେରା ଭଳି ନୂତନ ପ୍ରଯୁକ୍ତି ମଧ୍ୟ ବ୍ୟବହାର କରାଯାଇପାରେ। ଏଥିସହ ସ୍ଥାନୀୟ ଲୋକଙ୍କୁ ସଚେତନ କରାଇବା ଏବଂ କୋର୍ ଏଲିଫ୍ୟାଣ୍ଟ ଜୋନ୍‌ରୁ ଜନବସତିକୁ ହଟାଇବା ଦିଗରେ ପଦକ୍ଷେପ ନେବା ଆବଶ୍ୟକ। ଶିକାରୀଙ୍କ ସମ୍ପର୍କରେ ଯିଏ ସୂଚନା ଦେବେ ସେମାନଙ୍କୁ ଆକର୍ଷଣୀୟ ଅର୍ଥ ପୁରସ୍କାର ଦିଆଗଲେ ପରିସ୍ଥିତିରେ ସୁଧାର ଆସିପାରନ୍ତା। ଏହା ବ୍ୟତୀତ ହାତୀ ଚଳପ୍ରଚଳ ଅଞ୍ଚଳରେ ଗ୍ରାମବାସୀଙ୍କୁ ସେହି ପ୍ରାଣୀର ସୁରକ୍ଷା ପାଇଁ ସରକାର ‘ହାତୀ ବନ୍ଧୁ’ର ମାନ୍ୟତା ସହ ଆର୍ଥିକ ପ୍ରୋତ୍ସାହନ ଦିଆଯାଉ। ଏହା ସହ ତାମିଲନାଡୁରେ ଟ୍ରେନ୍ ଦୁର୍ଘଟଣାରେ ହେଉଥିବା ହାତୀ ମୃତ୍ୟୁ ରୋକିବା ଲାଗି ଏଆଇ ଆଧାରିତ ପୂର୍ବ ସତର୍କ ସୂଚନା ଦେବାର ବ୍ୟବସ୍ଥା ଓଡ଼ିଶା ସରକାର ଆପଣାଇବା ନିହାତି ଜରୁରୀ। ହାତୀ ସୁରକ୍ଷା ନାମରେ ନୁହେଁ, କାମରେ ହେବାର ସମୟ ଆସିଲାଣି।


# ଧର୍ମନିରପେକ୍ଷତାରେ ପକ୍ଷପାତିତା



ବୃହସ୍ପତି ସାମଲ

ଦେଶର ବିଭିନ୍ନ ସମସାମୟିକ ପ୍ରସଙ୍ଗ ସହ ଧର୍ମ ଆଧାରରେ ଦେଶକୁ ଭାଗଭାଗ କରୁଥିବା ତଥା ଭେଦଭାବକୁ ପ୍ରଶ୍ରୟ ଦେଉଥିବା ନିୟମଗୁଡ଼ିକର ଆଧୁନିକ ସମାଜରେ କୌଣସି ସ୍ଥାନ ନାହିଁ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ଲାଲକିଲ୍ଲାରୁ ଅଠସ୍ତରିତମ ସ୍ୱାଧୀନତା ଦିବସର ଅଭିଭାଷଣ ରଖିବା ଅବସରରେ ପ୍ରଚଳିତ ନାଗରିକ ସଂହିତାକୁ ଏକ ଭେଦଭାବପୂର୍ଣ୍ଣ ସାମ୍ପ୍ରଦାୟିକ ସଂହିତା ଭାବେ ସେ ଅଭିହିତ କରି ଦେଶକୁ ଧାର୍ମିକ ବିଦ୍ୱେଷରୁ ଦୂରେଇ ରଖିବାକୁ ଏକ ଧର୍ମନିରପେକ୍ଷ ନାଗରିକ ସଂହିତାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଛନ୍ତି। ଉଚ୍ଚତମ ନ୍ୟାୟାଳୟ ମଧ୍ୟ ସମାନ ନାଗରିକ ସଂହିତା ଉପରେ ବହୁବାର ନିଜର ଟିପ୍ପଣୀ ରଖିଛନ୍ତି। ତେଣୁ ଭାରତୀୟ ସମ୍ବିଧାନର ୭୫ ବର୍ଷ ପୂର୍ତ୍ତି ପାଳନ ଅବସରରେ ଏଭଳି ପରିବର୍ତ୍ତନର ଆବଶ୍ୟକତା ଉପରେ ସମ୍ପ୍ରସାରିତ ଆଲୋଚନା ପାଇଁ ଦେଶବାସୀଙ୍କୁ ନିବେଦନ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଥରେ ଏହି ପରିବର୍ତ୍ତନ ହୋଇଗଲେ ଏହା ସମସ୍ତ ଧର୍ମୀୟ ଭେଦଭାବକୁ ଦୂର କରିବା ସହ ସାଧାରଣ ନାଗରିକଙ୍କ ମଧ୍ୟରେ ଥିବା ଦୂରତାକୁ କମେଇବାରେ ସହାୟକ ହେବ।

ଯେଉଁ ସମୟରେ ଭାରତ ସହ ସାରା ବିଶ୍ୱରେ ଧାର୍ମିକ ଉତ୍ତେଜନା ବୃଦ୍ଧି ପାଉଛି, ସେହିଭଳି ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ପ୍ରଧାନମନ୍ତ୍ରୀଙ୍କ ବକ୍ତବ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସାଧାରଣ ଜନତା ବି ସେଇ କଥା ଚାହାନ୍ତି କି ଦେଶରେ ଧର୍ମନିରପେକ୍ଷତା ସହ ସମ୍ବିଧାନ ପ୍ରଦତ୍ତ ନ୍ୟାୟ, ସ୍ୱତନ୍ତ୍ରତା, ସମାନତା ଓ ଭ୍ରାତୃତ୍ୱ ଭଳି ସମସ୍ତ ଗଣତାନ୍ତ୍ରିକ ମୂଲ୍ୟବୋଧ ଚିରକାଳ ଅକ୍ଷୁଣ୍ଣ ରହୁ। କିନ୍ତୁ ପ୍ରଧାନମନ୍ତ୍ରୀଙ୍କ ଏ ବକ୍ତବ୍ୟ ଉପରେ ଦେଶବାସୀଙ୍କ ମତାମତ ଯାହା ରହୁନା କାହିଁକି, ସରକାର ଚାହିଁଲେ ନିକଟ ଅତୀତରେ ବଦଳିଥିବା ଅନ୍ୟାନ୍ୟ ନିୟମକାନୁନ୍ ଭଳି ଏହା ମଧ୍ୟ ବଦଳି ଯିବା କିଛି ଅସମ୍ଭବ ନୁହେଁ। ହେଲେ ଯେଉଁ କଥା କୁହାଯାଉଛି, ସେହିଭଳି ସଂହିତା ପ୍ରଣୟନ କରିବା ଏବଂ ଧର୍ମନିରପେକ୍ଷତାକୁ ବଜାୟ ରଖି ସବୁ ଗୋଷ୍ଠୀ ଓ ସମ୍ପ୍ରଦାୟ ପାଇଁ ସମାନ ଭାବରେ ତାକୁ ଅକ୍ଷରେ ଅକ୍ଷରେ କାର୍ଯ୍ୟକାରୀ କରିବା ନେଇ ଅନେକ ସନ୍ଦେହ ତଥା ପ୍ରଶ୍ନବାଚୀ ସୃଷ୍ଟି ହେବା ସ୍ୱାଭାବିକ। କାରଣ ଅଧିକାଂଶ କ୍ଷେତ୍ରରେ ସରକାରୀ ନିୟମ ଓ ସେସବୁର କାର୍ଯ୍ୟକାରିତାରେ ପାତରଅନ୍ତର ଆଜିକାଲି ଏକ ସାଧାରଣ ଘଟଣା। ସମାନ ନିୟମକୁ ଭିନ୍ନଭିନ୍ନ ଢଙ୍ଗରେ ଲାଗୁ କରିବା ନେଇ ବହୁ ଉଦାହରଣ ଅଛି; କେଉଁଠି କିଏ ଫସିଗଲାଣି ତ ଆଉ କେଉଁଠି କିଏ ଖସିଗଲାଣି। ସମାନ ନିୟମରେ କେତେବେଳେ କେଉଁ ବ୍ୟକ୍ତି ବା ଅନୁଷ୍ଠାନକୁ ଅଯଥା ଅନୁଗ୍ରହ ପ୍ରାପ୍ତ ହେଉଛି ତ ଅନ୍ୟ କାହାପାଇଁ ଦୃଷ୍ଟିଭଙ୍ଗୀ ବଦଳି ଯାଉଛି। ଧର୍ମନିରପେକ୍ଷତାକୁ ଆଖି ଆଗରେ ରଖି ଗୋଟିଏ ଉଦାହରଣରୁ ଆଲୋଚନାକୁ ଆଗକୁ ନେବା ଉଚିତ ହେବ।



ଉତ୍ତମ ଆଚରଣ ଓ ଉଚ୍ଚାରଣ ସହ ସରକାରୀ ଚାକିରିରେ ସତ୍ୟନିଷ୍ଠ, ଶୋଭନୀୟତା, ଶିଷ୍ଟତା, ତତ୍ପରତା, ନିରପେକ୍ଷତା ଓ କର୍ତ୍ତବ୍ୟପରାୟଣତା ଆଦି ବଜାୟ ରଖିବା ପାଇଁ କେନ୍ଦ୍ର ସରକାର ସାମରିକ, ରେଳବାଇ ଏବଂ ସର୍ବଭାରତୀୟ ସେବା ଅନ୍ତର୍ଭୁକ୍ତ ତଥା କିଛି ନିର୍ଦ୍ଦିଷ୍ଟ ଅଧିନିୟମରେ କାର୍ଯ୍ୟ କରୁଥିବା କର୍ମଚାରୀଙ୍କ ପାଇଁ ଅଲଗା ଅଲଗା ଆଚରଣ ବିଧି ପ୍ରଣୟନ କରିଛନ୍ତି। ହେଲେ ଅନ୍ୟ ସମସ୍ତ କର୍ମଚାରୀଙ୍କ ପାଇଁ କେନ୍ଦ୍ରୀୟ ବେସାମରିକ ସେବା (ଆଚରଣ) ନିୟମାବଳୀ, ୧୯୬୪ ପ୍ରଣୟନ କରାଯାଇଛି। ଯେକୌଣସି କର୍ମଚାରୀଙ୍କୁ ଦିଆଯାଇଥିବା ନିର୍ଦ୍ଦିଷ୍ଟ କ୍ଷମତାର ପ୍ରୟୋଗ ପୂର୍ବକ ବ୍ୟକ୍ତିଗତ ସ୍ୱାର୍ଥ ଓ ଲିଙ୍ଗଗତ ଭେଦଭାବରୁ ଊର୍ଦ୍ଧ୍ୱରେ ଏବଂ ଦେଶ ତଥା ଦଶର ସ୍ୱାର୍ଥରେ ନିଜ ବିବେକ ଓ ବୁଦ୍ଧିର ସର୍ବୋତ୍ତମ ପ୍ରୟୋଗ ଦ୍ୱାରା ସମ୍ପୂର୍ଣ୍ଣ ଧର୍ମନିରପେକ୍ଷତାର ସହ ପ୍ରତ୍ୟେକଟି ସରକାରୀ କାର୍ଯ୍ୟକୁ ଶୃଙ୍ଖଳିତ ଭାବେ ସ୍ୱଚ୍ଛତାର ସହ ସମ୍ପାଦନ କରିବା ଏହି ନିୟମାବଳୀର ଲକ୍ଷ୍ୟ। ସର୍ବୋପରି ୧୯୬୪ର ଏହି ନିୟମାବଳୀର ଧାରା- ୫ରେ କୌଣସି ରାଜନୈତିକ ଦଳ ବା ରାଜନୀତିରେ ଭାଗ ନେଉଥିବା କୌଣସି ସଂଗଠନର ସଦସ୍ୟତା ଗ୍ରହଣ କରିବାକୁ ଅଥବା କୌଣସି ରାଜନୈତିକ କାର୍ଯ୍ୟକ୍ରମରେ ଭାଗନେବାକୁ କିମ୍ବା ଏଭଳି ଦଳୀୟ ବା ସାଂଗଠନିକ କାର୍ଯ୍ୟକ୍ରମକୁ ଆର୍ଥିକ ସାହାଯ୍ୟ ପ୍ରଦାନ କରିବାକୁ କର୍ମଚାରୀମାନଙ୍କୁ ସିଧାସଳଖ ବାରଣ କରାଯାଇଛି। କୌଣସି ଦଳ ରାଜନୈତିକ ଦଳ କି ନୁହେଁ କିମ୍ବା କୌଣସି ସଂଗଠନ ରାଜନୀତିରେ ଭାଗ ନେଉଛି କି ନାହିଁ ବା ଏହାର ଗତିବିଧି ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ କି ନୁହେଁ, ଏ ସଂକ୍ରାନ୍ତରେ କେନ୍ଦ୍ର ସରକାରଙ୍କ ନିର୍ଣ୍ଣୟ ହିଁ ଅନ୍ତିମ।

ଏହି କ୍ରମରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍) ଓ ଜମାତ-ଏ-ଇସ୍‌ଲାମି ଭଳି ଦୁଇଟି ସଂଗଠନରେ ସରକାରୀ କର୍ମଚାରୀମାନଙ୍କୁ ସଦସ୍ୟ ନ ହେବାକୁ ଏବଂ ଏମାନଙ୍କର କୌଣସି କାର୍ଯ୍ୟକ୍ରମରେ ଭାଗ ନ ନେବାକୁ ଧାରା-୫ର ଉପଧାରା-୧୨ରେ ସ୍ପଷ୍ଟ ଉଲ୍ଲେଖ କରିଛନ୍ତି। ଏହାସହ ୩୦ ନଭେମ୍ବର ୧୯୬୬ରୁ ଗୃହ ମନ୍ତ୍ରଣାଳୟ ଦ୍ୱାରା ସବୁ ବିଭାଗକୁ ନିର୍ଦ୍ଦେଶନାମା ଜାରି କରି ପରବର୍ତ୍ତୀ ସମୟରେ (୨୫ ଜୁଲାଇ ୧୯୭୦ ଓ ୨୮ ଅକ୍ଟୋବର ୧୯୮୦) ସେସବୁକୁ ଦୋହରେଇଛନ୍ତି। ସ୍ପଷ୍ଟ ଆଲୋଚନା ମାଧ୍ୟମରେ ସରକାର ଉପଧାରା-୧୨ରେ ଲିପିବଦ୍ଧ କରିଛନ୍ତି ଯେ ସରକାରୀ କର୍ମଚାରୀଙ୍କ ପକ୍ଷେ ଧର୍ମନିରପେକ୍ଷ ଦୃଷ୍ଟିକୋଣ ବଜାୟ ରଖିବା ସର୍ବାଧିକ ମହତ୍ତ୍ୱପୂର୍ଣ୍ଣ। ସାମ୍ପ୍ରଦାୟିକ ଭାବନାର ମୂଳୋତ୍ପାଟନ କରିବା ସରକାରଙ୍କ ଏକମାତ୍ର ଲକ୍ଷ୍ୟ। କୌଣସି ସାମ୍ପ୍ରଦାୟିକ ସଂଗଠନକୁ ପ୍ରୋତ୍ସାହିତ କରିବା କିମ୍ବା ସାମ୍ପ୍ରଦାୟିକତା ଆଧାରରେ କୌଣସି ଆବେଦନ ନିବେଦନକୁ ଧ୍ୟାନ ଦେବା ସରକାରଙ୍କ ଉଦ୍ଦେଶ୍ୟ ନୁହେଁ। ଯଦି କୌଣସି କର୍ମଚାରୀ ଉପରୋକ୍ତ ନିର୍ଦ୍ଦେଶ ବିରୋଧରେ ଯା’ନ୍ତି, ତେବେ କଡ଼ା ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନର ସମ୍ମୁଖୀନ ହେବେ।

କିନ୍ତୁ ୯ ଜୁଲାଇ ୨୦୨୪ରେ କେନ୍ଦ୍ର ସରକାରଙ୍କ କାର୍ମିକ ଓ ପ୍ରଶିକ୍ଷଣ ବିଭାଗ ଏକ ନିର୍ଦ୍ଦେଶନାମା ଜାରି କରି କେବଳ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଉପରୁ ଉପରୋକ୍ତ ପ୍ରତିବନ୍ଧକ ଉଠେଇ ନେଇଛନ୍ତି। ଅର୍ଥାତ୍ ଏବେ ସରକାରୀ କର୍ମଚାରୀମାନେ ବିନା ପ୍ରତିବନ୍ଧକରେ ଆର୍‌ଏସ୍‌ଏସ୍‌ର ସଭ୍ୟ ପଦ ଗ୍ରହଣ କରିବା ସହ ତା’ର ସମସ୍ତ କାର୍ଯ୍ୟକ୍ରମରେ ଭାଗନେଇପାରିବେ। ଆର୍‌ଏସ୍‌ଏସ୍ ଉପରୁ ପ୍ରତିବନ୍ଧକ ଉଠେଇ ସରକାର ଏକତରଫା ଭାବେ ନିଜେ ପ୍ରଣୟନ କରିଥିବା କେନ୍ଦ୍ରୀୟ ବେସାମରିକ ସେବା(ଆଚରଣ) ନିୟମାବଳୀ, ୧୯୬୪ର ଖୋଲା ଉଲ୍ଲଂଘନ କରିବା ସହ ଧର୍ମନିରପେକ୍ଷତାକୁ ନିରୁତ୍ସାହିତ କରୁଛନ୍ତି। ଏହା ଭାତହାଣ୍ଡିରୁ ଗୋଟିଏ ଚିପିଲା ଭଳି।

ସ୍ୱାଧୀନ ଭାରତର ସରକାର କୋଣସି ନିର୍ଦ୍ଦିଷ୍ଟ ବ୍ୟକ୍ତି, ଦଳ, ଗୋଷ୍ଠୀ, ସଂଗଠନ ବା ସମ୍ପ୍ରଦାୟର ମାଲିକାନାରେ ନୁହେଁ ବରଂ ସାଧାରଣ ଜନତାଙ୍କର, ଜନତାଙ୍କ ଦ୍ୱାରା ଓ ଜନତାଙ୍କ ପାଇଁ। ତେଣୁ ପ୍ରଧାନମନ୍ତ୍ରୀ ଧର୍ମନିରପେକ୍ଷ ନାଗରିକ ସଂହିତାର ପ୍ରଣୟନ କଥା ଉଠେଇବା ପୂର୍ବରୁ ଧର୍ମନିରପେକ୍ଷତାକୁ ବଜାୟ ରଖିବା ପାଇଁ ଉପରୋକ୍ତ ମହଜୁଦା ନିୟମାବଳୀ କିଭଳି ଏକ ନିର୍ଦ୍ଦିଷ୍ଟ ସଂଗଠନ ଉଦ୍ଦେଶ୍ୟରେ ରାତାରାତି ବଦଳିଗଲା ତାକୁ ସମୀକ୍ଷା କରିବାର ଆବଶ୍ୟକତା ଥିଲା। ନିୟମ ପ୍ରଣୟନ କରିବାରେ କିଛି ବିଚିତ୍ରତା ନାହିଁ। ପ୍ରଗତିର ଅନ୍ୟ ନାମ ପରିବର୍ତ୍ତନ। ତେଣୁ ପରିବର୍ତ୍ତିତ ପରିସ୍ଥିତିକୁ ଲକ୍ଷ୍ୟ ରଖି ଦେଶର ହିତରେ ପୁରୁଣା ନିୟମ ବଦଳିବା ଅତି ସ୍ୱାଗତଯୋଗ୍ୟ। କିନ୍ତୁ ତାହା ଯଦି ଦଳୀୟ ସ୍ୱାର୍ଥରୁ ଊର୍ଦ୍ଧ୍ୱରେ ଦେଶର ହିତ ସାଧନ ନ କରି ଏକ ନିର୍ଦ୍ଦିଷ୍ଟ ସଂଗଠନ କି ସମ୍ପ୍ରଦାୟର ସ୍ୱାର୍ଥ ରକ୍ଷାରେ ଲାଗୁ କରାଯାଏ, ତେବେ ଏହା ଉଭୟ ଗଣତନ୍ତ୍ର ଓ ସମ୍ବିଧାନର ଅମର୍ଯ୍ୟାଦା କହିଲେ ଅତ୍ୟୁକ୍ତି ହେବନାହିଁ।

ମୋ: ୯୪୩୭୦୨୨୬୬୯

# ଧ୍ୱଂସ ନ ହେଉ ମାନବାତ୍ମା



ମୀରା ବେଉରା

ବିଜ୍ଞାନର ଅଗ୍ରଗତି ମନୁଷ୍ୟସମାଜକୁ ସବୁ ସୁଖ ସୁବିଧା ଯୋଗାଇଛି। ଯଦି ଏହି ପୃଥିବୀରେ ପ୍ରାଣିଜଗତ ଓ ଉଦ୍ଭିଦଜଗତ ଭିତରେ ପ୍ରାକୃତିକ ଭାରସାମ୍ୟ ନ ରହେ, ତେବେ ଉଭୟ ମନୁଷ୍ୟ, ଜୀବଜନ୍ତୁ ଓ ବୃକ୍ଷଲତା ପ୍ରତି ବିପଦ ସୃଷ୍ଟି ହେବ। ଗୋଟିଏ ପଟରେ ଆମେ ଚନ୍ଦ୍ରପୃଷ୍ଠରେ ପାଦ ଥାପି ଗର୍ବରେ ଫାଟି ପଡୁଥିବା ବେଳେ ଆଉ ଗୋଟିଏ ପଟେ ମଣିଷ ପ୍ରକୃତି ମା’ ପ୍ରତି ବାରମ୍ବାର ଅତ୍ୟାଚାର କରି ଚାଲିଛି। ଆଜି ପ୍ରକୃତିକୁ ସମ୍ପୂର୍ଣ୍ଣ ଧ୍ୱଂସ କରିବାକୁ ଯେମିତି ଏ ଆଧୁନିକ ମଣିଷ ପ୍ରତିଶ୍ରୁତିବଦ୍ଧ ହୋଇଛି। ମଣିଷ ଭୁଲିଯାଉଛି ଯେ ତା’ଜୀବନ ଗଢ଼ା ହୁଏ ପଞ୍ଚଭୂତରୁ। ମାଟି, ପାଣି, ପବନ, ଜଳ ଓ ଅଗ୍ନିରୁ। ପୃଥିବୀକୁ ଘେରି ରହିଥିବା ଏହି ପଞ୍ଚଭୂତ ହିଁ ପରିବେଶ। ଆମ ପରିବେଶର ପ୍ରତ୍ୟେକଟି ଉପାଦାନର ବଳିଷ୍ଠ ଭୂମିକା ରହିଛି। ଯେମିତିକି ମାଟି କୁହେ କୁମ୍ଭାରକୁ, ‘ତୁ ମୋତେ କ’ଣ ଚକଟିବୁ, ମୁଁ ତତେ ଦିନେ ମୋ ଗର୍ଭରେ ରୁନ୍ଧିଦେବି। ମୋ ସହ ଦିନେ ତୁ ବି ମିଶିଯିବୁ।’ ପାଠକ ବନ୍ଧୁ, ଆଜି ପ୍ରକୃତିର ଭାରସାମ୍ୟ ନ ରହିବାରୁ ପୃଥିବୀରେ ପରିବେଶ ସୁରକ୍ଷା ପରି ଏକ ଗୁରୁତର ପ୍ରଶ୍ନ ଆମ ସମ୍ମୁଖରେ ଦେଖାଦେଇଛି। ସାମାଜିକ, ସାଂସ୍କୃତିକ, ବୌଦ୍ଧିକ, ଆଧ୍ୟାତ୍ମିକ, ରାଜନୈତିକ, ଶିକ୍ଷାଗତ କ୍ଷେତ୍ରରେ ମଧ୍ୟ ମାନବିକ ମୂଲ୍ୟବୋଧ ହ୍ରାସ ପାଇଛି। ପ୍ରଦୂଷଣ ମଧ୍ୟ ଆମ ଭୌଗୋଳିକ ଓ ସାମାଜିକ ଜୀବନକୁ ଅଣନିଃଶ୍ୱାସୀ କରି ପକାଇଛି।

ସହର, ଗାଁ, ଜଙ୍ଗଲ, ସ୍କୁଲ, କଲେଜ, କାର୍ଯ୍ୟାଳୟ, ଅଫିସ, ରେଳଷ୍ଟେଶନ, ବସ୍‌ଷ୍ଟେଶନ, ନଦୀ, ପୋଖରୀ, ହ୍ରଦ ଆଦି ସବୁ ଆଜି ପ୍ରଦୂଷିତ। ବର୍ତ୍ତମାନ ଦେଶର ରାଜଧାନୀ ଦିଲ୍ଲୀ ସହରର ତାପମାତ୍ରା ଆଜି ୫୨୦ ସେଲ୍‌ସିଅସ୍‌ରେ ରହି ସବୁଠାରୁ ଉତ୍ତପ୍ତ ନଗରୀ ରୂପେ ଗଣାଯାଉଛି। ଋତୁଚକ୍ରରେ ଏବେ ଘୋର ଅନିୟମିତତା। କେବଳ ଭାରତ ନୁହେଁ, ପୃଥିବୀର ପ୍ରାୟତଃ ମରୁ ଅଞ୍ଚଳ- ଆଫ୍ରିକା, ଅଷ୍ଟ୍ରେଲିଆଠାରୁ ଆରମ୍ଭ କରି ୟୁରୋପ ପର୍ଯ୍ୟନ୍ତ ସବୁଆଡ଼େ ଜଳବାୟୁରେ ବିରାଟ ପରିବର୍ତ୍ତନ। ଏ ପୃଥିବୀ ଉତ୍ତପ୍ତ କାହିଁକି? ଆଧୁନିକ ମଣିଷ ହିଁ ଏଥିପାଇଁ ପ୍ରଥମେ ଦାୟୀ। ଏହି ଆଧୁନିକ ମଣିଷର ଜୀବନଶୈଳୀ ହିଁ ଆମର ସବୁଜ ସୁନ୍ଦର ପୃଥିବୀକୁ ଧ୍ୱଂସସ୍ତୂପରେ ପରିଣତ କରିଦେଉଛି। ଏଇଠି ମନେପଡ଼େ ବୈଜ୍ଞାନିକ ଷ୍ଟିଫେନ୍ ହକିନଙ୍କ କଥା। ସେ କହିଥିଲେ, ‘‘ଆଧୁନିକ ମଣିଷ ଖୁବ୍‌ଶୀଘ୍ର ନିଜ ପାଇଁ ବିଶ୍ୱ ବ୍ରହ୍ମାଣ୍ଡର ଆଉ ଗୋଟିଏ ଗ୍ରହ ଯୋଗାଡ଼ କରୁ। ଯଦି ପୃଥିବୀ ଧ୍ୱଂସ ହେବା ପୂର୍ବରୁ ଆମେ ସଚେତନ ନ ହେବା, ତେବେ ୨୦୦ ବର୍ଷ ପୂରିବା ପୂର୍ବରୁ ଏ ମଣିଷ ଜାତିର ଭବିଷ୍ୟତ କ’ଣ ଘଟିବ କେହି କହିପାରିବେ ନାହିଁ। ଆଉ କିଛି ବର୍ଷ ପରେ ସମଗ୍ର ଜୀବଜଗତ ପୂରାପୂରି ଧ୍ୱଂସ ପାଇଯିବ। ଏହି ଧ୍ୱଂସର କାରଣଗୁଡ଼ିକ ହେଲା ମନୁଷ୍ୟ ଉପଯୋଗୀ ବାସସ୍ଥାନର ଅଭାବ, ପରମାଣୁ ଯୁଦ୍ଧ ମାଧ୍ୟମରେ ମଣିଷ ଜାତିର ଧ୍ୱଂସ, ପୃଥିବୀ ସହ ଗ୍ରହାଣୁପୁର ସଂଘର୍ଷର ସମ୍ଭାବନା।’’ ଏଇଠି ପ୍ରଶ୍ନଟିଏ ଆସୁଛି। ଯଦି ପୃଥିବୀ ଆମକୁ ବଞ୍ଚେଇ ରଖିବା ପାଇଁ ଏକମାତ୍ର ସବୁଜ ଶ୍ୟାମଳ ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୂର ଗ୍ରହ, ତେବେ ତାହାର କାହିଁକି ଆମେ ଯତ୍ନ ନ ନେବା? କାହିଁକି ତାକୁ ଆହୁରି ସବୁଜ ସବୁଜିମାରେ ଭରି ନ ଦେବା? ଆମ ସୁନ୍ଦର ପୃଥିବୀକୁ ସୁରକ୍ଷା ଦେବା କ’ଣ ଆମର ଦାୟିତ୍ୱ ନୁହେଁ କି? ସହର ହେଉ ବା ଗାଁ ରାସ୍ତାକୁ ବିସ୍ତୀର୍ଣ୍ଣ କରିବାକୁ ଯାଇ ଆମେ ନଦୀ ନାଳକୁ ପୋତି ସାରିଲୁଣି ଓ ଜଙ୍ଗଲକୁ କାଟି ସଫା କରିସାରିଲୁଣି। ଶିଳ୍ପାୟନ, ଜନସଂଖ୍ୟା ବୃଦ୍ଧି, ଅରଣ୍ୟ ସଂପଦର ଅବକ୍ଷୟ, ଯାନବାହନର ଆଶାତୀତ ବୃଦ୍ଧି, ବାରମ୍ବାର ବୈଜ୍ଞାନିକ ପରୀକ୍ଷାନିରୀକ୍ଷା ଆଦି ଆମ ପରିବେଶକୁ ସଂପୂର୍ଣ୍ଣ ଧ୍ୱଂସ କରିସାରିଲାଣି।



୧୯୭୭ ମସିହା ଅକ୍ଟୋବରରେ ରୁଷିଆଠାରେ ଆନ୍ତର୍ଜାତିକ ପରିବେଶ ଶିକ୍ଷା କାର୍ଯ୍ୟକ୍ରମ ଉପରେ ପ୍ରଥମ କରି ଏକ ସମ୍ମିଳନୀ ଆରମ୍ଭ ହୋଇଥିଲା। ସ୍କୁଲ କଲେଜ ସ୍ତରରେ ବିଭିନ୍ନ ପ୍ରକାର ସେମିନାର, ପରିବେଶ ପ୍ରଦର୍ଶନୀ, ଆଲୋଚନା ଚକ୍ର, ପରିଭ୍ରମଣ, ଜୁନ୍ ୫ରେ ପରିବେଶ ଦିବସ ପାଳନ ଇତ୍ୟାଦି ଦ୍ୱାରା ସମସ୍ତଙ୍କୁ ସଚେତନ କରାଯାଉଛି। ଗଣମାଧ୍ୟମଗୁଡ଼ିକ ମଧ୍ୟ ଯେମିତି କି ସମ୍ବାଦପତ୍ର, ଦୂରଦର୍ଶନ, ରେଡିଓ, ଖବରକାଗଜ ଇତ୍ୟାଦିର ଭୂମିକା ମଧ୍ୟ କିଛି କମ୍ ନୁହେଁ। ତଥାପି କେବଳ ଗଛଟିଏ ଲଗାଇ ଦେଇ ତାର ଫଟୋଟିକୁ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରିଦେଲେ ବା ପରିବେଶ ସମ୍ବନ୍ଧୀୟ ସମ୍ମିଳନୀଟିଏ ଆୟୋଜିତ କରି ବକ୍ତାଭାବେ ଭାଷଣବାଜି କଲେ ଏ ସମସ୍ୟାର ସମାଧାନ ହୋଇ ପାରିବ ନାହିଁ। ଏଥିପାଇଁ ବୃକ୍ଷରୋପଣ ସହିତ ତା’ର ଯତ୍ନ ନେବା ଆବଶ୍ୟକ। ମନେ ରଖିବାକୁ ହେବ ଯେ, ଏହି ସବୁଜ ସୁନ୍ଦର ପୃଥିବୀ ସମାନ ଆଉ ଗୋଟିଏ ଗ୍ରହକୁ ଆମେ ପାଇପାରିବା ନାହିଁ। ଏହାର ସନ୍ଧାନ କରିବାକୁ ଆମକୁ ଆହୁରି କୋଟି କୋଟି ବର୍ଷ ଲାଗିଯାଇପରେ। ସେ ପର୍ଯ୍ୟନ୍ତ ଏ ମଣିଷ ତିଷ୍ଠିଲେ ତ?

ଆମେ କଦାପି ଭୁଲିଯିବା ନାହିଁ ଯେ ବଞ୍ଚିବା ପାଇଁ ଯେଉଁ ପରିବେଶ ଲୋଡ଼ା, ତାହା କେବଳ ପୃଥିବୀରେ ଅଛି। ପୃଥିବୀ ଯଦି ପ୍ରାକୃତିକ କାରଣ ଯୋଗୁଁ ଧ୍ୱଂସ ହୁଏ, ତେବେ ଆମର କିଛି କରିବାର ନାହିଁ। କିନ୍ତୁ ଯଦି ଏହା ମନୁଷ୍ୟକୃତ ହୁଏ, ତେବେ ପରବର୍ତ୍ତୀ ମାନବ ସଭ୍ୟତା ଆମକୁ କଦାପି କ୍ଷମା ଦେବ ନାହିଁ। ଅନେକ ପଶୁପକ୍ଷୀ ଏବେ ସଂପୂର୍ଣ୍ଣ ବିଲୋପ ହୋଇ ଗଲେଣି। ଘରଚଟିଆ, ବାଇଚଢ଼େଇ, ବାଦୁଡ଼ି ପ୍ରାୟତଃ ବହୁତ କମିଗଲେଣି। ମଣିଷ ଏତେ ସ୍ୱାର୍ଥପର ହୋଇଯାଇଛି ଯେ ସେ ଅନେକ ପଶୁପକ୍ଷୀଙ୍କୁ ଧ୍ୱଂସ କରି ସାରିଲାଣି। ଏପରି କି ପ୍ରତି ଅଧଘଣ୍ଟାରେ ପୃଥିବୀରେ ଗୋଟିଏ ପ୍ରଜାତିର ଉଦ୍ଭିଦକୁ ଆମେ ହରାଇ ଚାଲିଛୁ। ପ୍ରତି ଏକ ଘଣ୍ଟାରେ ପୃଥିବୀ ପୃଷ୍ଠର ୪୭ କିଲୋ ମିଟର ଅଞ୍ଚଳର ଜଙ୍ଗଲ ଧ୍ୱଂସ ହେଉଛି। ଗୋଟିଏ ପଟେ ମଣିଷ ସଂଖ୍ୟା ବୃଦ୍ଧି ପାଉଥିବା ବେଳେ ଆଉ ଗୋଟିଏ ପଟେ ଜୀବଜନ୍ତୁ ଓ ଉଦ୍ଭିଦଜଗତ ଲୋପ ପାଉଛି। ଏପରି ପରିସ୍ଥିତିରେ ପୃଥିବୀର ଭାରସାମ୍ୟ କିପରି ସମ୍ଭବ ହେବ? ତେଣୁ ଏ ମଣିଷ ଯଦି ନିଜେ ନିଜର ମୃତ୍ୟୁର କାରଣ ହେବ, ତେବେ ଈଶ୍ୱର ବା କ’ଣ କରିବେ?

ରଘୁନାଥଜୀଉ ମହାବିଦ୍ୟାଳୟ,
ଦେଉଳସାହି, କଟକ
ମୋ: ୭୮୪୬୯୨୧୪୦୦

## ଏଇ ଭାରତରେ

ମୃତ୍ୟୁ ପରେ ସ୍ୱାମୀଙ୍କୁ ମନେରଖିବା ଲାଗି ସ୍ତ୍ରୀ ଏକ ଆମ୍ବୁଲାନ୍ସ ସେବା ଚଲାଇଛନ୍ତି। ଏହି ମହିଳା ହେଉଛନ୍ତି ରାଜକୋଟର ସଙ୍ଗୀତା ହରେଶ ଶାହା। ସହରରେ ଯେକୌଣସି ଗରିବ ତଥା ଅସହାୟ ରୋଗୀଙ୍କୁ ସେ ଆମ୍ବୁଲାନ୍ସ ସେବା ଯୋଗାଇ ଦେଉଛନ୍ତି। ତାଙ୍କ ସ୍ୱାମୀ ରାଜକୋଟରେ ଚାକିରି କରିଥିଲେ। କରୋନା ମହାମାରୀ ସମୟ ୨୦୨୧ରେ ତାଙ୍କର ମୃତ୍ୟୁ ହୋଇଥିଲା। ଏହାପରେ ତାଙ୍କ ସଞ୍ଚିତ ଅର୍ଥକୁ ସଙ୍ଗୀତା ନିଜ କାମରେ ନ ଲଗାଇ ଗରିବ ଲୋକଙ୍କ ସେବା କରିବାକୁ ନିଷ୍ପତ୍ତି ନେଇଥିଲେ। ସେ ନିଜ ଅର୍ଥରେ ଏକ କାର୍ କିଣି ତାହାକୁ ଆମ୍ବୁଲାନ୍ସ କରିଛନ୍ତି। ଅନ୍ୟପକ୍ଷରେ ସକ୍ଷମ ବ୍ୟକ୍ତିମାନେ କେବଳ ଡ୍ରାଇଭର ଓ ଡିଜେଲ ଖର୍ଚ୍ଚ ଦେଇ ଆମ୍ବୁଲାନ୍ସ ସେବା ପାଇପାରୁଛନ୍ତି। ଏହି ଆମ୍ବୁଲାନ୍ସ ରାଜକୋଟ ସିଭିଲ୍ ହସ୍ପିଟାଲ ନିକଟରେ ରହୁଛି ଓ ଏହାକୁ ଆଖପାଖ ଗାଁର ଲୋକେ ଜରୁରୀ ଚିକିତ୍ସା ଲାଗି ନେଉଛନ୍ତି। ଏହି ଆମ୍ବୁଲାନ୍ସରେ ସଙ୍ଗୀତା ନିଜ ପତିଙ୍କ ଫଟୋ ଲଗାଇଛନ୍ତି। ଲୋକଙ୍କ ସହଯୋଗ ମିଳିଲେ ସେ ଆଗାମୀ ଦିନରେ ଏହି ଆମ୍ବୁଲାନ୍ସ ସେବାକୁ ବଢ଼ାଇବା ଲାଗି ଯୋଜନା କରିଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୨୧ ଅଗଷ୍ଟ ୧୯୭୫

- ଶକ୍ତିଚାଳିତ ବୋଟ୍ ନେଇ ଧାମରାଠାରୁ ସମୁଦ୍ର ଭିତରକୁ ମାଛ ଧରିବା ପାଇଁ ଯାଉଥିବା ୩୭ ଜଣ ଧୀବର ନିଖୋଜ।
- ୧୨୮ ଯାତ୍ରୀଙ୍କୁ ନେଇ ଯାଉଥିବା ଚେକୋସ୍ଲୋଭାକିଆ ଏୟାର ଲାଇନ୍ସର ଏକ ଜେଟ୍ ଦୁର୍ଘଟଣାଗ୍ରସ୍ତ ହୋଇ ଜଳିଯିବା ଫଳରେ ୧୨୬ ଯାତ୍ରୀଙ୍କ ମୃତ୍ୟୁ।
- ପାକିସ୍ତାନୀ ସଶସ୍ତ୍ର ବାହିନୀର ଜଣେ ସେନାଧକ୍ଷ ଜେନେରାଲ ଅମୀର ଅବ୍‌ଦୁଲା ଖାଁ ନିଆଜି ସୈନ୍ୟବାହିନୀରୁ ବରଖାସ୍ତ।

## ଚିରନ୍ତନୀ

ରୂପସୀ ଖେଳ କିଏ ରୂପର ଖେଳନା
ନୟନେ ଭରି ଦେଇ ରସର ଝରଣା
ଅଧରେ ଗୋଲାପର ମରିଛି କଳିକା
ଦଶନେ ଫୁଟିଉଠେ ପ୍ରଦୋଷ ମଲ୍ଲିକା
ଶୁଭ୍ର ବାସେ ତବ ଜଡ଼ିଛି ବାସନା
ରୂପସୀ ଖେଳ କିଏ ରୂପର ଖେଳନା।
-(ସୁଦୂର ଗାନ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 5 | 6 | | | | | 8 | | 2 |
| | | 9 | | | | 4 | 6 | |
| | | | | | | 7 | 1 | |
| | | | 8 | | | | | |
| | 1 | | | 6 | 3 | | | |
| 4 | | | | 9 | | | 3 | 7 |
| | | | | 1 | | | 4 | |
| | | | 6 | | | 2 | | |
| 7 | 3 | | | | 4 | 6 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 8 | 4 | 1 | 2 | 6 | 5 | 9 | 7 |
| 6 | 2 | 5 | 3 | 9 | 7 | 1 | 8 | 4 |
| 1 | 7 | 9 | 4 | 8 | 5 | 3 | 2 | 6 |
| 8 | 9 | 3 | 7 | 1 | 2 | 4 | 6 | 5 |
| 4 | 6 | 2 | 9 | 5 | 3 | 8 | 7 | 1 |
| 5 | 1 | 7 | 6 | 4 | 8 | 9 | 3 | 2 |
| 9 | 4 | 6 | 8 | 7 | 1 | 2 | 5 | 3 |
| 7 | 5 | 1 | 2 | 3 | 9 | 6 | 4 | 8 |
| 2 | 3 | 8 | 5 | 6 | 4 | 7 | 1 | 9 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଅନ୍ୟ ରାଜ୍ୟ ଉପରେ ନିର୍ଭରଶୀଳ କାହିଁକି

ମହାଶୟ,

ଓଡ଼ିଶାର ଜଳବାୟୁ ଉପକୂଳବର୍ତ୍ତୀ ହୋଇଥିବାରୁ କୃଷିକାର୍ଯ୍ୟ ପାଇଁ ମଧ୍ୟ ଉପଯୁକ୍ତ। କୃଷି କାର୍ଯ୍ୟ ପାଇଁ ଉପଯୁକ୍ତ ହେବା ସତ୍ତ୍ୱେ ସବୁବେଳେ ପନିପରିବା ବା ଅନ୍ୟାନ୍ୟ ଦ୍ରବ୍ୟ ପାଇଁ କାହିଁକି ଅନ୍ୟ ରାଜ୍ୟ ଉପରେ ନିର୍ଭରଶୀଳ ହେବାକୁ ପଡୁଛି। ବର୍ତ୍ତମାନ ରାଜ୍ୟରେ ଆଳୁ ସଂକଟ ମୁଣ୍ଡ ଟେକିଛି। ଆଳୁ ପାଇଁ ପଶ୍ଚିମବଙ୍ଗ ସରକାର ଉପରେ ନିର୍ଭରଶୀଳ ଆମ ରାଜ୍ୟ। ଉତ୍ତରପ୍ରଦେଶରୁ ଯଦିବା ଆଳୁ ଆସୁଛି ଦରଦାମ ଅଧିକ ହେବାରୁ ସାଧାରଣ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପଶ୍ଚିମବଙ୍ଗରୁ ଫୁଲ ଆସୁଛି। ଏତଦ୍‌ବ୍ୟତୀତ ପିଆଜ ପାଇଁ ମହାରାଷ୍ଟ୍ର ଏବଂ ମାଛ ପାଇଁ ଆନ୍ଧ୍ରପ୍ରଦେଶ ଉପରେ ଓଡ଼ିଶା ନିର୍ଭରଶୀଳ କାହିଁକି। ତା’ ହେଲେ ଆମ ରାଜ୍ୟର ମାଟିରେ କ’ଣ ଉତ୍ପାଦନ କ୍ଷମତା ନାହିଁ। ଅନ୍ୟ ଭାଷାରେ କହିବାକୁ ହେଲେ ଆମେ ନିଜେ ଏସବୁ ପାଇଁ ଦାୟୀ। ଆମ ରାଜ୍ୟରେ ସବୁ ସୁବିଧା ଯଦି ରୁହନ୍ତା ତା’ ହେଲେ ଏତେ ନିର୍ଭରଶୀଳ ହେବାକୁ ପଡ଼ନ୍ତା ନାହିଁ। ରାଜ୍ୟ ସରକାର ଏଥିପ୍ରତି ଦୃଷ୍ଟି ଦିଅନ୍ତୁ। ଚାଷୀଭାଇମାନଙ୍କ ପାଇଁ ସ୍ୱତନ୍ତ୍ର ବନ୍ଦୋବସ୍ତ ହେଉ। ସବୁବେଳେ ଅନ୍ୟ ରାଜ୍ୟ ଉପରେ ନିର୍ଭରଶୀଳ ହେବା ଯୁକ୍ତିଯୁକ୍ତ ନୁହେଁ।

-ପୁଷ୍ପା ମହାନ୍ତି, ସାଇ ବିହାର, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ପରିବହନ ବିଭାଗର ସଚେତନତା କାର୍ଯ୍ୟକ୍ରମ

କୋରୁକୋଣ୍ଡା,୨୦।୮ (ଶିବଦତ୍ତ ସାହୁ)


ପରିବହନ ବିଭାଗ ଅଧିକାରୀମାନେ ଲୋକଙ୍କୁ ସଚେତନ କରୁଛନ୍ତି ।

ମାଲକାନଗିରି ଜିଲା କରୁକୋଣ୍ଡା ବ୍ଲକ୍ ଅନ୍ତର୍ଗତ ବାଲିମେଲା ଏନ୍ଏସି କଲ୍ୟାଣ ମଣ୍ଡପରେ ମାଲକାନଗିରି ପରିବହନ ବିଭାଗ ତରଫରୁ ମଙ୍ଗଳବାର ସଚେତନତା କାର୍ଯ୍ୟକ୍ରମ କରାଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବରେ ଜିଲା ଆଞ୍ଚଳିକ ପରିବହନ ଅଧିକାରୀ ଭାଗୀରଥି ନାୟକ, ଟ୍ରାଫିକ ସବ୍ଇନ୍ସପେକ୍ଟର ଦୀପକ ସାହୁ ଯୋଗଦେଇ ପରିବହନ ଓ ଯାନବାହନ ସହ ଟିକସ ଉପରେ ସଚେତନ କରିଥିଲେ। ଯେଉଁ ଯାନଗୁଡିକର ଟିକସ ୩୧।୩।୨୨ ପର୍ଯ୍ୟନ୍ତ ଦେଇନାହାନ୍ତି ସେ ଟିକସ ଓ ଜରିମାନା ଏକକାଳୀନ ପୈଠର ରିହାତି ଯୋଜନା ସରକାରଙ୍କ ଦ୍ୱାରା ୧ବର୍ଷ ଯଥା ୩୧।୧୨।୨୪ ପର୍ଯ୍ୟନ୍ତ କରାଯାଇଛି। ଯୋଜନାଗୁଡିକ ହେଲା ଯଦି କୌଣସି ମୋଟରଯାନର କିଛି ପୁରୁଣା ଟ୍ୟାକ୍ସ ରହିଯାଇଛି ଯାହାକି ଅଧିକ ଟଙ୍କା ପୈଠ କରିବାକୁ ପଡିବ । କିନ୍ତୁ ଏହି ସ୍କିମ୍ ମାଧ୍ୟମରେ ରିହାତି ଟିକସ ପୈଠକରି ଗାଡ଼ିକୁ ବ୍ୟବହାର କରିପାରିବେ। ସମଗ୍ର ଜିଲାରେ ୧୫୫୪ ଗାଡ଼ି ଟ୍ୟାକ୍ସ ପୈଠ କରିଥିବାବେଳେ ସେଥିମଧ୍ୟରୁ ୧୦୪୪ ଟ୍ରାକ୍ଟର ଟାକ୍ସ ବାନ୍ଧିନାହାନ୍ତି । ତେବେ ୨୦୧୭ରୁ ୨୦୨୨ ମଧ୍ୟରେ ଗାଡ଼ିଗୁଡିକ ୩୩୬୦ ଟଙ୍କା, ୨୦୧୦ ରୁ ୨୦୧୭ ପର୍ଯ୍ୟନ୍ତ ୫୬୦୦ ଓ ୧୯୯୨ ରୁ ୨୦୧୦ ପର୍ଯ୍ୟନ୍ତ ୭୦୦୦ ଟଙ୍କା ପୈଠକଲେ ୧୫ ବର୍ଷର ଟାକ୍ସ ଛାଡ଼ ହେବାର ଯୋଜନା କରାଯାଇଛି। ଯଦି କୌଣସି ପୁରୁଣା ଗାଡ଼ି ତାହାର ଟାକ୍ସ ପୈଠ କରିନାହାନ୍ତି କିନ୍ତୁ ଗାଡିକୁ ସ୍କ୍ରାପ୍ କରିବାକୁ ଚାହୁଁଛନ୍ତି ତା'ହେଲେ ସେହି ଗାଡିର ସମ୍ପୂର୍ଣ୍ଣ ଟିକସ ଓ ଜରିମାନା ଛାଡ଼ କରାଯିବା ଯୋଜନା ରହିଛି। ଯଦି କୌଣସି ପୁରୁଣା ଗାଡ଼ି ମାଲିକମାନେ ଆର୍‌ଟିଓଙ୍କୁ ନ ଜଣାଇ ସ୍କ୍ରାପ୍ କରିଦେଇଛନ୍ତି ତା'ହେଲେ ମଧ୍ୟ ସେହି ଗାଡ଼ିର ସମ୍ପୂର୍ଣ୍ଣ ଟାକ୍ସ ଓ ଜରିମାନା ଛାଡ଼ କରାଯିବ। ସେହିଭଳି ଅଟୋଗୁଡିକ ଲାଗି ମଧ୍ୟ ସମାନ ନିୟମ ଲାଗୁ ହେଉଛି ବୋଲି ନାୟକ କହିଛନ୍ତି ।

# ବିଭିନ୍ନ ସମସ୍ୟା ନେଇ ପୌର ଅଧିକାରୀଙ୍କ ସହ ଆଲୋଚନା

ମାଲକାନଗିରି,୨୦।୮ (ଦୁର୍ଯ୍ୟୋଧନ ପାତ୍ର)


ପୌର ନିର୍ବାହୀ ଅଧିକାରୀଙ୍କ ସହ ସାମାଜିକ କର୍ମୀମାନେ ସହରର ବିଭିନ୍ନ ସମସ୍ୟା ନେଇ ଆଲୋଚନା କରୁଛନ୍ତି ।

ମାଲକାନଗିରି ଜିଲା ସଦର ମହକୁମା ଦେଇ ଯାଇଥିବା ରାଜପଥରେ ମାଳମାଳ ଗୋରୁ ବୁଲୁଥିବା ବେଳେ ଜିଲା ସଦରର ବିଭିନ୍ନ ସ୍ଥାନରେ ଥିବା ନାଳଗୁଡିକ ଉପରେ ଉଠା ଦୋକାନ ଖୋଲିବା ଯୋଗୁ ମଧ୍ୟ ଯାତାୟାତରେ ସମସ୍ୟା ଉପୁଜୁଛି। ଏହା ବ୍ୟତୀତ ସ୍ଥାନୀୟ ବସ୍‌ଷ୍ଟାଣ୍ଡର ରାସ୍ତା ସମସ୍ୟା ଥିବା ବେଳେ ଏହିସବୁ ସମସ୍ୟାକୁ ନେଇ ମଙ୍ଗଳବାର ମିରର ଅଫ୍ ମାଲକାନଗିରି ନାମକ ସାମାଜିକ ସଙ୍ଗଠନ କର୍ମୀମାନେ ପୌର ପରିଷଦ ନିର୍ବାହୀ ଅଧିକାରୀ ରାଜେନ୍ଦ୍ର ଖରାଙ୍କ ସହ ଆଲୋଚନା କରିଥିଲେ। ଖରା ଏହି ସମସ୍ୟା ବିଷୟରେ ଅବଗତ ହେବାପରେ ଏହାର ସମାଧାନ ନିମନ୍ତେ ଦାୟିତ୍ୱରେ ଥିବା କର୍ମଚାରୀ ଜଗନ୍ନାଥ ଖେମୁଡୁ ଏବଂ ଲିଙ୍ଗରାଜ ପାଳଙ୍କୁ ସମସ୍ୟା ସମାଧାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ରାସ୍ତାରେ ବୁଲୁଥିବା ଗୋରୁଙ୍କୁ କାବୁକରି କାଞ୍ଜିଆଗୃହରେ ରଖିବା ଖରା ନିର୍ଦ୍ଦେଶ ଦେଇଥିଲେ। ସେହିପରି ନାଳ ଓ ରାସ୍ତା ଉପରେ ବସୁଥିବା ଦୋକାନଗୁଡିକ ଉଠାଯିବ ବୋଲି ମଧ୍ୟ ଆଶ୍ୱାସନା ଦେଇଥିଲେ। କାର୍ଯ୍ୟକ୍ରମରେ ଜି. ଶ୍ରୀନିବାସ ରାଓ, ଛବି ଦାସ, ରାମକୃଷ୍ଣ ଚୌଧୁରୀ, ଭୀମ ବାର୍ଷେ, ରହିମ ଖାନ୍, ପି.କେଶୁରାଓ ଏବଂ ଦିବାକର ପାଳ ପ୍ରମୁଖ ଉପସ୍ଥିତ ହୋଇ ପୌର ପରିଷଦର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ ।


## ପୂର୍ବ ତଟ ରେଳପଥ

**ଚିକିତ୍ସା ବିଭାଗରେ ରେଡ଼ିଓଗ୍ରାଫର ପଦବୀ ନିମନ୍ତେ ସେବାର ଆବଶ୍ୟକତା କାରଣରୁ ଅବସରପ୍ରାପ୍ତ ରେଳ କର୍ମଚାରୀଙ୍କ ପୁନଃନିଯୁକ୍ତି**

ସଂଖ୍ୟା.ECoR/Pers/12/Med/Re-Engmt./Red.Employee/2024, ତା. 12.08.2024ରିଖ

କେନ୍ଦ୍ରୀୟ ଚିକିତ୍ସାଳୟ, ମଞ୍ଚେଶ୍ୱରରେ ପୁନଃ ନିଯୁକ୍ତି ନିମନ୍ତେ ରେଡ଼ିଓଗ୍ରାଫର (ଲେଭେଲ-5)ରେ ଖାଲିଥିବା 01 (ଏକ) ଗୋଟି ପଦବୀ ପୂରଣ ନିମନ୍ତେ ଭାରତୀୟ ରେଳପଥରୁ ଅବସରପ୍ରାପ୍ତ ମୁଖ୍ୟ ରେଡ଼ିଓଗ୍ରାଫର/ରେଡ଼ିଓଗ୍ରାଫରଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଉଛି । ଏହି ନିଯୁକ୍ତି ତା.31.06.2025ରିଖ ପର୍ଯ୍ୟନ୍ତ କିମ୍ବା 65 ବର୍ଷ ବୟସରେ ପଦାର୍ପଣ କରିବା ତାରିଖ ପର୍ଯ୍ୟନ୍ତ, ଯାହାକି ରେଳବାଇ ବୋର୍ଡ଼ ଦ୍ୱାରା ଯୋଜନାର ବୈଧତାକୁ ତା.31.06.2025ରିଖରୁ ପରବର୍ତ୍ତୀ ସମୟ ପର୍ଯ୍ୟନ୍ତ ବୃଦ୍ଧି କିମ୍ବା ଖାଲି ପଦବୀକୁ ନିୟମିତ ମନୋନୀତ ପ୍ରାର୍ଥୀମାନଙ୍କ ଦ୍ୱାରା ପୂରଣ ହେବା ପର୍ଯ୍ୟନ୍ତ, ଯେଉଁଟି ପ୍ରଥମେ ଆସିବ, ସେହି ଅବଧି ପର୍ଯ୍ୟନ୍ତ ବଳବତ୍ତର ରହିବ ।

ନାମ ଏବଂ ପଦବୀ ସଂଖ୍ୟା: ମୁଖ୍ୟ ରେଡ଼ିଓଗ୍ରାଫର/ରେଡ଼ିଓଗ୍ରାଫର-01(ଏକ) ଗୋଟି ।

1. ପାରିଶ୍ରମିକ: ଅବସରପ୍ରାପ୍ତ କର୍ମଚାରୀଙ୍କ ପାଇଁ ପୁନଃନିଯୁକ୍ତି ନିମନ୍ତେ ମାସିକ ପାରିଶ୍ରମିକ ସେମାନଙ୍କ ଦ୍ୱାରା ପ୍ରାପ୍ତ ଅନ୍ତିମ ଦରମା (ଅର୍ଥାତ୍ ମୂଳ ବେତନ+ଡିଏ-ପେନ୍‌ସନ)ରୁ ପେନ୍‌ସନ ହ୍ରାସ କରି ନିର୍ଦ୍ଧାରଣ କରାଯିବ ।

2. ଚୟନ ପ୍ରକ୍ରିୟା : ଅବସରପ୍ରାପ୍ତ ରେଳବାଇ କର୍ମଚାରୀଙ୍କ ଉପଯୁକ୍ତତା/ଯୋଗ୍ୟତା ନିର୍ଦ୍ଧାରଣ ମୌଖିକ ପରୀକ୍ଷା ଏବଂ ସେବା ରେକର୍ଡର ଯାଞ୍ଚଭିତ୍ତିରେ ନିର୍ଦ୍ଧାରଣ କରାଯିବ ।

ଆବେଦନ କିପରି କରିବେ: ଯୋଗ୍ୟ ଏବଂ ଆଗ୍ରହୀ ତଥା ଅବସରପ୍ରାପ୍ତ କର୍ମଚାରୀଙ୍କୁ ପରାମର୍ଶ ଦିଆଯାଉଅଛି କି, ସେମାନେ ନିଜର ଦରଖାସ୍ତ ନିର୍ଦ୍ଧାରିତ ଫର୍ମାଟରେ ଆବଶ୍ୟକ ନଥିପତ୍ରଗୁଡ଼ିକର ସ୍ୱ-ସତ୍ୟାପିତ ଫଟୋକପି ନକଲଗୁଡ଼ିକ ସହିତ ଲଫାଫାର ଶୀର୍ଷରେ "ରେଡ଼ିଓଗ୍ରାଫର ନିମନ୍ତେ ଅବସରପ୍ରାପ୍ତ କର୍ମଚାରୀଙ୍କ ପୁନଃନିଯୁକ୍ତି ନିମନ୍ତେ ଦରଖାସ୍ତ ଫର୍ମ" ଲେଖି ତାହାକୁ ତା.02.09.2024ରିଖ ସୁଦ୍ଧା କିମ୍ବା ତା' ପୂର୍ବରୁ ପ୍ରମୁଖ ମୁଖ୍ୟ କାର୍ମିକ ଅଧିକାରୀ, ପୂର୍ବତଟ ରେଳପଥ, ରେଳ ସଦନ, ଦ୍ୱିତୀୟ ମହଲା, ଦକ୍ଷିଣ ବ୍ଲକ୍, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର-751017ଙ୍କ ଠିକଣାରେ ପଠାଇବେ ।

ଦ୍ରଷ୍ଟବ୍ୟ : ପାରିଶ୍ରମିକ, ଦରଖାସ୍ତ ଫର୍ମାଟ, ଶିକ୍ଷାଗତ ଯୋଗ୍ୟତା/ମାନଦଣ୍ଡ, ବୟସ, ନିଯୁକ୍ତି ଅବଧି ଏବଂ ଅନ୍ୟ ବିସ୍ତୃତ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ ପ୍ରାର୍ଥୀମାନେ ଦୟାକରି କାର୍ଯ୍ୟାଳୟ ୱେବ୍‌ସାଇଟ୍: www.eastcoastrail.indianrailways.gov.in ଅବଲୋକନ କରିପାରିବେ । viva-voce ପରୀକ୍ଷାରେ ଯୋଗଦେବା ପାଇଁ ଅବସରପ୍ରାପ୍ତ ରେଳବାଇ କର୍ମଚାରୀଙ୍କୁ କୌଣସି ପ୍ରକାର ଯାତ୍ରା ଭଡ଼ା/ଦୈନିକ ଭତ୍ତା/ରହିବା ସୁବିଧା ପ୍ରଦାନ କରାଯିବ ନାହିଁ ।

PR-440/P/24-25 ବରିଷ୍ଠ ମଣ୍ଡଳ କାର୍ମିକ ଅଧିକାରୀ/ଭୁବନେଶ୍ୱର


# ସିଆର୍‌ପିଏଫ୍‌ଙ୍କ ମାର୍ଗଦର୍ଶନରେ ଜନସମ୍ପର୍କ କାର୍ଯ୍ୟକ୍ରମ


ସିଆର୍‌ପିଏଫ୍ ଅଧିକାରୀମାନେ ପିଲାଙ୍କୁ ବିଭିନ୍ନ ସାମଗ୍ରୀ ପ୍ରଦାନ କରୁଛନ୍ତି ।

ମାଲକାନଗିରି, ୨୦।୮ (ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ଼ ସୁକ୍‌ମା ଜିଲା ସିଆର୍‌ପିଏଫ୍ ଦ୍ୱିତୀୟ ବାଟାଲିୟନ କମାଣ୍ଡାଣ୍ଟ ରତିକାନ୍ତ ବେହେରାଙ୍କ ତତ୍ତ୍ୱାବଧାନରେ ସିଭିକ୍ ଆକ୍ସନ ପ୍ରୋଗ୍ରାମ ଅନ୍ତର୍ଗତ ମାଓବାଦୀ ପ୍ରଭାବିତ ଦୁଲେରଠାରେ ସିଆର୍‌ପିଏଫ ଦ୍ୱାରା ପ୍ରାଥମିକ ବିଦ୍ୟାଳୟ ଉଦ୍‌ଘାଟିତ ହୋଇଯାଇଛି। କାର୍ଯ୍ୟକ୍ରମରେ କହେର ଦୁଲେର, କଡଟିପାରା, ମାଡପେଦୁଲେର ଓ ଆଖପାଖ ଗ୍ରାମର ପ୍ରାୟ ୨୦୦ ଗ୍ରାମବାସୀ ଓ ୨୫ ପିଲା ଅଂଶଗ୍ରହଣ କରିଥିଲେ । ଜାନୁଆରୀ ୧୨ ତାରିଖ ଦୁଲେର ଗ୍ରାମରେ ଯବାନଙ୍କ କ୍ୟାମ୍ପ ପ୍ରତିଷ୍ଠା ହେବାପରେ ସେହି ଦିନଠାରୁ ଏ ପର୍ଯ୍ୟନ୍ତ ଅଞ୍ଚଳର ବିକାଶ ପାଇଁ ଦ୍ୱିତୀୟ ବାଟାଲିୟନ ସିଆର୍‌ପିଏଫ୍ ଓ ଜିଲା ପ୍ରଶାସନ ଉଦ୍ୟମ ଜାରି ରଖିଛନ୍ତି। ଏହି ଅଞ୍ଚଳ ମାଓବାଦୀ ପ୍ରଭାବିତ ହୋଇଥିବାରୁ ଏଠାକାର ବାସିନ୍ଦା ଏବେ ବି ମୌଳିକ ସୁବିଧାରୁ ବଞ୍ଚିତ ହେଉଛନ୍ତି। ମଙ୍ଗଳବାର ଦ୍ୱିତୀୟ ବାଟାଲିୟନ ସିଆର୍‌ପିଏଫ୍ ଉଦ୍ୟମରେ ଏହି ଅଞ୍ଚଳରେ ବିଶୁଦ୍ଧ ପାନୀୟ ଜଳ ପାଇଁ ରାସ୍ତା, ବିଜୁଳି, ମୋବାଇଲ ଟାୱାର ଓ ହ୍ୟାଣ୍ଡପମ୍ପ ଲଗାଯାଉଛି। ଏଥିସହ ଆଖପାଖ ଅଞ୍ଚଳର ଲୋକଙ୍କ ଯାତାୟାତ ସୁବିଧା ଲାଗି ୩୦ ସାଇକେଲ ବିତରଣ କରାଯାଇଥିଲା।


GAYATRI COLLEGE OF ENGINEERING
Near Income Tax Office, Ambapua, Brahmapur
B.TECH. (4 Yrs./ LE) Computer Sc. Engineering, Artificial Intelligence, Civil, Mechanical, EEE
100% PLACEMENT ASSISTANCE
MCA, MBA
Approved by AICTE, Affiliated to BPUT
BCA, BBA
Approved by AICTE
B.Sc. Biotech., M.Sc. Biotech. & M.Sc. Computer Sc.
Affiliated to Brahmapur University
Contact : 9437579479, 9437962526, 8144898953



THE ODISHA STATE COOPERATIVE BANK LTD.
No.LL-07
Pandit Jawaharlal Nehru Marg, Bhubaneswar - 751001

**ବିଶେଷ ସୂଚନା**

ଭାରତୀୟ ରିଜର୍ଭ ବ୍ୟାଙ୍କର ନିର୍ଦ୍ଦେଶାବଳୀ ଅନୁସାରେ ବ୍ୟାଙ୍କର ସମସ୍ତ ପୂର୍ତ୍ତି କରିବା ପାଇଁ ପରିଚୟ ପ୍ରମାଣ, ଠିକଣା ପ୍ରମାଣ କରୁଥିବା କାଗଜପତ୍ର ସହ ଫଟୋ ଜରୁରୀ, ଗ୍ରାହକ ଯେବେଠାରୁ ବ୍ୟାଙ୍କିଂ କରୁଥାନ୍ତୁ ନ କାହିଁକି। ଅତଏବ ଏ ପର୍ଯ୍ୟନ୍ତ ପରିଚୟ ପ୍ରମାଣପତ୍ର ଓ ସାମ୍ପ୍ରତିକ ଠିକଣା ସ୍ଥାପନ କରୁଥିବା କାଗଜ ସହ ଏବେକାର ଦୁଇଟି ପାସପୋର୍ଟ ଫଟୋ ଜମା କରିନଥିବା ସମସ୍ତ ଗ୍ରାହକ ତବ୧୫ ସେପ୍ଟେମ୍ବର ୨୦୨୪ ରିଖ ସୁଦ୍ଧା ସମ୍ପୃକ୍ତ ଶାଖା ସହ ଯୋଗାଯୋଗ କରି ନିଶ୍ଚିତ କରିବାକୁ ଅନୁରୋଧ।

ସୂଚନାଯୋଗ୍ୟ : ଯଦି ସେଭିଂସ୍ ବା କରେଣ୍ଟ ଏକାଉଣ୍ଟ ଗତ ୨୪ ମାସଧରି ବ୍ୟବହୃତ ହେଉ ନ ଥିଲେ ତଥା ପୂର୍ତ୍ତି ହୋଇ ନ ଥିଲେ, କୌଣସି ସୂଚନା ନ ଦେଇ ସେହି ଏକାଉଣ୍ଟକୁ ଅଚଳ କରିଦିଆଯିବ।

ପରିଚାଳନା ନିର୍ଦ୍ଦେଶକ
OIPR-39012/11/0005/2425


# ଜିଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି



ଜିଲାପାଳ ଆଶିଷ ଈଶ୍ୱର ପାଟିଲ ଓ ଅନ୍ୟ ଅଧିକାରୀମାନେ ଅଭିଯୋଗ ଶୁଣୁଛନ୍ତି ।

ପଡ଼ିଆ,୨୦।୮ (ଭାସ୍କର ରାଓ )

ପଡ଼ିଆ ପଞ୍ଚାୟତ ସମିତି ସଭାଗୃହରେ ମଙ୍ଗଳବାର ଜିଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜିଲାପାଳ ଆଶିଷ ଈଶ୍ୱର ପାଟିଲ ଯୋଗଦେଇ ୩୦ମିଳିତ ଅଭିଯୋଗ ଶୁଣିଥିଲେ । ଅଭିଯୋଗ ମଧ୍ୟରେ ଥିଲା ଜମିବାଡ଼ି ସମ୍ପର୍କିତ, ବିଦ୍ୟୁତ୍ ସଂଯୋଗ, ଜଳ ଯୋଗାଣ, ଭତ୍ତା ଏବଂ ମେଗା ପ୍ରକଳ୍ପ କାର୍ଯ୍ୟକ୍ଷମ, ଜିଲାପାଳଙ୍କ ସହ ପଡିଆ ବିଡିଓ ଅଭିମନ୍ୟୁ କବି ଶତପଥୀ, ଉପ ଜିଲାପାଳ ଦୁର୍ଯ୍ୟୋଧାନ ଭୋଇ, ପଞ୍ଚାୟତ ସମିତି ଅଧ୍ୟକ୍ଷା ଯମୁନା ମୁଷାକି, ଜିଲା ପରିଷଦ ସଭ୍ୟା ସୁରଭି ଭୌମିକ ଓ ପିଏ ଆଇଟିଡିଏ ଜୟଶ୍ରୀ ପ୍ରମୁଖ ଉପସ୍ଥିତ ଥିଲେ। ଅଭିଯୋଗ ଶୁଣାଣି ପରେ ପଡ଼ିଆରେ ନିର୍ମିତ ନୂତନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ବୁଲି ଅନୁଧ୍ୟାନ କରିବା ସହ ପଡ଼ିଆ ଏବଂ ମୋଟେରୁ ଅନୁସୂଚିତ ଜାତି ଜନଜାତି ଉଚ୍ଚବିଦ୍ୟାଳୟ ମଧ୍ୟରେ ପରିବେଶ, ଛାତ୍ରୀଛାତ୍ରଙ୍କ ନିବାସ ଖାଦ୍ୟପେୟ ଉପରେ ଅନୁଧ୍ୟାନ କରିଥିଲେ।


CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com



ଡ୍ରାଇଭର ଆବଶ୍ୟକ
ଦରମା: ୧୯,୦୦୦/-
ଫୋନ୍ ନଂ: 9861925500
(ଯୋଗାଯୋଗ ସମୟ ୧୦ଟା ସକାଳ)



ରୋଷେୟା/ଡ୍ରାଇଭର ଆବଶ୍ୟକ
ଘରୋଇ ରୋଷେଇ କାର୍ଯ୍ୟ ପାଇଁ ଅଭିଜ୍ଞ ମହିଳା ରୋଷେୟା, ପୁରୁଷ ସହାୟକ ଓ ଡ୍ରାଇଭର ଆବଶ୍ୟକ।
ସ୍ଥାନ – ପଟିଆ, ଭୁବନେଶ୍ୱର
(ରହିବା, ଖାଇବା ସୁବିଧା ଉପଲବ୍ଧ)
ଯୋଗାଯୋଗ – 8917676698



See Career Appointment on every Wednesday & Saturday



WE ARE HIRING !!! at VLCC Bhubaneswar

Applications invited for the following post having experience of minimum 3 (three) years in similar reputed Beauty Care Institutions / Shops)

1. Centre Manager – 1 No
2. Doctor Dermatology – 1 No
3. Sales Manager / Asst. Manager – 1 No
4. Slimming Head – 1 No
5. Dietician – 1 No
6. Female Slimming therapist – 2 Nos
7. Male Slimming therapist – 1 No
8. Female Beauty Therapist – 1 No
9. Unisex Hair dresser – 4 Nos
10. Bridal make up beautician – 1 No
11. Ayurveda Therapist – 1 No

Send your Resume within 15 days to :
khirodsamal1986@gmail.com


# ଗଞ୍ଜେଇ ଜବତ, ଜଣେ ଗିରଫ

କୋରୁକୋଣ୍ଡା,୨୦।୮ (ଶିବଦତ୍ତ ସାହୁ)



ମାଲକାନଗିରି ଜିଲା ଓର୍କେଲ ପୋଲିସ ମଙ୍ଗଳବାର ବାହାର ରାଜ୍ୟକୁ ଚୋରା ଚାଲାଣ କରିବା ପାଇଁ ଗୋଟିଏ ସ୍ଥାନରେ ଗଞ୍ଜେଇକୁ ଗଚ୍ଛିତ ରଖିଥିବା ଅଭିଯୋଗରେ ମଙ୍ଗରାଜ ଲୁକୁରାଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି। ଏ ନେଇ ନଂ. ୨୫୮/୨୪ ରେ ମାମଲା ରୁଜୁ ହୋଇଛି ।

ସୂଚନାନୁଯାୟୀ, କୋରୁକୋଣ୍ଡା ବ୍ଲକ୍ ଚିମଟାପାଲି ପଞ୍ଚାୟତ ଅଧୀନ ଡାବୁଗୁଡା ଗ୍ରାମର ଏକ ପରିତ୍ୟକ୍ତ ସ୍ଥାନରେ ମଙ୍ଗରାଜ ଗଞ୍ଜେଇ ଚୋରା ଚାଲାଣ ନିମନ୍ତେ ଗଚ୍ଛିତ ରଖିଥିଲେ। ଏ ସମ୍ପର୍କରେ ବିଶେଷ ସୂତ୍ରରୁ ଖବର ପାଇବା ପରେ ଓର୍କେଲ ପୋଲିସର ଏକ ସ୍ୱତନ୍ତ୍ର ଟିମ୍ ୭୬ କିଲୋ ଗଞ୍ଜେଇ ଜବତ କରିଥିଲେ।


## JOB VACANCY

| Sr. No. | Post | Qualification | Sex | Experience | Nos | Salary |
|---|---|---|---|---|---|---|
| 1 | General Manager | Graduate | M | 3 years | 2 | 25,000 or above |
| 2 | Manager cum Cashier (Restaurant) | Graduate | M | 1 year | 2 | 15,000 |
| 3 | Stock Incharge | Tally | M/F | 1 year / Fresher | 1 | 13,000 |
| 4 | Office Staff | PGDCA / Tally | F | 1 year / Fresher | 4 | 12,000 |
| 5 | Caretaker | | M | | 4 | 10,000 |

Cont. Details : KM Convention (Wedding Hall), Tankapani Road, Bhubaneswar
Send Your resume by mail or Whatsapp :-
Mail Id : khatamitha717@gmail.com, Whatsapp no - 7735888881
Cont. No. - 7735888881, 8249579908 (Cont. between 11.30 AM to 5.30 PM)



## ଖଡ଼ଗପୁର ଡିଭିଜନରେ ବିଜ୍ଞାପନ, ପାର୍କିଂ ଏବଂ ବିବିଧ ଷ୍ଟାଟିକ୍ ସେବା ଠିକା ପାଇଁ ଇ-ନିଲାମ ବିଜ୍ଞପ୍ତି

**ଇ-ନିଲାମ ବିଜ୍ଞପ୍ତି ନଂ.: କେଜିପି/ଏଡିଭିଟି-ଏମ୍ଏସ୍ଏସ୍-ପାର୍କ/୨୦୨୪/୫ ତାରିଖ: ୨୦।୦୮।୨୦୨୪**

ରାଷ୍ଟ୍ରପତି, ଭାରତ ସଂଘଙ୍କ ପାଇଁ ଏବଂ ତରଫରୁ ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର, ଖଡ଼ଗପୁର ଡିଭିଜନ, ଦକ୍ଷିଣ ପୂର୍ବ ରେଳପଥ ନିମ୍ନଲିଖିତ ପାଇଁ ଇ-ନିଲାମ ଆହ୍ୱାନ କରୁଛନ୍ତି • ୦୨ ଗୋଟି ୧୨-କାର୍ ଇଏମ୍ୟୁ ଲୋକାଲର ବାହ୍ୟ ପୃଷ୍ଠଭାଗ (ଝରକା ଏବଂ ବାଧ୍ୟତାମୂଳକ ରେଳବାଇ ମାର୍କିଂକୁ ଛାଡ଼ି ସମଗ୍ର ସାଇଡ୍ ୱାଲ୍)ରେ ଭିନାଇଲ୍ ରାପିଂ ମାଧ୍ୟମରେ କମର୍ସିଆଲ ବିଜ୍ଞାପନ ପ୍ରଦର୍ଶନ ଏବଂ ପଂସକୁରା ଷ୍ଟେଶନର ନୂଆ ଏଫ୍ଓବିଠାରେ କମର୍ସିଆଲ ବିଜ୍ଞାପନ (ଅଣ-ଡିଜିଟାଲ/ଆର୍‌ଡିଏନ୍)ର ପ୍ରଦର୍ଶନ। **ନିଲାମ ତାରିଖ: ୨୯।୦୮।୨୦୨୪, ୧୩.୦୦ ଘଟିକାରୁ ୧୩.୫୦ ଘଟିକା। ନିଲାମ କାଟାଲଗ୍ ନଂ.: ଏଡିଭିଟି-କେଜିପି-ଏମ୍ଆଇଏସ୍‌ସି-୭ ।** • ଘାଟଶିଳା ଷ୍ଟେଶନର ଆଉଟ୍ ଅଫ୍ ହୋମ୍ ଏରିଆରେ କମର୍ସିଆଲ ବିଜ୍ଞାପନ ପ୍ରଦର୍ଶନ, ଟ୍ରେନ୍ ନଂ.-୧୨୦୨୧/୧୨୦୨୨, ହାଓଡା-ବଡ଼ବିଲ ଜନଶତାବ୍ଦୀ ଏକ୍ସପ୍ରେସ୍‌ର ସମସ୍ତ କୋଚ୍‌ର ଦର୍ପଣ ଏବଂ ଫୁଡ୍ ଟ୍ରେ/ସିଟ୍ ପଛପଟେ ଭିନାଇଲ୍ ଷ୍ଟିକର ଲଗାଇ କମର୍ସିଆଲ ବିଜ୍ଞାପନ ପ୍ରଦର୍ଶନ ଏବଂ ଶ୍ୟାମଛକ ଷ୍ଟେଶନର ଅଭ୍ୟନ୍ତର ଏରିଆରେ କମର୍ସିଆଲ ବିଜ୍ଞାପନ (ଅଣ-ଡିଜିଟାଲ୍/ଆର୍‌ଡିଏନ୍)ର ପ୍ରଦର୍ଶନ। **ନିଲାମ ତାରିଖ: ୩୦।୦୮।୨୦୨୪, ୧୨.୦୦ ଘଟିକାରୁ ୧୩.୦୦ ଘଟିକା। ନିଲାମ କାଟାଲଗ୍ ନଂ.: ଏଡିଭିଟି-କେଜିପି-ଏୟୁଜି-୦୧।** • ତିନିଚକିଆ ଏବଂ ଚାରିଚକିଆ ପାଇଁ ପାର୍କିଂ ଲଟ୍। ସ୍ଥାନ:- ଖଡ଼ଗପୁର ଉତ୍ତର ପାର୍ଶ୍ୱ ଷ୍ଟେଶନ ସର୍କୁଲେଟିଂ ଏରିଆ ବୁକିଂ ଅଫିସ୍ ପାଖ ଏବଂ ଖଡ଼ଗପୁର ରେଳ ଷ୍ଟେଶନର ୨ୟ ଏଫ୍ଓବି ନିକଟବର୍ତ୍ତୀ ସ୍ଥାନରେ ଦୁଇଚକିଆ, ତିନିଚକିଆ ଏବଂ ଚାରିଚକିଆ ପାଇଁ ପାର୍କିଂ ଲଟ୍। **ନିଲାମ ତାରିଖ: ୨୯।୦୮।୨୦୨୪, ୧୪.୩୦ ଘଟିକାରୁ ୧୫.୧୦ ଘଟିକା। ନିଲାମ କାଟାଲଗ୍ ନଂ.: ପାର୍କ-କେଜିପି-୨୪-୧୦।** • ହିଜ୍‌ଲୀ ରେଳ ଷ୍ଟେଶନଠାରେ ୧ ଗୋଟି ପାର୍ସଲ୍ ସ୍କାନର୍ ସ୍ଥାପନ, ଦିଘା ରେଳ ଷ୍ଟେଶନଠାରେ ୧ ଗୋଟି ବ୍ୟାଟେରିଚାଳିତ କାର୍ଟ, ଶାଲିମାର ରେଳ ଷ୍ଟେଶନଠାରେ ୦୨ ଗୋଟି ବ୍ୟାଟେରିଚାଳିତ କାର୍ଟର ବ୍ୟବସ୍ଥା ଏବଂ ସଂଚାଳନ ତଥା ଶାଲିମାର ଓ ବାଲେଶ୍ୱର ରେଳ ଷ୍ଟେଶନରେ ଦୁଇ-ଚକିଆ ଏବଂ ଅନ୍ୟାନ୍ୟ ପାର୍ସଲ୍/ପ୍ୟାକେଜଗୁଡ଼ିକର ପ୍ୟାକିଂ ଠିକା। **ନିଲାମ ତାରିଖ: ୩୧।୦୮।୨୦୨୪, ୧୦.୦୦ ଘଟିକାରୁ ୧୧.୧୦ ଘଟିକା। ନିଲାମ କାଟାଲଗ୍ ନଂ.: ଏମ୍ଏସ୍ଏସ୍-କେଜିପି-ବିସିଏ-ପିଏସ୍।** • ଶାଲିମାର ରେଳ ଷ୍ଟେଶନ ପରିସରର ନାମିତ ସ୍ଥାନରେ ଇଭି ଚାର୍ଜିଂ ଏବଂ ଦୁଇ-ଚକିଆ ଇଭି, ୩-ଚକିଆ ଇଭି ଏବଂ ୪-ଚକିଆ ଇଭି ନିମନ୍ତେ ପାର୍କିଂ ସୁବିଧାର ସ୍ଥାପନ, ସଂଚାଳନ ଏବଂ ରକ୍ଷଣାବେକ୍ଷଣ। **ନିଲାମ ତାରିଖ: ୦୨।୦୯।୨୦୨୪, ୧୨.୦୦ ଘଟିକାରୁ ୧୨.୩୦ ଘଟିକା। ନିଲାମ କାଟାଲଗ୍ ନଂ.: ଏମ୍ଏସ୍ଏସ୍-ଇଭିସି-ଏସ୍ଏଚ୍ଏମ୍।** ଯାହା https://www.ireps.gov.in/websiteରେ ଅଧିସୂଚିତ ହୋଇଛି। ଆଗ୍ରହୀ ପକ୍ଷ ଏବଂ ଠିକାଦାରମାନେ ଏହାକୁ ଧ୍ୟାନରେ ରଖିବା ଏବଂ ଇ-ନିଲାମ ବିଜ୍ଞପ୍ତି ସମ୍ପର୍କରେ ବିବରଣୀ ଏବଂ ସମ୍ବନ୍ଧିତ ସୂଚନା ପାଇଁ ଉପରଦର୍ଶିତ ୱେବ୍‌ସାଇଟ୍ ପରିଦର୍ଶନ କରିବା ଆବଶ୍ୟକ। ଅନୁସନ୍ଧାନ/ସ୍ପଷ୍ଟୀକରଣ ପାଇଁ, ଯଦି ଥାଏ, ଦୟାକରି ନିମ୍ନ ସ୍ୱାକ୍ଷରକାରୀ କାର୍ଯ୍ୟାଳୟଙ୍କ ସହିତ ଯୋଗାଯୋଗ କରନ୍ତୁ।

(PR-502) ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର, ଖଡ଼ଗପୁର

ଦକ୍ଷିଣ ପୂର୍ବ ରେଳପଥ
ହର୍ଷର ସହିତ ଆମେ ସେବାରତ


# ନଦୀରେ ଭାସି ବୃଦ୍ଧାଙ୍କ ମୃତ୍ୟୁ

ମାଲକାନଗିରି, ୨୦।୮ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଥାନା ନାୟକଗୁଡା ପଞ୍ଚାୟତ କୋଇଲିଗୁଡା ଗ୍ରାମର ଜଣେ ବୃଦ୍ଧା ନଦୀରେ ଭାସିଯିବାରୁ ମୃତ୍ୟୁ ଘଟିଛି। କୋଇଲିଗୁଡା ଗ୍ରାମର ମଙ୍ଗତି ବାକା (୬୫) ସୋମବାର ତାଙ୍କ ବାପଘର ଗ୍ରାମ ଡେଙ୍ଗାଗୁଡା ଯାଉଥିବା ସମୟରେ ପାଙ୍ଗାମ ନଦୀର ଶାଖା ପାରହେଉଥିବା ସମୟରେ ସ୍ରୋତରେ ଭାସିଯାଇଥିଲେ। ସନ୍ଧ୍ୟା ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ପରିବାର ଲୋକେ ତାଙ୍କୁ ଖୋଜାଖୋଜି କରିଥିଲେ ମଧ୍ୟ ପାଇ ନ ଥିଲେ। ଘଟଣାସ୍ଥଳରୁ କିଛି ଦୂର ପଦରାଗୁଡା ଗ୍ରାମ ନିକଟରେ ମାଛଧରା ଜାଲରେ ବୃଦ୍ଧାଙ୍କ ମୃତଦେହ ଲାଗିଥିବା ପଦରାଗୁଡା ଗ୍ରାମବାସୀ ଦେଖିବାକୁ ପାଇଥିଲେ । ଏ ସମ୍ପର୍କରେ ଗ୍ରାମବାସୀ ମଙ୍ଗତିଙ୍କ ପରିବାର ଲୋକଙ୍କୁ ଜଣାଇବା ପରେ ତାଙ୍କ ପୁଅ କୃଷ୍ଣ ବାକା ମାଲକାନଗିରି ଥାନାରେ ଜଣାଇଥିଲେ । ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ କରି ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି। ମାଲକାନଗିରି ଥାନାରେ ନଂ. ୪୬/୨୪ ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ଥାନା ଅଧିକାରୀ ରିଗାନ କିଣ୍ଡୋ ସୂଚନା ଦେଇଛନ୍ତି।


## ଜିଲ୍ଲା ପରିଷଦ କାର୍ଯ୍ୟାଳୟ, ମାଲକାନଗିରି

Dist: Malkangiri: 764048, Phone No.: 06861-230409, Fax No.:06861-230279, Email:ori_dmalkangiri.nic.in

ପତ୍ର ସଂଖ୍ୟା ୨୮୪୦ — ତାରିଖ ୧୩.୦୮.୨୪

**ବିଜ୍ଞାପନ**

No.CAD-877:ଏତଦ୍ୱାରା ମାଲକାନଗିରି ଜିଲ୍ଲାର ୭ ଗୋଟି ପଞ୍ଚାୟତ ସମିତିର ସମସ୍ତ ଅଧିବାସୀ ତଥା ପଞ୍ଚାୟତସ୍ତରୀୟ ଲୋକ ପ୍ରତିନିଧି ଏବଂ ଜବକାର୍ଡଧାରୀଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି ଯେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ୨୦୨୪-୨୦୨୫ ଆର୍ଥିକ ବର୍ଷରେ ସମ୍ପାଦିତ ହୋଇଥିବା ସମସ୍ତ କାର୍ଯ୍ୟଗୁଡିକର ପଞ୍ଚାୟତସମିତିସ୍ତରୀୟ ଜନଶୁଣାଣି ଶିବିର ନିମ୍ନଲିଖିତ ତାରିଖରେ ଧାର୍ଯ୍ୟ କରାଯାଇଛି । ଅତଏବ ଏହି ଯୋଜନା ସମ୍ବନ୍ଧୀୟ କୌଣସି ଆପତ୍ତି, ଅଭିଯୋଗ ଥିଲେ ତାହା ଏହି ଜନଶୁଣାଣିରେ ଉପସ୍ଥାପନ କରାଇଲେ ସେଗୁଡିକ ଉପରେ ବିଚାର ବିମର୍ଶ କରାଯିବ ।

| କ୍ରମିକ ସଂଖ୍ୟା | ପଞ୍ଚାୟତ ସମିତିର ନାମ | ତାରିଖ ଏବଂ ସମୟ ପୂର୍ବାହ୍ନ ଘ ୧୧ ଟିକାଠାରୁ | ନୋଡାଲ ଅଧିକାରୀ | ସ୍ଥାନ |
|---|---|---|---|---|
| ୧ | ପଡିଆ | ୦୪.୦୯.୨୦୨୪ | ମୁଖ୍ୟ ନିର୍ବାହୀ ଅଧିକାରୀ ଏବଂ କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ମାଲକାନଗିରି | ପଞ୍ଚାୟତ ସମିତି, ପଡିଆ |
| ୨ | କାଲିମେଳା | ୦୬.୦୯.୨୦୨୪ | ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ (Admn) ଜିଲ୍ଲା ପରିଷଦ, ମାଲକାନଗିରି | ପଞ୍ଚାୟତ ସମିତି, କାଲିମେଳା |
| ୩ | ମାଥିଲି | ୧୦.୦୯.୨୦୨୪ | ଅତିରିକ୍ତ ଜିଲ୍ଲାପାଳ, ମାଲକାନଗିରି (Gen) | ପଞ୍ଚାୟତ ସମିତି, ମାଥିଲି |
| ୪ | ଖଇରପୁଟ | ୧୧.୦୯.୨୦୨୪ | ମୁଖ୍ୟ ନିର୍ବାହୀ ଅଧିକାରୀ ଏବଂ କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ମାଲକାନଗିରି | ପଞ୍ଚାୟତ ସମିତି, ଖଇରପୁଟ |
| ୫ | ଚିତ୍ରକୋଣ୍ଡା | ୧୩.୦୯.୨୦୨୪ | ଅତିରିକ୍ତ ଜିଲ୍ଲାପାଳ, ମାଲକାନଗିରି (Rev) | ପଞ୍ଚାୟତ ସମିତି, ଚିତ୍ରକୋଣ୍ଡା |
| ୬ | କରୁକୋଣ୍ଡା | ୧୮.୦୯.୨୦୨୪ | ମୁଖ୍ୟ ନିର୍ବାହୀ ଅଧିକାରୀ ଏବଂ କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ମାଲକାନଗିରି | ପଞ୍ଚାୟତ ସମିତି, କରୁକୋଣ୍ଡା |
| ୭ | ମାଲକାନଗିରି | ୨୦.୦୯.୨୦୨୪ | ଅତିରିକ୍ତ ଜିଲ୍ଲାପାଳ, ମାଲକାନଗିରି (Rev) | ପଞ୍ଚାୟତ ସମିତି, ମାଲକାନଗିରି |

ସ୍ୱା./- ଜିଲ୍ଲାପାଳ ତଥା ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକ
ମନରେଗା, ମାଲକାନଗିରି
OIPR-19401/11/0002/2425

## ସଂକ୍ଷେପରେ

### ଶ୍ରମ କାର୍ଯ୍ୟାଳୟ ଛକରେ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ସ୍ଥାପନ ଦାବି

ଜୟପୁର,୨୦।୮(ପବନ ପାଣିଗ୍ରାହୀ)

କୋରାପୁଟ ଜିଲା ଜୟପୁର ପୌର ପରିଷଦରେ ଦୀର୍ଘଦିନ ଧରି ପଡ଼ି ରହିଛି ଓଡ଼ିଶାର ଜନନାୟକ ତଥା ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି। ଶ୍ରମ କାର୍ଯ୍ୟାଳୟ ଛକଠାରେ ବିଜୁବାବୁଙ୍କ ଏହି ପ୍ରତିମୂର୍ତ୍ତି ସ୍ଥାପନ କରିବାକୁ ସ୍ଥାନୀୟ ୭ ନମ୍ବର ୱାର୍ଡ ବାସିନ୍ଦା ପୌର ପ୍ରଶାସନକୁ ମଙ୍ଗଳବାର ଦାବିପତ୍ର ଦେଇଛନ୍ତି। ସେମାନେ ଦୀର୍ଘଦିନ ଧରି ଏନେଇ ପ୍ରସ୍ତାବ ଦେଇଆସୁଥିବା ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ବାପୁଜୀ ନଗରର ତାର୍ବେଲ ଖରା, ନାରାୟଣ ସୂର୍ଯ୍ୟ, ମଙ୍ଗଳା ଚାଲାଣ, ବୃନ୍ଦାବନ ଖରା, ୫ ନମ୍ବର ୱାର୍ଡ କାଉନସିଲର ପ୍ରଣବ କିଶୋର ନାୟକ, ମହେଶ୍ୱର ନାୟକ ପୌର ପରିଷଦର ମୁଖ୍ୟ କିରାଣି ଚପଲା ମିଶ୍ରଙ୍କୁ ଭେଟି ଏହି ଦାବିପତ୍ର ଦେଇଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, କିଛିଦିନ ତଳେ ବସିଥିବା ମ୍ୟୁନିସିପାଲିଟି କାଉନସିଲର ବୈଠକରେ ଜୟପୁର ମୁଖ୍ୟ ଟ୍ରାଫିକ ଛକ ନିକଟରେ ବିଜୁବାବୁଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରିବାକୁ ବିଜେଡି କାଉନସିଲରମାନେ ଦାବି କରିଆସୁଥିବା କହି ବୈଠକ ତ୍ୟାଗକରି ଚାଲିଯାଇଥିଲେ। ଫଳରେ ଏହି ବୈଠକ ବିଫଳ ହୋଇଥିଲା।

### ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ରକ୍ଷାବନ୍ଧନ ଉତ୍ସବ

କୋରାପୁଟ,୨୦।୮(ଅମିତାଭ ବେହେରା)

ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ଶିକ୍ଷା ବିଭାଗ ପକ୍ଷରୁ ପବିତ୍ର ରକ୍ଷାବନ୍ଧନ ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ବିଭାଗୀୟ ଛାତ୍ରୀମାନେ କୁଳପତି ଚକ୍ରଧର ତ୍ରିପାଠୀଙ୍କୁ ରାଖୀ ବାନ୍ଧି ଆଶୀର୍ବାଦ ଗ୍ରହଣ କରିଥିଲେ। ଏହାବ୍ୟତୀତ ଛାତ୍ରୀମାନେ ବିଭାଗୀୟ ମୁଖ୍ୟ, ଅଧ୍ୟାପକ, କର୍ମଚାରୀଙ୍କୁ ରାଖୀ ବାନ୍ଧିଥିଲେ। କାର୍ଯ୍ୟକ୍ରମକୁ ପ୍ରଫେସର ଭରତ ପଣ୍ଡା, ଆସିଷ୍ଟାଣ୍ଟ ପ୍ରଫେସର ଡ. ରାହିଲ ଅହମ୍ମଦ ପରିଚାଳନା କରିଥିବା ଲୋକ ସମ୍ପର୍କ ଅଧିକାରୀ ଡ. ଫଗୁନାଥ ଭୋଇ କହିଛନ୍ତି।

### ଜିଲାଭିତ୍ତିକ ନିଯୁକ୍ତି ଦେବାକୁ ଦାବି ଜଣାଇଲେ ଯୁବତୀଯୁବକ

ଗଣଶିକ୍ଷା ମନ୍ତ୍ରୀଙ୍କୁ ଦେଲେ ଦାବିପତ୍ର

ସୁନାବେଡ଼ା/ସେମିଳିଗୁଡ଼ା,୨୦।୮ (କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼)


କୋରାପୁଟ ଜିଲାରେ ଜିଲାଭିତ୍ତିକ ନିଯୁକ୍ତି ପାଇଁ ଜିଲା ଶିକ୍ଷିତ ଯୁବଗୋଷ୍ଠୀ ସୋମବାର ଭୁବନେଶ୍ୱରରେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛି। ଏଥିସହିତ କୋରାପୁଟ ଜିଲା ଏମ୍‌ପି ସପ୍ତଗିରି ଶଙ୍କର ଉଲାକା ଓ ପଟ୍ଟାଙ୍ଗି ବିଧାୟକ ରାମଚନ୍ଦ୍ର କାଡ଼ାମଙ୍କୁ ମଧ୍ୟ ଉକ୍ତ ଦାବିପତ୍ରର ନକଲ ପ୍ରଦାନ କରାଯାଇଛି। ଦାବିପତ୍ର ପାଇବା ପରେ ଉଭୟ ମନ୍ତ୍ରୀ, ଏମ୍‌ପି ଓ ବିଧାୟକ ଏନେଇ ନିଶ୍ଚିତ ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି। କୋରାପୁଟ ଜିଲା ଆଦିବାସୀମାନଙ୍କ ପାଇଁ ସ୍ୱତନ୍ତ୍ର ଭାବେ ପରିଚିତ। ଏଠାକାର ଆଦିବାସୀମାନଙ୍କ ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନ ଥିବା ସହ କୋରାପୁଟ ଜିଲାର ଯୁବତୀଯୁବକମାନେ ପାଠପଢ଼ିଶିକ୍ଷିତ ହେଉଛନ୍ତି ମାତ୍ର ପଢ଼ା ପରେ ନିଯୁକ୍ତି ନପାଇ ସେମାନେ ମାନସିକ ସ୍ତରରେ



ଦୁର୍ବଳ ହୋଇ ପଡୁଛନ୍ତି। ବିଗତ ଦିନରେ ଆନ୍ଦୋଳନ ପରେ ଜିଲାର ଯୁବତୀଯୁବକଙ୍କ ଜିଲା ଭିତ୍ତିକ ନିଯୁକ୍ତି ପ୍ରକ୍ରିୟାରେ ଚୟନ କରାଯାଇ ନିଯୁକ୍ତି ପ୍ରଦାନ କରାଯାଇଥିଲା। ମାତ୍ର ଏବେ କିଛି ବର୍ଷ ହେବ ଏହି ଜିଲାଭିତ୍ତିକ ନିଯୁକ୍ତି ପ୍ରକ୍ରିୟାକୁ ବନ୍ଦ କରାଯାଇ ରାଜ୍ୟଭିତ୍ତିକ ନିଯୁକ୍ତି କରାଯାଉଛି। ଅନ୍ୟ ଜିଲାର ପିଲାଙ୍କୁ ସମସ୍ତ ବିଭାଗରେ ନିଯୁକ୍ତି ମିଳୁଛି। ଫଳରେ ଜିଲାରେ ଶିକ୍ଷିତ ବେକାରୀଙ୍କ ସଂଖ୍ୟା ବଢ଼ିଚାଲିଛି। ପୂର୍ବରୁ କୋରାପୁଟ ଜିଲାରେ ଓଏସ୍‌ଏସ୍‌ସି ପରୀକ୍ଷା କେନ୍ଦ୍ର ଥିବାବେଳେ କିଛି ବର୍ଷ ହେବ ଏହାକୁ ବନ୍ଦ କରାଯାଇଛି। ଏହାକୁ ପୁଣି ଥରେ ଖୋଲିବାକୁ ଦାବିପତ୍ର ଦେବା ସମୟରେ ସେମାନେ ଗଣଶିକ୍ଷା ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଦାବିପତ୍ର ପ୍ରଦାନ ବେଳେ କୋରାପୁଟ ଲମତାପୁଟ, ସେମିଳିଗୁଡ଼ା ଓ ମାଲକାନଗିରିରୁ ଛବିରାଣୀ ମାଛ,ଅମ୍ରିତା ଶତପଥୀ, ବୈକୁଣ୍ଠ ମନ୍ତ୍ରୀ, ରାଜେଶ ଅବତା, ଅନିଶା ଶତପଥୀ, ରମେଶ ଜାନୀ, ମଞ୍ଜୁ ଜାନୀ, ଗୁରୁ ଖିଲ, ତୃପ୍ତିମୟୀ ପଣ୍ଡା, ଗୁରୁ କଣ୍ଡେଲ, ସ୍ୱାତୀ ବିଶ୍ୱାଳ, ସୋମନାଥ ଖରା, କୁନାଲ ନାୟକ ,ସରିତା ଭଦ୍ରା ଓ ଦୀପାଳି ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# କୋରାପୁଟ ଜିଲାରେ ମ୍ୟାଲେରିଆ ସ୍ଥିତି ଉଦ୍‌ବେଗଜନକ

କୋରାପୁଟ/ସୁନାବେଡ଼ା/ସେମିଳିଗୁଡ଼ା, ୨୦।୮ (ଅମିତାଭ ବେହେରା/ କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼)



ସୁନାବେଡ଼ା ପୌରାଞ୍ଚଳରେ ଏକ ଡ୍ରେନରେ ଜମି ରହିଥିବା ଅଳିଆ ଆବର୍ଜନା,ଯାହା ମଶାବଂଶ ବୃଦ୍ଧିରେ ସହାୟକ ହେଉଛି।

କୋରାପୁଟ ଜିଲାରେ ମ୍ୟାଲେରିଆ ସ୍ଥିତି ଦିନକୁ ଦିନ ବଢ଼ିଚାଲିଛି। ଏହାକୁ ନିୟନ୍ତ୍ରଣ କରିବାରେ ଜିଲା ପ୍ରଶାସନ ଗୁରୁତ୍ୱ ଦେଉ ନ ଥିବା ଅଭିଯୋଗ ହେଉଛି। ଜିଲା ସ୍ୱାସ୍ଥ୍ୟ ବିଭାଗ ତଥ୍ୟ ଅନୁଯାୟୀ ୨୦୨୨ରେ କୋରାପୁଟ ଜିଲାରେ ୪ଲକ୍ଷ ୬୨ହଜାର ୭୩୪ ଜଣଙ୍କ ମ୍ୟାଲେରିଆ ପରୀକ୍ଷା କରାଯାଇଥିଲା। ସେଥିରୁ ୨୮୩୦ ଜଣ ଆକ୍ରାନ୍ତ ଥିବା ଜଣାପଡ଼ିଥିଲା। ସେହିପରି ୨୦୨୩ରେ ୫ଲକ୍ଷ ୪୩ ହଜାର ୮୦ରୁ ୭୦୦୭ ଜଣ, ୨୦୨୪ ଜୁଲାଇ ସୁଦ୍ଧା ୩ଲକ୍ଷ ୨୨ହଜାର ୮୧୨ ଜଣଙ୍କ ମ୍ୟାଲେରିଆ ପରୀକ୍ଷାରୁ ୫୫୦୦ ଜଣ ଚିହ୍ନଟ ହୋଇଛନ୍ତି। ସେହିପରି ଡେଙ୍ଗୁ କ୍ଷେତ୍ରରେ ୨୦୨୨ରେ ୮୩୦୯ ପରୀକ୍ଷା ମଧ୍ୟରୁ ୫୦୯ ଜଣ,୨୦୨୩ରେ ୬୫୯୪ରୁ ୧୬୦ ଜଣ ଓ ୨୦୨୪ ଅଗଷ୍ଟ ୧୯ ସୁଦ୍ଧା ୨୩୭୧ ଜଣଙ୍କ ପରୀକ୍ଷାରୁ ୪୦ ଜଣ ଆକ୍ରାନ୍ତ ଥିବା ଜଣାପଡ଼ିଛି। ଏ ସମ୍ପର୍କରେ ଜିଲା ମ୍ୟାଲେରିଆ ଅଧିକାରୀ ସୁଶାନ୍ତ ଦାସଙ୍କୁ ପଚାରିବାରୁ ସେ କହିଲେ, କୋରାପୁଟ ଜିଲାରେ ମ୍ୟାଲେରିଆ ଓ ଡେଙ୍ଗୁ ନିୟନ୍ତ୍ରଣ ପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବହୁ ପଦକ୍ଷେପ ଗ୍ରହଣ କରାଯାଇଛି। ପ୍ରତି ପୌରାଞ୍ଚଳରେ ଏଥିପ୍ରତି ନଜର ରଖିବାକୁ ଜଣେ ଅଧିକାରୀଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ଆଶାକର୍ମୀ, ଗ୍ରାମ କଲ୍ୟାଣ ସମିତି କର୍ମକର୍ତ୍ତା ଓ ଅଙ୍ଗନୱାଡ଼ି କର୍ମୀମାନଙ୍କୁ ତାଲିମ ଦେଇ ସଚେତନ ରଖାଯାଇଛି। ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ କେହି ଜ୍ୱରରେ ଆକ୍ରାନ୍ତ ହେଲେ ତାଙ୍କୁ ସଙ୍ଗେସଙ୍ଗେ ଚିକିତ୍ସା ଯୋଗାଇବାକୁ ସେମାନଙ୍କୁ କୁହାଯାଇଛି। ଅଙ୍ଗନୱାଡ଼ି କର୍ମୀମାନେ ମଧ୍ୟ ପ୍ରତି ଘରକୁ ଘର ବୁଲି ମ୍ୟାଲେରିଆ ଓ ଡେଙ୍ଗୁଠାରୁ କିପରି ସୁରକ୍ଷିତ ରହିପାରିବେ ସେନେଇ ଜନସାଧାରଣଙ୍କୁ ସଚେତନ କରୁଛନ୍ତି ବୋଲି ମ୍ୟାଲେରିଆ ଅଧିକାରୀ ଦାସ କହିଛନ୍ତି। ଅନ୍ୟପକ୍ଷରେ କିଛିଦିନ ହେବ ଲଗାତର

### ନିୟନ୍ତ୍ରଣ ପାଇଁ ନିଆଯାଉଛି ସମସ୍ତ ପଦକ୍ଷେପ: ଜିଲା ମ୍ୟାଲେରିଆ ଅଧିକାରୀ

ବର୍ଷା ଯୋଗୁ ସୁନାବେଡ଼ା ପୌରାଞ୍ଚଳର ବିଭିନ୍ନ ୱାର୍ଡର ଅନେକ ସ୍ଥାନରେ ପାଣି ଜମି ରହିଛି। ଫଳରେ ମଶାଙ୍କ ପ୍ରାଦୁର୍ଭାବ ଦିନକୁ ଦିନ ବଢ଼ି ମ୍ୟାଲେରିଆ ଦେଖାଦେଉଥିବା ୱାର୍ଡ ବାସିନ୍ଦାମାନେ ଅଭିଯୋଗ କରିଛନ୍ତି। ଏପରି ସ୍ଥଳେ ୱାର୍ଡ ଗୁଡ଼ିକରେ ପ୍ରତିଷେଧକ ସ୍ୱରୂପ ମଶାଧୂଆଁ ଦେବା, ମଶାତେଲ ପକାଇବା ଓ ନାଳନର୍ଦ୍ଦମାଗୁଡ଼ିକୁ ସଫା କରିବାକୁ ପୌର ପ୍ରଶାସନ ଗୁରୁତ୍ୱ ଦେଉନାହିଁ। ଏ ସମ୍ପର୍କରେ ସୁନାବେଡ଼ା ପୌର ନିର୍ବାହୀ ଅଧିକାରୀ ନାରାୟଣ ନାୟକଙ୍କୁ ପଚାରିବାରୁ ସେ କହିଲେ, ନିୟମିତ ମଶା ଧୂଆଁ ପ୍ରତ୍ୟେକ ୱାର୍ଡରେ ଦିଆଯାଉଛି। ଫିନାଇଲ, ମଶାତେଲ ଏବଂ ବ୍ଲିଚିଂ ପାଉଡର ମଧ୍ୟ ପଡୁଛି। ଏହାବ୍ୟତୀତ ସ୍ୱଚ୍ଛସାଥୀଙ୍କ ଜରିଆରେ ଘର ଘର ବୁଲି ମ୍ୟାଲେରିଆ ସର୍ଭେ ଜାରି ରହିଥିବା ନାୟକ ସୂଚନା ଦେଇଥିଲେ।

# ବିଇଓଙ୍କୁ କୈଫିୟତ ମାଗିଲେ ଡିଇଓ

ପଟ୍ଟାଙ୍ଗି,୨୦।୮(ଶରତ ଧଳ)

### ଜିଲାପାଳଙ୍କ ମିଳିତ ଜନଶୁଣାଣିରେ ଅଭିଯୋଗ

କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକରେ ଜୁଲାଇ ୧୫ରେ ସ୍ଥାନୀୟ ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ଜିଲାପାଳଙ୍କ ମିଳିତ ଜନଶୁଣାଣି ହୋଇଥିଲା। ଜିଲାପାଳଙ୍କ ଅନୁପସ୍ଥିତିରେ ଏଡିଏମ୍ (ରାଜସ୍ୱ) ଆସିଥିବା ଅଭିଯୋଗଗୁଡ଼ିକର ଶୁଣାଣି କରିଥିଲେ। ସେ ସମୟରେ ବ୍ଲକ ସ୍ତରରେ ଭୁଲ୍ତି ପଢ଼ିଥିବା ଶିକ୍ଷା ବ୍ୟବସ୍ଥା ନେଇ ଉପରୋକ୍ତ ଅଭିଯୋଗ ପାଇଥିଲେ। ପରବର୍ତ୍ତୀ ସମୟରେ ଜିଲାପାଳ ଭି. କୀର୍ତ୍ତିଭାସନ ଏହା ଜାଣିବା ପରେ ସେ ଏହାକୁ ଗୁରୁତର ସହ ନେଇ ଜିଲା ଶିକ୍ଷା ଅଧିକାରୀ ପ୍ରଶାନ୍ତ ମହାନ୍ତି(ଡିଇଓ)ଙ୍କୁ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ଏହାକୁ ଭିତ୍ତିକରି ଡିଇଓ ବ୍ଲକ ଶିକ୍ଷା ଅଧିକାରୀ(ବିଇଓ)ଙ୍କୁ କୈଫିୟତ ତଲବ କରିଥିଲେ।

ଖବରରୁ ଜଣାପଡ଼ିଛି, ଜୁଲାଇ ୧୫ରେ ହୋଇଥିବା ମିଳିତ ଅଭିଯୋଗ ଶୁଣାଣିରେ ବ୍ଲକର ସୀମାନ୍ତ ଗୁଣ୍ଡି, ଅମ୍ବାବଲି ଓ ଚକଲଗୁଡ଼ା ପରି ପଞ୍ଚାୟତରେ ଶିକ୍ଷା ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଥିବା,ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ବ୍ଲକ ଶିକ୍ଷା ବିଭାଗ ମନଇଚ୍ଛା ଡେପୁଟେସନ କରିବା ନେଇ ଉକ୍ତ ଅଞ୍ଚଳର ସୁଶାନ୍ତ ବାକା ଲିଖିତ ଅଭିଯୋଗ କରିଥିଲେ। ଏହାକୁ ନେଇ ଜିଲାପାଳ ଡିଇଓ ମହାନ୍ତିଙ୍କୁ ଜବାବ ମାଗିଥିଲେ। ଏହାକୁ ଦୃଷ୍ଟିରେ ରଖି ଡିଇଓ ତାଙ୍କ ଚିଠି ନଂ. ୨୨୨୨/୨୪, ତା୨୮।୮।୨୪ରେ ବିଇଓ ଟି. ମିନତିଙ୍କୁ କୈଫିୟତ ମାଗି ୩ ଦିନ ମଧ୍ୟରେ ଉତ୍ତର ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ଏହି ଚିଠି ଜାରି ହେବା ପରେ ଛୁଟି ପଡ଼ିଯାଇଥିବାରୁ ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ଏଯାଏ ଚିଠିର କୌଣସି ଉତ୍ତର ଜିଲା ଶିକ୍ଷା ବିଭାଗକୁ ପ୍ରଦାନ କରାଯାଇନାହିଁ। ଏ ସମ୍ପର୍କରେ ବ୍ଲକ ଶିକ୍ଷା ଅଧିକାରୀ ଟି. ମିନତିଙ୍କୁ ପଚାରିବାରୁ ସେ କହିଲେ, ଜିଲା ଶିକ୍ଷା ଅଧିକାରୀଙ୍କ ଚିଠି ସେ ପାଇଛନ୍ତି। ଏହାର ଉତ୍ତର ଦେଇନାହାନ୍ତି। ଆଗାମୀ ଦିନରେ ଦେବେ ବୋଲି କହିଥିଲେ। ସୂଚନାଯୋଗ୍ୟ, ପଟ୍ଟାଙ୍ଗି ବ୍ଲକ ଆନ୍ଧ୍ର ସୀମାନ୍ତ ଅଞ୍ଚଳରେ ରହିଛି। ଏଠାରେ ଉକ୍ତ ଅଧିକାଂଶ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଠିକ୍ ରୂପେ ଓଡ଼ିଆ କହିପାରୁ ନ ଥିବା ଦେଖିବାକୁ ମିଳୁଛି। କେତେଜଣ ସିଆରସିସି ଓ ବ୍ଲକ ଶିକ୍ଷା ଅଧିକାରୀଙ୍କ ସୁରକ୍ଷା ପାଇ ଶିକ୍ଷୟିତ୍ରୀ ଶିକ୍ଷକମାନେ ବିଦ୍ୟାଳୟକୁ ମଧ୍ୟ ନିୟମିତ ଯାଉନାହାନ୍ତି। ଏ ସମ୍ପର୍କରେ ଅନେକ ଅଭିଯୋଗ ଆସୁଥିଲେ ସୁଦ୍ଧା ବ୍ଲକ ଶିକ୍ଷା ବିଭାଗ ନୀରବଦ୍ରଷ୍ଟା ସାଜୁଛି।

# ଦୁର୍ଘଟଣାଗ୍ରସ୍ତ ପରିବାରକୁ ସହାୟତା

ଦଶମନ୍ତପୁର, ୨୦।୮ (ଅରବିନ୍ଦ ନାୟକ)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ପାଲକ ଫୁଲାବେଡ଼ା ପଞ୍ଚାୟତର ମଙ୍ଗନାମାଳ ଗ୍ରାମରେ ଏକ ଦୁର୍ଘଟଣାରେ କ୍ଷତିଗ୍ରସ୍ତ ହୋଇଥିବା ପରିବାରକୁ ଓଡ଼ିଶା ଗ୍ରାମର ଗୁରୁ ଗାଦବାଙ୍କ ବାଇକ ଦୁର୍ଘଟଣା ଯୋଗୁ ସେ ଗୁରୁତର ହୋଇଥିଲେ। ରାଜ୍ୟ ଶ୍ରମିକ ସମବାୟ ସମିତି ପକ୍ଷରୁ ମଙ୍ଗଳବାର ତାଙ୍କ ପରିବାରକୁ ସହାୟତା ରାଶି ପ୍ରଦାନ କରାଯାଇଛି। ଟି. ଏସ୍‌ଏସ୍ ମାର୍ଟର ଶାଖା ପରିଚାଳକ ଲାଜର ବେନ୍ୟାଙ୍କ ତତ୍ତ୍ୱାବଧାନ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସରପଞ୍ଚ ମହେଶ୍ୱର ଗାଦବା, ସମ୍ମାନିତ ଅତିଥି ଭାବେ ଓଡ଼ିଶା ରାଜ୍ୟ ଶ୍ରମିକ ସମବାୟ ସମିତି ସେକ୍ରେଟାରି ଶ୍ୟାମଲାଲ ପ୍ରଧାନ, ଅତିରିକ୍ତ ସେକ୍ରେଟାରି ହିମାଂଶୁ ରାଉତ, ଜିଲା କ୍ଷେତ୍ର ମ୍ୟାନେଜର ମନୋଜ ସେଠୀ, ଅତିରିକ୍ତ ଶାଖା ପରିଚାଳକ ରବୀନ୍ଦ୍ର ବେନ୍ୟା, ପିଇଓ ଲାଲୁ ବାଘ, ଏପିଇଓ ଅନିଲ ଖସ୍ଲାଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ। କିଛିଦିନ ତଳେ ଉକ୍ତ ଗ୍ରାମର ଗୁରୁ ଦୁର୍ଘଟଣାର ଶିକାର ହୋଇଥିଲେ। ସେ ଶ୍ରମିକ ସମବାୟ ସମିତିରେ ବୀମା କରିଥିବାରୁ ତାଙ୍କ ଚିକିତ୍ସା ଲାଗି ୫ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଛି।

# ବ୍ୟାସକବି ସାହିତ୍ୟ ସଂସଦର କବିତା ଆସର

ମାଲକାନଗିରି,୨୦।୮(ଦୁର୍ଯ୍ୟୋଧନ ପାତ୍ର)

ବ୍ୟାସକବି ସାହିତ୍ୟ ସଂସଦ, ବାଲେଶ୍ୱର ଆନୁକୂଲ୍ୟରେ ମାଲକାନଗିରି ଜିଲା ଶାଖା ତରଫରୁ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ଓ କବି ବଳରାମ ପୂଜାରୀଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏକ ସ୍ୱରଚିତ ଆଭାସୀ କବିତା ଆସର ଅନୁଷ୍ଠାନ ପ୍ରତିଷ୍ଠାତା ତଥା ମୁଖ୍ୟ ସମ୍ପାଦକ କବି ଯତୀନ୍ଦ୍ର ସ୍ୱାଇଁଙ୍କ ପ୍ରତ୍ୟକ୍ଷରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନୀଳକଣ୍ଠ ସାହିତ୍ୟ ସଂସଦ ପ୍ରତିଷ୍ଠାତା ସଂଭ୍ରଜ କୁମାର ପଣ୍ଡା, ମୁଖ୍ୟବକ୍ତା ଡ. ପ୍ରଦୀପ କୁମାର ମିଶ୍ର ପ୍ରମୁଖ ସାହିତ୍ୟର ବିଭିନ୍ନ ବିଭାଗ ଉପରେ ଆଲୋଚନା କରିବା ସହ ସ୍ୱତନ୍ତ୍ର କବିତା ଆସରର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ଅନୁଷ୍ଠାନ ସଭାପତି କବି ବିପିନ ବିହାରୀ ବାରିକଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କବି ରତିନାରାୟଣ ରାଉତ, ମଙ୍ଗଳା ଷ୍ଟକ୍ ଗାନ କରିଥିଲେ। କବି ସଙ୍ଗୀତା ବାରିକ ଓ କବି ଶୋଭାଗିନୀ ନନ୍ଦ କବିତା ସଂଯୋଜନା କରିଥିଲେ। ଶ୍ରୀକାନ୍ତ ଘଡାଇ ଧନ୍ୟବାଦ ଅର୍ପଣ କରିଥିଲେ। ଓଡ଼ିଶାର ବିଭିନ୍ନ ଜିଲାରୁ ୨୫ କବି କବୟିତ୍ରୀ ଯୋଗଦେଇ ରକ୍ଷା ବନ୍ଧନ, ପ୍ରଭୁ ବଳରାମ, ଗଙ୍ଗାଧର ମେହେର ଓ କବି ବଳରାମ ପୂଜାରୀଙ୍କ ଉପରେ କବିତା ପାଠକରି ସମ୍ବର୍ଦ୍ଧିତ ହୋଇଥିଲେ।

# ତାଲିମ ଶିବିର 'ପ୍ରୟୋଗ' ଉଦ୍‌ଘାଟିତ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

କୋରାପୁଟ,୨୦।୮(ଅମିତାଭ ବେହେରା)

କୋରାପୁଟ ବ୍ଲକସ୍ତରୀୟ ୩ଦିନିଆ ଶିକ୍ଷକ ତାଲିମ ଶିବିର 'ପ୍ରୟୋଗ' ମଙ୍ଗଳବାର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟଠାରେ ଉଦ୍‌ଘାଟିତ ହୋଇଯାଇଛି। ମୌଳିକ ସାକ୍ଷରତା ସଂଖ୍ୟାଜ୍ଞାନ ଓ ଆଦ୍ୟ ଶୈଶବ ଯତ୍ନ ଓ ଶିକ୍ଷା ଉପରେ ଆଧାରିତ ଏହି ତାଲିମ କାର୍ଯ୍ୟକ୍ରମରେ ବ୍ଲକର ପ୍ରାଥମିକ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଏବଂ ଅନ୍ୟ ଶିକ୍ଷକମାନେ ଯୋଗଦେଇଥିଲେ। କୋରାପୁଟ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଅର୍ପିତା ପ୍ରଧାନ ଏବଂ ବ୍ଲକ ଅତିରିକ୍ତ ଶିକ୍ଷା ଅଧିକାରୀ ଶିବପ୍ରସାଦ ରଥ ଉପସ୍ଥିତ ଥିଲେ। ଶିବିରରେ ସାଧନ କର୍ମୀ ପ୍ରଶିକ୍ଷିକା ଶୁଭସ୍ମିତା ଦାସ, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ପ୍ରଦୀପ ପାତ୍ର, ହରପ୍ରସାଦ ମିଶ୍ର ଏବଂ ସୁବୋଧ ମାଝୀ ଯୋଗଦେଇ ତାଲିମ ଦେଇଥିଲେ। ମନୋଜ ଦାସ ଏବଂ ସୁଜିତ୍ ପଲେଇ ସହଯୋଗ କରିଥିଲେ।

# ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି



ଅଧିକାରୀମାନେ ଅଭିଯୋଗ ଗୁଡ଼ିକର ଶୁଣାଣି କରୁଛନ୍ତି।

ଜୟପୁର, ୨୦।୮ (ପବନ ପାଣିଗ୍ରାହୀ)

କୋରାପୁଟ ଜିଲା ଜୟପୁର ବ୍ଲକ ଅନ୍ତର୍ଗତ କାଳିଆଗାଁରେ ପଞ୍ଚାୟତସ୍ତରୀୟ ଅଭିଯୋଗ ଓ ଜନଶୁଣାଣି ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଡିଓ ଶକ୍ତି ମହାପାତ୍ର, ଏବିଡିଓ ମନୋଜ ନାୟକ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ କେ.ଏସ୍. ନିଶା, ଜିପିଓ ଭାଗୀରଥି ନାୟକ, ସରପଞ୍ଚ ସବିତି ସଖ୍ୟା, ସ୍ୱାସ୍ଥ୍ୟ ବିଭାଗ, ଆଇସିଡିଏସ୍, ହର୍ଟିକଲ୍‌ଚର,କୃଷି ବିଭାଗ କର୍ମଚାରୀଙ୍କ ସହ ବ୍ଲକସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଗ୍ରହଣ କରିଥିଲେ। ନୂତନ ରାସ୍ତା, ରାସ୍ତା ମରାମତି, ଅଙ୍ଗନୱାଡ଼ି କେନ୍ଦ୍ର ମରାମତି ସମ୍ପର୍କିତ ଅଭିଯୋଗମାନ ଆସିଥିଲା। ଶିବିରରେ ଜନସାଧାରଣ କିପରି ବିଭିନ୍ନ ସରକାରୀ ଯୋଜନାରୁ ଲାଭ ପାଇବେ ସେ ନେଇ ଅଧିକାରୀମାନେ ବୁଝାଇଥିଲେ। ଏହି ଅବସରରେ ରାବଣଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଏକ ସ୍ୱାସ୍ଥ୍ୟସେବା ଶିବିର ହୋଇଥିଲା।

# ଭାରତ ବନ୍ଦ ଡାକରାକୁ ମିଳିଲା ସମର୍ଥନ

### ସମର୍ଥନ ଦେଲା ଅଖିଳ ଭାରତୀୟ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ସମନ୍ୱୟ ସମିତି କୋରାପୁଟ ଜିଲା ଶାଖା

କୋରାପୁଟ,୨୦।୮(ଅମିତାଭ ବେହେରା)



ଜିଲା ପ୍ରଶାସନକୁ ଦାବିପତ୍ର ଦେବାକୁ ଆସିଥିବା ଆଦିବାସୀ ନେତା ଓ କର୍ମକର୍ତ୍ତା।

ବୁଧବାର ୨୧ ତାରିଖରେ ହେବାକୁ ଥିବା ଭାରତ ବନ୍ଦ ଡାକରାକୁ ଅଖିଳ ଭାରତୀୟ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ସମନ୍ୱୟ ସମିତି କୋରାପୁଟ ଜିଲା ଶାଖା ସମର୍ଥନ କରିଛି। ଏନେଇ ସମିତିର ପରାମର୍ଶଦାତା ଗୁରୁଙ୍କ ଗୁରୁଙ୍କ ସୂଚନା ଦେଇଛନ୍ତି। ବୁଧବାର କୋରାପୁଟ ଜିଲାର ସମସ୍ତ ମ୍ୟୁନିସିପାଲିଟି, ବିଜ୍ଞାପିତ ଅଞ୍ଚଳ ପରିଷଦ ଏବଂ ସମସ୍ତ ବ୍ଲକରେ ଅଖଣ୍ଡ ସହିତ ଦୋକାନ ବଜାର, ସ୍କୁଲ କଲେଜ ଓ କାର୍ଯ୍ୟାଳୟଗୁଡ଼ିକ ସମ୍ପୂର୍ଣ୍ଣ ବନ୍ଦ ରହିବ ବୋଲି ସେ କହିଛନ୍ତି। ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟଙ୍କ ୭ଜଣିଆ ଖଣ୍ଡପୀଠ ଗତ ୧ ତାରିଖରେ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତିଙ୍କ ସଂରକ୍ଷଣ ସମ୍ବନ୍ଧିତ ଯେଉଁ ରାୟ ପ୍ରଦାନ କରିଛନ୍ତି ତାହାର ପୁନଃ ବିଚାର କରିବାକୁ ଦାବି କରାଯାଇଥିବା ଗୁରୁଙ୍କ ପ୍ରକାଶ କରିଛନ୍ତି। ଏହି ଅବସରରେ ଜିଲା ପ୍ରଶାସନକୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଅତିରିକ୍ତ ଜିଲାପାଳ ଲଙ୍ଗିତ ରାଉତ ଦାବିପତ୍ର ଗ୍ରହଣ କରିଥିଲେ। ଏହି ଅବସରରେ ଜିଲା ପରିଷଦ ଅଧ୍ୟକ୍ଷା ସସ୍ମିତା ମେଲେକା, ଜିଲା ପରିଷଦ ସଭ୍ୟ ରଘୁ ଜାନି, ଜିଲା ଆଦିବାସୀ ମହାସଂଘ ସଭାପତି ଶିବ ପୁଜୁରୁ, ଜିଲା ସରପଞ୍ଚ ମହାସଂଘ ସଭାପତି ଲବ ପୁଜୁରୁ, ଜିଲା ପରଜା ସମାଜ ସଭାପତି ସନା ଜାନି, କାଉନସିଲର ରବି ପରଜା, ଡମ୍ବ ସମାଜର ଭଗବାନ ଖରାଙ୍କ ସମେତ ବହୁ ଆଦିବାସୀ ନେତା ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# କାଜୁ ଚୋରି ମାମଲାରେ ପୁଣି ଜଣେ ଗିରଫ

ଜୟପୁର,୨୦।୮ (ପବନ ପାଣିଗ୍ରାହୀ)

କାଜୁ ଚୋରି ମାମଲାରେ ପୁଣି ଜଣେ ଅଭିଯୁକ୍ତଙ୍କୁ ଜୟପୁର ସଦର ପୋଲିସ ମଙ୍ଗଳବାର ଗିରଫ କରିଛି। ସେ ହେଲେ ଦିଶାରିଗୁଡ଼ା ଗ୍ରାମର ଅନନ୍ତ ବିଷୋୟୀ (୩୦)। ଅନ୍ତା ଗ୍ରାମର କାଜୁ ମିଲ୍‌ରୁ ୩୦।୩।୨୪ରେ ୫୦ କେଜି ଓଜନର ୧୧ ପ୍ୟାକେଟ କାଜୁ ଚୋରି ହୋଇଯାଇଥିଲା। ଏଥିସହ ଅଭିଯୁକ୍ତମାନେ ଏକ ମୋଟର ପମ୍ପ ଚୋରି ନେଇଯାଇଥିଲେ। ଏନେଇ ଜୟପୁର ବାଣରି ସାହିରେ ରହୁଥିବା ମିଲ୍ ମାଲିକ କେ. ଶିବପ୍ରସାଦ ସଦର ଥାନାରେ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତିକରି ପୋଲିସ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରି ଏଥିରେ ସମ୍ପୃକ୍ତ ଥିବା ୪ଜଣଙ୍କୁ ପୂର୍ବରୁ ଗିରଫ କରିଥିଲା। ଏବେ ଅନନ୍ତଙ୍କୁ ଗିରଫ କରାଯାଇଥିବା ଥାନା ଅଧିକାରୀ ଈଶ୍ୱର ତାଣ୍ଡି କହିଛନ୍ତି।

# ଗଞ୍ଜେଇ ଚାଲାଣ ମାମଲାରେ ଫେରାର ଅଭିଯୁକ୍ତ ଗିରଫ

ଜୟପୁର, ୨୦।୮ (ପବନ ପାଣିଗ୍ରାହୀ)

ଗଞ୍ଜେଇ ଚୋରାଚାଲାଣ ମାମଲାରେ ମଙ୍ଗଳବାର ଜୟପୁର ସଦର ପୋଲିସ ଜଣଙ୍କୁ ଗିରଫ କରିଛି। ସେ ହେଲେ ଛତିଶଗଡ଼ ଦୁର୍ଗ ଜିଲାର ଆକାଶ ଉପାଧ୍ୟାୟ (୨୬)। ଏକ କାରରେ ୧୬।୭।୨୦୨୨ରେ ଆକାଶ ଗଞ୍ଜେଇ ଚାଲାଣ କରୁଥିବା ବେଳେ କୁମ୍ଭାପୁଟ ନିକଟରେ ସଦର ପୋଲିସ ଚଢ଼ାଉକରି ତାଙ୍କୁ ଧରିଥିଲା। ପୋଲିସକୁ ଦେଖି ଆକାଶ କାର୍ ଓ ଗଞ୍ଜେଇ ଛାଡ଼ି ଫେରାର ହୋଇଯାଇଥିଲେ। ପୋଲିସ ସେତେବେଳେ କାର୍ ଓ ଗଞ୍ଜେଇ ଜବତକରି ତଦନ୍ତ ଜାରି ରଖିଥିଲା। ଏବେ ତାଙ୍କୁ ଗିରଫକରି କୋର୍ଟ ଚାଲାଣ କରାଯାଇଛି ବୋଲି ଥାନା ଅଧିକାରୀ ଈଶ୍ୱର ତାଣ୍ଡି କହିଛନ୍ତି।

# ଲମତାପୁଟରେ ୬୬ ଅଭିଯୋଗ ଶୁଣିଲେ ଜିଲାପାଳ

ଲମତାପୁଟ, ୨୦।୮(ଭକ୍ତରାମ ବାଲ୍ମିକୀ)

କୋରାପୁଟ ଜିଲା ଲମତାପୁଟ ବ୍ଲକ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଜିଲାପାଳଙ୍କ ଅଭିଯୋଗ ଜନ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଭି. କୀର୍ତ୍ତିଭାସନ ଯୋଗଦେଇ ୬୬ଟି ଅଭିଯୋଗରଶୁଣାଣି କରିଥିଲେ। ଶିକ୍ଷା, ସ୍ୱାସ୍ଥ୍ୟ ଓ ଗମନା ଗମନ ଉପରେ ଅଭିଯୋଗମାନ ଆସିଥିଲା। ବିଶେଷ କରି ଗ୍ରାମାଞ୍ଚଳର ରାସ୍ତା ଓ ପାନୀୟ ଜଳ ସମସ୍ୟା ଶୀଘ୍ର ସମାଧାନ କରିବା ପାଇଁ ଜିଲାପାଳ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅଭିଯୋଗ ଶୁଣାଣିରେ ବ୍ଲକର ସମସ୍ତ ବିଭାଗର ଅଧିକାରୀ ମାନେ ଉପସ୍ଥିତ ଥିଲେ। ଅତିଶୀଘ୍ର ସମସ୍ତ ଅଭିଯୋଗର ସମାଧାନ କରାଯିବ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେଇଥିଲେ।




ଜିଲାପାଳ ଭି. କୀର୍ତ୍ତିଭାସନ ଅଭିଯୋଗ ଶୁଣୁଛନ୍ତି।

# ବିଦ୍ୟୁତ୍ ଅବ୍ୟବସ୍ଥା ନେଇ ଉଠିଲା ଅଭିଯୋଗ

### ପଞ୍ଚାୟତ ସ୍ତରରେ ଅଭିଯୋଗ ଶୁଣାଣି

ପଟ୍ଟାଙ୍ଗି,୨୦।୮(ଶରତ ଧଳ)




ଅଧିକାରୀମାନେ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

ଜିଲା ଏବଂ ବ୍ଲକ ସ୍ତରରେ ମିଳିତ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ପରେ ଆସୁଥିବା ଅଭିଯୋଗଗୁଡ଼ିକର ସମାଧାନ ଲାଗି ସରକାର ପଞ୍ଚାୟତ ସ୍ତରରେ ମିଳିତ ଅଭିଯୋଗ ଶୁଣାଣି ଆରମ୍ଭ କରିଛନ୍ତି। ମଙ୍ଗଳବାର କୋରାପୁଟ ଜିଲାର ସମସ୍ତ ପଞ୍ଚାୟତରେ ଅଭିଯୋଗ ଶୁଣାଣି କରିବା କ୍ଷେତ୍ରରେ ପଟ୍ଟାଙ୍ଗି ବ୍ଲକ ପ୍ରଶାସନ ପଛରେ ପଡ଼ିନାହିଁ। ସୋମବାର ସରକାରୀ ଛୁଟି ରହିଥିବାରୁ ମଙ୍ଗଳବାର ପ୍ରଶାସନ ବ୍ଲକର ସୀମାନ୍ତ କୋଟିଆ ପଞ୍ଚାୟତ କାର୍ଯ୍ୟାଳୟରେ ମିଳିତ ଅଭିଯୋଗ ଶୁଣାଣି କରିଥିଲା। ଏଥିରେ ବିଡିଓ ବିଡିଓ ସୁକାନ୍ତ ପଟ୍ଟନାୟକ, ସିଡିପିଓ ବି. ଅନୁସୂୟାଙ୍କ ସହ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଶୁଣାଣି ପାଇଁ ପଞ୍ଚାୟତବାସୀଙ୍କ ନିକଟରୁ ୩୨ଟି ଅଭିଯୋଗ ଆସିଥିଲା। ପଞ୍ଚାୟତର ଅଧିକାଂଶ ଗ୍ରାମରେ ବିଦ୍ୟୁତ୍ ସେବା ସମ୍ପର୍କିତ ଅଭିଯୋଗ ରହିଥିଲା। ବିଦ୍ୟୁତ୍ ସଂଯୋଗ ନିମନ୍ତେ କେଉଁଠି ବିଦ୍ୟୁତ୍ ଖୁଣ୍ଟ ପୋତାହୋଇଥିବା ବେଳେ କେଉଁଠି ପୋତାଯାଇଥିବା ଖୁଣ୍ଟରେ ତାରଟଣା ହୋଇଥିଲେ ମଧ୍ୟ ବିଦ୍ୟୁତ୍ ସଂଯୋଗ ହୋଇ ନଥିବା ଗ୍ରାମବାସୀ ଅଭିଯୋଗ କରିଥିଲେ। ଏହାକୁ ନେଇ ବିଡିଓ ପଟ୍ଟନାୟକ ସମସ୍ୟା ସମ୍ପର୍କରେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରି ତୁରନ୍ତ ସମସ୍ୟାର ସମାଧାନ କରିବେ ବୋଲି ସୀମାନ୍ତ ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ସେହିପରି ବ୍ଲକ ସ୍ତରରେ କାର୍ଯ୍ୟ କରୁଥିବା ସମସ୍ତ ସରକାରୀ ବିଭାଗର ପଦାଧିକାରୀ ଉପସ୍ଥିତ ରହି ନିଜ ନିଜ ବିଭାଗରେ ଆସିଥିବା ଅଭିଯୋଗଗୁଡ଼ିକ କିପରି ତୁରନ୍ତ ସମାଧାନ କରିହେବ ସେଥିପ୍ରତି ଦୃଷ୍ଟି ଦେବାକୁ ବିଡିଓ ପଟ୍ଟନାୟକ କହିଥିଲେ। କୋଟିଆ ସରପଞ୍ଚ ଲିପୁ ଗେମେଲ ପଞ୍ଚାୟତରେ କାର୍ଯ୍ୟରତ ସମସ୍ତ ସରକାରୀ କର୍ମଚାରୀ ସବୁ ଗ୍ରାମରେ ସରକାରୀ କାର୍ଯ୍ୟକ୍ରମ ଯେପରି ଚରାଚିତ ହେବ ଏବଂ ଗ୍ରାମବାସୀ ଉପକୃତ ହୋଇପାରିବେ ସେଥିପ୍ରତି ଦୃଷ୍ଟିଦେବାକୁ ପରାମର୍ଶ ଦେଇଥିଲେ। ଆମର ଦୁର୍ବଳତାରୁ ଫାଇଦା ଯେପରି ପଡୋଶୀ ଆନ୍ଧ୍ର ନ ଉଠାଇବ ସେଥିପ୍ରତି ସମସ୍ତେ ଧ୍ୟାନଦେବାକୁ ସେ କହିଥିଲେ। କାର୍ଯ୍ୟକ୍ରମ ପରେ ବିଡିଓ ପଟ୍ଟନାୟକ ସିଡିପିଓଙ୍କ ସହ କୋଟିଆ ଅଙ୍ଗନୱାଡ଼ି କେନ୍ଦ୍ର ପରିଦର୍ଶନକରି ସ୍ଥିତି ଅନୁଧ୍ୟାନ କରିଥିଲେ। ସେହିପରି ବିଦ୍ୟାଳୟ ମଧ୍ୟ ପରିଦର୍ଶନ କରି ଉପସ୍ଥିତ ଶିକ୍ଷକମାନଙ୍କୁ ପାଠପଢ଼ା, ସେମାନଙ୍କ ଖାଦ୍ୟପେୟ ସମ୍ପର୍କରେ ପଚାରି ବୁଝିଥିଲେ। କାର୍ଯ୍ୟକ୍ରମକୁ ଦେଓଘରିଆ ପିଇଓ ଦିବାକର ପୁରୋହିତ, କନିଷ୍ଠ ଯନ୍ତ୍ରୀ ଅଜୟ ଚଉଧ, ପଟ୍ଟାଙ୍ଗି ପିଇଓ କଷ୍ଣ ଗୋଲରି ପରିଚାଳନା କରିଥିଲେ।

# ଆଜି ଭାରତ ବନ୍ଦ: ଦୋକାନ ବଜାର, ଅଖଚକ ଠପ୍

## ଏସ୍‌ସି/ଏସ୍‌ଟି ମିଳିତ କମିଟିର ସମର୍ଥନ

ରାୟଗଡ଼ା,୨୦।୮(ଆଶିଷ ରଞ୍ଜନ ପଣ୍ଡା)

ଦେଶର ସର୍ବୋଚ୍ଚ ନ୍ୟାୟାଳୟଙ୍କ ଆରକ୍ଷଣ ସମ୍ବନ୍ଧୀୟ ରାୟ ଏବଂ ବାରମ୍ବାର ଆରକ୍ଷଣ ହସ୍ତକ୍ଷେପକୁ ବିରୋଧ କରି ରାୟଗଡ଼ା ଜିଲା ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ମିଳିତ ସମାଜ ପକ୍ଷରୁ ଅଗଷ୍ଟ ୨୧ ଭାରତ ବନ୍ଦ ଡାକରାକୁ ସମର୍ଥନ ଜଣାଇଛି । ବୁଧବାର ସକାଳ ୬ରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଜରୁରିକାଳୀନ ସେବାକୁ ଛାଡି ସମସ୍ତ ଦୋକାନ ବଜାର, ଯାନବାହନ ଚଳାଚଳ ବନ୍ଦ କରାଯିବ । ଏ ନେଇ ମଙ୍ଗଳବାର ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ଖବରଦାତା ସମ୍ମିଳନୀରେ ମିଳିତ ସମାଜର ସଦସ୍ୟମାନେ ସୂଚନା ଦେଇଛନ୍ତି ।

ଜିଲା ଆଦିବାସୀ ସମାଜ ସଦସ୍ୟ ଗଙ୍ଗାଧର ପୁଆଲା ଓ ଜିଲା ଡମ୍ ସମାଜ ସଭାପତି ଧନୀରାମ ନାଏକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସମ୍ମିଳନୀରେ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଭାଗୀଦାରି ଆରକ୍ଷଣକୁ ସମାପ୍ତ କରିବା ଉଦ୍ଦେଶ୍ୟରେ ସର୍ବୋଚ୍ଚ ନ୍ୟାୟାଳୟ ଯେଉଁ ରାୟ ପ୍ରଦାନ କରିଛନ୍ତି, ତାହା ଅତି ଦୁର୍ଭାଗ୍ୟଜନକ ଓ ଅଣସାମ୍ବିଧାନିକ ବୋଲି ସମସ୍ତେ କହିଛନ୍ତି । ଯାହା ସମ୍ବିଧାନର ୩୪୧ ଓ ୩୪୨କୁ ବିରୋଧ ଆଚରଣ କରୁଛି । ଅନୁସୂଚିତ ଜାତି ଓ ଜନଜାତି ସଂରକ୍ଷଣ ଉପରେ ବର୍ଗୀକରଣକୁ କେବଳ ଏମ୍‌ପି ଓ ରାଷ୍ଟ୍ରପତିଙ୍କ ଅଧିକାର ରହିଛି । କିନ୍ତୁ ସର୍ବୋଚ୍ଚ ନ୍ୟାୟାଳୟ ଆରକ୍ଷଣ ଭିତ୍ତିରେ ଆରକ୍ଷଣ ଓ ବର୍ଗୀକରଣ କରାଯାଇପାରିବ ବୋଲି ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ନିଷ୍ପତ୍ତିକୁ ଜିଲା ଅନୁସୂଚିତ ଜାତି ଓ ଜନଜାତି ମିଳିତ କାର୍ଯ୍ୟାନୁଷ୍ଠାନ କମିଟି ବିରୋଧ କରୁଛି। ତେଣୁ ବୁଧବାର ସକାଳୁ ୧୨ ଘଣ୍ଟିଆ ବନ୍ଦ ଡାକରା ଦିଆଯାଇଛି। ଏହି ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ମାଦାରାଓ କଣ୍ଡାଗରି, ତାମାରାଓ ବିଡ଼ିକା, ନରେନ୍ଦ୍ର ନାୟକ, ବୃନ୍ଦାବନ ନାୟକ, ହର ପ୍ରସାଦ ହେପୃକା, ତପନ ପେଦେଣ୍ଟି, ସରୋଜ କୁମାର ନାୟକ, ସଞ୍ଜୀବ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ । ସେହିଭଳି ଏହି ବନ୍ଦ ଡାକରାକୁ ବହୁଜନ ସମାଜ ପାର୍ଟି ମଧ୍ୟ ସମର୍ଥନ ଜଣାଇଛି ।




ଖବରଦାତା ସମ୍ମିଳନୀରେ ଜିଲା ପରିଷଦ ପୂର୍ବତନ ଅଧ୍ୟକ୍ଷ ଗଙ୍ଗାଧର ପୁଆଲା, ଡମ୍ ସମାଜ ସଭାପତି ଧନୀରାମ ନାଏକ, ବ୍ଲକ ଉପାଧ୍ୟକ୍ଷ ହରପ୍ରସାଦ ହେପୃକା ଓ ଅନ୍ୟମାନେ ।

## ବିଭିନ୍ନ କାର୍ଯ୍ୟ ପାଇଁ ଅର୍ଥ ମଞ୍ଜୁର

### ଗୁଣପୁର ଥେରୁବାଲି ରେଳପଥ

ଗୁଣପୁର,୨୦।୮(ପ୍ରଦୀପ କୁମାର ପାଢ଼ୀ)

ରାୟଗଡ଼ା ଜିଲା ଗୁଣପୁର ଥେରୁବାଲି ରେଳପଥର ବିଭିନ୍ନ କାର୍ଯ୍ୟ ସକାଶେ ରେଳ ବିଭାଗ ପକ୍ଷରୁ ଅର୍ଥ ମଞ୍ଜୁର କରାଯାଇଛି। ସୋମବାର ବିଭାଗ ପକ୍ଷରୁ ଏ ନେଇ କାର୍ଯ୍ୟସୂଚୀ ସହ କେଉଁ କାର୍ଯ୍ୟକୁ କେତେ ଟଙ୍କା ମଞ୍ଜୁର ହୋଇଛି ତାହା ପ୍ରକାଶ ପାଇଛି। ସିଭିଲ ଇଞ୍ଜିନିୟରିଂ କାର୍ଯ୍ୟ ପାଇଁ ୧୦୧୨.୯୬ କୋଟି, ଇଲେକ୍ଟ୍ରିକାଲ ଇଞ୍ଜିନିୟରିଂ ପାଇଁ ୧୦୧.୫୩ କୋଟି ଏବଂ ସିଗ୍‌ନାଲ ଓ ଟେଲି କମ୍ୟୁନିକେଶନ ପାଇଁ ୫୧.୪୦ କୋଟି ସମୁଦାୟ ଏପରି ୧୧୬୫.୮୯ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି।

ସୂଚନାଯୋଗ୍ୟ, ଗୁଣପୁର ଥେରୁବାଲି ୭୩.୬୨ କି.ମି. ରେଳପଥ ନିର୍ମାଣ ପାଇଁ ଗତ ୧୦ ତାରିଖରେ କ୍ୟାବିନେଟ ମଞ୍ଜୁର ପାଇଥିବା ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଘୋଷଣା କରିଥିଲେ। ଏହାପରେ ଅଞ୍ଚଳରେ ଖୁସିର ଲହରି ଖେଳିଯାଇଥିଲା। ଏହାର ୧୦ ଦିନ ମଧ୍ୟରେ ୧୯ ତାରିଖରେ ବିଭିନ୍ନ କାର୍ଯ୍ୟ ସକାଶେ ଅର୍ଥ ମଞ୍ଜୁର ଘଟଣା ଅଞ୍ଚଳରେ ଖୁସିର ଲହରି ଖେଳିବା ସହ କାର୍ଯ୍ୟ ତ୍ୱରାନ୍ୱିତ ହେବା ନେଇ ଆଶା ଦୃଢ଼ୀଭୂତ ହୋଇଛି। ରେଳ ବିଭାଗର ଏପରି ତ୍ୱରିତ ପଦକ୍ଷେପ ପାଇଁ ଜନସାଧାରଣଙ୍କ ପକ୍ଷରୁ କୃତଜ୍ଞତା ପ୍ରଦାନ କରାଯାଇଛି।

## ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ

ଗୁଣପୁର, ୨୦।୮(ପ୍ରଦୀପ କୁମାର ପାଢ଼ୀ)

ଗୁଣପୁର ବଂଶଧାରା ସାହିତ୍ୟ ସମାଜ ପକ୍ଷରୁ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ବଂଶଧାରା ସାହିତ୍ୟ ସମାଜ ସଭାପତି ପ୍ରଭାତ କୁମାର ଶତପଥୀ, ବରିଷ୍ଠ ସାହିତ୍ୟିକ ପ୍ରତାପ କୁମାର ରାୟ, ସୀମାଞ୍ଚଳ କର ଓ ସୁଦର୍ଶନ ପୃଷ୍ଟି ମଞ୍ଚାସୀନ ଥିଲେ। ଗଙ୍ଗାଧର ମେହେରଙ୍କ ତୈଳ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ପରେ ମେହେରଙ୍କ ତପସ୍ୱିନୀ କାବ୍ୟକୁ ସଙ୍ଗୀତ ଆକାରରେ ଗାନ କରାଯାଇଥିଲା। ପରେ ଓଡ଼ିଶା ତଥା ମାଲକାନଗିରିର ବିଶିଷ୍ଟ କବି ତଥା ସ୍ୱର୍ଗତ ବଳରାମ ପୂଜାରୀଙ୍କ ଅମର ଆତ୍ମାର ସଦ୍‌ଗତି କାମନା ପାଇଁ ଏକ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ପରେ ପ୍ରତାପ କୁମାର ରାୟ ଓ ସୀମାଞ୍ଚଳ କର ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ କାବ୍ୟ ଓ କବିତା, ଜୀବନୀ ଓ ଓଡ଼ିଆ ସାହିତ୍ୟ ଜଗତକୁ ମେହେରଙ୍କ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। କବି ଦୁର୍ଗା ପ୍ରସାଦ ଶତପଥୀ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ ଓ ଅଶ୍ୱିନୀ କୁମାର ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ କବି ରମେଶ ମିଶ୍ର, ସହଦେବ ରଥ, ନୀଳ ମାଧବ ଦାଶ, ନରସିଂହ ଶତପଥୀ, ମାଧବ ବିଶୋଇ, ପ୍ରଭାସିନୀ ପ୍ରଧାନ, ଶାନ୍ତିଲତା ରଥ ଓ ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ପ୍ରମୁଖ ଉପସ୍ଥିତ ଥିଲେ।



ଜୟନ୍ତୀ ପାଳନ ଅବସରରେ ଉପସ୍ଥିତ କବୟିତ୍ରୀ, କବି ।

## ସଂକ୍ଷେପରେ

### ମୁଣ୍ଡ ଜାମିନ ରଖି ୩୬ଲକ୍ଷ ଦାବି ଘଟଣା, ଜଣେ ଗିରଫ

ବ୍ରହ୍ମପୁର,୨୦।୮(ସୁବାସ ଚନ୍ଦ୍ର ପାଢ଼ୀ)

ଗାନ୍ଧୀନଗର ଅଞ୍ଚଳର ବିଶ୍ୱନାଥ ବିଶ୍ୱାଳଙ୍କୁ ଗତ ୧୪ ତାରିଖ ଅପହରଣ ହୋଇଥିଲା। ତାଙ୍କୁ ମୁଣ୍ଡ ଜାମିନ ରଖି ୩୬ ଲକ୍ଷ ଟଙ୍କା ବଟି ମାଗିବା ଘଟଣାରେ ଫେରାର ଅଭିଯୁକ୍ତଙ୍କୁ ଟାଉନ ଥାନା ପୋଲିସ ଗିରଫ କରିଛି। ଅଭିଯୁକ୍ତ ଜଣଙ୍କ କୋଚିନ୍ଦ୍ରା ଥାନା ଧୁବାଡ଼ି ଗ୍ରାମର ମନୋଜ କୁମାର ସେଠୀ ଓରଫ କୈଳାସ (୨୧)। ମଙ୍ଗଳବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଛି।। ପୂର୍ବରୁ ଏହି ଘଟଣାରେ ଗାଙ୍ଗପୁର ନିରଞ୍ଜନ ପଢିଆରୀ(୪୩), ଆସିକାର ସନ୍ୟାସୀ କରଣ (୩୦), ଦିଗପହଣ୍ଡିର ପି. ରାଜେନ୍ଦ୍ର ରେଡି (୨୩) ଓ ସାନଖେମୁଣ୍ଡିର ପ୍ରଫୁଲ୍ଲ କୁମାର ସାହୁଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏହି ଘଟଣାରେ ଆଉ ଜଣେ ଅଭିଯୁକ୍ତଙ୍କ ସମ୍ପୃକ୍ତି ରହିଛି । ଖୁବଶୀଘ୍ର ତାଙ୍କୁ ଗିରଫ କରାଯିବ ବୋଲି ପୋଲିସ ସୂଚନା ଦେଇଛି।

### ଅଟୋ ଧକ୍କାରେ ଛାତ୍ର ମୃତ

ବ୍ରହ୍ମପୁର, ୨୦।୮(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର କମାପଲ୍ଲୀ ଛକ ନିକଟରେ ଏକ ଅଟୋ ଧକ୍କାରେ ନିଷ୍ଟ କଲେଜ ଛାତ୍ରଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସ୍ଥାନୀୟ ଭିଆଇପି କଲୋନୀର ପ୍ରିୟାଂଶୁ ମହାପାତ୍ର (୨୧)। ପ୍ରିୟାଂଶୁ କଲେଜରୁ ଅପରାହ୍ନ ୪ଟାରେ ବାଇକଯୋଗେ ଘରକୁ ଫେରୁଥିବା ବେଳେ କମାପଲ୍ଲୀ ନିକଟରେ ତାଙ୍କୁ ଏକ ଅଟୋ ଧକ୍କା ଦେଇଥିଲା। ଗୁରୁତର ପ୍ରିୟାଂଶୁଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ତାଙ୍କୁ ବଡ଼ ମେଡ଼ିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ପାଠପଢ଼ା ସମ୍ପର୍କରେ ଛାତ୍ରୀଙ୍କଠାରୁ ବୁଝିଲେ ଜିଲାପାଳ

ବିଷମକଟକ,୨୦।୮(ପ୍ରସନ୍ନ କୁମାର ପଣ୍ଡା)

ରାୟଗଡ଼ା ଜିଲାପାଳ ପାରୁଲ ପଟୱାରୀ ବିଷମକଟକ ବ୍ଲକ ଅନ୍ତର୍ଗତ ହାଟମୁନିଗୁଡା ଗ୍ରାମସ୍ଥିତ ବାଳିକା ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରିଛନ୍ତି। ବିଦ୍ୟାଳୟର ସମସ୍ୟା ସମ୍ପର୍କରେ ସମସ୍ତ ଶିକ୍ଷକଙ୍କ ସହିତ ଜିଲାପାଳ ଆଲୋଚନା କରିଥିଲେ। ଏପରିକି ଛାତ୍ରୀମାନଙ୍କ ସହିତ ବିଦ୍ୟାଳୟ ସମ୍ପର୍କରେ ପଚାରି ବୁଝିଥିଲେ। ବିଦ୍ୟାଳୟ ସମସ୍ତ କାର୍ଯ୍ୟ ଦେଖି ସେ ଖୁସିବ୍ୟକ୍ତ କରିଥିଲେ। ଜିଲାପାଳଙ୍କ ପରିଦର୍ଶନ ସମୟରେ ତାଙ୍କ ସହିତ ବିଷମକଟକ ବିଡ଼ିଓ ସଦାଶିବ ନାୟକ,ଡବ୍ଲୁଇଓ ଶୁଭପ୍ରଦା ସାସମଲ, ଗୁଣୁପୁର ଉପଜିଲାପାଳ କିରନଦୀପ କୌର ସାହୋତା, ପିଇଓ ମଳୟ ନାୟକ, ଏଇ ପ୍ରତ୍ୟୁଷ କୁମାର ତ୍ରିପାଠୀ, ଯନ୍ତ୍ରୀ ଦିପକ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।



ଜିଲାପାଳ ଛାତ୍ରୀଙ୍କୁ ବିଦ୍ୟାଳୟ ସମ୍ପର୍କରେ ପଚାରି ବୁଝୁଛନ୍ତି।

## ସାମାନ୍ୟ ବଚସାରୁ ଯୁବକଙ୍କୁ ହତ୍ୟା, ୪ ଗିରଫ


ବ୍ରହ୍ମପୁର,୨୦।୮(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ସହରରେ ସାମାନ୍ୟ ବଚସାରୁ ଜଣେ ଯୁବକଙ୍କୁ ହତ୍ୟା କରାଯାଇଛି। ମୃତକ ହେଲେ ମହାରାଷ୍ଟ୍ର ବରଧା ଅଞ୍ଚଳର ମୂଳନିବାସୀ ତଥା ଗଞ୍ଜାମ ଜିଲା ବ୍ରହ୍ମପୁର ଜଳେଶ୍ୱରଖଣ୍ଡିରେ ରହୁଥିବା କିଷାନ ଗୋପୀ ଭୋଷଲେ। ପୋଲିସ ଏହିଘଟଣାରେ ବିହାର ଗିଡ଼ହଡ଼ ଜାମୁଇ ଅଞ୍ଚଳର ମୂଳନିବାସୀ ତଥା ଜଳେଶ୍ୱରଖଣ୍ଡିରେ ରହୁଥିବା ଆକାଶ ସିଂ ଓରଫ ରଘୁବୀର ସିଂ ଓରଫ ହେଭଲେଟ, ପିଙ୍କୁ ଚୌଧୁରୀ, ଅନୁଜ ଚୌଧୁରୀ ଓ ଗଞ୍ଜାମ ଜିଲା ରମ୍ଭାର ମୂଳନିବାସୀ ତଥା ଜଳେଶ୍ୱରଖଣ୍ଡିରେ ରହୁଥିବା କେଦାର ନାୟକ ଓରଫ ଶିବା(୩୮)ଙ୍କୁ ଗିରଫ କରିଛି। ଅଭିଯୁକ୍ତମାନଙ୍କଠାରୁ ଗୋଟିଏ ଛୁରି, ୨ଟି ଡାଙ୍ଗଣ ଓ ୨ଟି ବାଡ଼ି ଜବତ କରାଯାଇଛି। ସେମାନଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଥିବା ସୂଚନା ମିଳିଛି। ଗୋଷାଣିନୂଆଗାଁ ଥାନା ଜଳେଶ୍ୱରଖଣ୍ଡିରେ କେତେଜଣ ଯାଯାବର ନିଜ ପରିବାର ସହ ଟେଣ୍ଟ ପକାଇ ରୁହନ୍ତି। ସେମାନେ ବିଭିନ୍ନ ପ୍ରକାର ବ୍ୟବସାୟ କରି ଜୀବିକା ନିର୍ବାହ କରନ୍ତି। ସୋମବାର ରାତି ପ୍ରାୟ ସାଢ଼େ ୯ଟାରେ ଆକାଶ ଓ ତାଙ୍କ ସ୍ତ୍ରୀ ମଧ୍ୟରେ କୌଣସି କଥାକୁ ନେଇ ଝଗଡ଼ା ଲାଗିଥିଲା। ପାଟିତୁଣ୍ଡ ଶୁଣି ସେଠାରେ ରହୁଥିବା କିଷାନ ଗୋପୀଙ୍କ ସ୍ତ୍ରୀ ଗଙ୍ଗା କିଷାନ ଭୋଷଲେ କାହିଁକି ଝଗଡ଼ା କରୁଛ ବୋଲି ଆକାଶଙ୍କୁ ପଚାରିଥିଲେ। ହେଲେ ଆକାଶ ତାଙ୍କୁ ମାରପିଟ କରିଥିଲେ। ଗଙ୍ଗାଙ୍କ ଭାଇ ସଞ୍ଜୁ ସିନ୍ଦେ ବୁଝାଶୁଝା କରିଥିଲେ ମଧ୍ୟ ଆକାଶ କିଛି ନ ଶୁଣି ନ ଥିଲେ। ଗଙ୍ଗାଙ୍କ ସ୍ୱାମୀ କିଷାନ ଗୋପୀ ଟେଣ୍ଟରୁ ବାହାରି ପ୍ରତିବାଦ କରିବାରୁ ଆକାଶ ଉତ୍ତ୍ୟକ୍ତ ହୋଇ ୩ ସହଯୋଗୀଙ୍କ ସହାୟତାରେ ତାଙ୍କୁ ବିଭିନ୍ନ ମାରଣାସ୍ତ୍ରରେ ସଂଘବଦ୍ଧ ଆକ୍ରମଣ କରିଥିଲେ।

## ମ୍ୟାଜିକ୍ ଶୋ’ ମାଧ୍ୟମରେ କୁସଂସ୍କାର ଦୂର ପାଇଁ ପ୍ରୟାସ

ଗୁଣପୁର,୨୦।୮(ପ୍ରଦୀପ କୁମାର ପାଢ଼ୀ)

ରାୟଗଡ଼ା ଜିଲା ଗୁଣପୁର ଟାଉନ ହଲ୍‌ଠାରେ ଜିଲା ପ୍ରଶାସନ ଓ ରେଡ୍‌କ୍ରସ୍ ସୋସାଇଟି ମିଳିତ ଆନୁକୂଲ୍ୟରେ ମ୍ୟାଜିକ୍ ଶୋ ସୋମବାର ସନ୍ଧ୍ୟାରୁ ଆରମ୍ଭ ହୋଇଛି । ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଉପ ଜିଲାପାଳଙ୍କ କାର୍ଯ୍ୟାଳୟର ଡେପୁଟି କଲେକ୍ଟର ମଧୁସୂଦନ ମାଝୀ ଏବଂ ସମ୍ମାନିତ ଅତିଥି ଭାବେ ଗୁଣପୁର ଆଦର୍ଶ ଥାନା ଅଧିକାରୀ ଉତ୍ତମ କୁମାର ସାହୁ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ପ୍ରଦର୍ଶନ ଆରମ୍ଭ କରିଥିଲେ। ବାସୁ ଯାଦୁଗର ଏବଂ ତାଙ୍କ ଦଳ ଆସନ୍ତା ୩୧ ଅଗଷ୍ଟ ପର୍ଯ୍ୟନ୍ତ ଟାଉନ ହଲ୍‌ଠାରେ ମ୍ୟାଜିକ୍ ଶୋ ପ୍ରଦର୍ଶନ କରିବେ । ସେହିପରି ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟରେ ମଧ୍ୟ ଯାଦୁ ଖେଳ ପ୍ରଦର୍ଶିତ ହେବ । ରେଡ୍‌କ୍ରସ୍‌ର ଆର୍ଥିକ ଅଭିବୃଦ୍ଧି ଓ ମନୋରଞ୍ଜନର ଖୋରାକ ଦେବା ଏହି ପ୍ରଦର୍ଶନୀର ମୂଳ ଲକ୍ଷ୍ୟ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ମ୍ୟାଜିକ୍ ମାଧ୍ୟମରେ କୁସଂସ୍କାର ଦୂର, ଗୁଣିଗାରେଡ଼ି ପ୍ରତି ଦୂରେଇ ରହିବା ଆଦି ଉପରେ ଯାଦୁଗର ଓ ତାଙ୍କ ଦଳ ଆଲୋକପାତ କରିଥିଲେ ।



ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଡେପୁଟି କଲେକ୍ଟର ଉଦ୍‌ବୋଧନ ଦେଉଛନ୍ତି ।

## ସମସ୍ୟା ତୁରନ୍ତ ସମାଧାନ ପାଇଁ ନିର୍ଦ୍ଦେଶ

### କରଲାଘାଟିରେ ପଞ୍ଚାୟତସ୍ତରୀୟ ଜନଶୁଣାଣି

ଗୁଡାରି,୨୦।୮ (ପ୍ରମୋଦ କୁମାର ପତି)

ରାୟଗଡ଼ା ଜିଲା ଗୁଡ଼ାରି ବ୍ଲକ୍ ଅନ୍ତର୍ଗତ କରଲାଘାଟି ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ପଞ୍ଚାୟତସ୍ତରୀୟ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ଲକ୍ ଅଧ୍ୟକ୍ଷା ଲକ୍ଷ୍ମୀ ଶବରଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି ଶିବିରରେ ସମସ୍ତ ବ୍ଲକ୍‌ସ୍ତରୀୟ ଅଧିକାରୀ ଯୋଗଦେଇଥିଲେ। ଅଭିଯୋଗ ଶୁଣିବା ପରେ ସମସ୍ୟାଗୁଡିକର ଶୀଘ୍ର ସମାଧାନ କରିବା ନିମନ୍ତେ ବ୍ଲକ୍ ଅଧ୍ୟକ୍ଷା ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। କରଲାଘାଟି ଗ୍ରାମ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।



ଅଭିଯୋଗ ଶୁଣାଣି ଶିବିରରେ ଉପସ୍ଥିତ ଅଧିକାରୀ।

## ଦିବ୍ୟଦର୍ଶନ ସଂଘ ପକ୍ଷରୁ ସତ୍‌ସଙ୍ଗ

ଗୁଣପୁର, ୨୦।୮(ପ୍ରଦୀପ କୁମାର ପାଢ଼ୀ)

ସଦ୍‌ଗୁରୁ ଶ୍ରୀ ଶ୍ରୀ ଅର୍ଜୁନଙ୍କ ପ୍ରତିଷ୍ଠିତ ଦିବ୍ୟ ଦର୍ଶନ ସଂଘ ଗୁଣପୁର ଶାଖା ଆନୁକୂଲ୍ୟରେ ସ୍ଥାନୀୟ ମହିଳା ମହାବିଦ୍ୟାଳୟ ନିକଟରେ ଥିବା ଜ୍ଞାନ ମନ୍ଦିର ପରିସରରେ ଶ୍ରାବଣ ପୂର୍ଣ୍ଣିମା ଉପଲକ୍ଷେ ସୋମବାର ଜ୍ଞାନ ଯଜ୍ଞର ଆୟୋଜନ କରାଯାଇଥିଲା। ଏହି ଜ୍ଞାନ ଯଜ୍ଞରେ ଦିବ୍ୟ ଦର୍ଶନ ସଂଘ କେନ୍ଦ୍ରୀୟ କମିଟିର ବରିଷ୍ଠ ସଦସ୍ୟ ବାସିନୀ ଭୂଜଙ୍ଗ ରାଓ, ଗୁଣପୁର ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଧନଞ୍ଜୟ ବେହେରା, ରାୟଗଡ଼ା ଶାଖାର ଆଞ୍ଚଳିକ ପ୍ରତିନିଧି ବସନ୍ତ ଲିମା ଏବଂ ବରିଷ୍ଠ ଗୁରୁଭାଇ ହନୁ ସେଠୀ ଯୋଗଦାନ କରି ସଦ୍‌ଗୁରୁ ଶ୍ରୀ ଶ୍ରୀ ଅର୍ଜୁନଙ୍କ ଜୀବନ ଦର୍ଶନ ଉପରେ ଆଲୋକପାତ କରିଥିଲେ। ଦୈବୀଗୁଣ ଧାରଣ କରି ଦିବ୍ୟ ଜ୍ଞାନ ଶିକ୍ଷା କଲେ ମନୁଷ୍ୟ ସୁଖ ଶାନ୍ତିରେ ବଞ୍ଚିବା ସଙ୍ଗେ ସଙ୍ଗେ ମୁକ୍ତି ଆଡ଼କୁ ଅଗ୍ରସର ହୋଇପାରିବ। ଗୁରୁ ଦୀକ୍ଷା ଗ୍ରହଣ କରି ଆତ୍ମଜ୍ଞାନ ଶିକ୍ଷା କଲେ ହିଁ ନିଜ ଭିତରେ ଥିବା ଖରାପ ଗୁଣ ଦୂର ହେଲେ ଦିବ୍ୟ ପୁରୁଷ ହୋଇପାରିବେ। ମନୁଷ୍ୟ ଯେ ପର୍ଯ୍ୟନ୍ତ ସଦଗୁରୁ ବରଣ କରିନାହାନ୍ତି, ସେ ପର୍ଯ୍ୟନ୍ତ ଆତ୍ମଜ୍ଞାନ ଲାଭ କରିପାରିବ ନାହିଁ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ ।



ସତ୍‌ସଙ୍ଗରେ ଉପସ୍ଥିତ ଗୁରୁ ଭଉଣୀ ଭାଇ।

## ୬୯ ଅଭିଯୋଗ ଶୁଣିଲେ ଜିଲାପାଳ

### ବିଷମକଟକରେ ଯୁଗ୍ମ ଅଭିଯୋଗ ଶୁଣାଣି

ରାୟଗଡ଼ା/ ବିଷମକଟକ,୨୦।୮
(ଆଶିଷ ରଞ୍ଜନ ପଣ୍ଡା/ ପ୍ରସନ୍ନ କୁମାର ପଣ୍ଡା)

ରାୟଗଡ଼ା ଜିଲା ପ୍ରଶାସନ ତରଫରୁ ବିଷମକଟକ ବ୍ଲକ ସଦର ମହକୁମାସ୍ଥିତ ସଭାଗୃହରେ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ରାୟଗଡ଼ା ଜିଲାପାଳ ପାରୁଲ ପଟୱାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ଆରକ୍ଷୀ ଅଧୀକ୍ଷକ ହରିଶା ବିସି, ବନଖଣ୍ଡ ଅଧିକାରୀ ସଚିନ ଆନ୍ନା ସାହେବ ଓହଲେ, ଗୁଣପୁର ଉପ ଜିଲାପାଳ କିରନଦୀପ କୌର ସାହୋତା, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଲାଲମୋହନ ରାଉତରାୟ, ବିଷମ କଟକ ବ୍ଲକ ଅଧ୍ୟକ୍ଷା ଯଶୋଦା ହୁଇକା ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗ ଶୁଣାଣି କରିଥିଲେ । ମୋଟ ୬୯ଟି ଅଭିଯୋଗ ଜିଲାପାଳ ଗ୍ରହଣ କରିଥିଲେ। ସେଥିମଧ୍ୟରୁ ୫୯ଟି ବ୍ୟକ୍ତିଗତ ଓ ୧୦ଟି ଗ୍ରାମବାସୀଙ୍କ ସାମୂହିକ ଅଭିଯୋଗ ଥିଲା । ଜିଲାପାଳ ଅଭିଯୋଗ ପାଇଲା ପରେ ତୁରନ୍ତ ଫଇସଲା ନିମନ୍ତେ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

ବିଶେଷକରି ଆବାସ ଯୋଜନାରେ ଘର, ସ୍ୱାସ୍ଥ୍ୟଗତ ସମସ୍ୟା, ଜମିଜମା ବିବାଦ, ପାରିବାରିକ ସମସ୍ୟା, ଜଳସେଚନ, ଭତ୍ତା, ଅଙ୍ଗନୱାଡି ଗୃହ ନିର୍ମାଣ ଓ ଅନ୍ୟାନ୍ୟ ସମସ୍ୟା ନେଇ ଅଭିଯୋଗ କରିଥିଲେ । ବ୍ଲକ ଜୀବିକା ମିଶନ ଜରିଆରେ ଧାନଚାଷ ପାଇଁ ଡୁକୁମ ପଞ୍ଚାୟତର ମା’ ଠାକୁରାଣୀ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୧ ଲକ୍ଷ, ଦୁର୍ଗୀ ପଞ୍ଚାୟତର ଲକ୍ଷ୍ମୀ ନାରାୟଣ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ପନିପରିବା, ଫଳ ଚାଷ ନିମନ୍ତେ ୧ ଲକ୍ଷ ଏବଂ ଦୁର୍ଗୀ ପଞ୍ଚାୟତର ଜଗତ ଜନନୀ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଗ୍ରସରି ଦୋକାନ ନିମନ୍ତେ ୧ ଲକ୍ଷ ଟଙ୍କା ଲେଖାଏଁ ଜିଲାପାଳ ପ୍ରଦାନ କରିଥିଲେ । ସେହିପରି ୭ ହିତାଧିକାରୀଙ୍କୁ ଜିଲାପାଳ ମଧୁବାବୁ ପେନସନ ପ୍ରଦାନ କରିଥିଲେ । ଏହି ଅଭିଯୋଗ ଶିବିରରେ ଜିଲା ଜରୁରିକାଳୀନ ଅଧିକାରୀ ଲଳିତ ମଣ୍ଡଳ, ଜଳ ବିଭାଜିକା ମିଶନ ପ୍ରକଳ୍ପ ନିର୍ଦ୍ଦେଶକ ଡ. ଦୟାନିଧି ବାଘ, ଉଦ୍ୟାନ କୃଷି ଉପ ନିର୍ଦ୍ଦେଶକ ଦୟାନିଧି ରାଉତ, ସହକାରୀ ଜିଲାପାଳ ସସ୍ମିତା ପଟ୍ଟନାୟକ, ଜିଲା ଦକ୍ଷତା ବିକାଶ ତଥା କର୍ମ ନିୟୋଜନ ଅଧିକାରୀ ତତ୍ତ୍ୱମାସୀ ମହାପାତ୍ର, ଜିଲା ପଞ୍ଚାୟତ ଅଧିକାରୀ ସୂର୍ଯ୍ୟନାରାୟଣ ମହାରଣା, ଜିଲା ମଙ୍ଗଳ ଅଧିକାରୀ ଭରତ ଭୂଷଣ ବିଶ୍ୱାଳ, ଜିଲା ଶିକ୍ଷା ଅଧିକାରୀ ଡ. ବସନ୍ତ କୁମାର ନାୟକ, ଜିଲା ସମାଜ କଲ୍ୟାଣ ଅଧିକାରୀ ପ୍ରତିମା ପ୍ରଧାନ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁଶ୍ରୀ ବିଚିତ୍ରା ସେଠୀ, ଅବକାରୀ ଅଧୀକ୍ଷକ ସୁଶାନ୍ତ ଧଳ ସାମନ୍ତ, ଜିଲା କ୍ରୀଡା ଅଧିକାରୀ ଶେଖ ଆଲେନୁର, ଆଞ୍ଚଳିକ ପରିବହନ ଅଧିକାରୀ ଶିବଶଙ୍କର ଚୌଧୁରୀ, ମୁଖ୍ୟ କୃଷି ଅଧିକାରୀ ସୁମନ ସିଂ ପଟ୍ଟନାୟକ, ବିଷମକଟକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସଦାଶିବ ନାୟକ, ତହସିଲଦାର ଭେଙ୍କେଟେଶ୍ୱର ରେଡ୍ଡୀ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୀମାଞ୍ଚଳ ମହାପାତ୍ର, ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଧନଞ୍ଜୟ ବେହେରା, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଏଲ ସନ୍ତୋଷ କୁମାର ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରିଥିଲେ ।




ଜିଲାପାଳ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ଚେକ୍ ପ୍ରଦାନ କରୁଛନ୍ତି ।

# ଜେଏମ୍‌ଏଫ୍‌ସି କୋର୍ଟ ପ୍ରତିଷ୍ଠା ଦାବିରେ କୋଷାଗୁମୁଡ଼ା ବନ୍ଦ



ଦାବିପତ୍ର ଦେବାକୁ ଅଞ୍ଚଳବାସୀ ଶୋଭାଯାତ୍ରାରେ ଯାଉଛନ୍ତି।

**କୋଷାଗୁମୁଡ଼ା, ୨୦।୮ (ପ୍ରସାଦ ବିଷୋୟୀ)**

### ଆମରଣ ଅନଶନରେ ବସିଲେ ବିଭିନ୍ନ ଅନୁଷ୍ଠାନ ସଦସ୍ୟ

ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ବ୍ଲକ୍ ସଦରରେ ଜେଏମ୍‌ଏଫ୍‌ସି କୋର୍ଟ ସ୍ଥାପନ ଦାବିରେ ୧୪ରୁ ପ୍ରତୀକ ଧାରଣା ଦିଆଯାଇଥିଲା। ୭ ଦିନ ମଧ୍ୟରେ ଦାବି ପୂରଣ ନ ହେଲେ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ଚେତାବନୀ ଦିଆଯାଇଥିଲା। ଏହିକ୍ରମରେ ମଙ୍ଗଳବାର କୋଷାଗୁମୁଡ଼ା ଓ ସନ୍ତୋଷପୁର ପଞ୍ଚାୟତ ବନ୍ଦ କରାଯାଇଛି। ଏହି ୨ ସ୍ଥାନରେ ସମସ୍ତ ସରକାରୀ, ବେସରକାରୀ କାର୍ଯ୍ୟାଳୟ, ଶିକ୍ଷାନୁଷ୍ଠାନ, ବ୍ୟାଙ୍କ ଓ ଗାଡ଼ି ଚଳାଚଳ ବନ୍ଦ ଥିଲା। ଦାବି ପୂରଣ ନ ହେବା ଯାଏ ଆମରଣ ଅନଶନ ଚାଲିବ ବୋଲି ଏହାକୁ ସମର୍ଥନ କରୁଥିବା ବିଭିନ୍ନ ଅନୁଷ୍ଠାନ ସଦସ୍ୟମାନେ କହିଛନ୍ତି।

ସୂଚନାନୁଯାୟୀ, ମଙ୍ଗଳବାର କୋଷାଗୁମୁଡ଼ା ରାଜା ଚାଉଁରିଆ ମନ୍ଦିରରେ ବ୍ଲକ୍‌ବାସୀଙ୍କ ପକ୍ଷରୁ ପୂଜାର୍ଚ୍ଚନା କରାଯାଇଥିଲା। ଏହାପରେ ଗ୍ରାମବାସୀ ଓ ଆଖପାଖ ଅଞ୍ଚଳର ଜନସାଧାରଣ ବିଭିନ୍ନ ନାରା ଦେଇ ବ୍ଲକ୍ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସେଠାରେ ବିଡିଓ ଆଶିଷ ତ୍ରିପାଠୀଙ୍କୁ ଆମରଣ ଅନଶନ ପାଇଁ ଦାବିପତ୍ର ପ୍ରଦାନ କରାଯାଇଛି। ୨୦୧୭ରେ ଆଇନ ବିଭାଗ ପକ୍ଷରୁ ଚିଠି ନମ୍ବର ୭୯୭୩ ଅନୁଯାୟୀ କୋଷାଗୁମୁଡ଼ା ସଦରରେ ଜେଏମ୍‌ଏଫ୍‌ସି କୋର୍ଟ ସ୍ଥାପନ ପାଇଁ ସ୍ଥିର କରାଯାଇଥିଲା। ଉକ୍ତ ବିଜ୍ଞପ୍ତି ପ୍ରକାରେ ଜିଲା ପ୍ରଶାସନ ପକ୍ଷରୁ ଜାଗା ଚିହ୍ନଟ ହୋଇଥିଲା। କିନ୍ତୁ ୧୫ ଜୁଲାଇ ୨୦୨୪ରେ ଓଡ଼ିଶା ସରକାର ପୁଣି ଏକ ବିଜ୍ଞପ୍ତି ଜାରି କରିଛନ୍ତି, ଯେଉଁଥିରେ କୋଷାଗୁମୁଡ଼ା ପରିବର୍ତ୍ତେ କୋଡ଼ିଙ୍ଗାରେ କୋର୍ଟ ସ୍ଥାପନ କରିବାକୁ ସ୍ଥିର କରାଯାଇଛି। ଏହାକୁ ନେଇ କୋଷାଗୁମୁଡ଼ା ଅଞ୍ଚଳବାସୀ ୫ ଅଗଷ୍ଟରେ ରାଜ୍ୟ ସରକାର ଓ ନବରଙ୍ଗପୁର ଜିଲାପାଳଙ୍କୁ ନୂତନଭାବେ ପ୍ରକାଶିତ ବିଜ୍ଞପ୍ତିକୁ ବଦଳାଇବାକୁ ଲିଖିତଭାବେ ଜଣାଇଥିଲେ। ୭ ଦିନ ମଧ୍ୟରେ ଚିଠି ନମ୍ବର ୭୯୭୩/୧୭ ଅନୁଯାୟୀ କୋଷାଗୁମୁଡ଼ା ମୁଖ୍ୟାଳୟରେ କୋର୍ଟ ସ୍ଥାପନ କରିବା ପାଇଁ ଲିଖିତ ଆକାରରେ ଦେଇଥିଲେ। କିନ୍ତୁ ସରକାରଙ୍କ କୌଣସି ପଦକ୍ଷେପ ନ ନିଆଯିବାରୁ ଜନସାଧାରଣଙ୍କ ନିଷ୍ପତ୍ତିକ୍ରମେ କୋଷାଗୁମୁଡ଼ା ବନ୍ଦ କରାଯାଇଛି ବୋଲି କୋଷାଗୁମୁଡ଼ା ଅଞ୍ଚଳ ବିକାଶ ପରିଷଦ ପକ୍ଷରୁ ସୂଚନା ଦିଆଯାଇଛି। ମଙ୍ଗଳବାର ଆମରଣ ଅନଶନକୁ ସୁନ୍ନି ମୁସଲିମ କମିଟି, ରାଜା ଛାଉଁରିଆ ମିସ୍ତ୍ରି ସଂଘ, ପ୍ରଗତି ୟୁଥ୍ କ୍ଲବ, ବିନାୟକ ୟୁଥ୍ କ୍ଲବ, ରାଜ ଚାଉଁରିଆ ସ୍ପୋର୍ଟିଂ ଆଣ୍ଡ କଲ୍‌ଚରାଲ କ୍ଲବ, ଶହୀଦ ଲକ୍ଷ୍ମଣ ନାୟକ ସ୍ୱେଚ୍ଛାସେବୀ ସଂଘ ବଜାର କମିଟି, ଜେଇଏଲ୍ ଚର୍ଚ୍ଚ କମିଟି, ରାଜ ଚାଉଁରିଆ ଗ୍ରାମ୍ୟ କମିଟି, ମୋଟର ଚାଳକ ସଂଘ, ବିଶ୍ୱକର୍ମା ବଢ଼େଇ ସଂଘ, ଶିବଶକ୍ତି ଯୁବକ ସଂଘ (ସନ୍ତୋଷପୁର ), ଉତ୍କଳ ସାହିତ୍ୟ ପରିଷଦ ବରିଷ୍ଠ ନାଗରିକ ସଂଘ, ପଡ଼ାଗଡ଼ ସେବାୟତ ଚାରିଟେବୁଲ ଟ୍ରଷ୍ଟ, ଜୟ ଜଗନ୍ନାଥ କାରିଗର ସଂଘ ସମର୍ଥନ ଜଣାଇଛନ୍ତି। ଆମରଣ ଅନଶନରେ ସାମାଜିକ କର୍ମୀ ହରିବନ୍ଧୁ ମାଝୀ, ମଧୁସୂଦନ ଭତ୍ରା ଓ ଗୋବର୍ଦ୍ଧନ ଗଉଡ଼ ବସିଛନ୍ତି । ଦୋକାନ ବଜାର, ଚକ ଅଖ ବନ୍ଦ ଯୋଗୁ ବାହାରୁ ଆସିଥିବା ଲୋକେ ଅସୁବିଧାର ସମ୍ମୁଖୀନ ହୋଇଥିବା ଜଣାପଡ଼ିଛି। ଏ ନେଇ ବିଡିଓ ଆଶିଷ ତ୍ରିପାଠୀଙ୍କୁ ପଚାରିବାରୁ ଘଟଣା ଉପରେ ବ୍ଲକ୍ ପ୍ରଶାସନର ନଜର ରହିଛି। ଏ ସମ୍ପର୍କରେ ଜିଲା ପ୍ରଶାସନକୁ ଅବଗତ କରାଯାଇଛି। ସେଠାରୁ ଯାହା କିଛି ନିର୍ଦ୍ଦେଶ ଆସିବ ସେ ଅନୁସାରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି।



ଆମରଣ ଅନଶନରେ ବସିଥିବା ସାମାଜିକ କର୍ମୀ।

## କୋଟାଗାଁରେ ଚକଅଖ, ଦୋକାନ ବଜାର ବନ୍ଦ

**କୋଷାଗୁମୁଡ଼ା, ୨୦।୮ (ପ୍ରସାଦ ବିଷୋୟୀ)**

- ଯୁକ୍ତ ୨ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପୁନଃ ସ୍ଥାପନ ଦାବି
- ୫ ଦିନ ହେବ ସ୍କୁଲରେ ତାଲା

ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ବ୍ଲକ୍ କୋଟାଗାଁ ବୀର ଚାଉଁରିଆ ଉଚ୍ଚ ବିଦ୍ୟାଳୟରେ ଯୁକ୍ତ ୨ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପୁନଃ ସ୍ଥାପନ ଦାବିରେ ୫ଦିନ ହେବ ସ୍କୁଲ ବନ୍ଦ କରାଯାଇଛି। ମଙ୍ଗଳବାର କୋଟାଗାଁ ବନ୍ଦ କରାଯାଇଛି। ଏହି ସମୟରେ ଦୋକାନ ବଜାର ଓ ଚକ ଅଖ ଆଦିବନ୍ଦ କରାଯାଇଛି।

ଓଡ଼ିଶା ସରକାରଙ୍କ ଗଣଶିକ୍ଷା ବିଭାଗ କୋଟାଗାଁରେ ଥିବା ବୀର ଚାଉଁରିଆ ଉଚ୍ଚ ବିଦ୍ୟାଳୟକୁ ଅପ୍‌ଗ୍ରେଡ୍ କରି +୨ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ କରିଥିଲେ। ପୋର୍ଟାଲ ମାଧ୍ୟମରେ କଳା ଓ ବିଜ୍ଞାନ ବିଭାଗରେ ୨୨୧ଜଣ ଛାତ୍ରୀଛାତ୍ର ଅନ୍‌ଲାଇନରେ ପଞ୍ଜୀକରଣ କରିଥିଲେ। ଯେତେବେଳେ ଛାତ୍ରୀଛାତ୍ରଙ୍କ ପ୍ରବେଶିକା ୧ ତାରିଖରେ ଥିଲା ସେହିଦିନ ପୋର୍ଟାଲ ଖୋଲିଲା ନାହିଁ। ଛାତ୍ରୀଛାତ୍ର କୌଣସି ଅନ୍ୟ ମାଧ୍ୟମିକ ବିଦ୍ୟାଳୟରେ ଆବେଦନ କରିପାରିଲେ ନାହିଁ। ପ୍ରଶାସନ ସହ ବହୁବାର ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ ମଧ୍ୟ କେହି ଗୁରୁତ୍ୱ ଦେଉନାହାନ୍ତି। ଏଣୁ କୋଟାଗାଁ ଅଞ୍ଚଳବାସୀ ଓ ଅଭିଭାବକଙ୍କ ନିଷ୍ପତ୍ତିକ୍ରମେ ସ୍କୁଲ ସମ୍ମୁଖରେ ୧୬ ଅଗଷ୍ଟରୁ ଧାରଣା ଚାଲିଛି।


ବନ୍ଦ ଡାକରା ଦେଇଥିବା କୋଟାଗାଁବାସୀ।

## ୫ ଶିକ୍ଷକଙ୍କ ଦିନକର ଦରମା ବନ୍ଦ

**ତେନ୍ତୁଲିଖୁଣ୍ଟି, ୨୦।୮ (ଚିଦାନନ୍ଦ ସାହୁ)**

- ପୂଜାରିଗୁଡ଼ା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ଡିଇଓଙ୍କ ପରିଦର୍ଶନ
- ମଧ୍ୟାହ୍ନଭୋଜନର ମାନ, ଗୁଣ ତଥା ପରିମାଣ ଦେଖି ବିଗିଡ଼ିଲେ

ନବରଙ୍ଗପୁର ଜିଲା ଶିକ୍ଷାଧିକାରୀ ଛତ୍ରପତି ସାହୁ ମଙ୍ଗଳବାର ପୂଜାରିଗୁଡ଼ା ସରକାରୀ ଉଚ୍ଚବିଦ୍ୟାଳୟରେ ଅଚାନକ ପହଞ୍ଚିଥିଲେ। ମଧ୍ୟାହ୍ନଭୋଜନର ମାନ ଓ ଗୁଣ ତଥା ପରିମାଣ ଦେଖି ସେ ବିଗିଡ଼ିଯାଇଥିଲେ। ଛାତ୍ରୀଛାତ୍ରଙ୍କ ଉପସ୍ଥାନ ମଧ୍ୟ ବହୁ କମ୍ ଥିଲା। ଶ୍ରେଣୀଗୃହରେ ଛାତ୍ରୀଛାତ୍ରଙ୍କୁ କିଛି ପ୍ରଶ୍ନ ପଚାରି ତାହାର ଉତ୍ତର ନ ପାଇବାରୁ ସେ ବିଗିଡ଼ିଯାଇଥିଲେ। ୫ ଜଣ ଶିକ୍ଷୟିତ୍ରୀ ଶିକ୍ଷକ ଓ ପ୍ରଧାନ ଶିକ୍ଷକଙ୍କର ଗୋଟିଏ ଦିନର ଦରମା ବନ୍ଦ ପାଇଁ ନିର୍ଦ୍ଦେଶ ଦିଆଯାଇଛି।

## ବୋଲ୍‌ବମ ଯାଇ ପୁରୀରୁ କାଉଡ଼ିଆ ନିଖୋଜ

**ଉମରକୋଟ, ୨୦।୮ (ସନ୍ତୋଷ ଶତପଥୀ)**

ବୋଲ୍‌ବମ୍‌ରେ ପାଣି ଢ଼ାଳିବାକୁ ଯାଇ ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ ଚିକଲପଦର ଯୋଗେନ୍ଦ୍ର ରାଉତ ପୁରୀରୁ ନିଖୋଜ ଅଛନ୍ତି। ୯ ଦିନ ହେବ ସେ ନିଖୋଜ ଥିଲେ ମଧ୍ୟ ଏବେ ସୁଦ୍ଧା ତାଙ୍କର କୌଣସି ପତ୍ତା ମିଳୁନି। ନିଖୋଜ ଯୁବକଙ୍କ ମା' ବାପା, ସ୍ତ୍ରୀ, ଝିଅ ଏବେ ଦୁଃଖରେ। ସେ ପରିବାରର ଏକମାତ୍ର ରୋଜଗାରିଆ ବ୍ୟକ୍ତି ଥିବାରୁ ଘର ଚଳିବା ମଧ୍ୟ କଷ୍ଟକର ହୋଇପଡ଼ିଲାଣି। ତେଣୁ ତାଙ୍କୁ ଖୋଜି ଆଣିବାକୁ ପରିବାର ଲୋକେ ନିବେଦନ କରିଛନ୍ତି।

ଲିଙ୍ଗରାଜଙ୍କ ଉପରେ ପାଣି ଢ଼ାଳିବାକୁ ଗତ ୧୦ ତାରିଖରେ ଚିକଲପଦର ଗାଁରୁ ୬୦ ଜଣ ମହିଳା ପୁରୁଷ ଉମରକୋଟରୁ ବସ୍ ଭଡ଼ା କରି ଭୁବନେଶ୍ୱର ଅଭିମୁଖେ ବାହାରିଥିଲେ। ୧୧ ତାରିଖରେ ସେମାନେ କଟକ ଗଡ଼ଗଡ଼ିଆ ଘାଟରୁ ପାଣି ଉଠାଇ ଥିଲେ। ୧୨ ତାରିଖ ସକାଳେ ଲିଙ୍ଗରାଜ ମହାପ୍ରଭୁଙ୍କ ଉପରେ ସେମାନେ ପାଣି ଢାଳିଥିଲେ। ଦିନ ୧୧ଟାରେ ସେଠାରୁ ବାହାରି କୋଣାର୍କ ବୁଲାବୁଲି ସାରି ସମୁଦ୍ର କୂଳକୁ ଯାଇଥିଲେ। ସ୍ୱର୍ଗଦ୍ୱାର ପାଖରେ ଯୋଗେନ୍ଦ୍ର ସ୍ତ୍ରୀଙ୍କୁ ଛିଡା କରାଇ ଝିଅ ପାଇଁ ଚୁଡ଼ି କିଣିବାକୁ ଯାଇ ଆଉ ଫେରି ନ ଥିଲେ। ଅନେକ ସମୟ ଅପେକ୍ଷା ପରେ ତାଙ୍କୁ ଖୋଜଖୋଜି କରାଯାଇଥିଲେ ମଧ୍ୟ ଯୋଗେନ୍ଦ୍ରଙ୍କ କୌଣସି ପତ୍ତା ମିଳି ନ ଥିଲା। ୧୩ ତାରିଖ ଦିନ ସେମାନେ ସମୁଦ୍ର କୂଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁରୀରେ ୨ ଜଣ ଖୋଜାଖୋଜି କରିବା ପାଇଁ ରହି ଥିବାବେଳେ ଅନ୍ୟ ସମସ୍ତେ ଫେରି ଆସିଥିଲେ। ୨ଦିନ ପରେ ପୁଣି ଚିକଲପଦର ଗ୍ରାମରୁ ୪ ଜଣ ପୁରୀ ଯାଇଥିଲେ। ପୁରୀଠାରେ ୬ଜଣ ରହି ଖୋଜା ଖୋଜି କରିଥିଲେ ଯୋଗେନ୍ଦ୍ରଙ୍କ କୌଣସି ପତ୍ତା ମିଳିନାହିଁ। ଖବରପାଇଲେ ଜଣାଇବୁ ବୋଲି ପୁରୀ ପୋଲିସ କହିଛି। ଏକ ମାତ୍ର ରୋଜଗାରିଆ ପୁଅକୁ ହରାଇ ମା, ବାପା ଶଯ୍ୟାଶାୟୀ। ଝିଅ ଓ ସ୍ତ୍ରୀଙ୍କ ଆଖିରୁ ଲୁହ କମୁନି। ଯୋଗେନ୍ଦ୍ରଙ୍କ ପତ୍ତା ଲଗାଇବାକୁ ପରିବାର ଓ ଗ୍ରାମବାସୀ ନିବେଦନ କରିଛନ୍ତି।


ଯୋଗେନ୍ଦ୍ରଙ୍କ ଫଟୋ ସହ ତାଙ୍କ ସ୍ତ୍ରୀ, ଝିଅ।

## ରାଖୀ ବାନ୍ଧିଲେ, ଭଉଣୀଙ୍କୁ ସୁରକ୍ଷା ଦେବାକୁ ଶପଥ କରାଇଲେ



**ନବରଙ୍ଗପୁର, ୨୦।୮ (ସଦାଶିବ ପ୍ରହରାଜ)**

ନବରଙ୍ଗପୁରସ୍ଥିତ ଈଶ୍ୱରୀୟ ବ୍ରହ୍ମକୁମାରୀ ବିଶ୍ୱ ବିଦ୍ୟାଳୟ ଭଉଣୀ, ଭାଇମାନେ ମଙ୍ଗଳବାର ଜିଲାପାଳଙ୍କ କାର୍ଯ୍ୟାଳୟ ଆସି କର୍ମଚାରୀଙ୍କୁ ରାଖୀ ବାନ୍ଧିଛନ୍ତି। ନବରଙ୍ଗପୁର ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟର ଅଭିଜିତ ଜେନା, ବ୍ରହ୍ମ କୁମାରୀ ଗୀତା, ରୁଚି ଏବଂ ସନ୍ଧ୍ୟା ଅଶୋକ ମେହେଟ୍ଟା ସଭାଗୃହରେ ପହଞ୍ଚି ଭାଇ ଭଉଣୀଙ୍କ ପବିତ୍ର ସମ୍ପର୍କ ବିଷୟରେ ଆଲୋକପାତ କରିବା ସହ ଭଉଣୀମାନଙ୍କୁ ସୁରକ୍ଷା ଦେବାକୁ ଶପଥପାଠ କରାଇଥିଲେ। କାର୍ଯ୍ୟସ୍ଥଳୀରେ କିପରି ଚାପମୁକ୍ତ ରହି କାର୍ଯ୍ୟ କରିବେ ସେ ସମ୍ପର୍କରେ ପ୍ରେରଣା ଦେଇଥିଲେ।

## ଉଚ୍ଛେଦ ନିର୍ଦ୍ଦେଶ, ଅନୁଦାନ ସତ୍ତ୍ୱେ ହଟୁନି ଜବରଦଖଲ

**ନବରଙ୍ଗପୁର, ୨୦।୮ (ସଦାଶିବ ପ୍ରହରାଜ)**

### ବଢ଼ୁଛି ସରକାରୀ ଜମିରେ ଜବରଦଖଲ

ନବରଙ୍ଗପୁର ଜିଲାରେ ସରକାରୀ ଜମି ଜବରଦଖଲ ଦିନକୁ ବଢ଼ିବାରେ ଲାଗିଛି। ସରକାରୀସ୍ତରରେ ଜବରଦଖଲ ଉଚ୍ଛେଦ ପାଇଁ କଡ଼ା ଆଇନ ରହିଥିଲେ ମଧ୍ୟ ତାହା ଧର୍ମକୁ ଆଖିଠାର ସଦୃଶ। ଅନ୍ୟପକ୍ଷରେ ଉଚ୍ଛେଦ ପାଇଁ ତହସିଲଗୁଡ଼ିକ ପକ୍ଷରୁ ପଦକ୍ଷେପ ଆରମ୍ଭ ହେଲେ ରାଜନୈତିକ ଚାପ ଓ କେତେଜଣ ଅଧିକାରୀଙ୍କ ଚାପରେ ଉଚ୍ଛେଦ କାର୍ଯ୍ୟ ଅଟକିଯାଉଛି। ସରକାରୀ କର୍ମଚାରୀ ସରକାରୀ ଜମିରେ ଘର କରି ଭଡ଼ା ଦେଉଥିବା ନେଇ ମୁଖ୍ୟ ଶାସନ ସଚିବଙ୍କ ନିକଟରେ ଅଭିଯୋଗ ହୋଇଛି। ଏହାର ତଦନ୍ତ ନିର୍ଦ୍ଦେଶ ରହିଥିଲେ ମଧ୍ୟ ତଦନ୍ତ ନାଁରେ ଘଟଣାକୁ ଚପାଇଦିଆଯାଉଥିବା ଅଭିଯୋଗ ହୋଇଛି।

ପତିତ, ଘରବାଡ଼ି, ଗ୍ରାମ୍ୟ ଜଙ୍ଗଲ, ପଥୁରା ଜମି, ପଥରବାଣୀ, ଗୋଚର, ଚାଷଜମି ଭଳି ଅନେକ କିସମ ସରକାରୀ ଜମିରେ ଜବରଦଖଲ ରହିଛି। ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ବ୍ଲକ୍ କୋଡ଼ିଙ୍ଗା ତହସିଲ ଅଧୀନରେ ମୋଟ ୫୪ ହଜାର ୫୭୦ ଏକର ୭୩ ଡିସିମିଲ ସରକାରୀ ଜମି ରହିଛି। ସେଥିମଧ୍ୟରୁ ଅନେକ ଜମିରେ ଜବରଦଖଲ ହୋଇଥିଲେ ମଧ୍ୟ ୭ ହଜାର ୯୧୪ ଏକର ୪୫ ଡିସିମିଲ ଜମିରୁ ଉଚ୍ଛେଦ କରାଯାଇଛି। ୩ ବର୍ଷ ତଳେ ସରକାରୀ ଜମିଗୁଡ଼ିକୁ ବାଡ଼ ବାନ୍ଧି ନିଜ ନିଜ ଅଧୀନରେ ଆଣିବାକୁ ତହସିଲଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି। ଏନେଇ ଅନୁଦାନ ମଧ୍ୟ ପ୍ରଦାନ କରାଯାଇଥିଲା। କୋଡ଼ିଙ୍ଗା ତହସିଲକୁ ଦୁଇଟି ପର୍ଯ୍ୟାୟରେ ୧୦ ଲକ୍ଷ ୧୯ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଉକ୍ତ ଅର୍ଥରେ ମାତ୍ର ୮୦ ଏକର ୫୬ ଡିସିମିଲ ଜମି ନିଜର ଅକ୍ତିଆରକୁ ଅଣାଯାଇଛି। ତେବେ ଅର୍ଥାଭାବ ପାଇଁ ପୁଣି ଅନୁଦାନ ଯୋଗାଇ ଦେବାକୁ ଜିଲା ରାଜସ୍ୱ ବିଭାଗକୁ ଚିଠି ହୋଇଥିବା ସୂଚନା ମିଳିଛି। ତେବେ ଅନେକ ଚାଷଜମି ଜବରଦଖଲରେ ରଖି ମକା, ଧାନ ଭଳି ଫସଲ କରି ଲାଭ ଉଠାଉଥିବା ନଜିର ରହିଛି। ନିଜର ଜମି ଓ ଘରବାଡ଼ି ଥାଇ ମଧ୍ୟ ସରକାରୀ ଜମି ଉପରେ ନଜର ପକାଇ ଅନେକେ ଲାଭବାନ୍ ହେଉଛନ୍ତି। ଅନ୍ୟପକ୍ଷରେ ଧନିକ ଶ୍ରେଣୀ ଲୋକ ରାଜସ୍ୱ ବିଭାଗରର କେତେଜଣ କର୍ମଚାରୀଙ୍କୁ ହାତଗୁଞ୍ଜା ଦେଇ ଜବରଦଖଲର ଫାଇଦା ଉଠାଇବାରେ ଲାଗିଛନ୍ତି। ଏ ନେଇ ଅତିରିକ୍ତ ଜିଲାପାଳ (ରାଜସ୍ୱ) ନବୀନ ଚନ୍ଦ୍ର ନାୟକଙ୍କୁ ପଚାରିବାରୁ ଜିଲାରେ କେଉଁ ବ୍ଲକ୍‌ରେ କେତେ ସରକାରୀ ଜମି ଜବରଦଖଲରେ ରହିଛି ତାହାର ରିପୋର୍ଟ ସମସ୍ତ ତହସିଲକୁ ମାଗାଯାଇଛି ବୋଲି କହିଛନ୍ତି।

## ଗୁପ୍‌ଚୁପ୍ ବ୍ୟବସାୟୀଙ୍କଠାରୁ ମୋବାଇଲ, ଟଙ୍କା ଲୁଟ୍

**ପାପଡ଼ାହାଣ୍ଡି, ୨୦।୮ (ସ୍ୱପ୍ନଜିତ ପଟ୍ଟନାୟକ)**

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ମୃଗ ବିହାର ରାସ୍ତାରେ ଗୁପ୍‌ଚୁପ୍ ବ୍ୟାବସାୟୀ ଚନ୍ଦ୍ରକାନ୍ତ ଚୌଧୁରୀଙ୍କଠାରୁ ମୋବାଇଲ ଓ ଟଙ୍କା ଲୁଟ ହୋଇଛି। ମଙ୍ଗଳବାର ମଧ୍ୟାହ୍ନରେ ଏ ନେଇ ଚନ୍ଦ୍ରକାନ୍ତ ପାପଡ଼ାହାଣ୍ଡି ଥାନାରେ ଏତଲା ଦେଇଛନ୍ତି। ସୂଚନାନୁଯାୟୀ, ମୃଗ ବିହାର ନିକଟରେ ଚନ୍ଦ୍ରକାନ୍ତ ଠେଲା ଲଗାଇ ଗୁପ୍‌ଚୁପ୍ ବ୍ୟାବସାୟ କରନ୍ତି। ସୋମବାର ସନ୍ଧ୍ୟାରେ ଘରକୁ ଫେରିବା ସମୟରେ ୩ଜଣ ମୁଖାଧାରି ଯୁବକ ବାଇକରେ ଆସି ତାଙ୍କ ଠାରୁ ମୋବାଇଲ ଓ ଟଙ୍କା ଲୁଟ୍ କରି ନେଇ ଯାଇଥିଲେ ବୋଲି ଥାନାରେ ଦେଇଥିବା ଏତଲାରେ ଉଲ୍ଲେଖ ରହିଛି। ଏ ପାପଡ଼ାହାଣ୍ଡି ପୋଲିସ ଙ୍‌ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## କୋର୍ଟରେ ହାଜର ନ ହେବାରୁ ଅଭିଯୁକ୍ତ ଗିରଫ

**କୋରୁକୋଣ୍ଡା, ୨୦।୮ (ଶିବଦତ୍ତ ସାହୁ)**

### ଗଞ୍ଜେଇ ଚୋରା ଚାଲାଣ ଘଟଣା

ଅଦାଲତଙ୍କ ନିର୍ଦ୍ଦେଶକୁ ଅବମାନନା କରିବା ଯୋଗୁ ପୁନର୍ବାର ଓର୍କେଲ ପୋଲିସ ଦ୍ୱାରା ଗିରଫ ହୋଇଛନ୍ତି ମାଲକାନଗିରି ଜିଲା ମାଥିଲି ଥାନା ଅନ୍ତର୍ଗତ ଚମ୍ପାଝରଣ ଗ୍ରାମର ଗୋପୀ ପୂଜାରୀ । କୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ମଙ୍ଗଳବାର ପୋଲିସ ଗୋପୀଙ୍କୁ କୋର୍ଟ ଚାଲାଣ କରିଛି ।

ସୂଚନା ଅନୁଯାୟୀ, ୨୦୨୨ ରେ ଗୋପୀ ଗଞ୍ଜେଇ ଚାଲାଣ କରୁଥିବା ବେଳେ ପୋଲିସ ତାଙ୍କୁ ଗିରଫ କରିବା ପରେ ନଂ.୧୧୯/୨୨ ରେ ଏକ ଏନ୍‌ଡିପିଏସ୍ ମାମଲା ରୁଜୁ କରି ତାଙ୍କୁ କୋର୍ଟ ଚାଲାଣ କରିଥିଲା । ଗୋପୀ ଏହି ମାମଲାରେ କିଛିମାସ ଜେଲରେ ରହିବା ପରେ ଜାମିନରେ ଆସିଥିଲେ। ଅବଧି ସରିବା ପରେ ସେ କୋର୍ଟରେ ହାଜର ହୋଇ ନ ଥିଲେ। ବାରମ୍ବାର କୋର୍ଟରେ ହାଜର ହେବା ପାଇଁ ନୋଟିସ ଆସୁଥିଲେ ମଧ୍ୟ ସେ କୋର୍ଟଙ୍କ ନିର୍ଦ୍ଦେଶକୁ ଅବମାନନା କରି ହାଜର ହେଉନଥିଲେ। ଏହାପରେ ଅଦାଲତ ଗୋପୀଙ୍କ ବିରୋଧରେ ଜାମିନ ବିହୀନ ଗିରଫ ପରୱାନା ଜାରିକରି ତାଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ଧୀରେନ ପଟ୍ଟନାୟକ ସୂଚନା ଦେଇଛନ୍ତି ।



## ୩୦ ଅଭିଯୋଗ ଶୁଣିଲେ ଜିଲାପାଳ


ଜିଲାପାଳ ଜଣେ ବ୍ୟକ୍ତିଙ୍କ ଅଭିଯୋଗ ଶୁଣୁଛନ୍ତି।

**ତେନ୍ତୁଲିଖୁଣ୍ଟି, ୨୦।୮ (ଚିଦାନନ୍ଦ ସାହୁ)**

ନବରଙ୍ଗପୁର ଜିଲା ତେନ୍ତୁଲିଖୁଣ୍ଟି ବ୍ଲକ୍ ସମ୍ମିଳନୀ କକ୍ଷରେ ଜିଲାପାଳ ଡ. ଶୁଭଙ୍କର ମହାପାତ୍ରଙ୍କ ଦ୍ୱାରା ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ କରାଯାଇଛି। ୨୬ ବ୍ୟକ୍ତିଗତ ଓ ୪ଟି ଗୋଷ୍ଠୀଗତ ଅଭିଯୋଗର ଜିଲାପାଳ ଶୁଣାଣି ହୋଇଛି। ୩ ଅଭିଯୋଗର ତୁରନ୍ତ ସମାଧାନ କରାଯାଇଛି। ଅନ୍ୟ ଅଭିଯୋଗଗୁଡ଼ିକର ସମାଧାନ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଅଭିଯୋଗ ଶୁଣାଣି ଶିବିରରେ ଏସ୍‌ପି ରୋହିତ ବର୍ମା, ସିଡିଏମ୍‌ଓ ଡା. ମଳୟ କୁମାର ତ୍ରିପାଠୀ, ଡିଇଓ ଛତ୍ରପତି ସାହୁ, ଉପଜିଲାପାଳ ପ୍ରକାଶ ଚନ୍ଦ୍ର ମିଶ୍ର, ମୁଖ୍ୟ ଉନ୍ନୟନ ଅଧିକାରୀ ବିରଞ୍ଚି ନାରାୟଣ ଦରୱାନଙ୍କ ସମେତ ଜଳ ସଂଯୋଜକ ଅଧିକାରୀ, ଶ୍ରମ ଅଧିକାରୀ କୋଠାବାଡ଼ି ନିର୍ମାଣ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ, ପୂର୍ତ୍ତ ବିଭାଗ କନିଷ୍ଠ ଯନ୍ତ୍ରୀ ବିଡିଓ ମନୋଜ ପାଣିଗ୍ରାହୀ, ଅଧ୍ୟକ୍ଷା ନୀଲେନ୍ଦ୍ରୀ ନାୟକ, ଉପାଧ୍ୟକ୍ଷ ରାଜେନ୍ଦ୍ର ବିଷୋୟୀଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ, ବ୍ଲକ୍ କର୍ମଚାରୀ ଉପସ୍ଥିତ ଥିଲେ।

## ସ୍ୱାଧୀନତା ସଂଗ୍ରାମୀଙ୍କ ଉଦ୍ଦେଶ୍ୟରେ ତିଳତର୍ପଣ

### ସରାଗୁଡ଼ାରେ ପୋଲ ଭଙ୍ଗା ଦିବସ

**ଡାବୁଗାଁ, ୨୦।୮ (ପ୍ରଜ୍ଞାରଞ୍ଜନ ପରିଡ଼ା)**

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସରାଗୁଡ଼ା ନିକଟ ସଂଗ୍ରାମୀ ସୋନୁ ମାଝି ସେବାସଂଘ ଗୃହରେ ମଙ୍ଗଳବାର ପୋଲ ଭଙ୍ଗା ଦିବସ ପାଳନ କରାଯାଇଛି। ଏହି ଅବସରରେ ଶହୀଦଙ୍କ ଉଦ୍ଦେଶ୍ୟରେ ବେଲାରି ନଦୀ କୂଳରେ ତିଳ ତର୍ପଣ କରାଯାଇଛି।

ମଙ୍ଗଳବାର ସକାଳୁ ସଂଗ୍ରାମୀ ସୋନୁ ମାଝି ସେବା ସଂଘ ଗୃହରେ ପତାକା ଉତ୍ତୋଳନ କରଯାଇଥିଲା। ପରେ ସଭା କାର୍ଯ୍ୟ ଆରମ୍ଭ କରାଯାଇଥିଲା। ସେବା ସଂଘ ସମ୍ପାଦକ ସରାଦୁ ଭତ୍ରା ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଅତିଥି ଓ କର୍ମୀମାନେ ବେଲାରୀ ନଦୀ ଘାଟକୁ ଯାଇ ସଂଗ୍ରାମୀଙ୍କ ନିମନ୍ତେ ତିଳ ତର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ସେବା ସଂଘ ର କର୍ମକର୍ତ୍ତା ଓ ସରାଗୁଡ଼ା ଗ୍ରାମବାସୀ ସହଯୋଗ କରିଥିଲେ। ସରାଗୁଡା ୱାର୍ଡ ସଭ୍ୟ ଶୁକଦେବ ଭତ୍ରା, ଲାଇବାନ ଭତ୍ରା, ପୁରନ ମାଝୀ, ଚୈତନ ଭତ୍ରା, ରବିସିଂ ପୂଜାରୀ, କାରମା ପୂଜାରୀ, ପୂର୍ବତନ ଏମ୍‌ପି ରମେଶ ମାଝି, ମନୋରଞ୍ଜନ ତ୍ରିପାଠୀ, ବିଜେଡି ବରିଷ୍ଠ ନେତା ଏମ୍. ଅପ୍ପା ରାଓ, ବିଧାୟକ ପ୍ରତିନିଧି ଏମ୍. ବୁଲୁ ରାଓ ପ୍ରମୁଖ ଯୋଗଦେଇଥିଲେ। ପ୍ରକାଶ ଯେ, ୧୯୪୨ ଭାରତ ଛାଡ଼ ଆନ୍ଦୋଳନରେ ମହାତ୍ମା ଗାନ୍ଧୀଙ୍କ ଡାକରାରେ ସଂଗ୍ରାମୀ ସୋନୁ ମାଝିଙ୍କ ନେତୃତ୍ୱରେ ସରାଗୁଡ଼ା ନିକଟ ବେଲାରୀ ନଦୀ ଉପରେ ଥିବା କାଠ ପୋଲକୁ ସ୍ୱାଧୀନତା ସଂଗ୍ରାମୀ ମାନେ ଅଗଷ୍ଟ ୨୦ରେ ଭାଙ୍ଗି ଦେଇଥିଲେ। ଏହାପର ଦିନ ୩ଶହ ସ୍ୱାଧୀନତା ସଂଗ୍ରାମୀ ଗିରଫ ହୋଇଥିଲେ। ଅଗଷ୍ଟ ୨୪ ତୁରି ନଦୀ ଗୁଳିକାଣ୍ଡରେ ୧୯ ସ୍ୱାଧୀନତା ସଂଗ୍ରାମୀ ଶହୀଦ ହୋଇଥିଲେ। ତେଣୁ ଅଗଷ୍ଟ ୨୦ ତାରିଖରେ ସରାଗୁଡ଼ାରେ ପୋଲ ଭଙ୍ଗା ଦିବସ ପାଳନ ସହ ସ୍ୱାଧୀନତା ସଂଗ୍ରାମୀଙ୍କ ପାଇଁ ତିଳ ତର୍ପଣ କରାଯାଏ।


ସରାଗୁଡ଼ାରେ ପୋଲ ଭଙ୍ଗା ଦିବସ କାର୍ଯ୍ୟକ୍ରମରେ ଅତିଥି ଓ ଗ୍ରାମବାସୀ ।

## ଗଛରେ ପିଟିହୋଇ ୨ ବାଇକ୍ ଆରୋହୀ ମୃତ

ନବରଙ୍ଗପୁର,୨୦।୮
(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଥାନା ଅଧୀନ ତାରାଗାଁରୁ ପିଲିକା ଯିବା ରାସ୍ତାରେ ବୋଦାମୁଣ୍ଡା ନିକଟରେ ବାଇକ୍ ଦୁର୍ଘଟଣା ଘଟି ୨ ଜଣଙ୍କର ମୃତ୍ୟୁ ହୋଇଛି। ସେମାନେ ହେଲେ ପିଲିକା ଗାଁର ଜଳନ ଭତରା ଏବଂ ଖର୍କି ଗାଁର ଶିବ ଭତରା। ଏହି ଦୁର୍ଘଟଣାରେ ପିଲିକା ଗାଁର ନରହରି ଭତରା ଗୁରୁତର ଥିବା ଜଣାପଡ଼ିଛି। ସୂଚନାନୁଯାୟୀ, ମଙ୍ଗଳବାର ଜଳନ, ଶିବ ଓ ନରହରି ଗୋଟିଏ ବାଇକ୍‌ରେ ପିଲକା ଗାଁକୁ ଯାଉଥିଲେ। ହଠାତ୍ ଗାଡ଼ି ଭାରସାମ୍ୟ ହରାଇ ଗଛରେ ପିଟିହେଇଯାଇଥିଲା। ସ୍ଥାନୀୟ ଲୋକେ ତୁରନ୍ତ ସେମାନଙ୍କୁ ଉଦ୍ଧାରକରି ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଜଳନ ଓ ଶିବଙ୍କୁ ମୃତ ଘୋଷଣା କରିଥିଲେ। ଗୁରୁତର ନରହରିଙ୍କର ଏବେ ଚିକିତ୍ସା ଚାଲିଛି। ଖବରପାଇ ନବରଙ୍ଗପୁର ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରିଛି। ଜଳନଙ୍କ ମୃତଦେହ ବ୍ୟବଚ୍ଛେଦ କରାଯାଇଛି। ବୁଧବାର ଶିବଙ୍କ ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ସୂଚନା ମିଳିଛି। କେସ୍ ନଂ. ୩୩୨/୨୪ରେ ନବରଙ୍ଗପୁର ପୋଲିସ ମାମଲା ରୁଜୁ ତଦନ୍ତ ଚଳାଇଛି।

## ନଗଡ଼ା ପାର୍ଶ୍ୱ ଗ୍ରାମରେ ଅତିଶୟ ଅପପୁଷ୍ଟି ପ୍ରସଙ୍ଗ | କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ

■ ରାସ୍ତା, ସଚେତନତାର ଅଭାବ ପ୍ରମୁଖ କାରଣ
■ ଖବର ପ୍ରକାଶ ପାଇବା ପରେ ପ୍ରଶାସନ ତତ୍ପର

ଯାଜପୁର,୨୦।୮
(ହର୍ଷବର୍ଦ୍ଧନ ବେହେରା)

ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଧିକାରୀ (ସିଡିଏମ୍‌ଓ) ନଗଡ଼ା ପାର୍ଶ୍ୱ ତୁମୁଣି ଓ ତଳଡିହ ଗ୍ରାମଦ୍ୱୟକୁ ପରିଦର୍ଶନରେ ଯାଇ ଅପପୁଷ୍ଟିର ଶିକାର ଶିଶୁମାନଙ୍କୁ ଉଦ୍ଧାର କରି ସୁକିନ୍ଦା ବ୍ଲକ୍ ପୁଷ୍ଟିସାଧନ କେନ୍ଦ୍ରରେ ଭର୍ତ୍ତି କରିବାକୁ ସୁକିନ୍ଦା ମେଡିକାଲ ଅଫିସରଙ୍କୁ ମଙ୍ଗଳବାର ନିର୍ଦ୍ଦେଶ ଦେଇଛନ୍ତି। ତେବେ ସୁକିନ୍ଦା ମେଡିକାଲ ଟିମ୍ ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଉପରୋକ୍ତ ଗ୍ରାମରେ ପହଞ୍ଚି ନ ଥିବା ଜଣାପଡିଛି। ଏକ ୬ ଜଣିଆ ମେଡିକାଲ ଟିମ୍ ସମେତ ଜିଲା କଲ୍ୟାଣ ବିଭାଗର ସିଡିପିଓ ନଗଡ଼ା ଗସ୍ତରେ ଯାଇ ଫେରି ଆସିଥିବା ସୂଚନା ମିଳିଛି। ନଗଡ଼ାକୁ ପକ୍କା ରାସ୍ତା ଫିଟିଥିବାରୁ ପ୍ରଶାସନିକ ଅଧିକାରୀ ଓ କର୍ମଚାରୀମାନଙ୍କ ପାଇଁ ସହଜ ଯାତାୟାତ ହୋଇ ପାରିଛି। କିନ୍ତୁ ତୁମୁଣି, ତଳଡିହ, ଗୁହିଆଶାଳ ଗ୍ରାମକୁ ଏଯାଏ ରାସ୍ତା ନିର୍ମାଣ ହୋଇ ପାରି ନ ଥିବାରୁ ପାହାଡ଼ ଶୀର୍ଷକୁ ବିକାଶ ପହଞ୍ଚି ପାରିନାହିଁ। ଏହାବାଦ୍ ଜଙ୍ଗଲ ରାସ୍ତାରେ ଏବେ କଲରାପତରିଆ ବାଘ ଓ ଭାଲୁ ଭୟ ଅଞ୍ଚଳବାସୀଙ୍କ ସହ ସରକାରୀ ଅଧିକାରୀଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି



କରିଛି। ଏହି କ୍ରମରେ ଅପପୁଷ୍ଟିର ଶିକାର ଶିଶୁମାନଙ୍କ ଜୀବନ ମଧ୍ୟ ସୂତାଖିଅରେ ଝୁଲୁଛି ବୋଲି ମତପ୍ରକାଶ ପାଇଛି।

ଯାଜପୁର ଜିଲା ସୁକିନ୍ଦା ଖଣି ଅଞ୍ଚଳର ସାତକୁଳିଆ ପାହାଡ଼ ଶୀର୍ଷରେ ଥିବା ନଗଡ଼ା ପାର୍ଶ୍ୱ ତୁମୁଣି ଗ୍ରାମରେ ୨ ଜଣ ଅତିଶୟ ଅପପୁଷ୍ଟି ଓ ୪ ଜଣ ମଧ୍ୟମ ଧରଣର ଅପପୁଷ୍ଟି ଶିଶୁ ଥିବା ଜଣାପଡିଛି। ସେହିପରି ତଳଡିହ ଗ୍ରାମରେ ୪ ଜଣ ଅତିଶୟ ଅପପୁଷ୍ଟି ଶିଶୁ ଥିବା ସଂକ୍ରାନ୍ତରେ ମଙ୍ଗଳବାର (୨୦।୮।୨୦୨୪) ଧରିତ୍ରୀରେ ନଗଡ଼ା ପାର୍ଶ୍ୱ ଗ୍ରାମରେ ଅତିଶୟ ଅପପୁଷ୍ଟି ଶୀର୍ଷକ ଖବର ପ୍ରକାଶ ପାଇଥିଲା। ଏହି ଖବରକୁ ନେଇ ସ୍ଥାନୀୟ ସାମାଜିକ କର୍ମୀ ମଣ୍ଟୁ ଦାସ ଲିଖିତ ଭାବେ ସିଡିଏମ୍‌ଓଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହାକୁ ନେଇ ସିଡିଏମ୍‌ଓ ଶିବାଶିଷ ମହାରଣା ତାଙ୍କ ପତ୍ରସଂଖ୍ୟା ୫୮୪୨/୨୦।୮।୨୦୨୪ରେ ସୁକିନ୍ଦା ମେଡିକାଲ ଅଫିସରଙ୍କୁ ତୁରନ୍ତ ଧରିତ୍ରୀର ଖବର ଉପରେ ସମୀକ୍ଷା କରି ନଗଡ଼ା ପାର୍ଶ୍ୱ ଗ୍ରାମଗୁଡିକୁ ଗସ୍ତ କରି ବିହିତ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ, ରାଜ୍ୟରେ ଅପପୁଷ୍ଟି ଆକ୍ରାନ୍ତ ଶିଶୁମାନଙ୍କୁ ନିୟନ୍ତ୍ରଣ କରିବାକୁ ସାମାଜିକ କର୍ମୀ ମଣ୍ଟୁ ଦାସ ହାଇକୋର୍ଟରେ ପତ୍ରସଂଖ୍ୟା ୧୨୯୬୬/୨୦୨୩ରେ ଏକ ମାମଲା ରୁଜୁ କରିଥିଲେ। ଏହି ମାମଲା ଉପରେ ହାଇକୋର୍ଟ ଶୁଣାଣି କରି ଯାଜପୁର, କେନ୍ଦୁଝର ଓ କନ୍ଧମାଳ ସମେତ ଅନ୍ୟାନ୍ୟ ଜିଲାକୁ ସ୍ୱତନ୍ତ୍ର ଭାବେ ପରିଦର୍ଶନ କରି ୬ ମାସ ମଧ୍ୟରେ ଅତିଶୟ ଅପପୁଷ୍ଟି ଶୂନ୍ୟ କରିବା ପାଇଁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଯାଜପୁର ଜିଲାରେ ଏହାର ଓଲଟା ଚିତ୍ର ଦେଖିବାକୁ ମିଳିଛି ବୋଲି ସାମାଜିକ କର୍ମୀ ଦାସ ତାଙ୍କ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି।

ଅନ୍ୟପକ୍ଷେ ସିଡିଏମ୍‌ଓ ମହାରଣା କହିଛନ୍ତି, ପ୍ରତି ଗୁରୁବାର ଏକ ସ୍ୱତନ୍ତ୍ର ମେଡିକାଲ ଟିମ୍ ନଗଡ଼ା, ତଳଡିହ, ତୁମୁଣି ଅଞ୍ଚଳକୁ ଗସ୍ତ କରି ଗ୍ରାମବାସୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରୁଛନ୍ତି। କିନ୍ତୁ ତୁମୁଣି ଏବଂ ତଳଡିହ ଗ୍ରାମବାସୀ ଉକ୍ତ ସ୍ୱାସ୍ଥ୍ୟ ଟିମ୍‌ର ବିଭିନ୍ନ ପରାମର୍ଶକୁ ମାନୁ ନାହାନ୍ତି। ହାତ ଧୋଇ ଖାଇବା, ଘର ପରିସର ସଫା କରିବା, ପାଇଖାନା ଓ ସ୍ୱଚ୍ଛ ପିଇବା ପାଣି ବ୍ୟବହାର ଇତ୍ୟାଦି ଉପରେ ସଚେତନ ହେଉନାହାନ୍ତି। ଅପପୁଷ୍ଟି ଶିଶୁମାନଙ୍କୁ ସୁକିନ୍ଦା ବ୍ଲକ୍ ପୁଷ୍ଟିସାଧନ କେନ୍ଦ୍ରରେ ଭର୍ତ୍ତି କଲେ ଦିନକ ପରେ ତାଙ୍କ ମା'ବାପା ଫେରାଉ ନେଉଛନ୍ତି। ତଥାପି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସେମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବାକୁ ଉଦ୍ୟମ ଜାରି ରହିଛି।

## ଆଜି ସାରା ରାଜ୍ୟରେ ବର୍ଷିବ

ଭୁବନେଶ୍ୱର,୨୦।୮ (ଅନୁରାଧା ମହାରଣା)

ରାଜ୍ୟରେ ବର୍ଷା ଜାରି ରହିଥିବାବେଳେ ଆସନ୍ତା ସପ୍ତାହେ ଯାଏ ପାଗରେ ବିଶେଷ ପରିବର୍ତ୍ତନ ହେବ ନାହିଁ। ତେବେ ବୁଧବାର ରାଜ୍ୟର ପ୍ରାୟ ୨୪ ଜିଲାରେ ପ୍ରବଳ ବର୍ଷା ନେଇ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଅଧିକାଂଶ ଜିଲାରେ ୭ରୁ ୧୧ ସେମି ପର୍ଯ୍ୟନ୍ତ ବର୍ଷା ହେବାକୁ ଥିବାରୁ ପାଣିପାଗ କେନ୍ଦ୍ର ୟେଲୋ ୱାର୍ନିଂ ଦେଇଛି। ସେହିଭଳି କିଛି ଜିଲାରେ ହାଲୁକାରୁ ମଧ୍ୟମ ଧରଣ ବର୍ଷା ସହ ବିଜୁଳି ଓ ଘଡ଼ଘଡ଼ିର ଆଶଙ୍କା ରହିଛି। ଏସବୁ ଜିଲାଗୁଡିକ ହେଲା ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, ଝାରସୁଗୁଡ଼ା, ଅନୁଗୋଳ, ଢେଙ୍କାନାଳ, କଟକ, ନବରଙ୍ଗପୁର, କୋରାପୁଟ, କଳାହାଣ୍ଡି, ରାୟଗଡ଼ା, ଗଜପତି, ବାଲେଶ୍ୱର, ନୂଆପଡ଼ା, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, କନ୍ଧମାଳ, ଜଗତ୍‌ସିଂହପୁର, ଯାଜପୁର, ପୁରୀ, କେନ୍ଦ୍ରାପଡ଼ା ଓ ଭଦ୍ରକ। ଗୁରୁବାର ଉତ୍ତର ଓଡ଼ିଶା ସମେତ ଦକ୍ଷିଣ ଓଡ଼ିଶାର କିଛି ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହୋଇପାରେ। ତେବେ ସୁନ୍ଦରଗଡ଼, ଦେବଗଡ଼, ସମ୍ବଲପୁର ଓ ଝାରସୁଗୁଡ଼ାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଥିବାରୁ ପାଣିପାଗ କେନ୍ଦ୍ର ୟେଲୋ ୱାର୍ନିଂ ଜାରି କରିଛି।

## ଟ୍ରେନ୍ ଆଗକୁ ଡେଇଁଲେ ପ୍ରେମୀଯୁଗଳ, ପ୍ରେମିକାଙ୍କ ମୃତ୍ୟୁ

ଟିଟିଲାଗଡ଼/କେସିଙ୍ଗା,୨୦।୮
(ଶରତ ମିଶ୍ର/ତୁମେଶ୍ୱର ସାହୁ)

ବଲାଙ୍ଗୀର ଜିଲା ଟିଟିଲାଗଡ଼-କେସିଙ୍ଗା ରେଳ ଲାଇନର ଲୁଥୁରବନ୍ଧ ତେଲ ନଦୀ ବ୍ରିଜ୍ ଉପରେ ମଙ୍ଗଳବାର ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ବାହାହେବାକୁ ଘରେ ରାଜି ନ ହେବାରୁ ଏକ ପ୍ରେମୀଯୁଗଳ ମାଲବାହୀ ଟ୍ରେନ୍ ଆଗକୁ ଡେଇଁ ଆତ୍ମହତ୍ୟା ଉଦ୍ୟମ କରିଥିବା ବେଳେ ଟ୍ରେନ୍ ଧକ୍କାରେ ପ୍ରେମିକାଙ୍କ ମୃତ୍ୟୁ ଘଟିଛି। ପ୍ରେମିକଙ୍କ ଗୋଟିଏ ପାଦ କଟିଯାଇଛି।

ପ୍ରକାଶ ଯେ, କେସିଙ୍ଗା ଥାନା ଅନ୍ତର୍ଗତ ବିନେକେଲା ଗ୍ରାମର ଘନଶ୍ୟାମ ବାଗ (୨୦) ଜଣେ ଯୁବତୀଙ୍କୁ ଭଲ ପାଉଥିଲେ। ସେମାନେ ପରସ୍ପରକୁ ବିବାହ କରିବାକୁ ଚାହୁଁଥିବା ବେଳେ ପରିବାର ଲୋକେ ଏଥିରେ ରାଜିହୋଇ ନ ଥିଲେ। ଫଳରେ ଏହି ପ୍ରେମୀ ଯୁଗଳ ଶେଷରେ ଆତ୍ମହତ୍ୟା କରିବାକୁ ମନସ୍ଥକରି ଟ୍ରେନ୍ ଆଗକୁ ଡେଇଁ ପଡ଼ିଥିଲେ। ଟ୍ରେନ୍ ଧକ୍କାରେ


ଗୁରୁତର ଘନଶ୍ୟାମ

ନାବାଳିକା ପ୍ରେମିକାଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବା ବେଳେ ଆହତ ଘନଶ୍ୟାମଙ୍କୁ ଟିଟିଲାଗଡ଼ ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ତାଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ପରେ ତାଙ୍କୁ ବଲାଙ୍ଗୀର ଭୀମ ଭୋଇ ମେଡିକାଲ ସ୍ଥାନାନ୍ତର କରାଯାଇଛି। ଆର୍‌ପିଏଫ୍ ସବ୍ ଇନ୍ସପେକ୍ଟର ଅଜୟ ସ୍ୱାଇଁ ନାବାଳିକାଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଟିଟିଲାଗଡ଼ ଉପଖଣ୍ଡ ଡାକ୍ତରଖାନାକୁ ପଠାଇଥିଲେ। ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ଜଣାଯାଇଛି।

## 'ରାମୁ'ର କଙ୍କାଳ ସଂରକ୍ଷିତ ହେବ | ବିଦ୍ୟୁତ୍ ତାର ଲାଗି ମରିଥିଲା ଦନ୍ତା

■ ହାତୀମୃତ୍ୟୁରେ ସମ୍ପୃକ୍ତ ଦୋଷୀଙ୍କ ଉପରେ ହେବ ଦୃଢ଼ କାର୍ଯ୍ୟାନୁଷ୍ଠାନ
■ ହାତୀ ଶିକାର, ମୃତ୍ୟୁ ଏଡ଼ାଇବା ପାଇଁ ୨୪ ଘଣ୍ଟିଆ ପହରା

ଭୁବନେଶ୍ୱର, ୨୦।୮(ଅସମାପିକା ସାହୁ)

ଚନ୍ଦକା-ଡମପଡ଼ା ଅଭୟାରଣ୍ୟର ଭରତପୁର ସଂରକ୍ଷିତ ଜଙ୍ଗଲରେ ସୋମବାର ବିଦ୍ୟୁତ ତାର ଲାଗି ମୃତ୍ୟୁ ଘଟିଥିବା ଦନ୍ତା ହାତୀ 'ରାମୁ'ର କଙ୍କାଳକୁ ସଂରକ୍ଷିତ କରି ରଖାଯିବ। ବୈଜ୍ଞାନିକ ପଦ୍ଧତିରେ ସଂରକ୍ଷଣ ପରେ ଚନ୍ଦକାସ୍ଥିତ ଗୋଡ଼ିବାରୀଠାରେ ଦର୍ଶକଙ୍କ ପାଇଁ ପ୍ରଦର୍ଶନ କରାଯିବ। ଏନେଇ ଖୋର୍ଦ୍ଧା ଜିଲାର ପୂର୍ବତନ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଶୁଭେନ୍ଦୁ ମଲ୍ଲିକ ରାଜ୍ୟ ବନ୍ୟପ୍ରାଣୀ ପିସିସିଏଫ ତଥା ମୁଖ୍ୟ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ସୁଶାନ୍ତ ନନ୍ଦଙ୍କୁ ଇମେଲ ଜରିଆରେ ଅନୁରୋଧ କରିଥିଲେ। ଶୁଭେନ୍ଦୁଙ୍କ ପ୍ରସ୍ତାବରେ ପିସିସିଏଫ୍ ସହମତି ପ୍ରଦାନ କରିଛନ୍ତି। ସେ କହିଛନ୍ତି, 'ରାମୁ'ର ବୟସ ୪୦ ବର୍ଷ। ସେ ଆହୁରି ୧୦ ରୁ ୧୫ ବର୍ଷ ପର୍ଯ୍ୟନ୍ତ ଜଙ୍ଗଲରେ ରହିଆନ୍ତା। ରାମୁ ଚନ୍ଦକା ଜଙ୍ଗଲର ଏକ ଗୌରବ। ତା'ର ଦୁର୍ଭାଗ୍ୟଜନକ ଭାବରେ ମୃତ୍ୟୁ ଘଟିଛି। ରାମୁର ସ୍ମୃତିକୁ କିଭଳି ସତେଜ ରଖାଯିବ ସେନେଇ ଚେଷ୍ଟା କରାଯାଉଛି। କଙ୍କାଳ ସଂରକ୍ଷିତ କରି ରଖିବା ପାଇଁ ଆମ ପାଖକୁ ପ୍ରସ୍ତାବ ଆସିଛି। ଏ ନେଇ ଆମେ ଚିନ୍ତା



କରିଛୁ। ଏଥିପାଇଁ ଆମକୁ ଟିକେ ସମୟ ଲାଗିବ। ତେବେ 'ରାମୁ'ର ଅକାଳ ମୃତ୍ୟୁରେ ହୋଇଥିବା ଅବହେଳାକୁ ଆଦୌ ବରଦାସ୍ତ କରାଯିବ ନାହିଁ ଓ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପିସିସିଏଫ୍ କହିଛନ୍ତି। ଭୁବନେଶ୍ୱରସ୍ଥିତ ରିଜିଓନାଲ ମ୍ୟୁଜିୟମ ଫର୍ ନାଚୁରାଲ ହିଷ୍ଟ୍ରି(ଆର୍‌ଏମ୍‌ଏନ୍‌ଏଚ୍) 'ଶଙ୍କର' ହାତୀର କଙ୍କାଳ ଯେଉଁଭଳି ସଂରକ୍ଷିତ ରଖାଯାଇଛି, ସେହିଭଳି 'ରାମୁ'ର କଙ୍କାଳକୁ ଗୋଡ଼ିବାରୀରେ ରଖିବା ପାଇଁ ଶୁଭେନ୍ଦୁ ପ୍ରସ୍ତାବ ଦେଇଥିଲେ। ଶଙ୍କର ହାତୀ କଙ୍କାଳକୁ ପ୍ରାଣୀ ବିଜ୍ଞାନୀ ଡ. ଶିବ ପ୍ରସାଦ ପରିଡ଼ା ଯୋଡ଼ିଥିଲେ। 'ରାମୁ' କଙ୍କାଳକୁ ମଧ୍ୟ ଡ. ପରିଡ଼ାଙ୍କ ନିର୍ଦ୍ଦେଶରେ ଯୋଡ଼ାଯିବ ଓ ଏ ନେଇ ବନ ବିଭାଗ ପକ୍ଷରୁ ଏକ ସ୍ୱତନ୍ତ୍ର ଆଲୋଚନ ହେବ ବୋଲି ଜଣାପଡ଼ିଛି।

ସେପଟେ ରାମୁର ମୃତ୍ୟୁ ପରେ ବନ ବିଭାଗର ଚେତା ପଶିଛି। ରାମୁ ଭଳି ଯେମିତି ଆଉ କେଉଁ ବନ୍ୟପ୍ରାଣୀଙ୍କର ମୃତ୍ୟୁ ନ ହେବ, ସେଥିପାଇଁ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଚନ୍ଦକା ଜଙ୍ଗଲରେ ରହିଥିବା ୮ଟି ଟାୱାରରେ ବନ କର୍ମଚାରୀମାନେ ଜଙ୍ଗଲ ମଧ୍ୟକୁ ଦୃଷ୍ଟି ଦେବେ। ଏହାସହ ବନ୍ୟପ୍ରାଣୀ ଶିକାର ରୋକିବାକୁ ୨୪ ଘଣ୍ଟିଆ ପ୍ରହରା ଦିଆଯିବ। ବିଶେଷକରି ରାତି ସମୟରେ ଏହି ପ୍ରହରାକୁ ଅଧିକ କଡ଼ାକଡ଼ି କରାଯିବ। ପୂର୍ବତନ ସେନା ଅଧିକାରୀ ଓ କର୍ମଚାରୀଙ୍କୁ ଏଥିପାଇଁ ନିୟୋଜିତ କରାଯିବ। ସେମାନେ ବନ କର୍ମଚାରୀଙ୍କ ନେତୃତ୍ୱରେ ଜଙ୍ଗଲ ମଧ୍ୟରେ ଗାଡ଼ିରେ ପ୍ରହରା ଦେବେ ବୋଲି ପିସିସିଏଫ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଚନ୍ଦକା-ଡମପଡ଼ା ଅଭୟାରଣ୍ୟର ରାଜା ବୋଲି କୁହାଯାଉଥିବା 'ରାମୁ' କେବେ ବି ମଣିଷଙ୍କୁ ନିଜଆଡୁ ଆକ୍ରମଣ କରି ନ ଥିଲା। ଦୁଇବର୍ଷ ତଳେ ରାମୁ ବେକରେ ରେଡିଓ କଲାର ଲଗାଇବା ପାଇଁ ଦୁଇ ଦୁଇଥର ଟ୍ରାଙ୍କୁଲାଇଜ୍ କରାଯାଇଥିଲା। ହେଲେ ନିଶା ଔଷଧକୁ ଖାତିର ନ କରି ରାଜାଙ୍କ ଭଳି ସେ ଚାଲି ଯାଇଥିଲା।

## ଯୁକ୍ତ୨ ସ୍ୱଟ୍ ନାମଲେଖା ପାଇଁ ମେଧା ତାଲିକା ପ୍ରକାଶ

ଭୁବନେଶ୍ୱର, ୨୦।୮ (ଅସମାପିକା ସାହୁ)

ଯୁକ୍ତ୨ରେ ସ୍ୱଟ୍ ନାମଲେଖା ପାଇଁ ପ୍ରଥମ ପର୍ଯ୍ୟାୟ ମେଧା ତାଲିକା ମଙ୍ଗଳବାର ପ୍ରକାଶ ପାଇଛି। ଏହି ପର୍ଯ୍ୟାୟରେ ନାମଲେଖା ପାଇଁ ମୋଟ ୨୬,୮୦୬ଜଣ ଛାତ୍ରୀଛାତ୍ର ଚୟନ ହୋଇଛନ୍ତି। ମନୋନୀତ ଛାତ୍ରୀଛାତ୍ର ଆସନ୍ତା ୨୨ ତାରିଖ ଅପରାହ୍ନ ୧୨ଟାରୁ ୨୮ତାରିଖ ସନ୍ଧ୍ୟା ୬ଟା ମଧ୍ୟରେ ନାମଲେଖାଇବେ। ଏହି ଛାତ୍ରୀଛାତ୍ରଙ୍କ ମଧ୍ୟରେ କଳା ବିଭାଗରେ ୧୭,୩୫୨ଜଣ ଥିବାବେଳେ ବିଜ୍ଞାନରେ ୫,୬୯୬, ବାଣିଜ୍ୟରେ ୨,୬୦୨, ସଂସ୍କୃତରେ ୩୮୧ ଓ ଧନ୍ଦାମୂଳକ ଶିକ୍ଷାରେ ୭୭୫ଜଣ ରହିଛନ୍ତି। ସେହିପରି ୧୩,୭୦୮ଜଣ ଛାତ୍ରୀ ଥିବାବେଳେ ୧୩,୦୯୮ଜଣ ଛାତ୍ର ରହିଛନ୍ତି। ମୋଟ ୧୬,୮୧୮ ଜଣ ଛାତ୍ରୀଛାତ୍ର ସେମାନଙ୍କ ପ୍ରଥମ ପସନ୍ଦ ଶିକ୍ଷାନୁଷ୍ଠାନରେ ନାମଲେଖାଇବା ପାଇଁ ଚୟନ ହୋଇଛନ୍ତି। ସୂଚନାଯୋଗ୍ୟ, ସମୁଦାୟ ୪୫,୧୦୪ଜଣ ଛାତ୍ରୀଛାତ୍ର ସ୍ୱଟ ନାମଲେଖା ପ୍ରକ୍ରିୟାରେ ସାମିଲ ହୋଇଥିଲେ।

## ବଜ୍ରପାତରେ ପୋଡ଼ିଗଲା ପ୍ୟାନେଲ ବୋର୍ଡ

### ୩ ଘଣ୍ଟା ରେଳ ଚଳାଚଳ ବ୍ୟାହତ

ଜଳେଶ୍ୱର, ୨୦।୮(ରବିନାରାୟଣ ପାତ୍ର)

ମଙ୍ଗଳବାର ଅପରାହ୍ନରେ ଘନ ଘନ ବଜ୍ରପାତ ହେବାରୁ ଓଡ଼ିଶା ଉପାନ୍ତ ଲକ୍ଷ୍ମଣନାଥ ରେଳଷ୍ଟେଶନରେ ଥିବା ସିଗ୍‌ନାଲ ପ୍ୟାନେଲ ବୋର୍ଡ ପୋଡ଼ିଯାଇଛି। ଫଳରେ ଖଡଗପୁର-ଭଦ୍ରକ ରେଳ ଚଳାଚଳ ବ୍ୟାହତ ହୋଇଛି। ଅପରାହ୍ନ ୩ଟାରୁ ରେଳ ଚଳାଚଳ ବନ୍ଦ ହୋଇଥିବା ବେଳେ ଅପ ଓ ଡାଉନ ଲାଇନରେ ଚଳାଚଳ ବ୍ୟାହତ ହୋଇଥିଲା। କୌଣସି ସିଗନାଲ କମ କରୁ ନ ଥିବା ବେଳେ 'ନୋ ଲାଇଟ' ଯୋଗୁ ଟ୍ରେନ ଚଳାଚଳ ବନ୍ଦ ରହିଥିଲା। ସିଗନାଲ ବିଭାଗର ଯନ୍ତ୍ରୀମାନେ ଯାଇ ମରାମତି କଲା ପରେ ଟ୍ରେନ ଚଳାଚଳ ଆରମ୍ଭ ହୋଇଥିଲା। ରାତି ୮ଟାରେ ରେଳ ଚଳାଚଳ ସ୍ୱାଭାବକ ହୋଇଥିଲା। ବହୁ ଟ୍ରେନ ବିଳମ୍ବରେ ଚାଲୁଥିବା ଜଣାଯାଇଛି।

## ଫେବୃଆରୀ ୧୫ରୁ ଯୁକ୍ତ୨ ପରୀକ୍ଷା: ସେପ୍ଟେମ୍ବରରୁ ଫର୍ମ ପୂରଣ

ଭୁବନେଶ୍ୱର, ୨୦।୮
(ଅସମାପିକା ସାହୁ)

ଆସନ୍ତା ବର୍ଷ ଫେବୃଆରୀ ୧୫ରୁ ଯୁକ୍ତ୨ ବାର୍ଷିକ ପରୀକ୍ଷା ହେବ। ପ୍ରାକ୍ଟିକାଲ ପରୀକ୍ଷା ଜାନୁଆରୀ ୨ ରୁ ୧୨ତାରିଖ ମଧ୍ୟରେ ଅନୁଷ୍ଠିତ ହେବ। ଉଚ୍ଚ ମାଧ୍ୟମିକ ସ୍କୁଲଗୁଡ଼ିକ ତାଙ୍କ ସୁବିଧା ଦେଖି ଏହି ସମୟ ମଧ୍ୟରେ ପରୀକ୍ଷା କରିବେ। ସେହିଭଳି ଇଣ୍ଟରନାଲ ପରୀକ୍ଷା ଆସନ୍ତା ଡିସେମ୍ବର ୨୬ ରୁ ୩୦ତାରିଖ ପର୍ଯ୍ୟନ୍ତ ଚାଲିବ। ତେବେ ୨୦୨୫ ଯୁକ୍ତ୨ ବାର୍ଷିକ ପରୀକ୍ଷା ପାଇଁ ଫର୍ମ ପୂରଣ ଚଳିତ ମାସରୁ ଆରମ୍ଭ କରିବା ପାଇଁ ସିଏଚ୍‌ଏସ୍‌ଇ ଯୋଜନା ରଖିଥିଲା। କିନ୍ତୁ ବର୍ତ୍ତମାନ ୨୦୨୪-୨୫ ଶିକ୍ଷାବର୍ଷ ପାଇଁ ଯୁକ୍ତ୨ ନାମଲେଖା ଶେଷ ହୋଇ ନ ଥିବାରୁ ଓକାକ ମନା କରିଦେଇଥିଲା। ଯୁକ୍ତ୨ ପରୀକ୍ଷା ଫର୍ମ ପୂରଣ ଆସନ୍ତା ସେପ୍ଟେମ୍ବର ପ୍ରଥମ ସପ୍ତାହରୁ ଆରମ୍ଭ ହେବ ବୋଲି ପରିଷଦ ପରୀକ୍ଷା ନିୟନ୍ତ୍ରକ ପ୍ରଶାନ୍ତ ପରିଡ଼ା ସୂଚନା ଦେଇଛନ୍ତି।

## ସ୍କ୍ରବ୍ ଟାଇଫସ୍ ଆତଙ୍କ, ୧୨ ଆକ୍ରାନ୍ତ

ମୁନିଗୁଡ଼ା,୨୦।୮
(ନନ୍ଦ କିଶୋର ପଟ୍ଟନାୟକ)


ରାୟଗଡ଼ା ଜିଲା ମୁନିଗୁଡ଼ା ପାଇକସାହିରେ ଗତ କିଛିଦିନ ହେଲା ସ୍କ୍ରବ୍ ଟାଇଫସ୍ ଆତଙ୍କ ଦେଖାଦେଇଛି। ଏହି ରୋଗରେ ୧୨ରୁ ଉର୍ଦ୍ଧ୍ୱ ରୋଗୀ ଆକ୍ରାନ୍ତ ହୋଇ ମୁନିଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ଏମାନଙ୍କ ରକ୍ତ ନମୁନା ପରୀକ୍ଷା କରାଯିବା ପରେ ରିପୋର୍ଟରେ ସ୍କ୍ରବ୍ ଟାଇଫସ୍ ରୋଗର ଲକ୍ଷଣ ଜଣାପଡ଼ିଥିବା ମୁନିଗୁଡ଼ା ମେଡିକାଲର ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ଡାକ୍ତର ଆଶିଷ କୁମାର ପଣ୍ଡା ସୂଚନା ଦେଇଛନ୍ତି। ଏକ ଅଜଣା ପୋକ କାମୁଡିବା ଦ୍ୱାରା ଏହି ରୋଗ ହେଉଥିବା ଜଣାପଡିଛି। ଏହି ଘଟଣା ପରେ ସ୍ଥାନୀୟ ଲୋକେ ଆତଙ୍କିତ ହୋଇପଡ଼ିଛନ୍ତି। ସୋମବାରଠାରୁ ମୁନିଗୁଡ଼ାର ସ୍ୱାସ୍ଥ୍ୟ ଟିମ୍ ପ୍ରତିଦିନ ଉକ୍ତ ସାହିକୁ ଯାଇ ଲୋକଙ୍କୁ ଔଷଧ ଦେବା ସହ ସେମାନଙ୍କ ଘର ଓ ଆଖପାଖ ଅଞ୍ଚଳ ନାଳନର୍ଦ୍ଦମା ସଫା କରୁଛନ୍ତି। ଲୋକେ ବିଲେଇ ଓ ମୂଷାଠାରୁ ଦୂରେଇ ରହିବା ପାଇଁ ଡାକ୍ତରୀ ଟିମ୍ ପରାମର୍ଶ ଦେଇଛନ୍ତି।

ସ୍କ୍ରବ୍ ଟାଇଫସ୍‌ରେ ଆକ୍ରାନ୍ତମାନେ ହେଲେ ପାଇକସାହିର ଶ୍ରୀତମ ଦାସ (୬), ସେହ୍ନା ଦାସ (୯), ସଦାନନ୍ଦ ଗୋଣ୍ଡ( ୩୫), ଶୁଭମ ବେହେରା (୧୩), ଶ୍ରୀୟାଶ୍ରୀ ବେହେରା (୧୦), ଶୁଭଶ୍ରୀ ବେହେରା (୫୦), ଶଶିରେଖା ବେହେରା (୫୦), ପ୍ରତିମା ବେହେରା (୪୪), ଅଞ୍ଜନା ବେହେରା (୪୨), ବାଲାଜୀ ବେହେରା (୫୮), ବାସନ୍ତୀ ବେହେରା (୫୦) ଓ ରଶ୍ମିତା ବେହେରା (୪୫)। ଗତ ୧୫ ଦିନ ମଧ୍ୟରେ ଗୋଟିଏ ପରିବାରର ୨ ଯାଆ ବିଦ୍ୟାଭରାତୀ ଦାସ ଓ ତାରା ଦାସ ଏହି ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରିଥିବା କୁହାଯାଉଛି। ହେଲେ ଏ ନେଇ ଡାକ୍ତର ସ୍ପଷ୍ଟ କରିନାହାନ୍ତି। ଅନ୍ୟପକ୍ଷରେ ମୁନିଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆବଶ୍ୟକ ସଂଖ୍ୟକ ଡାକ୍ତର, ବିଶେଷଜ୍ଞ ଅଭାବ ଯୋଗୁ ଏଠାରେ ସ୍ୱାସ୍ଥ୍ୟ ଅବସ୍ଥା ବିପର୍ଯ୍ୟସ୍ତ ହେଉଛି । ଏହାକୁ ନେଇ ମୁନିଗୁଡ଼ାରେ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଅଞ୍ଚଳରେ ଏକ ସ୍ୱାସ୍ଥ୍ୟସେବା କ୍ୟାମ୍ପ ଖୋଲିବାକୁ ଦାବି ହେଉଛି। ଅନ୍ୟପଟେ ସ୍ଥିତିର ଗମ୍ଭୀରତାକୁ ଦୃଷ୍ଟିଦେଇ ବିଧାୟକ ନୀଳମାଧବ ହିକକା ଅଞ୍ଚଳ ପରିଦର୍ଶନ କରିଛନ୍ତି। ଏହାର ସ୍ଥାୟୀ ସମାଧାନ ପାଇଁ ସେ ଜିଲାପାଳ ପାରୁଲ ପଟୱାରିଙ୍କୁ ପତ୍ର ଯୋଗେ ନିବେଦନ କରିଥିଲେ। ଏହାପରେ ଜିଲାପାଳଙ୍କ ନିର୍ଦ୍ଦେଶରେ ଏକ ଡାକ୍ତରୀ ଦଳ ଟିମ୍ ଅଞ୍ଚଳ ପରିଦର୍ଶନ କରିଥିଲେ।

## ମଙ୍କିପକ୍ସ ମୁକାବିଲା ପାଇଁ ଆଗୁଆ ପ୍ରସ୍ତୁତି

ଭୁବନେଶ୍ୱର, ୨୦।୮
(ଅସମାପିକା ସାହୁ)

ଆଫ୍ରିକୀୟ ଦେଶରୁ ବିଶ୍ୱର ବିଭିନ୍ନ ଦେଶକୁ ବ୍ୟାପୁଥିବା ମାରାତ୍ମକ ମଙ୍କିପକ୍ସ ସଂକ୍ରମଣକୁ ନେଇ ଏବେ ଆତଙ୍କ ଲାଗି ରହିଛି। ଏଥିରେ ଶହ ଶହ ଲୋକଙ୍କ ଜୀବନ ଯାଇଥିବାରୁ ଚିନ୍ତା ବଢ଼ିଛି। ଭାରତରେ ମଧ୍ୟ ମଙ୍କିପକ୍ସ ପାଇଁ ଆତଙ୍କ ଦେଖାଯାଇଛି। ଏନେଇ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ବିମାନବନ୍ଦର ସମେତ ବଡ଼ ବଡ଼ ସିଟି ତଥା ସୀମାବର୍ତ୍ତୀ ଅଞ୍ଚଳରେ ସତର୍କ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହାର ମୁକାବିଲା ପାଇଁ ଓଡ଼ିଶା ମଧ୍ୟ ଆଗୁଆ ପ୍ରସ୍ତୁତ ହୋଇଛି। ଏ ନେଇ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନୀଳକଣ୍ଠ ମିଶ୍ର କହିଛନ୍ତି, କେନ୍ଦ୍ର ସରକାର ସମସ୍ତ ବିମାନବନ୍ଦର ଏବଂ ଅନ୍ୟ ବଡ଼ ବଡ଼ ସହରମାନଙ୍କୁ ଗାଇଡ୍‌ଲାଇନ ଜାରି କରିଛନ୍ତି। ତେବେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଆମ ପାଖକୁ ସ୍ୱତନ୍ତ୍ର ଭାବେ କୌଣସି ସୂଚନା ଆସିନାହିଁ। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍‌ଓ) କହିଛି ଏହା ଏକ ମାରାତ୍ମକ ରୋଗ। ତେବେ ଏନେଇ ଆମେ ସାବଧାନ ରହିଛୁ। ସ୍ୱାସ୍ଥ୍ୟ ବିଭାଗ ଆଗୁଆ ପ୍ରସ୍ତୁତି କରିଛି। ହସ୍ପିଟାଲଗୁଡ଼ିକରେ ସମସ୍ତ



### ମଙ୍କି ପକ୍ସର ଲକ୍ଷଣ

ଚିକେନ ପକ୍ସ ଓ ହାଡ଼ଫୁଟି ଭଳି ମଙ୍କି ପକ୍ସର ସମାନ ଲକ୍ଷଣ ଦେଖାଯାଏ। ଏଥିରେ ଆକ୍ରାନ୍ତ ହେଲେ ଶରୀରରେ ନାଲି ଦାଗ ସହିତ ସେହି ସ୍ଥାନ ଫୁଲିଯାଇଥାଏ। ଫଳରେ ଅନେକ ମାତ୍ରାରେ ଦରଜ ହୋଇଥାଏ ବୋଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ କହିଛନ୍ତି।

ପ୍ରକାର ବ୍ୟବସ୍ଥା ପ୍ରସ୍ତୁତ ରଖିବାକୁ ସବୁ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଚିଠି ଲେଖାଯାଇଛି। ମଙ୍କିପକ୍ସ ରାଜ୍ୟକୁ ଆସିବା ପୂର୍ବରୁ ଆମକୁ ସାବଧାନତା ରହିବାକୁ ପଡ଼ିବ। ଏହା ପୂର୍ବରୁ ସମସ୍ତ ପ୍ରସ୍ତୁତି ପଦକ୍ଷେପ ନେବା ଆବଶ୍ୟକ। ହଠାତ ମଙ୍କିପକ୍ସ ରୋଗ ଆସିଗଲେ ଅନେକ ସମସ୍ୟା ଉପୁଜିବ। ତେଣୁ ବର୍ତ୍ତମାନ ସମୟରୁ ସାବଧାନତା ଅବଲମ୍ବନ କରାଯିବା ଆବଶ୍ୟକ। ରୋଗୀ ଆସିଲେ କେଉଁ ପ୍ରକାରର ଚିକିତ୍ସା ଯୋଗାଇ ଦିଆଯିବ। ଡାକ୍ତରମାନେ ହଠାତ କ'ଣ କରିବେ, ସେନେଇ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ଲକ୍ଷଣ ଦେଖାଦେଲେ ବିଭାଗକୁ ଜଣାଇବା ସହ ଆଇସୋଲେଶନରେ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ତେବେ ସ୍କ୍ରିନିଙ୍ଗ ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ କିଛି ଗାଇଡ୍‌ଲାଇନ ଆସିନାହିଁ ବୋଲି ଡା. ମିଶ୍ର ସୂଚନା ଦେଇଛନ୍ତି।

## ଘରେ ଘରେ ଭାଇରାଲ ଜ୍ୱର

ଭୁବନେଶ୍ୱର, ୨୦।୮(ଅସମାପିକା ସାହୁ)

ରାଜ୍ୟରେ ଏବେ ଡେଙ୍ଗୁ, ମ୍ୟାଲେରିଆ ସହ ବଢୁଛି ଭାଇରାଲ ଜ୍ୱର। ଘରେ ଘରେ ଲୋକେ ଜ୍ୱରରେ ଆକ୍ରାନ୍ତ ହେଉଥିବା ଦେଖାଯାଉଛି। ତେଣୁ ଏନେଇ ସତର୍କ ରହିବା ସହ ଡାକ୍ତରଙ୍କ ପରାମର୍ଶ ନେବା ପାଇଁ ସ୍ୱାସ୍ଥ୍ୟ ବିଭାଗ ପରାମର୍ଶ ଦେଇଛି। ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନୀଳକଣ୍ଠ ମିଶ୍ର କହିଛନ୍ତି, ବର୍ତ୍ତମାନ ସମୟରେ ବିଶେଷ ଭାବରେ ବର୍ଷା ଦିନରେ ଡେଙ୍ଗୁ, ମ୍ୟାଲେରିଆ ସମେତ ଭାଇରାଲ ଜ୍ୱର ଅଧିକ ମାତ୍ରାରେ ଦେଖିବାକୁ ମିଳିଥାଏ। ଚଳିତବର୍ଷ ମଧ୍ୟ ଭାଇରାଲ ଜ୍ୱରର ପ୍ରାଦୁର୍ଭାବ ମଧ୍ୟ ବଢ଼ିଛି। ଭାଇରାଲ ଜ୍ୱରକୁ ନେଇ ସମସ୍ତଙ୍କୁ ପରାମର୍ଶ ଦିଆଯାଇଛି। ଜ୍ୱର ହେଲେ ସଙ୍ଗେ ସଙ୍ଗେ ଡାକ୍ତରଙ୍କ ସହ ପରାମର୍ଶ ନିଅନ୍ତୁ। ଡାକ୍ତରଙ୍କ ପରାମର୍ଶରେ ରକ୍ତ ପରୀକ୍ଷା କରିନେବା ଆବଶ୍ୟକ। ତେବେ ଏହି ଋତୁରେ ଛୋଟ ପିଲାଙ୍କୁ ଥଣ୍ଡା ଜ୍ୱର ବିଶେଷ ଭାବେ ହୋଇଥାଏ। ପ୍ରତ୍ୟେକ ରୋଗ ପାଇଁ ପ୍ରତିରୋଧକର ବ୍ୟବସ୍ଥା କରାଯାଇଛି। ଯେଉଁମାନଙ୍କୁ ଥଣ୍ଡା ଜ୍ୱର ହେଉଛି ସେମାନେ ସବୁ ସମୟରେ ମାସ୍କ ପରିଧାନ କରିବା ଆବଶ୍ୟକ। ଏପରିକି ଯେଉଁମାନେ ରୋଗୀର ସଂସ୍ପର୍ଶରେ ଆସୁଛନ୍ତି, ସେମାନେ ମଧ୍ୟ ମାସ୍କ ବ୍ୟବହାର କରିବା ଆବଶ୍ୟକ ବୋଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ କହିଛନ୍ତି।

### ଡେଙ୍ଗୁ ପାଇଁ ସତର୍କ

ରାଜ୍ୟରେ ବଢୁଥିବା ଡେଙ୍ଗୁ ପାଇଁ ସତର୍କ ରହିବାକୁ ସ୍ୱାସ୍ଥ୍ୟ ବିଭାଗ ପରାମର୍ଶ ଦେଇଛି। ଏ ନେଇ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ କହିଛନ୍ତି, ବିଶେଷ ଭାବରେ ଘର ଚାରି ପାଖରେ କୌଣସି ପାଣି ଜମିବାକୁ ଦିଅନ୍ତୁ ନାହିଁ। ସବୁବେଳେ ଫୁଲ୍ ଶାର୍ଟ ପିନ୍ଧିବାକୁ ଚେଷ୍ଟା କରନ୍ତୁ। ଦିନରେ ଯେଭଳି ଭାବରେ କୌଣସି ମଶା ନ କାମୁଡ଼ନ୍ତି, ସେନେଇ ନିଜର ବ୍ୟବସ୍ଥା କରିବେ। ଜ୍ୱର ସହ ଯଦି ଦେହ ହାତ ବିନ୍ଧା ହେଲା, ବାନ୍ତି ହେଲା, ତେବେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେଇ ରକ୍ତ ପରୀକ୍ଷା କରିନେବା ଆବଶ୍ୟକ। ଜ୍ୱର ନ ଛାଡ଼ିଲେ ଦୁଇରୁ ତିନି ଦିନ ମଧ୍ୟରେ ରକ୍ତ ପରୀକ୍ଷା କରିବା ଜରୁରୀ ବୋଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ କହିଛନ୍ତି।

# ରାତିରେ ଜେଲ ଗଲେ, ସକାଳେ ମୃତ

ବଡ଼ବିଲ,୨୦।୮
(ଦେବପ୍ରିୟ ରଣା)



ବଡ଼ବିଲ ସବ୍‌ଜେଲ

- ବଡ଼ବିଲ ସବ୍‌ଜେଲରେ ବିଚାରାଧୀନ ବନ୍ଦୀଙ୍କ ଆତ୍ମହତ୍ୟା
- ଯୌତୁକ ଦାବିରେ ସ୍ତ୍ରୀଙ୍କୁ ହତ୍ୟା ଅଭିଯୋଗରେ ଗିରଫ ହୋଇଥିଲେ

କେନ୍ଦୁଝର ଜିଲା ବଡ଼ବିଲ ଉପ-କାରାଗାରରେ ଜଣେ ବିଚାରାଧୀନ ବନ୍ଦୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଓଏମ୍‌ସି (ଓଡ଼ିଶା ଖଣି ନିଗମ)ର ଗ୍ରୁପ-୪ ସିକ୍ୟୁରିଟି ସଂସ୍ଥାରେ କାର୍ଯ୍ୟରତ ଯାଜପୁର ଜିଲା ବିଞ୍ଝାରପୁର, ସାହିଦପୁର-ବିଡ଼ାପଡ଼ା ଅଞ୍ଚଳର ତୁଷାରକାନ୍ତ ମଲ୍ଲିକ(୨୯)। ସ୍ତ୍ରୀ ଅନସୂୟାଙ୍କ ହତ୍ୟା ଅଭିଯୋଗରେ ସୋମବାର ରାତି ପ୍ରାୟ ସାଢେ ୧୦ଟା ବେଳେ ତୁଷାରଙ୍କୁ ଜେଲ ପଠାଯାଇଥିଲାବେଳେ ମଙ୍ଗଳବାର ସକାଳେ ତାଙ୍କ ମୃତଦେହ ଜବତ ହୋଇଛି। ଜେଲ ଭିତରେ ସେ ଆତ୍ମହତ୍ୟା କରିଥିବା କର୍ତ୍ତୃପକ୍ଷ କହିଛନ୍ତି।

ସୂଚନା ଅନୁଯାୟୀ, ମାଟକାମବେଡ଼ାସ୍ଥିତ କଳିଙ୍ଗନଗର କ୍ୱାର୍ଟର୍ସ ନଂ.୨ ଆର୍‌ଏ-୧୩ରେ ରହି ଓଏମ୍‌ସିରେ ତୁଷାର ସିକ୍ୟୁରିଟି ଗାର୍ଡ ଭାବେ କାର୍ଯ୍ୟ କରୁଥିଲେ। ୨୦୨୦ ଜୁନ ୨୯ ତାରିଖରେ ତୁଷାର ଖୋର୍ଦ୍ଧା ଜିଲା ଜଙ୍କିଆ ଥାନା ଅଧୀନ ଲେଖନପୁର ଅଞ୍ଚଳର ଅଜୟ କୁମାର ପଟ୍ଟନାୟକଙ୍କ ଝିଅ ଅନସୂୟାଙ୍କୁ ପ୍ରେମବିବାହ କରିଥିଲେ। ତୁଷାର ଓ ଅନସୂୟାଙ୍କ ଏକ ୩ ବର୍ଷର କନ୍ୟାସନ୍ତାନ ରହିଛି। ବାପା ଓଏମ୍‌ସିରେ ପିଅନ ଭାବେ କାର୍ଯ୍ୟ କରୁଥିବାରୁ ତାଙ୍କ କ୍ୱାର୍ଟର୍ସକୁ ଲାଗି ଅନ୍ୟ ଏକ କ୍ୱାର୍ଟର୍ସରେ ତୁଷାର ରହୁଥିଲେ। ତୁଷାରଙ୍କ ମା' ସସ୍ମିତାଙ୍କ କହିବା ଅନୁଯାୟୀ, ତୁଷାର ମଦ୍ୟପାନ କରୁଥିବାରୁ ସ୍ତ୍ରୀ ଓ ସ୍ୱାମୀଙ୍କ ମଧ୍ୟରେ ଅନେକ ସମୟରେ କଳି ହୁଏ। ରବିବାର ମଧ୍ୟାହ୍ନ ୧୨ଟା ବେଳେ ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଥିବାବେଳେ ଝିଅକୁ ନେଇ ତୁଷାର ନିକଟସ୍ଥ ଦୋକାନକୁ ଯାଇଥିଲେ। ଦୋକାନରୁ ଫେରି ଘର ଭିତରେ ସ୍ତ୍ରୀ ଅନସୂୟାଙ୍କ ମୃତଦେହ ଝୁଲୁଥିବା ଦେଖିଥିଲେ। ମା' ଓ ପୁଅ ଅନସୂୟାଙ୍କ ମୃତଦେହକୁ ଓହ୍ଲାଇ ବଡ଼ବିଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ ହେଁ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଖବର ପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରିଥିଲା। ତେବେ ଯୌତୁକ ଦାବିରେ ଅନସୂୟାଙ୍କୁ ହତ୍ୟା କରାଯାଇଥିବା ନେଇ ବାପଘର ଲୋକେ ବଡ଼ବିଲ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏନେଇ ପୋଲିସ ଏକ ମାମଲା (ନଂ.୨୪୭/୨୪) ରୁଜୁ କରି ସୋମବାର ତୁଷାରଙ୍କୁ ଗିରଫ କରିଥିଲା। ରାତି ପ୍ରାୟ ସାଢେ ୧୦ଟା ବେଳେ ପୋଲିସ ତୁଷାରଙ୍କୁ କୋର୍ଟଚାଲାଣ କରିଥିଲା ବେଳେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବଡ଼ବିଲ ସବ୍-ଜେଲକୁ ପଠାଯାଇଥିଲା।

ଜେଲର କର୍ମଚାରୀଙ୍କଠାରୁ ମିଳିଥିବା ସୂଚନା ଅନୁଯାୟୀ, ରାତି ପ୍ରାୟ ୩ଟା ପର୍ଯ୍ୟନ୍ତ ତୁଷାର ଶୋଇଥିଲେ। ଭୋର ୪ଟା ବେଳେ ଜେଲର ଲୁହା ରେଲିଂରେ ଏକ ଗାମୁଛା ସାହାଯ୍ୟରେ ବେକରେ ଫାଶୀ ଲଗାଇ ସେ ଆତ୍ମହତ୍ୟା କରିଥିବା ଦେଖିବାକୁ ମିଳିଥିଲା। ଏ ନେଇ ବଡ଼ବିଲ ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ.୩୪/୨୪) ରୁଜୁ କରି ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ ଜାରି ରଖିଛି। କୋର୍ଟ ଚାଲାଣ ପୂର୍ବରୁ ସ୍ତ୍ରୀ ଅନସୂୟାଙ୍କୁ ବହୁତ ଭଲପାଉଥିବା ଓ ତାଙ୍କ ବିନା ବଞ୍ଚିପାରିବେ ନାହିଁ ବୋଲି ତୁଷାର କହିଥିବା ଥାନା ଆଇଆଇସି ରମାକାନ୍ତ ମୁଦୁଲି ସୂଚନା ଦେଇଛନ୍ତି।

# ଭଉଣୀଙ୍କୁ ହତ୍ୟାର ଦିନକ ପରେ ଭାଇଙ୍କ ମୃତ୍ୟୁ

ବ୍ରହ୍ମପୁର,୨୦।୮
(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ବଡ଼ବଜାର ଥାନା ଅନ୍ତର୍ଗତ ଶ୍ରୀରାମନଗରେ ସୋମବାର ରାଖୀ ପୂର୍ଣ୍ଣିମାରେ ଭଉଣୀଙ୍କୁ ହତ୍ୟା ପରେ ବସ୍ ଆଗକୁ ଆସି ଆତ୍ମହତ୍ୟା ଉଦ୍ୟମ କରିଥିବା ବଡ଼ଭାଇଙ୍କ ମଙ୍ଗଳବାର ମୃତ୍ୟୁ ଘଟିଛି। ସାନ ଭଉଣୀ ପ୍ରଯୁକ୍ତା ପାଣିଗ୍ରାହୀ(୧୩)ଙ୍କୁ ହତ୍ୟା କରିବା ପରେ ବଡ଼ବାପାଙ୍କ ପୁଅ ଆଶୁତୋଷ ପାଣିଗ୍ରାହୀ ଫେରାର ହୋଇଯାଇଥିଲେ। ହିଞ୍ଜିଳିକାଟୁ ବସଷ୍ଟାଣ୍ଡ ନିକଟରେ ସେ ଓଏସ୍‌ଆରଟିସି ବସ ଆଗକୁ ଆସିଯାଇ ଗୁରୁତର ହୋଇଥିଲେ। ତାଙ୍କୁ ପ୍ରଥମେ ହିଞ୍ଜିଳିକାଟୁ ହସ୍ପିଟାଲ ଓ ସେଠାରୁ ଏମ୍‌କେସିଜି ମେଡିକାଲକୁ ଅଣାଯାଇଥିଲା। ଏମ୍‌କେସିଜିରେ ଚିକିତ୍ସାଧୀନ ଅବସ୍ଥାରେ ଆଶୁତୋଷଙ୍କ ମୃତ୍ୟୁ ଘଟିଛି। ଅନ୍ୟପଟେ ଆଶୁତୋଷଙ୍କ ଆକ୍ରମଣରେ ଗୁରୁତର ଥିବା ତାଙ୍କ ଦାଦାପୁଅ ଭାଇ ଆୟୁଷ୍ମାନ ପାଣିଗ୍ରାହୀ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି। ସେ ଭୁବନେଶ୍ୱର କିମ୍ସ ହସ୍ପିଟାଲର ଭେଣ୍ଟିଲେଟରରେ ଅଛନ୍ତି। ଆୟୁଷ୍ମାନ ସୁସ୍ଥ ହୋଇ ଫେରିବା ପରେ ତାଙ୍କର ବୟାନକୁ ଆଧାର କରି ପ୍ରଯୁକ୍ତା ହତ୍ୟା ଘଟଣାର ତଦନ୍ତ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯିବ ବୋଲି ବ୍ରହ୍ମପୁର ଏସ୍‌ପି ଦାୟିତ୍ୱରେ ଥିବା ଡିଆଇଜି ଡା. ସାର୍ଥକ ଷଡଙ୍ଗୀ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଭଉଣୀ ଭାଇଙ୍କ ମଧ୍ୟରେ ଭଲ ସମ୍ପର୍କ ଥିବାବେଳେ ଆଶୁତୋଷ କାହିଁକି ଓ କେଉଁ ପରିସ୍ଥିତିରେ ଭଉଣୀଙ୍କୁ ହତ୍ୟା ଓ ସାନଭାଇଙ୍କୁ ହତ୍ୟା ଉଦ୍ୟମ କଲେ ତାହା ଜଣାପଡୁନାହିଁ ବୋଲି ସେ କହିଛନ୍ତି।

ଆଶୁତୋଷଙ୍କ ମୃତଦେହ ଜବତ କରି ବୈଦ୍ୟନାଥପୁର ଥାନା ପୋଲିସ ମଙ୍ଗଳବାର ନଂ.୫୪୭/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ସୋମବାର ଅପରାହ୍ନରେ ଆଶୁତୋଷ ହିଞ୍ଜିଳିକାଟୁଠାରେ ବସ ଆଗକୁ ଆସି ଯାଇଥିଲେ। ତେଣୁ ହିଞ୍ଜିଳିକାଟୁ ପୋଲିସ ଦୁର୍ଘଟଣା ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ଅନ୍ୟପକ୍ଷରେ ବଡବଜାର ଥାନାରେ ପ୍ରଯୁକ୍ତାଙ୍କ ବାପା ରବୀନ୍ଦ୍ର କୁମାର ପାଣିଗ୍ରାହୀଙ୍କ ଅଭିଯୋଗକ୍ରମେ ପୋଲିସ ନଂ.୨୭୬/୨୪ରେ ଏକ ହତ୍ୟା ମାମଲା ରୁଜୁ କରିଛି। ସାଇଣ୍ଟିଫିକ ଟିମ ଜରିଆରେ ତଦନ୍ତ ଚାଲିଛି। ସମସ୍ତ ଦିଗକୁ ଦେଖି ପୋଲିସ ଏହି ସମ୍ବେଦନଶୀଳ ହତ୍ୟା ଘଟଣାର ତଦନ୍ତ ଜାରି ରଖିଛି ବୋଲି ଥାନାଧିକାରୀ ବାବା ଶଙ୍କର ସରାଫ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଶ୍ରୀରାମନଗର ୭ମ ଗଳିରେ ରହୁଥିବା ଦୁର୍ଗାପ୍ରସାଦ ପାଣିଗ୍ରାହୀ ସୋମବାର ଘରେ ବାପାଙ୍କ ଶ୍ରାଦ୍ଧ କରୁଥିଲେ। ଏଥିରେ ଯୋଗଦେବା ପାଇଁ ତାଙ୍କର ଅନ୍ୟ ୩ ଭାଇ ଓ ସେମାନଙ୍କ ପିଲାମାନେ ଆସିଥିଲେ। ତଳମହଲାରେ ଶ୍ରାଦ୍ଧ ଚାଲିଥିବାବେଳେ ପିଲାମାନେ ଉପର ମହଲାରେ ରାଖୀ ବାନ୍ଧୁଥିଲେ। ଅପରାହ୍ନ ପ୍ରାୟ ୨ଟାରେ ହଠାତ୍ ଚିତ୍କାର ଶୁଭିବାରୁ ପରିବାର ଲୋକେ ସେଠାକୁ ଦୌଡି ଯାଇଥିଲେ। ଭିତରପଟୁ ବନ୍ଦଥିବା କବାଟ ଭାଙ୍ଗି ଘରେ ପଶିବାରେ ପ୍ରଯୁକ୍ତା ଓ ଆୟୁଷ୍ମାନ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡିଥିବା ଦେଖାଯାଇଥିଲା। ଉଭୟଙ୍କୁ ସିଟି ହସ୍ପିଟାଲକୁ ନିଆଯାଇଥିବା ବେଳେ ପ୍ରଯୁକ୍ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।

# ଫାର୍ସାରେ ହାଣି ମା'ଙ୍କୁ ହତ୍ୟାକଲା ପୁଅ

ଢେଙ୍କାନାଳ ଅଫିସ,୨୦।୮
(ରତନ ନାୟାର)

ଢେଙ୍କାନାଳ ଜିଲା ଗଁଦିଆ ଥାନା ରାଇତଳା ଗ୍ରାମରେ ମଙ୍ଗଳବାର ଅପରାହ୍ନରେ ଟିଙ୍କିଲି ନାୟକ (୫୦) ନାମ୍ନୀ ମହିଳାଙ୍କୁ ତାଙ୍କ ପୁଅ ଗଣେଶ ନାୟକ ଓରଫ ଗିରି (୨୬) ଫାର୍ସାରେ ହାଣି ହତ୍ୟା କରିଛନ୍ତି। ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଗଣେଶଙ୍କୁ ଗିରଫ କରିବା ସହ ଫାର୍ସାକୁ ଜବତ କରିଛି। ମଦ ପିଇବା ପାଇଁ ପଇସା ନ ଦେବାରୁ ଗଣେଶ ମା'ଙ୍କୁ ହତ୍ୟା କରିଥିବା ପୋଲିସ ସୂତ୍ରରୁ ଜଣାପଡିଛି। ପ୍ରକାଶ ଯେ, ରାଇତଳା ଗ୍ରାମର ସ୍ୱର୍ଗତ ଅକ୍ଷୟ ନାୟକଙ୍କ ପତ୍ନୀ ଟିଙ୍କିଲି ଘରେ ଥିବା ବେଳେ ପୁଅ ଗଣେଶ ମଦ ପିଇବା ପାଇଁ ମା'ଙ୍କୁ ପଇସା ମାଗିଥିଲା। ଟିଙ୍କିଲି ପଇସା ନ ଦେବାରୁ ଉଭୟ ମା' ଓ ପୁଅ ମଧ୍ୟରେ କିଛି ସମୟ ଧରି ଯୁକ୍ତିତର୍କ ଲାଗିଥିଲା । ଏଥିରେ ଉତ୍ତେଜିତ ହୋଇ ଗଣେଶ ଏକ ଫାର୍ସା ଆଣି ମା' ଟିଙ୍କିଲିଙ୍କୁ ହତ୍ୟା କରିଥିଲେ। ଗଁଦିଆ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ସାଇଣ୍ଟିଫିକ୍ ଟିମ ସହ ଘଟଣାର ତଦନ୍ତ କରୁଛନ୍ତି । ଗଣେଶଙ୍କୁ ପୋଲିସ ଗିରଫ କରିଥିବା ସଦର ଏସ୍‌ଡିପିଓ ବିଭୂତି ଭୂଷଣ ମହାପାତ୍ର ସୂଚନା ଦେଇଛନ୍ତି।

# ଅଭିଯୁକ୍ତଙ୍କ ବିରୋଧରେ ମିଳିତ କାର୍ଯ୍ୟାନୁଷ୍ଠାନ

ବ୍ରହ୍ମପୁର/ଚିକିଟି,୨୦।୮(ଅଶୋକ କୁମାର ସାହୁ/ପ୍ରକାଶ ଚନ୍ଦ୍ର ସାହୁ)

**ଦେଶୀମଦ ପିଇ ଅସୁସ୍ଥ ଘଟଣା**

- ଏମ୍‌କେସିଜିରେ ୧୪ ଚିକିତ୍ସାଧୀନ, ୭ ଗିରଫ
- ଅସୁସ୍ଥଙ୍କୁ ଭେଟିଲେ ଅବକାରୀ କମିଶନର, ଜିଲାପାଳ


ଚିକିଟି ମେଡିକାଲରେ ଅସୁସ୍ଥଙ୍କ ଅବସ୍ଥା ବୁଝୁଛନ୍ତି ମେଡିକାଲ ଟିମ।

ବ୍ରହ୍ମପୁର ପୋଲିସ ଜିଲା କେ. ନୂଆଗାଁ ଥାନା ଅଞ୍ଚଳରେ ଚୋରା ଦେଶୀମଦ ପିଇ ଅସୁସ୍ଥଙ୍କ ସଂଖ୍ୟା ମଙ୍ଗଳବାର ସନ୍ଧ୍ୟା ସୁଦ୍ଧା ୨୩ରେ ପହଞ୍ଚିଛି। ମାଉନ୍ଦପୁର, ଜେନାପୁର ଓ କରବାଲୁଆ ଗ୍ରାମର ଏହି ଅସୁସ୍ଥ ଲୋକମାନଙ୍କ ମଧ୍ୟରୁ ୯ ଜଣ ସୁସ୍ଥ ହୋଇ ଘରକୁ ଫେରିଥିବା ବେଳେ ୧୪ ଜଣ ବ୍ରହ୍ମପୁର ଏମ୍‌କେସିଜି ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ୨ଜଣ ଆଇସିୟୁରେ ଅଛନ୍ତି। ଅନ୍ୟପଟେ ପୋଲିସ ଓ ପ୍ରଶାସନିକ ଅଧିକାରୀସ୍ତରେ ଏହି ଘଟଣାର ତଦନ୍ତ ଆରମ୍ଭ ହୋଇଛି। ଅବକାରୀ କମିଶନର ନରସିଂହ ଭୋଳ ବ୍ରହ୍ମପୁର ମେଡିକାଲରେ ପହଞ୍ଚି ଅସୁସ୍ଥମାନଙ୍କୁ ଭେଟିଛନ୍ତି। ସେମାନଙ୍କୁ ପଚାରି କିଛି ତଥ୍ୟ ପାଇଛନ୍ତି। ସେ କହିଛନ୍ତି, ସ୍ଥିତି ଅନୁଧ୍ୟାନ କରାଯାଉଛି। ଜବତ ମଦକୁ ଭୁବନେଶ୍ୱର ଫରେନସିକ ଲାବୋରେଟୋରୀକୁ ପଠାଯାଇଛି। କେତେଜଣ ବ୍ୟକ୍ତି ଚୋରାରେ ମଦ ଆଣି କାରବାର କରୁଥିଲେ। ଯେଉଁମାନେ ଏଥିରେ ଜଡିତ ଥିବେ ସେମାନଙ୍କ ବିରୋଧରେ ବନ ବିଭାଗ, ଅବକାରୀ ବିଭାଗ, ରାଜସ୍ୱ ବିଭାଗ ଓ ପୋଲିସ ପକ୍ଷରୁ ମିଳିତ କାର୍ଯ୍ୟାନୁଷ୍ଠାନ ନିଆଯିବ। ଗଞ୍ଜାମ ଜିଲାପାଳ ଦିବ୍ୟଜ୍ୟୋତି ପରିଡା ମଧ୍ୟ ମେଡିକାଲକୁ ଯାଇ ଅସୁସ୍ଥଙ୍କୁ ଭେଟି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଉକ୍ତ ଗାଁଗୁଡିକରେ ଲୋକଙ୍କୁ ସଚେତନ କରାଯିବ। ତେବେ ଏହି କାରବାରରେ ଯେକେହି ସମ୍ପୃକ୍ତ ଥିବା ଜଣାପଡିଲେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲାପାଳ କହିଛନ୍ତି।

କେ.ନୂଆଗାଁ ପୋଲିସ ମାଉନ୍ଦପୁର ଗ୍ରାମରେ ଚଢ଼ାଉ କରି ଚୋରାମଦ କାରବାର କରୁଥିବା ସନ୍ଦେହରେ ୬ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ମାଉନ୍ଦପୁରର ରବୀନ୍ଦ୍ର ସାହୁ, ବିପିନ ସାହୁ, ବାୟା ସାହୁ, ବଳରାମ ବିଶୋୟୀ, ଦିଗପହଣ୍ଡି ଥାନା ଖେମୁଣ୍ଡା ଗ୍ରାମର ସୁରେନ୍ଦ୍ର ମଲ୍ଲିକ ଓ ରାମ ମଲ୍ଲିକ। ସେହିପରି ଚିକିଟି ଅବକାରୀ ପକ୍ଷରୁ ଚଢ଼ାଉ କରାଯାଇ ଢେପଗାଁର ନିର୍ମଳା ସାହୁ ନାମ୍ନୀ ମହିଳାଙ୍କୁ ଗିରଫ କରାଯାଇଛି। ଏଥିସହିତ ୫୫ଲିଟର ଦେଶୀ ମଦ ଜବତ କରାଯାଇଛି। ଅପରାହ୍ନରେ ବ୍ରହ୍ମପୁର ଉପଜିଲାପାଳ ଦୀନା ଦସ୍ତାଗିର ଚିକିଟି ମେଡିକାଲ, ଜେନାପୁର ଓ କରବାଲୁଆ ଗାଁକୁ ଯାଇ ଅନୁଧ୍ୟାନ କରିଛନ୍ତି। ସେହିପରି ବ୍ରହ୍ମପୁର ବଡ ମେଡିକାଲ ଓ ଚିକିଟି ମେଡିକାଲ ଟିମ ମାଉନ୍ଦପୁର, ଜେନାପୁର ଓ କରବାଲୁଆ ଗାଁକୁ ଯାଇ ଅନେକଙ୍କ ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ କରିଛନ୍ତି।

ସୂଚନାଯୋଗ୍ୟ, ସୋମବାର ସନ୍ଧ୍ୟାରେ କେତେଜଣ ମଦ ପିଇ ଅସୁସ୍ଥ ଅନୁଭବ କରିବାରୁ ଚିଟିକି ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ବିଳମ୍ବିତ ରାତିରେ ଗଞ୍ଜାମ ଏସ୍‌ପି ଜଗମୋହନ ମିନା, ଚିକିଟି ଏସଡିପିଓ ବିଶ୍ୱାମିତ୍ର ହରପାଲ, ଚିକିଟି ବିଡିଓ ଲକ୍ଷ୍ମଣ ସୁରେନ, ଚିକିଟି ଏନଏସି ନିର୍ବାହୀ ଅଧିକାରୀ କୁଳଦୀପ କୁମାର, ତହସିଲଦାର ବଳଦେବ ବେହେରା, କେ. ନୂଆଗାଁ ଥାନା ଅଧିକାରୀ କିଶୋର କୁମାର ସାମଲ, ଚିକିଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ମନୋଜ କୁମାର ପାଢ଼ୀ ପ୍ରମୁଖ ଡାକ୍ତରଖାନାରେ ପହଞ୍ଚି ଅସୁସ୍ଥମାନଙ୍କୁ ଘଟଣା ସମ୍ପର୍କରେ ପଚାରି ବୁଝିଥିଲେ। ଗୁରୁତରମାନଙ୍କୁ ବଡ ମେଡିକାଲକୁ ପଠାଇବା ବ୍ୟବସ୍ଥା କରିଥିଲେ। ସେମାନେ ଜେନାପୁର ଗ୍ରାମକୁ ଯାଇ ତଦନ୍ତ କରି ଫେରିଥିଲେ। ଏ ନେଇ ବିଜେଡି ନେତା ତଥା ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ କହିଛନ୍ତି, ସବୁଠି ଚୋରା ମଦ କାରବାର ବଢ଼ି ଚାଲିଛି। ଅସୁସ୍ଥମାନଙ୍କୁ ଆନ୍ଦୋଳନରେ ବସିଥିବା ଡାକ୍ତରମାନେ ଆସି ଚିକିତ୍ସା କରିଛନ୍ତି। ରାଜ୍ୟ ସରକାର ମଦ ବନ୍ଦ କରିବା ପାଇଁ ଯାହା କହିଥିଲେ ତାହା କରିନାହାନ୍ତି ବୋଲି ସେ କହିଛନ୍ତି। ଚିକିଟି ଅଞ୍ଚଳରେ ଚୋରା ଦେଶୀ ମଦର ଅବାଧ କାରବାର ଚାଲିଥିବାବେଳେ ଚେର ଆନ୍ଧ୍ରକୁ ଲମ୍ବିଥିବା ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି।

# ପୁରୀ ବେଳାଭୂମି ନିକଟରୁ ମିଳିଲା ଖପୁରି, କଙ୍କାଳ

ପୁରୀ,୨୦।୮
(ଅଜିତ୍ କୁମାର ମହାନ୍ତି)

**ଫୋରେନ୍‌ସିକ୍ ଯାଞ୍ଚ ପାଇଁ ପଠାଇ ତଦନ୍ତ ଆରମ୍ଭ କଲା ପୋଲିସ**

ବଳିଆପଣ୍ଡା ଥାନା ଅନ୍ତର୍ଗତ ଷ୍ଟର୍ଲିନ ଛକ କାଫେ କୁକିଜ୍ ନିକଟ ନୂତନ ବାଇପାସ୍ ରାସ୍ତା ପାର୍ଶ୍ୱରୁ ମଣିଷ ଖପୁରି ଓ କଙ୍କାଳର କିଛି ଅଂଶ ମିଳିଛି। ଖପୁରିଟି ଜଣେ ପୁରୁଷଙ୍କର ବୋଲି ଜଣାପଡ଼ିଛି। ଖପୁରି ଓ ମିଳିଥିବା ଶରୀରର କିଛି ଅଂଶକୁ ପୋଲିସ ଜବତ କରି ଫୋରେନ୍‌ସିକ୍ ଯାଞ୍ଚ ପାଇଁ ଶ୍ରୀଜଗନ୍ନାଥ ମେଡିକାଲ କଲେଜର ଫୋରେନସିକ୍ ବିଭାଗକୁ ପଠାଇଛି। ଏହି ଖପୁରି ଓ କଙ୍କାଳ କାହାର ଏବଂ ଏହା ଏଠାକୁ କିପରି ଆସିଲା ସେ ନେଇ ପୋଲିସ ଖୋଳତାଡ଼ ଆରମ୍ଭ କରିଛି।

ସୂଚନା ଅନୁଯାୟୀ, ଷ୍ଟର୍ଲିନ ଛକ ପାଖ ନୂତନ ବାଇପାସ୍ ରାସ୍ତା ନିକଟରେ ମଣିଷ ଖପୁରି ସହ କିଛି ହାଡ଼ କଙ୍କାଳ ପଡ଼ିଥିବା ସ୍ଥାନୀୟ ଲୋକେ ସୋମବାର ବିଳମ୍ବିତ ରାତିରେ ଦେଖିବାକୁ ପାଇଥିଲେ। ଖବର ପାଇ ବଳିଆପଣ୍ଡା ଥାନା ପୋଲିସ ଓ ବରିଷ୍ଠ ପୋଲିସ ଅଧିକାରୀମାନେ ପହଞ୍ଚି ଉକ୍ତ ଖପୁରି ଓ କଙ୍କାଳକୁ ଜବତ କରିଥିଲେ। ଏନେଇ ପୋଲିସ କହିଛି, ନୂତନ ବାଇପାସ୍ ରାସ୍ତା ନିକଟରୁ ଏକ କଙ୍କାଳ ଜବତ ହୋଇଛି। ଏ ନେଇ ଏକ ରିପୋର୍ଟ ଗ୍ରହଣ କରାଯାଇଛି। ଖପୁରି ଏବଂ କଙ୍କାଳକୁ ଆବଶ୍ୟକ ପୋଷ୍ଟମର୍ଟମ ପରୀକ୍ଷା ପାଇଁ ଫୋରେନସିକ୍ ମେଡିସିନ୍ ବିଭାଗ (ଏଫ୍‌ଏମ୍‌ଟି)କୁ ପଠାଯାଇଛି। ଡାକ୍ତରଙ୍କ ପ୍ରାଥମିକ ମତ ଅନୁଯାୟୀ, ଏହି କଙ୍କାଳଟି ୭୦ ବର୍ଷ ବୟସ୍କ ପୁରୁଷ ବ୍ୟକ୍ତିଙ୍କର। ତେବେ କଙ୍କାଳରେ କୌଣସି ଆଘାତ କିମ୍ବା ହିଂସାର ଲକ୍ଷଣ ନାହିଁ। ଅନ୍ୟପକ୍ଷରେ ଏ ନେଇ ପୋଲିସ ପକ୍ଷରୁ ଏକ ଅପମୃତ୍ୟୁ ମାମଲା (ନଂ. ୧୨/୨୪) ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଛି। ପୁରୀ ସମେତ ରାଜ୍ୟର ସମସ୍ତ ଥାନାକୁ ଏନେଇ ସୂଚନା ଦିଆଯାଇଛି। ଥାନାଗୁଡ଼ିକରେ ଯେଉଁସବୁ ମିସିଙ୍ଗ ବା ନିଖୋଜ ମାମଲା ରହିଛି ସେ ସବୁର ତଥ୍ୟ ଦେବାକୁ କୁହାଯାଇଛି। ସମସ୍ତ ରିପୋର୍ଟ ଯାଞ୍ଚ କରାଯିବ।

# ଲାଞ୍ଚନେଇ ଧରାପଡିଲେ ଆର୍‌ଆଇ, ଅମିନ


ମୁକେଶ ସାହୁ

ସମ୍ବଲପୁର,୨୦।୮
(ପ୍ରମୋଦ ବହିଦାର)

ଜମି ମାପ ଓ କାଗଜପତ୍ର ପ୍ରସ୍ତୁତ ପାଇଁ ହିତାଧିକାରୀଙ୍କଠାରୁ ୭ହଜାର ଟଙ୍କା ଲାଞ୍ଚ ନେବା ବେଳେ ମଙ୍ଗଳବାର ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି ସମ୍ବଲପୁର ଜିଲା ବାମରା ତହସିଲ ଅଧୀନ କେଶାଇବାହାଲ ରାଜସ୍ୱ ନିରୀକ୍ଷକ(ଆର୍‌ଆଇ) ଓ ଅମିନ। ସାଲୋହି ଗ୍ରାମର ଶିବ ଚରଣ କଉଡିଙ୍କୁ ତାଙ୍କ ଜମି ମାପିବା ସହ ଆବଶ୍ୟକ କାଗଜପତ୍ର ପ୍ରସ୍ତୁତ ପାଇଁ ରାଜସ୍ୱ ନିରୀକ୍ଷକ(ଅର୍‌ଆଇ) ତୁଳସା ପ୍ରଧାନ ଓ ଅମିନ ମୁକେଶ ସାହୁ ୧୦ ହଜାର ଟଙ୍କା ମାଗିଥିଲେ। କଉଡି ପ୍ରଥମ ଦଫାରେ ସେମାନଙ୍କୁ ୩ ହଜାର ଟଙ୍କା ଦେଇଥିଲେ। ଅବଶିଷ୍ଟ୭ହଜାର ଟଙ୍କା ଦେବାକୁସେମାନେ ତାଙ୍କ ଉପରେ ଚାପ ପ୍ରୟୋଗ କରିଥିଲେ। ଅନନ୍ୟୋପାୟ ହୋଇ ଶେଷରେ ସେ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ପୂର୍ବ ପ୍ରସ୍ତୁତି ଅନୁସାରେ ଶିବଚରଣ କଉଡି କେଶାଇବାହାଲ ଆରଆଇ ପ୍ରଧାନଙ୍କ କାର୍ଯ୍ୟାଳୟକୁ ଆସି ତାଙ୍କୁ ଅବଶିଷ୍ଟ ୭ହଜାର ଟଙ୍କା ଦେଇଥିଲେ। ମାତ୍ର ତାଙ୍କ ନିର୍ଦ୍ଦେଶରେ ଅମିନ ସାହୁ କଉଡ଼ିଙ୍କଠାରୁ ୭ ହଜାର ଟଙ୍କା ଗ୍ରହଣ କରିଥିଲେ। ଏହି ସମୟରେ ସେଠାରେ ପୂର୍ବରୁ ଛକି ରହିଥିବା ଭିଜିଲାନ୍ସ ଅଧିକାରୀମାନେ ଉଭୟଙ୍କୁ କାବୁ କରି ନେଇଥିଲେ। ଏହାପରେ ଆର୍‌ଆଇ ପ୍ରଧାନ, ଅମିନ ସାହୁଙ୍କ ବାସଭବନରେ ଚଢ଼ାଉ କରାଯାଇଥିଲା।

# ଭତ୍ତା ଟଙ୍କା ପାଇଁ ମା'ବାପାଙ୍କୁ ପିଟିଲା ପୁଅ

ଭାପୁର,୨୦।୮
(ଭରତ କୁମାର ବେହେରା)

**ବୃଦ୍ଧ ଦମ୍ପତି ଗୁରୁତର, ଅଭିଯୁକ୍ତ ଫେରାର**

ଭତ୍ତା ଟଙ୍କା ପାଇଁ ଜଣେ ଯୁବକ ନିଜର ବୃଦ୍ଧ ମା'ବାପାଙ୍କୁ ମରଣାନ୍ତକ ଆକ୍ରମଣ କରିବା ଘଟଣା ନୟାଗଡ଼ ଜିଲା ଫତେଗଡ଼ ଥାନା ଅନ୍ତର୍ଗତ ଭାପୁର ବ୍ଲକ୍ କେନ୍ଦୁପଲ୍ଲୀ ପଞ୍ଚାୟତରେ ଚର୍ଚ୍ଚାର ବିଷୟ ହୋଇଛି। ଏ ସଂକ୍ରାନ୍ତରେ ଫତେଗଡ଼ ଥାନାରେ ଅଭିଯୋଗ ହୋଇଛି। ଆହତ ବୃଦ୍ଧାବୃଦ୍ଧଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଉଭୟଙ୍କ ଅବସ୍ଥା ଗୁରୁତର ରହିଛି।

ପୋଲିସ ସୂଚନା ଅନୁଯାୟୀ, କେନ୍ଦୁପଲ୍ଲୀ ଗ୍ରାମର ହରିହର ବେହେରା (୮୦) ଓ ବାଲୁରୀ ବେହେରାଙ୍କ ୩ ପୁଅ। ମଝିଆ ପୁଅ ସୁବାସ ସବୁବେଳେ ଘରେ ଗଣ୍ଡଗୋଳ କରିଥାଆନ୍ତି। ଛୋଟ ଛୋଟ କଥାକୁ ନେଇ ସେ ବିବାଦ ସୃଷ୍ଟି କରନ୍ତି। ଏଥିରେ ଅତିଷ୍ଠ ହୋଇ ପରିବାର ଲୋକେ କିଛି ଦିନ ପୂର୍ବରୁ ଥାନାରେ ଅଭିଯୋଗ କରିଥିଲେ। ସୋମବାର ବିଳମ୍ବିତ ରାତିରେ ସୁବାସ ବାପା ହରିହର ଓ ମାଆ ବାଲୁରୀଙ୍କୁ ଡାକିତୁମେ ୨ଜଣ ପାଉଥିବା ୨ହଜାର ଭତ୍ତା ଟଙ୍କା କ'ଣ କରୁଛ। ସେ ଟଙ୍କା ମୋତେ ଦିଅ ବୋଲି କହିଥିଲେ। ଏକଥା ଶୁଣି ଏହି ବୃଦ୍ଧ ଦମ୍ପତି ଏହାକୁ ବିରୋଧ କରିଥିଲେ। ଏଥିରେ ସୁବାସ ଉତ୍ତେଜିତ ହୋଇ ଘର ଭିତରୁ ମା'ବାପାଙ୍କୁ ଘୋଷାରି ଦାଣ୍ଡଦୁଆରକୁ ନେଇ ଆସିଥିଲେ। ଏହାପରେ ଉଭୟଙ୍କୁ ଏକ ଠେଙ୍ଗାରେ ଅମାନୁଷିକ ଭାବେ ପିଟି ଚାଲିଥିଲେ। ସେମାନେ ଯନ୍ତ୍ରଣାରେ ଚିତ୍କାର କରୁଥିଲେ ମଧ୍ୟ ସୁବାସ କିଛି ଶୁଣି ନ ଥିଲେ। ସାନପୁଅ ଓ ବଡ଼ପୁଅ ଦୌଡ଼ି ଆସି ସୁବାସଙ୍କୁ ଅଟକାଇଥିଲେ। ହେଲେ ସେମାନଙ୍କୁ ସୁବାସ ଗାଳିଗୁଲଜ କରିଥିଲେ। ପରିବାର ଲୋକ ଗୁରୁତର ହରିହର ଓ ବାଲୁରୀଙ୍କୁ ଭାପୁର ମେଡିକାଲରେ ଭର୍ତ୍ତି କରିଥିଲେ। ହରିହରଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଖୋର୍ଦ୍ଧା ମେଡିକାଲ ଓ ପରେ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି । ଏନେଇ ଫତେଗଡ଼ ଥାନାରେ ବଡପୁଅ ଶରତ କୁମାର ବେହେରା ଲିଖିତ ଅଭିଯୋଗ କରିଛନ୍ତି। ଫତେଗଡ ଥାନାଧିକାରୀ ପଞ୍ଚାନନ ପରିଡ଼ା ଏକ ମାମଲା(ନଂ.୨୦୨/୨୪) ରୁଜୁ କରି ତଦନ୍ତ ଚଳାଇଛନ୍ତି। ଆକ୍ରମଣ ପରେ ସୁବାସ ଫେରାର ଅଛନ୍ତି। ପୋଲିସ ତାଙ୍କ ବାଇକ୍‌କୁ ଜବତ କରିଛି ।

ଆହତ ମା'ବାଲୁରୀ କାନ୍ଦି କାନ୍ଦି କହିଛନ୍ତି,ଏଭଳି ପୁଅ ଜନ୍ମ କରିବା ମୋର ଭୁଲ ଥିଲା। ଆଜି ପର୍ଯ୍ୟନ୍ତ ଆମ ୨ଜଣଙ୍କୁ ଖାଇବାକୁ ଦେଉ ନ ଥିବା ବେଳେ ଆମେ ପାଉଥିବା ଭତ୍ତା ଟଙ୍କା ପାଇଁ ମାଡ଼ ଖାଇଲୁ। ମୋର ସ୍ୱାମୀଙ୍କ ଗୋଡ଼,ହାତ ଭାଙ୍ଗି ଯାଇଥିବା ବେଳେ ମୋର ହାତ ଭାଙ୍ଗିଛି। ଏଭଳି ପୁଅକୁ କଠୋର ଦଣ୍ଡ ଦିଆଯାଉ। ଗ୍ରାମବାସୀ ବି ସୁବାସଙ୍କ ଆକ୍ରମଣକୁ ନିନ୍ଦା କରିଛନ୍ତି।

# ବଲାଙ୍ଗୀର ଜେଲ ଭିତରେ ୨ ଗୋଷ୍ଠୀ ମଧ୍ୟରେ ମାରପିଟ

ବଲାଙ୍ଗୀର,୨୦।୮
(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଜିଲା କାରାଗାର ଭିତରେ ଦୁଇ ଗୋଷ୍ଠୀ ମଧ୍ୟରେ ମାରପିଟ୍ ହୋଇଥିବା ଖବର ମିଳିଛି। ବଲାଙ୍ଗୀର ଜିଲା କାରାଗାର ଭିତରେ ଏବେ ଅନେକ ଦୁର୍ଦ୍ଦାନ୍ତ ଅଭିଯୁକ୍ତ ରହିଛନ୍ତି। ସେମାନଙ୍କ ମଧ୍ୟରେ ବିଭିନ୍ନ କଥାକୁ ନେଇ ପାଟିତୁଣ୍ଡ ହେବା ସହ ମାରପିଟ୍ ହୋଇଥିବା ଜଣାପଡ଼ିଛି। ଅଭିଯୁକ୍ତ ବବଲୁ ମହାନନ୍ଦଙ୍କୁ ବିରୋଧୀ ଗୋଷ୍ଠୀର ଦୁଇ ଅଭିଯୁକ୍ତ ଛୋଟୁ ଖାନ୍ ଓ ବିଶାଲ ଓରଫ୍ ବିକି ସୁନା ମାଡ଼ ମାରିଥିବା ଜଣାପଡ଼ିଛି। ତେବେ କେଉଁ ନିର୍ଦ୍ଦିଷ୍ଟ କାରଣରୁ ମାଡ଼ ମାରିଛନ୍ତି ତାହା ସ୍ପଷ୍ଟ ହୋଇନାହିଁ। ଏନେଇ ଜେଲ ଅଧୀକ୍ଷକ ସର୍ବେଶ୍ୱର ସାହୁଙ୍କୁ ପଚରାଯିବାରେ ଗତ ଶୁକ୍ରବାର ଦିନ ବବଲୁ ଓ ଅନ୍ୟ ଦୁଇ ଅଭିଯୁକ୍ତଙ୍କ ଭିତରେ କୌଣସି କାରଣରୁ ବିବାଦ ଦେଖାଯାଇଥିଲା। ତେବେ ଜେଲ କର୍ତ୍ତୃପକ୍ଷ ସେମାନଙ୍କୁ ତାଗିଦ୍ କରିଥିଲେ ବୋଲି ଜେଲ ଅଧୀକ୍ଷକ ସାହୁ କହିଛନ୍ତି।

# ଧର୍ମାନ୍ତରୀକରଣକୁ ନେଇ ଉତ୍ତେଜନା, ୨ ଗିରଫ

ଯୋଡ଼ା,୨୦।୮
(ମାନସ ମହାନ୍ତି)


ବୈଠକରେ ଉପସ୍ଥିତ ପ୍ରଶାସନିକ ଅଧିକାରୀ ଓ ଗ୍ରାମବାସୀ।

କେନ୍ଦୁଝର ଜିଲା ବାମେବାରୀ ଥାନା ଅଧୀନ କମଳପୁର ନିକଟସ୍ଥ ଲହୁଣୀପୋଷି ଗ୍ରାମରେ ଧର୍ମାନ୍ତରୀକରଣକୁ କେନ୍ଦ୍ରକରି ଉତ୍ତେଜନା ଦେଖାଦେଇଛି। ୨ ଗୋଷ୍ଠୀ ମଧ୍ୟରେ ମାରପିଟ ହୋଇ କେତେଜଣ ଆହତ ହୋଇଛନ୍ତି। ଉଭୟ ପକ୍ଷଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ୨ଜଣଙ୍କୁ ଗିରଫ କରିଛି।

ସୂଚନା ଅନୁଯାୟୀ, ଉକ୍ତ ଗ୍ରାମରେ ପ୍ରାୟ ୬ ମାସ ପୂର୍ବରୁ ଜଣେ ବ୍ୟକ୍ତି ଧର୍ମ ପରିବର୍ତ୍ତନ କରିଥିଲେ। ପରବର୍ତ୍ତୀ ସମୟରେ ୪ଟି ପରିବାରର ପ୍ରାୟ ୧୭ଜଣ ସଦସ୍ୟ ଏକ ନିର୍ଦ୍ଦିଷ୍ଟ ଧର୍ମରେ ଦୀକ୍ଷିତ ହୋଇଥିଲେ। ତେବେ ବିଭିନ୍ନ ପ୍ରଲୋଭନ ଦେଖାଇ ଆଦିବାସୀମାନଙ୍କ ଧର୍ମ ପରିବର୍ତ୍ତନ କରାଯିବା ଘଟଣାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ଗତ ରବିବାର ଗ୍ରାମରେ ଏକ ପୂଜାର ଆୟୋଜନ କରାଯାଇଥିଲା। ଏହି ପୂଜାସ୍ଥଳକୁ ଗ୍ରାମବାସୀ ଯାଇଥିବା ବେଳେ ଧର୍ମ ପରିବର୍ତ୍ତନ କରିଥିବା ସଦସ୍ୟମାନେ ଯାଇ ନ ଥିଲେ। ଏହାକୁ କେନ୍ଦ୍ରକରି ଉଭୟ ଗୋଷ୍ଠୀଙ୍କ ମଧ୍ୟରେ ବିବାଦ ଉପୁଜିଥିଲା। ଧର୍ମ ପରିବର୍ତ୍ତନ କରିଥିବା ଲୋକଙ୍କୁ ଗ୍ରାମବାସୀ ମିଶି ମାଡ଼ ମାରିଥିଲେ। ଏହି ଘଟଣାରେ କେତେଜଣ ବ୍ୟକ୍ତି ଆହତ ହୋଇଥିଲେ। ଖବରପାଇ ପୋଲିସ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲା। ମଙ୍ଗଳବାର ଗ୍ରାମରେ ଶାନ୍ତିଶୃଙ୍ଖଳା ପାଇଁ ପ୍ରଶାସନସ୍ତରୀୟ ଏକ ବୈଠକ ବସିଥିଲା। ଏଥିରେ ଚମ୍ପୁଆ ଉପଜିଲାପାଳ ଉମାକାନ୍ତ ପରିଡ଼ା, ଯୋଡ଼ା ବିଡିଓ ଅରୁଣିମା ସାହୁ, ବଡ଼ବିଲ ଏସ୍‌ଡିପିଓ ପୀୟୁଷ ରଞ୍ଜନ ଛୋଟରାୟ, ବାମେବାରୀ ଥାନା ଆଇଆଇସି ଦୀପ୍ତିରଞ୍ଜନ ସାହୁ, ଜିଲା ମୁଖ୍ୟାଳୟର ପୋଲିସ ଅଧିକାରୀ ଉପସ୍ଥିତ ରହି ଉଭୟ ଗୋଷ୍ଠୀର ଲୋକଙ୍କ ମଧ୍ୟରେ ବୁଝାମଣା କରାଇଥିଲା। ଗ୍ରାମବାସୀ ଧର୍ମୀୟ ଭାବନା ଉପରେ ଆଘାତ ଲାଗିଲା ପରି କୌଣସି କାର୍ଯ୍ୟ କରିବେ ନାହିଁ, ଗ୍ରାମରେ କୌଣସି ଅପ୍ରୀତିକର ପରିସ୍ଥିତି ଉପୁଜିଲେ ପୋଲିସକୁ ଖବର ଦେବେ, ଧର୍ମ ପରିବର୍ତ୍ତନକୁ ନେଇ କୌଣସି ଗଣ୍ଡଗୋଳ ନ କରି ପୋଲିସକୁ ଜଣାଇବେ ବୋଲି ନିଷ୍ପତ୍ତି ହୋଇଥିଲା। ଏନେଇ ଗ୍ରାମବାସୀ ଏକ ଆପୋଷ ବୁଝାମଣାପତ୍ର ଲିଖିତ ଭାବେ ପୋଲିସକୁ ଦେଇଥିବା ଆଇଆଇସି ସାହୁ କହିଛନ୍ତି।

# ନିମାପଡ଼ା ଏନ୍‌ଏସି ଅଧ୍ୟକ୍ଷାଙ୍କ ବିରୋଧରେ ଅନାସ୍ଥା କାଟ୍



ନିମାପଡ଼ା ଏନ୍‌ଏସି ଅଧ୍ୟକ୍ଷା ପଦବୀ ବଜାୟ ରଖିବା ପରେ ସସ୍ମିତା ସାହୁ ଓ ବିଜେଡିର ନେତା, କର୍ମୀମାନେ ମଙ୍ଗଳବାର ବିଜୟ ଶୋଭାଯାତ୍ରାରେ ଯାଉଛନ୍ତି

ନିମାପଡ଼ା,୨୦।୮ (ବିଚିତ୍ରାନନ୍ଦ ସାହୁ)

## ପଦବୀ ବଜାୟ ରଖିଲେ ସସ୍ମିତା

ନିମାପଡ଼ା ଏନ୍‌ଏସି ଅଧ୍ୟକ୍ଷା ସସ୍ମିତା ସାହୁଙ୍କ ବିରୋଧରେ ଆଗତ ଅନାସ୍ଥା ପ୍ରସ୍ତାବକୁ ନେଇ ଚାଲିଥିବା ଛକାପଞ୍ଝା ଘଟଣାର ଅବସାନ ଘଟିଛି। ମଙ୍ଗଳବାର ଏନ୍‌ଏସି ସଭାଗୃହରେ ପୋଲିସ ପହରା, କଡ଼ା ନିରାପତ୍ତା ମଧ୍ୟରେ ଅନାସ୍ଥା ପ୍ରସ୍ତାବ ସଂକ୍ରାନ୍ତରେ ସ୍ୱତନ୍ତ୍ର ବୈଠକ ହେବା ସହ ଅନାସ୍ଥା ଭୋଟ ଅନୁଷ୍ଠିତ ହୋଇଥିଲା। ଏଥିରେ ଏନ୍‌ଏସି ଅଧ୍ୟକ୍ଷାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଖାରଜ ହୋଇ ଯାଇଥିବାବେଳେ ସେ ତାଙ୍କ ପଦବୀ ବଜାୟ ରଖିଥିବା କାର୍ଯ୍ୟନିର୍ବାହୀ ଅଧିକାରୀ ସରୋଜ କୁମାର ଆଚାର୍ଯ୍ୟ ସୂଚନା ଦେଇଛନ୍ତି।

ଅନାସ୍ଥା ଭୋଟ ଗ୍ରହଣ ପାଇଁ ଏନ୍‌ଏସିର ମୋଟ ୧୧ ଜଣ କାଉନସିଲରଙ୍କ ମଧ୍ୟରୁ ୮ଜଣ କାଉନସିଲର ଅନାସ୍ଥା ପ୍ରସ୍ତାବ ସପକ୍ଷରେ ଭୋଟଦାନ କରିଥିଲେ। ଜଣେ କାଉନସିଲର ଧନୁର୍ଦ୍ଧର ଦାସ ତାଙ୍କ ଭୋଟ ବର୍ଜନ କରିଥିଲେ। ଆଉ ୨ ଜଣ କାଉନସିଲର ଟିଙ୍କିନା ପଣ୍ଡା ଓ ମାଧବ ବେହେରା ଭୋଟ ଦାନରେ ଅନୁପସ୍ଥିତ ଥିଲେ। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଭୋଟଦାନ କରିଥିବା ୮ଜଣ କାଉନସିଲରଙ୍କ ମଧ୍ୟରୁ ଜଣେ କାଉନସିଲରଙ୍କ ଭୋଟ ନାକଚ ହୋଇ ଯାଇଥିବା ନିର୍ବାଚନ ଅଧିକାରୀ ଓ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କଠାରୁ ଜଣାପଡ଼ିଛି। ଅନାସ୍ଥା ପ୍ରସ୍ତାବ ଭୋଟ ପାଇଁ ଆବଶ୍ୟକ ଦୁଇ ତୃତୀୟାଂଶ ଭୋଟର ଅଭାବ ଯୋଗୁ ଅଧ୍ୟକ୍ଷାଙ୍କ ବିରୋଧରେ ଆଗତ ଅନାସ୍ଥା ପ୍ରସ୍ତାବ କାଟ୍ ଖାଇଯାଇଥିବା ନିର୍ବାଚନ ଅଧିକାରୀ କହିଛନ୍ତି। ପୁରୀ ଉପଜିଲାପାଳ ଗୋପୀନାଥ କୁଅଁର ଏହି ଅନାସ୍ଥା ଭୋଟରେ ନିର୍ବାଚନ ଅଧିକାରୀ ଭାବେ କାର୍ଯ୍ୟ ପରିଚାଳନା କରିଥିଲେ। ଏଥିରେ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଉପସ୍ଥିତ ରହି ସହାୟତା କରିଥିଲେ।

ଏନ୍‌ଏସି ଅଧ୍ୟକ୍ଷା ତାଙ୍କ ପଦବୀ ବଜାୟ ରଖିଥିବାରୁ ବିଜେଡି ନେତୃବୃନ୍ଦ ଓ କର୍ମୀମାନେ ବାଣ ଫୁଟାଇ ଖୁସି ମନାଇଛନ୍ତି। ଏହି ଅବସରରେ ଦଳ ପକ୍ଷରୁ ଏକ ବିଜୟ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ଶୋଭାଯାତ୍ରାରେ ବିଜେଡି ନେତା ଦିଲୀପ ପାତ୍ର, ମାନସ ପ୍ରଧାନ, ଅକ୍ଷୟ ନାୟକ, ଗୟାଧର ବେହେରା, ପୂର୍ବତନ ଏନ୍‌ଏସି ଅଧ୍ୟକ୍ଷ ଅଜୟ ଭୋଇ, କାଉନସିଲର ଧନୁର୍ଦ୍ଧର ଦାସ, ପୂର୍ବତନ କାଉନସିଲର ଅରୁଣ ପ୍ରସାଦ ଦାଶ, ରବୀନ୍ଦ୍ର ମଲ୍ଲିକ, ଭାଗ୍ୟଧର ଖଟୋଇଙ୍କ ସମେତ ଶତାଧିକ ନେତୃବୃନ୍ଦ ଓ କର୍ମୀ ସାମିଲ ହୋଇଥିଲେ। ଏ ସମ୍ପର୍କରେ ଏନ୍‌ଏସି ଅଧ୍ୟକ୍ଷାଙ୍କୁ ପଚାରିବାରେ, ନିମାପଡ଼ାବାସୀଙ୍କର ତାଙ୍କ ଉପରେ ବିଶ୍ୱାସ ଓ ଭରସା ରହିଥିବା କହିଛନ୍ତି। ସତ୍ୟର ଜୟ ହୋଇଛି। ସମସ୍ତ କାଉନସିଲରଙ୍କୁ ନେଇ ଏନ୍‌ଏସିରେ ରହିଥିବା ଅଧୁରା କାର୍ଯ୍ୟକୁ ସେ ତ୍ୱରାନ୍ୱିତ କରିବେ ବୋଲି କହିଛନ୍ତି।

## ଭାଜପା ଉଦ୍ୟମ ପଣ୍ଡ ହୋଇଛି: ବିଜେଡି

ଭୁବନେଶ୍ୱର,୨୦।୮ (ଅନିଲ ଦାସ)

ନିମାପଡ଼ା ଏନ୍‌ଏସି ଅଧ୍ୟକ୍ଷା ସସ୍ମିତା ସାହୁଙ୍କ ବିରୋଧରେ ମଙ୍ଗଳବାର ଅଣାଯାଇଥିବା ଅନାସ୍ଥା ଭୋଟ କାଟ୍ ଖାଇଯିବାରୁ ବିଜେଡି ପକ୍ଷରୁ ଭାଜପାକୁ ଟାର୍ଗେଟ କରାଯାଇଛି। ସସ୍ମିତା ପଦ ବଜାୟ ରଖିଥିବାରୁ ଭାଜପା ପାଇଁ ଏହା ଏକ ଶକ୍ତ ଧକ୍କା ହୋଇଛି ବୋଲି ଦଳର ମୁଖପାତ୍ର ଲେନିନ୍ ମହାନ୍ତି ଏକ ପ୍ରେସ ବିବୃତିରେ କହିଛନ୍ତି। ଗଣତାନ୍ତ୍ରିକ ପଦ୍ଧତିରେ ନିର୍ବାଚିତ ହୋଇ ବିଭିନ୍ନ ପଦରେ ଥିବା ବ୍ୟକ୍ତିଙ୍କୁ ପ୍ରଲୋଭନ ମାଧ୍ୟମରେ ପଦଚ୍ୟୁତ କରିବା ପାଇଁ ଭାଜପା ହୀନ ଉଦ୍ୟମ କରିଆସୁଛି। ଫଳରେ ଭାଜପାର ଏହି ଉଦ୍ୟମ ପଣ୍ଡ ହୋଇଯାଇଛି। ଭାଜପାର ଏହି ଅନୈତିକ କାର୍ଯ୍ୟ ପଦାରେ ପଡ଼ିବା ସଙ୍ଗେ ସଙ୍ଗେ ଆଗାମୀ ଦିନ ପାଇଁ ଏହା ଏକ ସତର୍କଘଣ୍ଟି ସଦୃଶ ହୋଇଛି ବୋଲି ସେ କହିଛନ୍ତି।

# ଭାଜପା ବିରୋଧରେ ବିଜେଡିର ବିକ୍ଷୋଭ

ଉଦଳା,୨୦।୮
(ସନ୍ତୋଷ କୁମାର ବାଛିନୀ)

ନିର୍ବାଚନ ସମୟରେ ଭାଜପା ଦେଇଥିବା ପ୍ରତିଶ୍ରୁତି ପାଳନ କରୁ ନ ଥିବା ପ୍ରତିବାଦରେ ମଙ୍ଗଳବାର ଉଦଳା ବିଜେଡି ଗର୍ଜିଛି। ବ୍ଲକ ସମ୍ମୁଖରେ ଦଳ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନଙ୍କ ସମେତ ବିଜେଡି ନେତାମାନେ ଏଥିରେ ସାମିଲ ହୋଇଥିଲେ। ଭାଜପା ସରକାର ଗଠନ ହେଲେ ୩ ହଜାର ଟଙ୍କା ଭତ୍ତା ବୃଦ୍ଧି ହେବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। ମାତ୍ର ୮୦ ବର୍ଷରୁ ଅଧିକ ଏବଂ ୮୦ ପ୍ରତିଶତ ଦିବ୍ୟାଙ୍ଗମାନଙ୍କୁ ୩ ହଜାର ଟଙ୍କା ଭତ୍ତା ପ୍ରଦାନ କରାଯିବ ବୋଲି ଭାଜପା ସରକାର ଘୋଷଣା କରିଛନ୍ତି, ଯାହାକି ସାଧାରଣ ଲୋକଙ୍କ ପାଇଁ ଲଲିପପ୍ ବୋଲି ବିଜେଡି ନେତାମାନେ କହିଛନ୍ତି। ଭାଜପା ସରକାର ନିର୍ବାଚନୀ ଇସ୍ତାହାରରେ ଜନତାଙ୍କୁ ଠକିଛି ବୋଲି ବିଜେଡି ଅଭିଯୋଗ କରିଛି। ପ୍ରତିଶ୍ରୁତି ପୂରଣ ନ କଲେ ଆଗାମୀ ଦିନରେ ବିଜେଡି ବିଧାନସଭା ଘେରାଉ କରିବା ସହିତ ରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି। ବିକ୍ଷୋଭରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନେତା ଜିତେନ୍ଦ୍ର ମହାନ୍ତି, ପୂର୍ବତନ ନଗରପାଳ ମନୋଜ ମହାନ୍ତି, ନଗର ସଭାପତି ବନମାଳୀ ବେହେରା, ବ୍ଲକ ସଭାପତି ଗୋବିନ୍ଦ ଚନ୍ଦ୍ର ନାୟକ, ନଗର କାର୍ଯ୍ୟକାରୀ ସଭାପତି ସୌଭାଗ୍ୟ କୁମାର ସାହୁ, ଏନ୍‌ଏସି ଉପାଧ୍ୟକ୍ଷା ଲିଲି ଭୋଳ, ୧ନଂ. ଜୋନ୍ ଜିଲାପରିଷଦ ସଦସ୍ୟ ସୁଶାନ୍ତି ସିଂ, ୨ନଂ. ଜୋନର ଲଳିତା ବିଶୋଇ ପ୍ରମୁଖ ଉପସ୍ଥିତ ଥିଲେ।



ବିକ୍ଷୋଭ ପ୍ରଦର୍ଶନ କରୁଥିବା ବିଜେଡି ନେତାମାନେ।

# ପ୍ରାଥମିକ ସଦସ୍ୟତା ସଙ୍ଗଠନର ଆତ୍ମା :ମନମୋହନ




କର୍ମଶାଳାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ, ରାଜ୍ୟ ପ୍ରଭାରୀ ବିଜୟ ପାଲ ସିଂହ ତୋମାର ଏବଂ ଅନ୍ୟ ବରିଷ୍ଠ ନେତାମାନେ।

ଭୁବନେଶ୍ୱର,୨୦।୮ (ଅନିଲ ଦାସ)

## ସଦସ୍ୟତା ଅଭିଯାନ ପାଇଁ ଭାଜପାର ରାଜ୍ୟସ୍ତରୀୟ କର୍ମଶାଳା

ପ୍ରାଥମିକ ସଦସ୍ୟତା ସଙ୍ଗଠନର ଆତ୍ମା ବୋଲି ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି। ମଙ୍ଗଳବାର ଭୁବନେଶ୍ୱରଠାରେ ସଦସ୍ୟତା ଅଭିଯାନ ପାଇଁ ଅନୁଷ୍ଠିତ ରାଜ୍ୟସ୍ତରୀୟ କର୍ମଶାଳାରେ ଅଧ୍ୟକ୍ଷତା କରି ସେ କହିଛନ୍ତି, ଆସନ୍ତା ସେପ୍ଟେମ୍ବର ୧ରୁ ଦେଶବ୍ୟାପୀ ଭାଜପାର ସଦସ୍ୟତା ଅଭିଯାନ ଆରମ୍ଭ କରାଯିବ। ରାଜ୍ୟରେ ୧ କୋଟି ସଦସ୍ୟଙ୍କୁ ଭାଜପାରେ ସାମିଲ କରାଯିବ। ଉଭୟ ଅନ୍‌ଲାଇନ ଏବଂ ଅଫ୍‌ଲାଇନ ମାଧ୍ୟମରେ ସଦସ୍ୟତା ଗ୍ରହଣ କରାଯିବ। ଆଗକୁ ଜିଲା ଏବଂ ମଣ୍ଡଳସ୍ତରରେ ସଦସ୍ୟତା ଅଭିଯାନ ନେଇ କର୍ମଶାଳା ଅନୁଷ୍ଠିତ ହେବ। ସେ କହିଛନ୍ତି ଭାଜପା ଓଡ଼ିଶାରେ ଏକାକୀ ସରକାର ଗଠନ କରିବା ପରେ ପ୍ରଥମଥର ପାଇଁ ରାଜ୍ୟସ୍ତରୀୟ ସଦସ୍ୟତା ସଂଗ୍ରହ ଅଭିଯାନ କର୍ମଶାଳା ଆୟୋଜନ କରିଛି। ଏହି ଅଭିଯାନ ୪୫ ଦିନ ଚାଲିବ। ଦୀର୍ଘ ବର୍ଷର ସରକାରକୁ ଧ୍ୱଂସ କରି ଗତ ନିର୍ବାଚନରେ ଜନତା ଭାଜପା ଉପରେ ଭରସା କରିଛନ୍ତି। ଲୋକଙ୍କ ଏହି ଆଶାକୁ ଅଧିକ ମଜଭୁତ୍ କରିବା ପାଇଁ କାର୍ଯ୍ୟକର୍ତ୍ତା ଆଗକୁ ଆସି ଅଧିକ ଲୋକଙ୍କୁ ଭାଜପାରେ ସାମିଲ କରାନ୍ତୁ ବୋଲି ମନମୋହନ କହିଛନ୍ତି। ଏଥିଲାଗି ୩୬ ସାଂଗଠନିକ ଜିଲାର ୩୬ ହଜାର ବୁଥ୍‌ରୁ ପ୍ରାଥମିକ ସଦସ୍ୟତା ଅଭିଯାନ ହେବ। ବୈଷୟିକ ଜ୍ଞାନ, ବ୍ୟକ୍ତିଗତ ସମ୍ପର୍କ, ସାଂଗଠିକ ଶକ୍ତି ମିଶ୍ରଣରେ ବିପୁଳ ସଂଖ୍ୟାରେ ଭାଜପା ସଦସ୍ୟତା ଗଠନ କରିବ ବୋଲି ମନମୋହନ କହିଛନ୍ତି।

ଏହି କର୍ମଶାଳାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଓ ପ୍ରଭାତୀ ପରିଡ଼ା, ରାଷ୍ଟ୍ରୀୟ ସଦସ୍ୟତା ଅଭିଯାନ ଟୋଲିର ସଦସ୍ୟ ଋତୁରାଜ ସିହ୍ନା, ରାଜ୍ୟ ପ୍ରଭାରୀ ବିଜୟ ପାଲ ସିଂହତୋମାର ଏବଂ ସହପ୍ରଭାରୀ ସୁଶ୍ରୀ ଲତା ଉସେଣ୍ଡି ପ୍ରମୁଖ ଉପସ୍ଥିତ ରହି ମାର୍ଗଦର୍ଶନ କରିଥିଲେ। ଏଥିସହିତ ରାଜ୍ୟର ସମସ୍ତ ଏମ୍‌ପି, ବିଧାୟକ, ପଦାଧିକାରୀ, ଜିଲା ସଭାପତି, ସାଧାରଣ ସମ୍ପାଦକ, ପ୍ରଭାରୀ ଏବଂ ସଦସ୍ୟତା କମିଟିର ସଦସ୍ୟମାନେ ଉପସ୍ଥିତ ଥିଲେ। ସେହିପରି ସଦସ୍ୟତା ଅଭିଯାନ ପାଇଁ ଆସନ୍ତା ୨୨, ୨୩ ଓ ୨୪ରେ ଜିଲାସ୍ତରୀୟ ଏବଂ ୨୬,୨୭ ଓ ୨୮ ତାରିଖରେ ମଣ୍ଡଳସ୍ତରୀୟ କର୍ମଶାଳା ଅନୁଷ୍ଠିତ ହେବ। ଆସନ୍ତା ୩୧ ତାରିଖ ସୁଦ୍ଧା ବୁଥ୍‌ସ୍ତରୀୟ କର୍ମଶାଳା ଆୟୋଜନ କରାଯିବ। ସଦସ୍ୟତା ଗ୍ରହଣ କାର୍ଯ୍ୟକ୍ରମ ପାଇଁ କାର୍ଯ୍ୟକର୍ତ୍ତା ଲୋକଙ୍କ ପାଖକୁ ଯାଇ ସମ୍ପର୍କ ସ୍ଥାପନ କରିବେ। ତୃଣମୂଳ ସ୍ତରରେ ସଙ୍ଗଠନକୁ ସୁଦୃଢ଼ କରିବା ଏବଂ ନୂତନ ସଦସ୍ୟ ସଂଗ୍ରହ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ। ସେହିପରି ପ୍ରଥମ ଥର ମତଦାତା ହୋଇଥିବା ବା ହେବାକୁ ଯାଉଥିବା ଯୁବତୀ ଓ ଯୁବକମାନଙ୍କୁ ଯୋଗାଯୋଗ କରି ସେମାନଙ୍କୁ ଦଳର ସଦସ୍ୟଭାବେ ସାମିଲ କରାଯିବ। ଏହି ଅଭିଯାନରେ ସରକାରୀ ଯୋଜନାର ଲାଭାର୍ଥୀ, ସ୍କୁଲ, କଲେଜ, ଛାତ୍ରାବାସ, ଶହୀଦଙ୍କ ପରିବାର ଏବଂ ବସ୍ତିରେ ବାସ କରୁଥିବା ବ୍ୟକ୍ତି ବିଶେଷମାନଙ୍କୁ ସଦସ୍ୟ କରିବା ପାଇଁ ପ୍ରାଥମିକତା ଦିଆଯିବ। ସଦସ୍ୟତା ଅଭିଯାନକୁ ମଲ୍, ହାଟ ବଜାର, ରେଳଷ୍ଟେଶନ, ବସ୍ ଷ୍ଟାଣ୍ଡ ତଥା ଅନ୍ୟାନ୍ୟ ଜନ ଏକତ୍ରୀକରଣ ସ୍ଥାନରେ କରାଯିବା ସହ ଛୋଟ ସଭା, ଡ୍ରାମା ଏବଂ ଛତା ଲଗାଇ ସାଧାରଣ ଜନତାଙ୍କୁ ମିସ୍ କଲ୍ ଦେବା ପାଇଁ କୁହାଯିବ ବୋଲି ମନମୋହନ କହିଛନ୍ତି।

# ୨୨ରେ କେନ୍ଦ୍ରାପଡ଼ା ଜିଲା ପରିଷଦ ଅଧ୍ୟକ୍ଷ ନିର୍ବାଚନ

ଭୁବନେଶ୍ୱର,୨୦।୮ (ଅନିଲ ଦାସ)

- ନବୀନଙ୍କୁ ଭେଟିଲେ ଜିଲା ପରିଷଦ ସଭ୍ୟ
- ଆଜି ଘୋଷଣା ହୋଇପାରେ ଅଧ୍ୟକ୍ଷଙ୍କ ନାମ

ବିଜେଡି ସଭାପତି ନବୀନ ପଟ୍ଟନାୟକ ମଙ୍ଗଳବାର ନବୀନ ନିବାସଠାରେ କେନ୍ଦ୍ରାପଡ଼ା ଜିଲାର ଦଳୀୟ ବିଧାୟକ ଓ ପରାଜିତ ବିଧାୟକ ପ୍ରାର୍ଥୀମାନଙ୍କ ଉପସ୍ଥିତିରେ ଜିଲା ପରିଷଦ ସଭ୍ୟମାନଙ୍କ ସହ ବୈଠକ କରିଛନ୍ତି। ଏଥିରେ ଦଳର ବରିଷ୍ଠ ନେତା ଦେବୀପ୍ରସାଦ ମିଶ୍ର ଓ ପ୍ରତାପ ଜେନା ମଧ୍ୟ ଉପସ୍ଥିତ ଥିଲେ। ଆସନ୍ତା ୨୨ ତାରିଖରେ ହେବାକୁ ଥିବା ଜିଲା ପରିଷଦ ଅଧ୍ୟକ୍ଷ ପଦବୀ ଯେଭଳି ବିଜେଡି ନିକଟରେ ରହିବ ତାହା ସୁନିଶ୍ଚିତ କରିବାକୁ ନବୀନ ପରାମର୍ଶ ଦେଇଥିବା ଜଣାପଡ଼ିଛି। ଦଳର ଜିଲା ପରିଷଦ ସଭ୍ୟମାନେ ସମସ୍ତେ ଦଳୀୟ ନିଷ୍ପତ୍ତିକୁ ମାନିବେ ବୋଲି ଏକ ସ୍ୱରରେ କହିଛନ୍ତି। ଅନ୍ୟପକ୍ଷରେ ବୁଧବାର ସନ୍ଧ୍ୟା ସୁଦ୍ଧା ଚୂଡ଼ାନ୍ତ ପ୍ରାର୍ଥୀଙ୍କ ନାଁ ଘୋଷଣା କରାଯିବ ବୋଲି ବୈଠକରେ ସୂଚନା ଦିଆଯାଇଛି। ଦଳ ପକ୍ଷରୁ ୩ ଜଣଙ୍କ ନାଁ ସମ୍ଭାବ୍ୟ ପ୍ରାର୍ଥୀ ଭାବେ ଚୂଡ଼ାନ୍ତ କରାଯାଇ ବିଜେଡି ସଭାପତିଙ୍କୁ ଦିଆଯାଇଥିବା ଜଣାପଡ଼ିଛି। ବିଜେଡିର ଜିଲା ପରିଷଦ ସଭ୍ୟ ସଂଖ୍ୟା ଅଧିକ ଥିବାରୁ ଜିଲା ପରିଷଦ ଅଧ୍ୟକ୍ଷ ପଦ(ଅଣସଂରକ୍ଷିତ)କୁ ଏକପାଖିଆ ଭାବେ ଦଖଲ କରିବାକୁ ଦଳ ପକ୍ଷରୁ ଯୋଜନା କରାଯାଉଛି।

ଉଲ୍ଲେଖଯୋଗ୍ୟ, କେନ୍ଦ୍ରାପଡ଼ା ଜିଲା ପରିଷଦର ମୋଟ ୩୨ଟି ଆସନ ମଧ୍ୟରୁ ବିଜେଡି ପ୍ରାର୍ଥୀ ୩୧ଟି ଆସନ ଓ ଭାଜପା ପ୍ରାର୍ଥୀ ଗୋଟିଏ ଆସନରେ ବିଜୟୀ ହୋଇଥିଲେ। ଦଳ ୧୩ ନମ୍ବର ଜୋନ୍ ସଭ୍ୟ ଗୀତାଞ୍ଜଳି ସେଠୀଙ୍କୁ ଜିଲା ପରିଷଦ ଅଧ୍ୟକ୍ଷ ପ୍ରାର୍ଥୀ କରି ଜିତାଇଥିଲା। କିନ୍ତୁ ସେ ଗତ ସାଧାରଣ ନିର୍ବାଚନରେ ବିଜେଡିରୁ ଇସ୍ତଫା ଦେଇ ଭାଜପାରେ ସାମିଲ ହୋଇ କେନ୍ଦ୍ରାପଡ଼ାରୁ ବିଧାନସଭା ଆସନରୁ ପ୍ରାର୍ଥୀ ହୋଇଥିଲେ। ତାଙ୍କ ଇସ୍ତଫା ପରେ ଅଧ୍ୟକ୍ଷ ପଦବୀ ଖାଲି ରହିଛି। ୨୨ ତାରିଖ ସକାଳ ୧୦ଟାରୁ ୧୧ଟା ମଧ୍ୟରେ ପ୍ରାର୍ଥୀପତ୍ର ଦାଖଲ, ୧୧ଟାରୁ ସାଢ଼େ ୧୧ଟା ମଧ୍ୟରେ ପ୍ରାର୍ଥୀପତ୍ର ଯାଞ୍ଚ ହେବ। ପୂର୍ବାହ୍ନ ୧୨ଟାରେ ପ୍ରାର୍ଥୀପତ୍ର ପ୍ରତ୍ୟାହାର ଓ ଆବଶ୍ୟକତା ପଡ଼ିଲେ ସାଢ଼େ ୧୨ଟାରୁ ୨ଟା ମଧ୍ୟରେ ଭୋଟିଂ କରାଯିବ ବୋଲି ଜଣାପଡ଼ିଛି।



ନବୀନ ନିବାସଠାରେ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କୁ ଭେଟିଛନ୍ତି କେନ୍ଦ୍ରାପଡ଼ା ଜିଲା ପରିଷଦ ସଭ୍ୟମାନେ।

## ଅନ୍ୟାନ୍ୟ ଖବର

# ମୁଖ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଉପସ୍ଥିତି ଦାବି କଲା ଡାକ୍ତର ସଂଘ

କଟକ,୨୦।୮ (ଶିଳ୍ପା ପ୍ରିୟଦର୍ଶିନୀ)

## ଏସ୍‌ସିବିରେ ଷଷ୍ଠ ଦିନରେ ପହଞ୍ଚିଲା ଆନ୍ଦୋଳନ

ଏସ୍‌ସିବି ମେଡିକାଲରେ ଜୁନିୟର ଡାକ୍ତର ସଂଘର ଆହ୍ୱାନକ୍ରମେ ଆନ୍ଦୋଳନ ଜାରି ରହିଛି। ମଙ୍ଗଳବାର ଚୌଦ୍ୱାର-କଟକର ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ଆନ୍ଦୋଳନସ୍ଥଳକୁ ଆସି ସମ୍ପୃକ୍ତ ଡାକ୍ତରମାନଙ୍କ ସହିତ ଆଲୋଚନା କରିଛନ୍ତି। ଆନ୍ଦୋଳନକୁ ସେ ସମର୍ଥନ କରିବା ସହ ରୋଗୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ଅନ୍ତତଃପକ୍ଷେ ୭ଦିନ ପର୍ଯ୍ୟନ୍ତ ଆନ୍ଦୋଳନ ସ୍ଥଗିତ ରଖିବାକୁ ଅନୁରୋଧ କରିଥିଲେ। କିନ୍ତୁ ଏହାକୁ ଦୃଢ଼ ବିରୋଧ କରିବା ସହ ବର୍ତ୍ତମାନର ବିଧାୟକଙ୍କ ଅନୁପସ୍ଥିତି ନେଇ ଆନ୍ଦୋଳନରତ ଡାକ୍ତରମାନେ ପ୍ରଶ୍ନ ଉଠାଇଥିଲେ। ଏନେଇ ଜୁନିୟର ଡାକ୍ତର ସଂଘର ଉପସଭାପତି ଡା. ବିଜୟଶ୍ରୀ ଦୁର୍ଗାପ୍ରସାଦ ରାଉତ କହିଛନ୍ତି, ଡାକ୍ତରୀ ଛାତ୍ରୀ ମୃତ୍ୟୁ ଘଟଣାରେ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବା ପର୍ଯ୍ୟନ୍ତ ଏଭଳି ଆନ୍ଦୋଳନ ଜାରି ରହିବ। ଆଜିକୁ ୬ଦିନ ହେବ ଆନ୍ଦୋଳନ କରୁଛୁ, କିନ୍ତୁ ଏପର୍ଯ୍ୟନ୍ତ ସରକାର କୌଣସି ପଦକ୍ଷେପ ନେଇନାହାନ୍ତି କି ଆନ୍ଦୋଳନସ୍ଥଳକୁ ଆସି ଆଲୋଚନା କରିନାହାନ୍ତି। ତୁରନ୍ତ ମୁଖ୍ୟମନ୍ତ୍ରୀ ଓ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସମେତ ସ୍ଥାନୀୟ ବିଧାୟକଙ୍କ ଉପସ୍ଥିତ ଦାବି କରୁଛୁ। ଏହି ପ୍ରସଙ୍ଗରେ ରାଜନୀତି କରା ନ ଯାଇ ଦୋଷୀଙ୍କୁ କଠୋର ଦଣ୍ଡ ଦିଆଯାଉ ବୋଲି ରାଉତ କହିଛନ୍ତି। ଅନ୍ୟପଟେ ପୂର୍ବତନ ବିଧାୟକ ବିଶ୍ୱାଳ କହିଛନ୍ତି, ବର୍ତ୍ତମାନର ବିଧାୟକ ଜରୁରୀ କାର୍ଯ୍ୟ ଯୋଗୁ ଉପସ୍ଥିତ ରହିପାରିନାହାନ୍ତି। ଏସ୍‌ସିବି ରାଜ୍ୟର ବୃହତ ମେଡିକାଲ। ଏଠାରେ ଡାକ୍ତରଙ୍କ ଆନ୍ଦୋଳନ ୬ଦିନ ହେଲାଣି, ତେଣୁ ରାଜ୍ୟ ସରକାର ଏହାର ସମାଧାନ ଦିଗରେ ପଦକ୍ଷେପ ନେବା ଆବଶ୍ୟକ ବୋଲି ବିଶ୍ୱାଳ ମତବ୍ୟକ୍ତ କରିଛନ୍ତି। ସୂଚନା ଅନୁଯାୟୀ, ପଶ୍ଚିମବଙ୍ଗର ଆର୍.ଜି.କର ମେଡିକାଲ କଲେଜରେ ଜଣେ ଡାକ୍ତରୀ ଛାତ୍ରୀଙ୍କୁ ବଳାତ୍କାର ଓ ହତ୍ୟା ଘଟଣା ନେଇ ଦେଶବ୍ୟାପୀ ଆନ୍ଦୋଳନ ଜାରି ରହିଥିବାବେଳେ ଏସ୍‌ସିବି ମେଡିକାଲରେ ୬ଦିନ ହେବ ଜୁନିୟର ଡାକ୍ତର ସଂଘ ପକ୍ଷରୁ ଆନ୍ଦୋଳନ ଚାଲିଛି। ଏହାକୁ ଡାକ୍ତରୀ ଛାତ୍ର ସଂଘ ଓ ହାଉସ ସର୍ଜନ ସଂଘ ସମର୍ଥନ କରିଛି।

# ଅଭିବୃଦ୍ଧି ତ୍ୱରାନ୍ୱିତ ହେଲେ ନିଯୁକ୍ତି ସୁଯୋଗ ବୃଦ୍ଧି ପାଇବ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୦।୮
(ଅନିଲ ଦାସ)

## ସଚିବସ୍ତରୀୟ ବୈଠକରେ ସମସ୍ତ ବିଭାଗ ଏକ ଟିମ୍ ଭାବେ କାମ କରିବା ଉପରେ ଗୁରୁତ୍ୱ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମସ୍ତ ବିଭାଗୀୟ ସଚିବମାନଙ୍କୁ ବିଭିନ୍ନ ବିକାଶମୂଳକ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରି ଯୋଜନା ଖର୍ଚ୍ଚ ବୃଦ୍ଧି କରିବାକୁ ପରାମର୍ଶ ଦେଇଛନ୍ତି। ଏଥିସହିତ ବିଭିନ୍ନ କ୍ଷେତ୍ରରେ ଅଧିକ ପୁଞ୍ଜି ବିନିଯୋଗ କରି ଅଭିବୃଦ୍ଧି ତ୍ୱରାନ୍ୱିତ କରିବାକୁ ପରାମର୍ଶ ଦେଇଛନ୍ତି। ମଙ୍ଗଳବାର ଲୋକସେବା ଭବନରେ ଅନୁଷ୍ଠିତ ସଚିବସ୍ତରୀୟ ବୈଠକରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଅଭିବୃଦ୍ଧି ତ୍ୱରାନ୍ୱିତ ହେଲେ ନିଯୁକ୍ତି ସୁଯୋଗ ମଧ୍ୟ ବୃଦ୍ଧି ପାଇବ। ବିଭିନ୍ନ ବିଭାଗ, ବିଶେଷକରି ଭିତ୍ତିଭୂମି ନିର୍ମାଣ ଦାୟିତ୍ୱରେ ଥିବା ବିଭାଗଗୁଡ଼ିକ ଆବଶ୍ୟକ ସ୍ଥଳେ ଅଧିକ ବୈଷୟିକ ମାନବସମ୍ବଳ ନିଯୁକ୍ତ କରି କାର୍ଯ୍ୟକ୍ରମଗୁଡ଼ିକୁ ଆଗେଇ ନେବା ଆବଶ୍ୟକ। ରାଜ୍ୟ ସରକାର ୨୦୩୬ ଓ ୨୦୪୭ ପାଇଁ ବଡ଼ ଭିଜନ୍ ରଖି କାମ ଆରମ୍ଭ କରିଛନ୍ତି। ସରକାରଙ୍କ ସମସ୍ତ ବିଭାଗ ଏହାକୁ ଦୃଷ୍ଟିରେ ରଖି ସମ୍ମିଳିତ ଭାବେ ଟିମ୍ ସ୍ପିରିଟ୍ ନେଇ କାମ କରିବା ଆବଶ୍ୟକ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ବୈଠକରେ ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର ଏପ୍ରିଲରୁ ଜୁଲାଇ ମଧ୍ୟରେ ୨୦୨୩-୨୪ ଓ ୨୦୨୪-୨୫ ପାଇଁ ଏକ ତୁଳନାତ୍ମକ ଆୟ ବ୍ୟୟର ହିସାବ ଉପସ୍ଥାପନ କରିଥିଲେ। ଚଳିତ ଆର୍ଥିକ ବର୍ଷର ଏପ୍ରିଲରୁ ଜୁଲାଇ ମଧ୍ୟରେ ସମୁଦାୟ ଆୟର ପରିମାଣ ୫୭,୦୮୫ କୋଟି ଟଙ୍କା ଥିବାବେଳେ ଗତ ବର୍ଷ ସେହି ଅବଧି ମଧ୍ୟରେ ଆୟର ପରିମାଣ ୫୧,୨୩୪ କୋଟି ଟଙ୍କା ଥିଲା। ଏହି ପରିମାଣ ଗତ ବର୍ଷର ଏହି ଅବଧିର ଆୟ ଅପେକ୍ଷା ୧୧.୪୨ ପ୍ରତିଶତ ଅଧିକ। ବୈଠକରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ ଏବଂ ବିଭିନ୍ନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ପ୍ରମୁଖ ଶାସନ ସଚିବ ଓ ଶାସନ ସଚିବମାନେ ଉପସ୍ଥିତ ଥିଲେ।

# ଇଥାନଲ ଉପରୁ ହଟିଲା ଆମଦାନୀ, ଅବକାରୀ ଶୁଳ୍କ

## କ୍ୟାବିନେଟ୍ ନିଷ୍ପତ୍ତି

### ବିଧାନସଭାରେ ସଂସଦୀୟ ବ୍ୟାପାର ମନ୍ତ୍ରୀଙ୍କ ଘୋଷଣା

### ଝାରସୁଗୁଡ଼ା ବିମାନବନ୍ଦର ଉନ୍ନତୀକରଣ ପାଇଁ ୪.୭ କୋଟିର ଷ୍ଟାମ୍ପ ଡ୍ୟୁଟି, ରେଜିଷ୍ଟ୍ରେଶନ ଫି' ଛାଡ଼

ଭୁବନେଶ୍ୱର,୨୦।୮ (ଅନିଲ ଦାସ)

ଝାରସୁଗଡ଼ା ସ୍ଥିତ ବୀର ସୁରେନ୍ଦ୍ର ସାଏ ବିମାନ ବନ୍ଦର ଉନ୍ନତି ପାଇଁ ରାଜ୍ୟ ସରକାର ୫୩.୨୭ ଏକର ସରକାରୀ ଜମି ଓ ୫୪.୪୩ ଏକର ବେସରକାରୀ ଜମି ଭାରତୀୟ ବିମାନ ବନ୍ଦର ପ୍ରାଧିକରଣ ସପକ୍ଷରେ ଲିଜ୍ ଡିଡ୍ କରିବା ପାଇଁ ଷ୍ଟାମ୍ପ ଡ୍ୟୁଟି ବାବଦରେ ୩ କୋଟି ୩୭ ଲକ୍ଷ ୧୧ ହଜାର ୯୫୬ ଟଙ୍କା ଓ ରେଜିଷ୍ଟ୍ରେଶନ ଫି' ବାବଦରେ ୧. ୩୪ କୋଟି ଟଙ୍କା ଛାଡ଼ କରିଛନ୍ତି। ରାଜସ୍ୱ ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ ଅଗଷ୍ଟ ୭ ତାରିଖରେ ଅନୁଷ୍ଠିତ କ୍ୟାବିନେଟ ବୈଠକରେ ଅନୁମୋଦନ କରାଯାଇଛି । ବିଧାନସଭାରେ ମଙ୍ଗଳବାର ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ ସୂଚନା ଦେଇଛନ୍ତି। ଏଥିସହିତ କ୍ୟାବିନେଟ୍‌ରେ ମୋଟ ୩ଟି ପ୍ରସ୍ତାବକୁ ଅନୁମୋଦନ ମିଳିଥିବା ମନ୍ତ୍ରୀ କହିଛନ୍ତି। ରାଜ୍ୟ ସରକାର ଦିବ୍ୟାଙ୍ଗଙ୍କୁ ଅଧିକ ସ୍ୱତନ୍ତ୍ର ସେବା ଓ ସୁବିଧା ଯୋଗାଇ ଦେବା ପାଇଁ ବଲାଙ୍ଗୀରଠାରେ ଥିବା କେନ୍ଦ୍ର ସରକାରଙ୍କ ସ୍ୱାମୀ ବିବେକାନନ୍ଦ ରାଷ୍ଟ୍ରୀୟ ପୁନର୍ବାସ ତାଲିମ ଓ ଗବେଷଣା ପ୍ରତିଷ୍ଠାନ ଅଧୀନ ମିଳିତ ଆଞ୍ଚଳିକ କେନ୍ଦ୍ରକୁ ଯୋଗାଇ ଦିଆଯାଇଥିବା ଏ୧.୭୧୦ ଡିସିମିଲ ଜମି ବାବଦ ପ୍ରିମିୟମ ଓ ଭୂ-ରାଜସ୍ୱ ବାବଦ ୧୧.୭ କୋଟି ଟଙ୍କା ଛାଡ଼ କରିବାକୁ ନିଷ୍ପତ୍ତି ନେଇଛନ୍ତି। ରାଜ୍ୟ କ୍ୟାବିନେଟ ଏହାକୁ ଅନୁମୋଦନ କରିଛି। ସେହିପରି ଓଡ଼ିଶା ଅବକାରୀ ଆଇନ-୨୦୦୮ର ଧାରା ୯୬ ଅନୁଯାୟୀ ବାୟୋଡିଜେଲରେ ବ୍ୟବହାର କରାଯାଉଥିବା ମିଥାନଲକୁ ଓଡ଼ିଶା ଅବକାରୀ ଆଇନ-୨୦୦୮ରୁ ବାଦ୍ ଦିଆଯାଇଛି। ଏଥିସହିତ ବାୟୋଡିଜେଲ ଉତ୍ପାଦନ ପାଇଁ ଆମଦାନୀ ହେଉଥିବା ମିଥାନଲ ଉପରୁ ପ୍ରଚଳିତ ଅବକାରୀ ନୀତିରେ ଆମଦାନୀ ଶୁଳ୍କ ଓ ଏକ୍ସାଇଜ ଡ୍ୟୁଟି ଛାଡ଼ କରାଯାଇଛି। ଅବକାରୀ ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ କ୍ୟାବିନେଟ୍ ମଞ୍ଜୁରୀ ମିଳିଥିବା ସଂସଦୀୟ ବ୍ୟାପାର ମନ୍ତ୍ରୀ ଗୃହକୁ ସୂଚନା ଦେଇଛନ୍ତି।

# ଗୃହରେ କଲେଜ ନିର୍ବାଚନ ତାତି

## ବିରୋଧୀଙ୍କ ହଟ୍ଟଗୋଳ, ଗୃହ ଅଚଳ

ଭୁବନେଶ୍ୱର,୨୦।୮ (ଅନିଲ ଦାସ)

କଲେଜ ନିର୍ବାଚନକୁ ନେଇ ବିଧାନସଭାରେ ପ୍ରବଳ ହଟ୍ଟଗୋଳ ହୋଇଛି । ବିରୋଧୀ କଂଗ୍ରେସ ଏହି ପ୍ରସଙ୍ଗକୁ ନେଇ ବିଧାନସଭାକୁ ଅଚଳ କରିଦେଇଛି। ପ୍ରଶ୍ନକାଳ, ଶୂନ୍ୟକାଳ, ମୁଲତବୀ ସବୁ କିଛି ବିରୋଧୀଙ୍କ ହୋ ହଲ୍ଲାରେ ହଜିଯାଇଛି। କିଛିଦିନ ବ୍ରେକ ପରେ ବିଧାନସଭା ବଜେଟ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ଆରମ୍ଭରୁ ବିରୋଧୀ କଲେଜ ନିର୍ବାଚନ, ମୁଖ୍ୟମନ୍ତ୍ରୀଙ୍କ ବିରୋଧରେ ସ୍ୱାଧିକାର ଭଙ୍ଗ ପ୍ରସ୍ତାବ, ଏଏସ୍‌ଓଙ୍କୁ ରାଜ୍ୟପାଳଙ୍କ ପୁଅ ମାଡ଼ ଘଟଣା ଇତ୍ୟାଦି ପ୍ରସଙ୍ଗକୁ ନେଇ ଉଭୟ ବିଜେଡି ଓ କଂଗ୍ରେସ ବିଧାନସଭାରେ ହଟ୍ଟଗୋଳ କରିଥିଲେ। ପୂର୍ବାହ୍ନ ୧୦ଟା ୩୦ ମିନିଟ୍‌ରେ ଗୃହ କାର୍ଯ୍ୟ ଆରମ୍ଭ ହୋଇଥିଲା। ଗୃହ କାର୍ଯ୍ୟ ଆରମ୍ଭ ହେବାମାତ୍ରେ ବାଚସ୍ପତି ସୁରମା ପାଢ଼ୀ ଶୋକ ପ୍ରସ୍ତାବ ଆଗତ କରିବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ କହିଥିଲେ। ବିଧାନସଭାରେ ୧୦ ମିନିଟ୍ ଧରି ଶୋକ ପ୍ରସ୍ତାବ ଆଲୋଚନା ପରେ ୧୦ଟା ୪୦ ମିନିଟ୍‌ରେ ବାଚସ୍ପତି ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ଏହି ସମୟରେ କଂଗ୍ରେସ ସଭ୍ୟ ତାରା ପ୍ରସାଦ ବାହିନୀପତି କଲେଜ ନିର୍ବାଚନ ପ୍ରସଙ୍ଗ ଉଠାଇ ଶାସକ ଦଳକୁ ଆକ୍ରମଣ କରିଥିଲେ। ସେ କହିଥିଲେ, ଚଳିତ ବର୍ଷ ଛାତ୍ର ସଂସଦ ନିର୍ବାଚନ କାହିଁକି କରାଯିବ ନାହିଁ। ସରକାର ଏହାର ସ୍ପଷ୍ଟୀକରଣ ଦିଅନ୍ତୁ। ଏହି ଦାବିକରି ତାରା ଓ କଂଗ୍ରେସର ଅନ୍ୟ ସଦସ୍ୟମାନେ ଗୃହର ମଧ୍ୟଭାଗକୁ ଆସି ହଟ୍ଟଗୋଳ କରିଥିଲେ। କଲେଜ ଇଲେକ୍ସନ ଆମର ଦାବି.. ଆମର ଦାବି କହି ସ୍ଲୋଗାନ ଦେଇଥିଲେ। ବିଜେଡି ସଭ୍ୟମାନେ ନିଜ ଆସନ ନିକଟରେ ଛିଡ଼ା ହୋଇ ମୁଖ୍ୟମନ୍ତ୍ରୀଙ୍କ ବିରୋଧରେ ସ୍ୱାଧିକାର ଭଙ୍ଗ ପ୍ରସ୍ତାବ, ଏଏସ୍‌ଓଙ୍କୁ ରାଜ୍ୟପାଳଙ୍କ ପୁଅ ମାଡ଼ ଘଟଣାକୁ ନେଇ ହଟ୍ଟଗୋଳ କରିଥିଲେ।

ଇତିମଧ୍ୟରେ ବାଚସ୍ପତି ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଆଗେଇ ନେବାକୁ ଚେଷ୍ଟା କରିଥିଲେ। ମାତ୍ର ପରିସ୍ଥିତି ଅସମ୍ଭାଳ ହେବାରୁ ବାଚସ୍ପତି ମାତ୍ର ୧ ମିନିଟ୍ ପରେ ଗୃହକୁ ୧୦ଟା ୪୧ରୁ ୧୧ଟା ୪୧ ମିନିଟ୍ ଯାଏ ମୁଲତବୀ ଘୋଷଣା କରି ଦେଇଥିଲେ। ଏହା ପରେ ମଧ୍ୟ ଗୃହରେ ସ୍ୱାଭାବିକ ସ୍ଥିତି ଫେରି ନ ଥିଲା। ୧୧ଟା ୪୧ରେ ଗୃହ କାର୍ଯ୍ୟ ଆରମ୍ଭ ହେବା ମାତ୍ରେ ଅଗଷ୍ଟ ୭ ତାରିଖରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ ନିଷ୍ପତ୍ତି ସମ୍ପର୍କରେ ଗୃହକୁ ଅବଗତ କରିବାକୁ ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଥିଲେ। ଏହି ସମୟରେ କଂଗ୍ରେସ ସଦସ୍ୟମାନେ ସମାନ ଦାବି ନେଇ ପୁଣି ଗୃହର ମଧ୍ୟଭାଗକୁ ଆସି ନାରାବାଜି କରିଥିଲେ। ହଟ୍ଟଗୋଳ ମଧ୍ୟରେ ମନ୍ତ୍ରୀ କ୍ୟାବିନେଟ ନିଷ୍ପତ୍ତି ସମ୍ପର୍କରେ ଗୃହକୁ ସୂଚନା ଦେଇଥିଲେ। ମନ୍ତ୍ରୀଙ୍କ ବିବୃତି ପରେ ବାଚସ୍ପତି ଗୃହକୁ ପୂର୍ବାହ୍ନ ୧୧ଟା ୪୫ରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ। ଅପରାହ୍ନରେ ମଧ୍ୟ ଗୃହ ସ୍ୱାଭାବିକ ହୋଇ ପାରି ନ ଥିଲା। ତେବେ ଅପରାହ୍ନରେ ହଟ୍ଟଗୋଳ ମଧ୍ୟରେ ବିଧାନସଭାରେ ବିଭିନ୍ନ ବିଭାଗର ପେପର ଓ ଷ୍ଟାଣ୍ଡିଂ ରିପୋର୍ଟ ଉପସ୍ଥାପିତ ହୋଇଥିଲା। ଏହାପରେ ବାଚସ୍ପତି ଗୃହକୁ ବୁଧବାର ପୂର୍ବାହ୍ନ ୧୦ଟା ୩୦ ମିନିଟ୍ ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଦେଇଥିଲେ।

## ବିଧାନସଭାରେ ଶୋକ

ଭୁବନେଶ୍ୱର,୨୦।୮ (ଅନିଲ ଦାସ)

ପୂର୍ବତନ ସଦସ୍ୟ ସ୍ୱର୍ଗତ ସୁନ୍ଦର ମୋହନ ମାଝୀଙ୍କ ବିୟୋଗରେ ବିଧାନସଭାରେ ଶୋକ କରାଯାଇଛି। ମଙ୍ଗଳବାର ପୂର୍ବାହ୍ନ ୧୦ଟା ୩୦ ମିନିଟ୍‌ରେ ଗୃହ କାର୍ଯ୍ୟ ଆରମ୍ଭ ହେବା ମାତ୍ରେ ବାଚସ୍ପତି ସୁରମା ପାଢ଼ୀ ଗୃହର ନେତା ତଥା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଶୋକ ପ୍ରସ୍ତାବ ଆଗତ କରିବାକୁ କହିଥିଲେ। ମୁଖ୍ୟମନ୍ତ୍ରୀ ପରଲୋକଗତ ସଦସ୍ୟଙ୍କ ସ୍ମୃତିଚାରଣ କରିବା ସହ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଆଗତ ଶୋକ ପ୍ରସ୍ତାବକୁ ବିରୋଧୀ ଦଳ ନେତାଙ୍କ ବଦଳରେ ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଦାମ, ସିପିଆଇ ସଦସ୍ୟ ଲକ୍ଷ୍ମଣ ମୁଣ୍ଡା ସମର୍ଥନ କରିବା ସହ ଦିବଂଗତ ସଦସ୍ୟଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଶେଷରେ ସ୍ୱର୍ଗତ ସଦସ୍ୟଙ୍କ ସ୍ମୃତିରେ ଗୃହରେ ୧ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଅତି ଭାବ ଯେଉଁଠି,**
**ନ ଯା' ନିତି ସେଇଠି,**
**ଯଦି ଯିବୁ ନିତି,**
**ଘଟିବ ଅନୀତି ।**

ଅତି ପରିଚୟେ ଗୌରବ ନଷ୍ଟ। ଅତି ଗୋଡ଼ ଘୋଷରା ହେଲେ ସମ୍ମାନହାନି ଘଟିବାର ଆଶଙ୍କା ରହିଥାଏ। ଏହାକୁ ନଜର ଅନ୍ଦାଜ କରି ଯିବା ଆସିବା ଜାରି ରଖିଲେ ବ୍ୟକ୍ତି ନିଜର ଗରିମା ଓ ଓଜନ ହରାଇ ବସିଥାଏ। ତେଣୁ ସମ୍ପର୍କର ସ୍ଥାୟିତ୍ୱ ପାଇଁ ଏଥିପ୍ରତି ଦୃଷ୍ଟିଦେବା ଉଚିତ ଅର୍ଥରେ ଏଭଳି ଉପଦେଶ ପ୍ରଦାନ କରାଯାଇଛି।

**ଅନ୍ନ ସୁନ୍ଦର ମଣିଷ;**
**ତିରଣ ସୁନ୍ଦର ଗୋରୁ ।**

ଖାଦ୍ୟ ହିଁ ସ୍ୱାସ୍ଥ୍ୟର ପ୍ରଧାନ କାରଣ। ଅନ୍ନ ମଣିଷର ପ୍ରଧାନ ଖାଦ୍ୟ। ଅନ୍ନ ଖାଇଲେ ଶରୀରକୁ ଶକ୍ତି ଓ ବଳ ମିଳିଥାଏ, ଶରୀର ସୁଗଠିତ ହୋଇଥାଏ। ଗାଈ, ବଳଦ ତୃଣଭୋଜି ପ୍ରାଣୀ। ତୃଣ ବା ଘାସ ଖାଇଲେ ଗୋରୁ ହୃଷ୍ଟପୁଷ୍ଟ ହେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଓଡ଼ିଶାକୁ ଆସିବ ପଶ୍ଚିମବଙ୍ଗ ଆଳୁ

ଭୋଗରାଇ,୨୦।୮ (ପ୍ରଦୀପ ଦାସ)

ମାସେ ପୂର୍ବରୁ ପଶ୍ଚିମବଙ୍ଗ ସରକାର ଓଡ଼ିଶା ସମେତ ଅନ୍ୟ ରାଜ୍ୟକୁ ଆଳୁ ରପ୍ତାନୀ ଉପରେ ଲଗାଇଥିବା କଟକଣାକୁ ମଙ୍ଗଳବାର ଉଠାଇନେବା ପାଇଁ ନିଷ୍ପତ୍ତି ନେଇଛନ୍ତି। ବଙ୍ଗୀୟ ଆଳୁ ବ୍ୟବସାୟୀଙ୍କ ଚାପ, ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିବେଦନ ଏବଂ ନିଜ ରାଜ୍ୟର ଆର. ଜି. କର ହସ୍ପିଟାଲରେ ମହିଳା ଡାକ୍ତରଙ୍କ ବଳାତ୍କାର ଓ ହତ୍ୟା ଘଟଣାରେ ଚିନ୍ତିତ ଥିବା ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ନରମିବାକୁ ବାଧ୍ୟ ହୋଇଛନ୍ତି। ମଙ୍ଗଳବାର ଅପରାହ୍ନରେ କୋଲକାତାସ୍ଥିତ ସରକାରୀ ମୁଖ୍ୟାଳୟ ନବାନ୍ନରେ ପ୍ରଗତିଶୀଳ ଆଳୁବ୍ୟବସାୟୀ ସମିତି, ଶୀତଳଭଣ୍ଡାର ମାଲିକ ଏବଂ ପଶ୍ଚିମବଙ୍ଗ କୃଷି ବିପଣୀ ମନ୍ତ୍ରୀ ବିଚାରାମ ମାନ୍ନା, ପଞ୍ଚାୟତିରାଜ ମନ୍ତ୍ରୀ ପ୍ରଦୀପ ମଜୁମଦାର, ମୁଖ୍ୟ ଶାସନ ସଚିବ ବି.ପି. ଗୋପାଳିକାଙ୍କ ସହ ମୁଖ୍ୟମନ୍ତ୍ରୀ ବାନାର୍ଜୀ ଦୀର୍ଘ ସମୟ ଧରି ଆଲୋଚନା କରିବା ପରେ ଓଡ଼ିଶାକୁ ଆଳୁ ରପ୍ତାନୀ ନେଇ ସବୁଜସଂକେତ ଦେଇଛନ୍ତି। ତେବେ ଏହି ଘୋଷଣାରେ ମୁଖ୍ୟମନ୍ତ୍ରୀ କେଁ ରଖିଛନ୍ତି। ନିଜ ରାଜ୍ୟରେ ୭ଦିନ ମଧ୍ୟରେ ଆଳୁର ବଜାର ଦର ନିୟନ୍ତ୍ରଣ ରହିଲେ ଓଡ଼ିଶାକୁ ଆଳୁ ରପ୍ତାନି ସ୍ୱାଭାବିକ ହେବ ବୋଲି କହିଛନ୍ତି। ତେବେ ଓଡ଼ିଶାକୁ ଦୈନିକ ୧ଲକ୍ଷ ମେଟ୍ରିକ ଟନ ଆଳୁ ରପ୍ତାନୀ କରାଯିବାକୁ ନିଷ୍ପତ୍ତି ନିଆଯାଇଥିବା ବଙ୍ଗୀୟ ପ୍ରଗତିଶୀଳ ଆଳୁ ବ୍ୟବସାୟୀ ସମିତି ରାଜ୍ୟ ମହାସଚିବ ଲାଲୁ ମୁଖାର୍ଜୀ ସୂଚନା ଦେଇଛନ୍ତି।

# ବସ୍ ଓଲଟି ୧୨ ଯାତ୍ରୀ ଆହତ, ଜଣେ ଗୁରୁତର

ଭଦ୍ରକ, ୨୦।୮ (ସନାତନ ରାଉତ)

ଭଦ୍ରକ ଗ୍ରାମାଞ୍ଚଳ ଥାନା ରାଣୀତାଲ ରେଲୱେ ଗେଟ୍ ନିକଟ ଗୋପାଳି ଛକଠାରେ ମଙ୍ଗଳବାର ପୂର୍ବାହ୍ନରେ ଏକ ବସ୍ ଓଲଟି ୧୨ ଯାତ୍ରୀ ଆହତ ହୋଇଛନ୍ତି। ସମସ୍ତ ଆହତଙ୍କୁ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେମାନଙ୍କ ମଧ୍ୟରେ ଅଧିକାଂଶ ମହିଳା ଥିବାବେଳେ ୨ଜଣ ଶିଶୁ ଅଛନ୍ତି। ପରେ ଜଣକ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

ସୂଚନା ଅନୁଯାୟୀ, 'ରଘୁନାଥ ଦାମୋଦରଜୀଉ' ନାମକ ଘରୋଇ ବସ୍ ମୟୂରଭଞ୍ଜ ଜିଲା ଉଦଳାରୁ ଭଦ୍ରକ ଅଭିମୁଖେ ଆସୁଥିଲା। ପୂର୍ବାହ୍ନ ପ୍ରାୟ ସାଢ଼େ ୧୦ଟା ବେଳେ ଗୋପାଳି ଛକଠାରେ ଭାରସାମ୍ୟ ହରାଇ ନୟନଯୋରିକୁ ଓଲଟି ପଡ଼ିଥିଲା। ଖବରପାଇ ସିମୁଳିଆ ବ୍ଲକ ଅଡା ଦମକଳ ବାହିନୀ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ଆହତମାନଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲା। ପରେ ୧୦୮ ଆମ୍ବୁଲାନ୍ସରେ କେତେକ ଆହତଙ୍କୁ ଡାକ୍ତରଖାନାକୁ ନିଆଯାଇଥିଲା। ତିହିଡ଼ି ଭାଟପୁରର ସଞ୍ଜୁଲତା ପୃଷ୍ଟି(୩୦), ସୋସୋ ଥାନା ଅଧୀନ କୁଶଚିକ୍ରି ଗ୍ରାମର ଯଶୋଦା ମହାନ୍ତି(୪୩), ଗୋବିନ୍ଦପୁରର କୁସୁମ ପଣ୍ଡା(୨୭), ସାବରଙ୍ଗର କମଳା ମହାପାତ୍ର(୫୪), ସିମୁଳିଆ ଥାନା ଅଧୀନ ଓଲିହା ଗ୍ରାମର ମୋହନ ଜେନା(୬୫), ମଧୁସ୍ମିତା ପରିଡ଼ା(୧୧)ଙ୍କ ସମେତ ୧୧ଜଣ ଭଦ୍ରକ ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଅଛନ୍ତି। ଗୁରୁତର ଥିବା ବିଶ୍ୱନାଥ ମିର୍ଦ୍ଧା(୫୦)ଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ବସ୍ ଚାଳକ ଫେରାର ହୋଇଯାଇଥିବା ବେଳେ ଗ୍ରାମାଞ୍ଚଳ ପୋଲିସ ଦୁର୍ଘଟଣାସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ ଆରମ୍ଭ କରିଥିଲା। ଜିଲାପାଳ ଦିଲୀପ କୁମାର ରାଉତରାଏ ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ଆହତମାନଙ୍କ ଚିକିତ୍ସା ବ୍ୟବସ୍ଥା ବୁଝିଥିଲେ। ଟାଉନ ଥାନାଧିକାରୀ ଅଜୟ ସୁଦର୍ଶନ ବାଗେ ମଧ୍ୟ ଡାକ୍ତରଖାନାରେ ପହଞ୍ଚି ତଦନ୍ତ କରିଛନ୍ତି। ରାଣୀତାଲ ରେଲୱେ ଫାଟକ ପଡ଼ିଯିବା ପୂର୍ବରୁ ବସ୍ ପାର୍ କରିବାକୁ ଚାଳକ ଦ୍ରୁତଗତିରେ ଗାଡ଼ି ଚଳାଇଥିଲେ। ଫଳରେ ଭାରସାମ୍ୟ ହରାଇ ବସ୍ ଓଲଟି ପଡ଼ିଥିଲା ବୋଲି କେତେକ ଯାତ୍ରୀ କହିଛନ୍ତି। ବସ୍‌ରେ ଅଧିକ ଯାତ୍ରୀ ମଧ୍ୟ ଥିଲେ ବୋଲି କହିଛନ୍ତି। ଏସବୁ ଦିଗ ପ୍ରତି ତଦନ୍ତ କରାଯିବାକୁ ସେମାନେ ଦାବି କରିଛନ୍ତି।

# ଆଇଇଡି ବୋମା ନିଷ୍କ୍ରିୟକଲେ ଯବାନ

ମାଲକାନଗିରି, ୨୦।୮ (ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ଼ରେ କୋଣ୍ଡାଗାଓଁରେ ମାଓବାଦୀଙ୍କ ଦ୍ୱାରା ଖଞ୍ଜାଯାଇଥିବା ଦୁଇଟି ଆଇଇଡି ବୋମାକୁ ମଙ୍ଗଳବାର ଉଦ୍ଧାରକରି ଯବାନମାନେ ନିଷ୍କ୍ରିୟ କରିଛନ୍ତି। ଇଣ୍ଡୋ-ଟିବେଟାନ ବର୍ଡର ପୋଲିସ(ଆଇଟିବିପି) ଏବଂ ସୁରକ୍ଷା ବାହିନୀ କର୍ମଚାରୀମାନେ କୋଣ୍ଡାଗାଓଁର ଅମଦାଇ ଓ ଧାନୋରା ଆଦି ଅଞ୍ଚଳରେ ତଲାସି କରୁଥିଲେ। ତଲାସି ବେଳେ କନ୍‌ଷ୍ଟେବଲ ରାମ କୈଳାସ ଧାନୋରାଠାରୁ କିଛି ଦୂରରେ ଥିବା ମୋରମ ଖଣି ନିକଟରେ ଆଇଇଡି ବୋମା ଖଞ୍ଜାଯାଇଥିବା ଦେଖିବାକୁ ପାଇଥିଲେ। ତୁରନ୍ତ ଏ ସମ୍ପର୍କରେ ସାଥୀ ଯବାନମାନଙ୍କୁ ଅବଗତ କରାଇ ବୋମା ନିଷ୍କ୍ରିୟକାରୀ ଦଳକୁ ସେଠାକୁ ନେଇ ନିଷ୍କ୍ରିୟ କରିଥିଲେ।

## ଫୁରସତ୍

# ଟ୍ରକ୍ ଚାଳକରୁ ସଫଳ ୟୁଟ୍ୟୁବର

## ବିଭିନ୍ନ ସୁସ୍ୱାଦୁ ଖାଦ୍ୟର ଭିଡିଓ କରି ମାସିକ ୧୦ ଲକ୍ଷ ରୋଜଗାର

ରାଞ୍ଚି

କୁହାଯାଏ ଯେ ବ୍ୟକ୍ତିର ଭାଗ୍ୟ କୌଣସି ମଧ୍ୟ ସମୟରେ ପରିବର୍ତ୍ତନ ହୋଇଯାଇପାରେ। ୨୫ ବର୍ଷ ଧରି ଟ୍ରକ୍ ଚଳାଉଥିବା ଝାଡ଼ଖଣ୍ଡର ଜାମତାଡ଼ା ସହରର ରାଜେଶ ରବାନି ନାମକ ଜଣେ ବ୍ୟକ୍ତି ଏବେ ଜଣେ ସଫଳ ୟୁଟ୍ୟୁବର ଭାବେ ନିଜକୁ ପ୍ରତିପାଦିତ କରିପାରିଛନ୍ତି। ରୋଷେଇ ପ୍ରତି ଅହେତୁକ ଭଲ ପାଇବା ଓ ଆଗ୍ରହ ଯୋଗୁ ରାଜେଶଙ୍କୁ ଏହି ସଫଳତା ମିଳିଛି। ତାଙ୍କର 'ଆର୍ ରାଜେଶ ବ୍ଲଗ୍ସ' ନାମକ ୟୁଟ୍ୟୁବ୍ ଚ୍ୟାନେଲରେ ସମ୍ପ୍ରତି ୧.୮୬ ମିଲିୟନ୍‌ରୁ ଅଧିକ ସବ୍‌ସ୍କ୍ରାଇବର ରହିଛନ୍ତି।

ନିକଟରେ ଏକ ଗଣମାଧ୍ୟମକୁ ସାକ୍ଷାତ୍‌କାର ଦେଇ ରାଜେଶ କହିଛନ୍ତି, କିଛି ବର୍ଷ ତଳେ ଏକ ଦୁର୍ଘଟଣାରେ ତାଙ୍କର ଗୋଟିଏ ହାତ କିଛିଦିନ ପାଇଁ ଅଚଳ ହୋଇଯାଇଥିଲା। ତେଣୁ ସେ ସେତେବେଳେ ଟ୍ରକ୍ ଚାଳନା କରି ପାରୁନଥିଲେ ଏବଂ ଘରେ ରହି ବିରକ୍ତ ହେଉଥିଲେ। ବିଭିନ୍ନ ପ୍ରକାର ଖାଦ୍ୟ ରନ୍ଧିବାର ସଉକ ରଖିଥିବାରୁ ପୁଅ ତାଙ୍କୁ ଗୋଟିଏ ୟୁଟ୍ୟୁବ୍ ଚ୍ୟାନେଲ ଖୋଲି ଖାଦ୍ୟ ସମ୍ପର୍କିତ ଭିଡିଓ ଅପ୍‌ଲୋଡ୍ କରିବାକୁ ପରାମର୍ଶ ଦେଇଥିଲେ। ତେଣୁ ସେ ପ୍ରଥମେ ନିଜ ଭଏସ୍ ଓଭର ସହିତ ଏକ ସ୍ୱାଦିଷ୍ଟ ଖାଦ୍ୟର ଭିଡିଓ ପୋଷ୍ଟ କରିଥିଲେ, ଯାହାକୁ ଲୋକେ ପସନ୍ଦ କରିଥିଲେ। ତେବେ ଉକ୍ତ ଭିଡିଓରେ ଲୋକମାନେ ତାଙ୍କୁ ଚେହେରା ଦେଖାଇବାକୁ ଅନୁରୋଧ କରିଥିଲେ। ତେଣୁ ରାଜେଶ ପୁଅଙ୍କ ସହଯୋଗରେ ନିଜ ଚେହେରା ଦେଖାଇବା ସହ ଆଉ ଏକ ନୂତନ ଖାଦ୍ୟ ସମ୍ବନ୍ଧିତ ଭିଡିଓ ପୋଷ୍ଟ କରିଥିଲେ। ଏହି ଭିଡିଓ ମାତ୍ର ଗୋଟିଏ ଦିନ ମଧ୍ୟରେ ୪.୫ ଲକ୍ଷ ଭ୍ୟୁଜ୍ ପାଇବା ସହ ଭାଇରାଲ ହୋଇଥିଲା। ରାଜେଶ ସାକ୍ଷାତ୍‌କାରରେ କହିଛନ୍ତି, ସେ ପୂର୍ବରୁ ଟ୍ରକ୍ ଚଳାଇ ମାସିକ ୨୫ ହଜାରରୁ ୩୦ ହଜାର ଟଙ୍କା ରୋଜଗାର କରୁଥିଲେ। କିନ୍ତୁ ଏବେ ସେ କେବଳ ୟୁଟ୍ୟୁବ୍‌ରୁ ମାସିକ ୪ରୁ ୫ ଲକ୍ଷ ଟଙ୍କା ରୋଜଗାର କରୁଛନ୍ତି। ବର୍ତ୍ତମାନ ସୁଦ୍ଧା ୟୁଟ୍ୟୁବ୍‌ରୁ ତାଙ୍କର ସର୍ବାଧିକ ମାସିକ ରୋଜଗାର ୧୦ ଲକ୍ଷ ଟଙ୍କା ହୋଇଥିବା ରାଜେଶ କହିଛନ୍ତି। ୟୁଟ୍ୟୁବ୍ ତାଙ୍କ ଜୀବନକୁ ଏତେ ମାତ୍ରାରେ ବଦଳାଇଦେବ ବୋଲି ସେ କେବେ ମଧ୍ୟ ଭାବି ନ ଥିବା ରାଜେଶ କହିଛନ୍ତି। ୟୁଟ୍ୟୁବ୍‌ରୁ ମିଳିଥିବା ସଫଳତା ପାଇଁ ରାଜେଶ ତାଙ୍କ ପରିବାରକୁ ଶ୍ରେୟ ଦେଇଛନ୍ତି। ଏହି ସଫଳତା ଯୋଗୁ ଏବେ ସେ ଏକ ନୂତନ ଘର କିଣିବାକୁ ସକ୍ଷମ ହୋଇଛନ୍ତି। ବର୍ତ୍ତମାନ ରାଜେଶ ପୂର୍ବ ପରି ଟ୍ରକ୍ ଚାଳନା କରିବା ସହ ଖାଲି ସମୟରେ ବିଭିନ୍ନ ଅଞ୍ଚଳର ସ୍ଥାନୀୟ ଖାଦ୍ୟ ଓ ସେ ଜାଣିଥିବା ବିଭିନ୍ନ ସୁସ୍ୱାଦୁ ଖାଦ୍ୟ ସମ୍ପର୍କରେ ଭିଡିଓ କରି ନିଜ ୟୁଟ୍ୟୁବ୍ ଚ୍ୟାନେଲରେ ଅପ୍‌ଲୋଡ୍ କରନ୍ତି।





# କୋଟିପତି ଉଦ୍ୟୋଗୀଙ୍କୁ ଡେଟ୍ କରୁଛନ୍ତି ରିୟା

ମୁମ୍ବାଇ

ଅଭିନେତ୍ରୀ ରିୟା ଚକ୍ରବର୍ତ୍ତୀ ଏବେ ପୁଣି ଚର୍ଚ୍ଚାର ପରିସରକୁ ଆସିଛନ୍ତି। ତେବେ ସେ କୌଣସି ଫିଲ୍ମ ପାଇଁ ନୁହେଁ ବରଂ ଜଣେ କୋଟିପତି ଉଦ୍ୟୋଗୀଙ୍କୁ ଡେଟ୍ କରୁଥିବା ନେଇ ଚର୍ଚ୍ଚାକୁ ଆସିଛନ୍ତି। ବିଭିନ୍ନ ଗଣମାଧ୍ୟମ ରିପୋର୍ଟ ଏବଂ ସୋସିଆଲ ମିଡିଆରେ ହେଉଥିବା ଆଲୋଚନା ଅନୁଯାୟୀ, ରିୟା ଭାରତର କୋଟିପତି ଯୁବ ଉଦ୍ୟୋଗୀ ନିଖିଲ କାମଥ୍‌ଙ୍କୁ ଡେଟ କରୁଛନ୍ତି। ନିକଟରେ ସେ ମୁମ୍ବାଇର ଏକ ରାସ୍ତାରେ ଏକ ବାଇକ୍‌ରେ ଯାଉଥିବାର ନଜର ଆସିଥିଲେ। ତେବେ ରିୟା ନିଜେ ବାଇକ୍ ଚଳାଉ ନ ଥିଲେ, ବରଂ ତାଙ୍କୁ ଅନ୍ୟ କାହା ପଛରେ ବସିଥିବାର ଦେଖିବାକୁ ମିଳିଥିଲା। ବିଭିନ୍ନ ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ନିଖିଲ ଉକ୍ତ ବାଇକ୍ ଚଳାଉଥିଲେ ଓ ରିୟା ତାଙ୍କ ପଛରେ ବସିଥିଲେ। ଏହାପରେ ଉଭୟେ ପରସ୍ପରକୁ ଡେଟ୍ କରୁଥିବା ସହ ରିଲେଶନ୍‌ଶିପ୍‌ରେ ଥିବା ନେଇ ବହୁ ଚର୍ଚ୍ଚା ଓ ଆଲୋଚନା ଲାଗି ରହିଛି। ନିଖିଲ ତାଙ୍କ ଭାଇ ନିତିନ କାମଥ୍‌ଙ୍କ ସହ ଭାରତର ପ୍ରତିଷ୍ଠିତ ଷ୍ଟକ୍-ବ୍ୟାକିଂ ସଂସ୍ଥା 'ଜେରୋଧା'ର ସହ-ପ୍ରତିଷ୍ଠାତା ଅଟନ୍ତି। ଫୋର୍ବସ୍ ରିପୋର୍ଟ ଅନୁଯାୟୀ, ଏହି ୩୭ ବର୍ଷୀୟ ଶିଳ୍ପପତିଙ୍କ ମୋଟ ସମ୍ପତ୍ତି ହେଉଛି ୩.୧ ବିଲିୟନ ଡଲାର୍ (ପ୍ରାୟ ୨୬ ହଜାର କୋଟି ଟଙ୍କା)। ନିଖିଲ୍ ତାଙ୍କର ଅନ୍‌ଲାଇନ୍ ଷ୍ଟକ୍ ଟ୍ରେଡିଂ ପ୍ଲାଟ୍‌ଫର୍ମ 'ଜେରୋଧା'ର ବ୍ୟବସାୟରେ ଉକ୍ତ ସମ୍ପତ୍ତିର ମାଲିକ ହୋଇ ପାରିଛନ୍ତି। ତେବେ ବର୍ତ୍ତମାନ ସୁଦ୍ଧା ଏହି ରିଲେଶନ୍‌ଶିପ୍‌କୁ ନେଇ ଉଭୟ ରିୟା ଓ ନିଖିଲଙ୍କ ପକ୍ଷରୁ ପ୍ରତିକ୍ରିୟା ମିଳିପାରିନାହିଁ। ପ୍ରକାଶ ଯେ, ମିସ୍ ୱାର୍ଲ୍ଡରୁ ଅଭିନେତ୍ରୀ ହୋଇଥିବା ମାନୁଷୀ ଛିଲ୍ଲରଙ୍କ ସହ ନିଖିଲଙ୍କ ନାମ ୨୦୨୨ରେ ଯୋଡ଼ି ହୋଇଥିଲା। ଏପରିକି ସେତେବେଳେ ଉଭୟଙ୍କୁ ଏକ ମନ୍ଦିରରେ ଏକାଠି ଦେଖିବାକୁ ମିଳିଥିଲା।



# ପ୍ରତି ମିନିଟ୍‌ରେ ୭୦୦ ରାଖୀ ବିକ୍ରି

ନୂଆଦିଲ୍ଲୀ

ବ୍ଲିଙ୍କିଟ୍ ଏବଂ ସ୍ୱିଗି ଇନ୍‌ଷ୍ଟାମାର୍ଟ ପରି ଇ-କମର୍ସ ପ୍ଲାଟ୍‌ଫର୍ମଗୁଡିକ ଚଳିତବର୍ଷର ରାଖୀ ପୂର୍ଣ୍ଣିମା ଉପଲକ୍ଷେ ରେକର୍ଡ ବ୍ୟବସାୟ କରିବାରେ ସଫଳ ହୋଇଛନ୍ତି। ଗତବର୍ଷ ମଧ୍ୟ ଇ-କମର୍ସ ପ୍ଲାଟ୍‌ଫର୍ମଗୁଡ଼ିକରେ ରେକର୍ଡ ସଂଖ୍ୟକ ରାଖୀ ବିକ୍ରି ହୋଇଥିଲା। ତେବେ ଚଳିତବର୍ଷର ବ୍ୟବସାୟ ଗତ ବର୍ଷର ରାଖୀ ବିକ୍ରି ନେଇ ରହିଥିବା ରେକର୍ଡକୁ ପଛରେ ପକାଇଥିବା ନେଇ ଏହି ଅନ୍‌ଲାଇନ ପ୍ଲାଟ୍‌ଫର୍ମଗୁଡ଼ିକ ପକ୍ଷରୁ କୁହାଯାଇଛି।

ବ୍ଲିଙ୍କିଟ୍ ସିଇଓ ଅଲ୍‌ବିନ୍ଦର ଢିଣ୍ଡସା କହିଛନ୍ତି, ଚଳିତବର୍ଷର ରାଖୀପୂର୍ଣ୍ଣିମା ଉପଲକ୍ଷେ ରବିବାର ଗ୍ରାହକମାନେ କମ୍ପାନୀଠାରୁ ୬୯୩ ଓପିଏମ୍(ଅର୍ଡର ପର୍ ମିନିଟ) ଦରରେ ଅନ୍‌ଲାଇନ ରାଖୀ ଅର୍ଡର କରିଥିଲେ। କେବଳ ସେତିକି ନୁହେଁ, କମ୍ପାନୀ ପକ୍ଷରୁ ରବିବାର ରେକର୍ଡ ସଂଖ୍ୟକ ଚକୋଲେଟ ବ୍ରିକି ହୋଇଥିବା ନେଇ ସେ ନିଜ ଏକ୍ସ' ଆକାଉଣ୍ଟରେ ପ୍ରକାଶ କରିଛନ୍ତି। ସେହିପରି ରାଖୀପୂର୍ଣ୍ଣିମା ଉପଲକ୍ଷେ ସ୍ୱିଗି ଇନ୍‌ଷ୍ଟାମାର୍ଟ ମଧ୍ୟ ନିଜ ବ୍ୟବସାୟରେ ଅସାଧାରଣ ଲମ୍ଫ ମାରିଥିବାର ଦେଖିବାକୁ ମିଳିଛି। କମ୍ପାନୀର ସହ ପ୍ରତିଷ୍ଠାତା ଫନି କିଶନ ଏକ୍ସ'ରେ ଲେଖିଛନ୍ତି, ରବିବାର ରାଖୀ ବିକ୍ରି ନେଇ ସ୍ୱିଗି ଇନ୍‌ଷ୍ଟାମାର୍ଟର ଓପିଏମ୍ ରେକର୍ଡ ସ୍ତରରେ ପହଞ୍ଚିଥିଲା। ଏହା ଗତବର୍ଷର ରାଖୀ ବିକ୍ରି ତୁଳନାରେ ୫ ଗୁଣା ଅଧିକ ରହିଛି। ଆସନ୍ତା ବର୍ଷ ଆହୁରି ଅଧିକ ରାଖୀ ବିକ୍ରି କରିବାକୁ ସେ ଆଶା ପ୍ରକଟ କରିଛନ୍ତି। ତେବେ ଦୀପାବଳି ପର୍ଯ୍ୟନ୍ତ ଦେଶରେ ପାର୍ବଣ ଋତୁ ଚାଲିବାକୁ ଥିବାରୁ ଇ-କମର୍ସ ପ୍ଲାଟ୍‌ଫର୍ମଗୁଡ଼ିକ ଦ୍ରୁତ ଗତିରେ ବ୍ୟବସାୟ କରିବେ ବୋଲି ବଜାର ବିଶେଷଜ୍ଞମାନେ ମତ ଦେଇଛନ୍ତି।



## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ...........................



ଶୁଭି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଘରୋଇ ପୁଞ୍ଜିଗତ ବ୍ୟୟ ୨.୪୫ ଲକ୍ଷ କୋଟି ବୃଦ୍ଧି ଆଶଙ୍କା

ଭୁବନେଶ୍ୱର,୨୦।୮ (ଅନୁରାଧା ମହାରଣା)

ଆର୍ଥିକ ବର୍ଷ ୨୦୨୪-୨୫ରେ ବେସରକାରୀ ଘରୋଇ କମ୍ପାନୀଗୁଡ଼ିକ ଦ୍ୱାରା ପୁଞ୍ଜିଗତ ବ୍ୟୟ ଖର୍ଚ୍ଚ ୨.୪୫ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି ପାଇପାରେ। ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) କର୍ମଚାରୀଙ୍କ ଦ୍ୱାରା କରାଯାଇଥିବା ଏକ ଅଧ୍ୟୟନରୁ ଏପରି ତଥ୍ୟ ପ୍ରକାଶ ପାଇଛି। ୨୦୨୩-୨୪ ଆର୍ଥିକ ବର୍ଷରେ ବ୍ୟାଙ୍କ ଏବଂ ଆର୍ଥିକ ପ୍ରତିଷ୍ଠାନ ଦ୍ୱାରା ଅନୁମୋଦିତ





ପ୍ରକଳ୍ପଗୁଡ଼ିକ ରେକର୍ଡ ସର୍ବାଧିକ ୩.୯୦ ଲକ୍ଷ କୋଟିରେ ପହଞ୍ଚିଥିଲା। ଏଥିମଧ୍ୟରୁ ୨୦୨୪ ଆର୍ଥିକ ବର୍ଷରେ ୫୪ ପ୍ରତିଶତ ପୁଞ୍ଜି ବିନିଯୋଗ କରାଯିବାକୁ

**ଆର୍‌ବିଆଇ ଅଧ୍ୟୟନ**

ଥିବାବେଳେ ୨୦୨୫ ଆର୍ଥିକ ବର୍ଷରେ ୩୦ ପ୍ରତିଶତ ପୁଞ୍ଜି ବିନିଯୋଗ ଏବଂ ବାକି ବର୍ଷଗୁଡ଼ିକରେ ବାକି ରଖିବାକୁ ପ୍ରସ୍ତାବ ଦିଆଯାଇଛି। ଆର୍‌ବିଆଇ ଅଧ୍ୟୟନରେ କୁହାଯାଇଛି, ଯଦି ତିନୋଟି ମାଧ୍ୟମରେ ଆର୍ଥିକ ପ୍ରସ୍ତାବିତ ପ୍ରକଳ୍ପଗୁଡ଼ିକର ସ୍ଥିତିକୁ ଦେଖାଯାଏ, ତେବେ ୨୦୨୪-୨୫ ଆର୍ଥିକ ବର୍ଷରେ ପୁଞ୍ଜି ବ୍ୟୟ ବହୁଳ ଭାବରେ ୨.୪୫ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି ହୋଇପାରେ ଯାହାକି ଗତ ବର୍ଷ ୧.୫୯ ଲକ୍ଷ କୋଟି ଟଙ୍କା ଥିଲା।

ଅନ୍ୟାନ୍ୟ ଆର୍ଥିକ ଚ୍ୟାନେଲଗୁଡ଼ିକ ବାହ୍ୟ ବାଣିଜ୍ୟିକ ଋଣ (ଇସିବି) ମାଧ୍ୟମରେ ଋଣ ଏବଂ ପ୍ରାରମ୍ଭିକ ସର୍ବସାଧାରଣ ଅଫର(ଆଇପିଓ) ମାଧ୍ୟମରେ ପାଣ୍ଠି ସଂଗ୍ରହକୁ ଅନ୍ତର୍ଭୁକ୍ତ କରେ। ରିଜର୍ଭ ବ୍ୟାଙ୍କ ଅନୁଯାୟୀ ଭିତ୍ତିଭୂମି କ୍ଷେତ୍ର ପୁଞ୍ଜି ବ୍ୟୟରେ ସର୍ବାଧିକ ଟଙ୍କା ଆକର୍ଷିତ କରୁଛି। ଏଥିରେ ରାସ୍ତା, ବ୍ରିଜ୍ ଏବଂ ବିଦ୍ୟୁତ୍ କ୍ଷେତ୍ର ଆଗରେ ରହିଛି।

ରିଜର୍ଭ ବ୍ୟାଙ୍କ ଅଧ୍ୟୟନ ଅନୁସାରେ ରିଜର୍ଭ ବ୍ୟାଙ୍କ ଏବଂ ଅନ୍ୟାନ୍ୟ ଏଜେନ୍ସି ଦ୍ୱାରା କରାଯାଇଥିବା ସର୍ଭେରୁ କମ୍ପାନୀ ଏବଂ ବ୍ୟାଙ୍କଗୁଡ଼ିକର ଉନ୍ନତ ବାଲାନ୍ସ ସିଟ୍, କମ୍ପାନୀର ଲାଭରେ ଉନ୍ନତି, ଋଣ ପାଇଁ ସ୍ଥାୟୀ ଚାହିଦା, ଦକ୍ଷତା ବ୍ୟବହାର ବୃଦ୍ଧି ଏବଂ ଉତ୍ତମ ବ୍ୟବସାୟ ଆଶା କରାଯାଉଛି। ଭବିଷ୍ୟତରେ ନିବେଶ କରିବାକୁ ଘରୋଇ କମ୍ପାନୀଗୁଡ଼ିକ ପାଇଁ ଏହା ଏକ ଅନୁକୂଳ ପରିବେଶ ଯୋଗାଉଛି।

# ଆଭୂଷଣ ଫ୍ୟାଶନ ଜୁଏଲର୍ସର ଏକ୍ସକ୍ଲୁସିଭ ଆଉଟ୍‌ଲେଟ୍



ଭୁବନେଶ୍ୱର,୨୦।୮

ରାଜ୍ୟର ସର୍ବବୃହତ୍ ୧ଗ୍ରାମ୍ ଗୋଲ୍ଡ ଆଣ୍ଡ ଫ୍ୟାଶନ ଜୁଏଲେରି ଶୋ'ରୁମ୍ ତଥା ଆଭୂଷଣ ଫ୍ୟାଶନ ଜୁଏଲର୍ସର ଏକ୍ସକ୍ଲୁସିଭ ଆଉଟ୍‌ଲେଟ୍ ଭୁବନେଶ୍ୱରର ଫୋରମ ମାର୍ଟଠାରେ ଉଦ୍‌ଘାଟିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ଆଭୂଷଣ ପକ୍ଷରୁ ଏକ ସ୍ୱତନ୍ତ୍ର ଉଦ୍‌ଘାଟନୀ ଉତ୍ସବର ଆୟୋଜନ ଫୋରମ ମାର୍ଟ ଶପ୍ ନଂ. ୫ରେ କରାଯାଇଥିଲା। ଏହି ଅବସରରେ ଓଲିଉଡ୍ ଅଭିନେତ୍ରୀ ଦିବ୍ୟାଦିଶା ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଲୋକପ୍ରିୟ ଓଡ଼ିଆ ଆଙ୍କର ସୁଜିତ ପାଇକରାୟଙ୍କ ସମେତ ଆଉଟ୍‌ଲେଟ୍‌ର ସ୍ୱତ୍ୱାଧିକାରୀ ବିଶ୍ୱଜିତ ମହାନ୍ତି ଏବଂ ରାଜେଶ ପଟ୍ଟନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।

ଉଲ୍ଲେଖଯୋଗ୍ୟ, ଆଭୂଷଣ ଫ୍ୟାଶନ ଜୁଏଲର୍ସରେ ସବୁ ବର୍ଗର ୧ ଗ୍ରାମ୍ ଗୋଲ୍ଡ ଅଳଙ୍କାର ସାଙ୍ଗକୁ ଉଭୟ ଘରୋଇ ଓ ପାର୍ଟିଭିତ୍ତିକ ଫ୍ୟାଶନ ଗହଣାର ବ୍ୟାପକ ସମ୍ଭାର ଉପଲବ୍ଧ। ୩୫୦୦ ବର୍ଗ ଫୁଟ ପରିବ୍ୟାପ୍ତ ଅଞ୍ଚଳରେ ଗଢ଼ି ଉଠିଥିବା ଏହି ଶୋ'ରୁମ୍‌ରେ ୫୦ ଟଙ୍କାରୁ ଆରମ୍ଭକରି ପ୍ରାୟ ୨୫,୦୦୦ ଟଙ୍କା ମୂଲ୍ୟର ୧ ଗ୍ରାମ୍ ଗୋଲ୍ଡ ଆଣ୍ଡ ଫ୍ୟାଶନ ଗହଣା ଉଭୟ ପୁରୁଷ ଓ ମହିଳା ଏପରିକି ଶିଶୁମାନଙ୍କ ପାଇଁ ମଧ୍ୟ ଭିନ୍ନ ଭିନ୍ନ ଡିଜାଇନର ଅଳଙ୍କାର ଉପଲବ୍ଧ ରହିଛି।


## ପଞ୍ଚମ ଜନ୍ମଦିନ ଶୁଭେଚ୍ଛା



**ଶୁଭବି ମଲ୍ଲିକ (ଶୁଭି)**

ଆଜି ତୋର ପଞ୍ଚମ ଜନ୍ମଦିନ ଅବସରରେ ଜଗତର ନାଥ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ ତୋର ଚଲାପଥ କୁସୁମିତ କରିବା ସଙ୍ଗେ ଭବିଷ୍ୟତ ମଙ୍ଗଳମୟ, ଦୀର୍ଘାୟୁ ଓ ଯଶସ୍ୱୀ କରନ୍ତୁ ଏତିକି କାମନା।

ଶୁଭେଚ୍ଛା ସହ: ଜେଜେବାପା, ଜେଜେମା, ଅଜା, ଆଈ, ବାପା, ମା, ବଡ଼ବାପା, ବଡ଼ମା, ଦାଦା, ଖୁଡ଼ୀ, ଭାଇ, ଭଉଣୀ, ମାମୁ, ମାଇଁ, ମଉସା, ମାଉସୀ ଏବଂ ବନ୍ଧୁ ପ୍ରିୟଜନବର୍ଗ।

ଧ-୧୦୮୩


# ଇମ୍ଫାକୁ ରପ୍ତାନି ଉତ୍କର୍ଷ ପୁରସ୍କାର

ଭୁବନେଶ୍ୱର,୨୦।୮

ଇଣ୍ଡିଆନ୍ ମେଟାଲ୍ସ ଆଣ୍ଡ ଫେରୋ ଆଲୟେଜ(ଇମ୍ଫା)କୁ ନିକଟରେ ରପ୍ତାନି ଉତ୍କର୍ଷ ପୁରସ୍କାର ପ୍ରଦାନ କରାଯାଇଛି। ୨୦୧୯-୨୦ ଏବଂ ୨୦୨୦-୨୧ ଆର୍ଥିକ ବର୍ଷ ପାଇଁ ଇମ୍ଫାକୁ ଉକ୍ତ ପୁରସ୍କାର ଦିଆଯାଇଛି। ବିଶେଷକରି ବୃହତ୍ ଉଦ୍ୟୋଗ ବର୍ଗରେ କମ୍ପାନୀକୁ ରପ୍ତାନି ଉତ୍କର୍ଷ ପାଇଁ ମର୍ଯ୍ୟାଦାଜନକ ଇଇପିସି ଇଣ୍ଡିଆ ଇଷ୍ଟର୍ନ ରିଜିୟନ୍ ଆୱାର୍ଡରେ ସମ୍ମାନିତ କରାଯାଇଛି।

ଉଲ୍ଲେଖଯୋଗ୍ୟ, ଭାରତର ଇଞ୍ଜିନିୟରିଂ ରପ୍ତାନି ପ୍ରୋତ୍ସାହନ ପରିଷଦ (ଇଇପିସି ଇଣ୍ଡିଆ) ପକ୍ଷରୁ କୋଲକାତାଠାରେ ଆୟୋଜିତ ସମ୍ମାନ ସମାରୋହ ଉତ୍ସବର ୩୮ ଓ ୩୯ ତମ ସଂସ୍କରଣରେ ଇମ୍ଫାକୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଏପରିକି ରପ୍ତାନି କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ ଓ ଭାରତର ଇଞ୍ଜିନିୟରିଂ ରପ୍ତାନି ଉଦ୍ୟୋଗରେ ମହତ୍ତ୍ୱପୂର୍ଣ୍ଣ ଯୋଗଦାନ ନିମନ୍ତେ ସମ୍ମାନିତ କରାଯାଇଥାଏ। ଏହି ପୁରସ୍କାର ଗୁଣବତ୍ତା ନବସୃଜନ





ଏବଂ ଗ୍ରାହକ ସନ୍ତୁଷ୍ଟି ପାଇଁ ଇମ୍ଫା କମ୍ପାନୀ ପକ୍ଷରୁ ଗ୍ରହଣ କରାଯାଉଥିବା ନିରନ୍ତର ଉଦ୍ୟମକୁ ପ୍ରତିଫଳିତ କରୁଛି।

ଏହି ପୁରସ୍କାର ସମାରୋହରେ ପଶ୍ଚିମବଙ୍ଗ ସରକାରଙ୍କ ଶିଳ୍ପ, ବାଣିଜ୍ୟ ଓ ଉଦ୍ୟୋଗ ବିଭାଗ ମନ୍ତ୍ରୀ ଡ. ଶଶି ପାଞ୍ଜା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଇମ୍ଫାକୁ ଏହି ସମ୍ମାନଜନକ ପୁରସ୍କାର ପ୍ରଦାନ କରିଛନ୍ତି।

ସେହିଭଳି ୨୦୧୯-୨୦ ଏବଂ ୨୦୨୦-୨୧ବିତ୍ତୀୟ ବର୍ଷରେ କୋରିଆ, ଜାପାନ ଏବଂ ତାଇୱାନ୍ ସମେତ ପୂର୍ବ ଏସିଆରେ ଫେରୋକ୍ରୋମ୍ ରପ୍ତାନିର ଅସାଧାରଣ ପ୍ରଦର୍ଶନ ପାଇଁ ଇମ୍ଫାକୁ ଏହି ପୁରସ୍କାରରେ ପୁରସ୍କୃତ କରାଯାଇଛି।

ସେହିପରି ମହାମାରୀ ପରେ ସୃଷ୍ଟିହୋଇଥିବା ଆହ୍ୱାନଗୁଡ଼ିକର ମୁକାବିଲା କରି କମ୍ପାନୀ ଏହି ସଫଳତା ଆଣିବା ଏକ ବିଶେଷ ଉପଲବ୍ଧି। ମୋଟ ଉତ୍ପାଦନର ୯୦% ରପ୍ତାନି ସହ ଇମ୍ଫା ପକ୍ଷରୁ ରପ୍ତାନି ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଛି। ଭାରତର ଇଞ୍ଜିନିୟରିଂ ରପ୍ତାନି କ୍ଷେତ୍ରରେ ମହତ୍ତ୍ୱପୂର୍ଣ୍ଣ ଯୋଗଦାନ ପାଇଁ କମ୍ପାନୀକୁ ବୃହତ୍, ମଧ୍ୟମ, କ୍ଷୁଦ୍ର, ଲଘୁ ଏବଂ ବାଣିଜ୍ୟ ଭଳି ୫ଟି ବର୍ଗରେ ପୁରସ୍କୃତ କରାଯାଇଛି।

# ଶେୟାର ବଜାର କାରବାରରେ ଉତ୍ସାହ

ନୂଆଦିଲ୍ଲୀ,୨୦।୮

ଦିନକ ପରେ ପୁଣି ଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଏପରିକି ଚଳିତ ସପ୍ତାହର ୨ୟ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବୃଦ୍ଧି କରିଛନ୍ତି। ବିଶେଷକରି ମଙ୍ଗଳବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୩୭୮ (୩୭୮.୧୮) ପଏଣ୍ଟ ବଢ଼ି ୮୦,୮୦୩ (୮୦,୮୦୨.୮୬) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୧୨୬ (୧୨୬.୨୦) ପଏଣ୍ଟ ବୃଦ୍ଧି ଘଟି ୨୪,୬୯୯(୨୪,୬୯୮.୮୫) ଅଙ୍କରେ କାରବାର ଶେଷ କରିଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହ ଏନ୍‌ଏସ୍‌ଇ ନିଫ୍ଟି ମିଡ୍‌କ୍ୟାପ,ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡ଼ିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ବୃଦ୍ଧି ଘଟିଛି।

# ଆକ୍ସିସ୍‌ର ନିଓ ଫର୍ ମର୍ଚ୍ଚାଣ୍ଟ ଆପ୍

ନୂଆଦିଲ୍ଲୀ,୨୦।୮

ଆକ୍ସିସ୍ ବ୍ୟାଙ୍କର ନୂତନ ଉତ୍ପାଦ 'ନିଓ ଫର୍ ମର୍ଚ୍ଚାଣ୍ଟ ଆପ୍'ର ଉନ୍ମୋଚନ (ଅନାବରଣ) ନିକଟରେ ହୋଇଯାଇଛି। ଏପରିକି ଭିସା ଓ ମିନଟୋକ୍‌ର ସହଭାଗିତାରେ ମର୍ଚ୍ଚାଣ୍ଟମାନଙ୍କ ଲାଗି 'ନିଓ ଫର୍ ମର୍ଚ୍ଚାଣ୍ଟ ଆପ୍'ର ଶୁଭାରମ୍ଭ କରାଯାଇଛି। ସେହିଭଳି ଉନ୍ନତ ବ୍ୟାଙ୍କିଙ୍ଗ୍ ସମାଧାନ ଜରିଆରେ ବ୍ୟବସାୟକୁ ସଶକ୍ତ କରିବାରେ ଆକ୍ସିସ୍ ବ୍ୟାଙ୍କର ରହିଥିବା ପ୍ରତିବଦ୍ଧତାରେ ଏହା ଏକ ନୂଆ ମାଇଲଖୁଣ୍ଟ ବୋଲି କୁହାଯାଉଛି। ଏପରିକି ମିତବ୍ୟୟୀ ୟୁଜର ଇଣ୍ଟରଫେସ୍, ପେମେଣ୍ଟ ଗ୍ରହଣ କରିବାର ବିକଳ୍ପ ଓ ମୂଲ୍ୟବାନ୍ ବ୍ୟବସାୟ ସୂଚନା ସହ ନିଓ ଫର୍ ମର୍ଚ୍ଚାଣ୍ଟ ଆପ୍ ଭାରତରେ ପେମେଣ୍ଟ ଦୃଶ୍ୟପଟର ପରିବର୍ତ୍ତନ ଆଣିପାରିବ।

ସେହିପରି ନିଓ ଫର୍ ମର୍ଚ୍ଚାଣ୍ଟ ଆପ୍ ଜରିଆରେ ମର୍ଚ୍ଚାଣ୍ଟମାନେ ପେମେଣ୍ଟ ଗ୍ରହଣ, କାରବାର ରିପୋର୍ଟ ଏବଂ ସେବା ଅନୁରୋଧ ମଧ୍ୟ ପଠାଇପାରିବେ। ସେଥିପାଇଁ ସେମାନଙ୍କୁ ଆଉ ରିଲେଶନ୍‌ଶିପ୍ ମ୍ୟାନେଜରଙ୍କ ଉପରେ ନିର୍ଭରଶୀଳ ରହିବାକୁ ପଡ଼ିବନାହିଁ। ଏହି ଆପ୍ ସୁଲଭ ସମାଧାନ ପ୍ରଦାନ ସହ ଓମ୍ନି ଚ୍ୟାନେଲ ପେମେଣ୍ଟ ଅନୁଭୂତି ବଢ଼ାଇବ ଏବଂ ମର୍ଚ୍ଚାଣ୍ଟମାନଙ୍କ କାରବାର ଓ ସେବା ରିପୋର୍ଟ ଆବଶ୍ୟକତା ପାଇଁ ଏକକ ସମାଧାନ ପ୍ରଦାନ କରିବ।


# Classified Everyday

0674-2580101, 2549949



MATRIMONIAL

**BRIDE WANTED**

Bride Wanted (Urban/ Village) For a Odisha born Software lead Data Engineer in a MNC at Bangalore Caste/Education-No bar. Whatsapp No- 7847956275, 8908700485. D-717

**GROOM WANTED**

Slightly Handicapped unmarried 46 ବୟସ୍କା Govt. ଚାକିରିଆ ସୁନ୍ଦର କରଣ ଝିଅଙ୍କୁ ଯେକୌଣସି ଜାତିର ପୁଅ ଦରକାର। 6371298869. D-1061



REAL ESTATE

**SALE**

Twincity ଫୁଲନଖରା East College ପଛ ପାର୍ଶ୍ୱରେ ଘରବାରି ପ୍ଲଟ୍ ଇଲେକ୍ଟ୍ରି 30ft. ରାସ୍ତା ପାଚେରୀ ଥାଇ ବିକ୍ରିହେବ। 7008297827. D-974

**2/3BHK Flat Uttara, Patia, KalingaNagar, Hanspal, Patrapada, BJB Nagar. 8270370007.** D-949

**Flat for sale 2BHK, 3BHK near Rasulgarh, Bhubaneswar with modern facilities & affordable pricecall- 9439856856, 7008982279, 6371097442, 9040116788.** D-1032

**GA Plot for sale (Non Freehold) 60'x45'=2700sqft. at Chandrasekharpur and 50'x75'=3750sqft. plot at Ghatikia. The intending buyer who will give 4 months time for freehold need only contact 9937786833, 9668135323. Time- 4.00-6.00P.M.** D-75773

**Gharabari Converted Plots Available Near Hitech Square Sundarpada Bhubaneswar. For More Details Contact- 9777554170, 7978874990.** D-1082

Gharabari boundary plot Nakhara East Engineering College backside, close to SNH-8018471169. D-75985

**Plot for Sale at Puri Konark Marine Drive (850/- per sqft). Contact: 6371703010.** D-1080

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



CONSTRUCTION

**Construct your Dream home @460/-, 850/-, 1325/- with Branded material along with 3Years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd. 9439856856.** D-1031





Asribada Panchakarma herbal SPA, Kesharimall, Bhubaneswar. Contact: 8926173473. D-75772

**Full body massage experience good looking therapist @ 999 (Bhubaneswar). 9078484455.** D-999

Newly open SPA positively health benefits with expert therapist. 9040286886. D-76143

Newly open health benefits SPA special offer @ 999 Bapuji Nagar. 8018429809. D-76145

Newly open health benefits SPA by expert therapist. Contact-6371861658. D-76146

**AFFIDAVIT**

I Priyanka Malik (22yrs), D/o- Duryodhan Malik, Vill- Maharampur (Maliksahi), P.O.- Maharampur, Dist.- Bhadrak, Odisha. My actual name is Priyanka Malik and my Date of Birth is 28.03.2002 mentioned as per my Birth and High School Certificate. But wrongly my name Panchali Malik and Date of Birth 06.11.1998 is mentioned in my Aadhaar Card. I want to correction my Aadhaar Card and mentioned my actual name and Date of Birth. D-1092

I BHABATOSH PAGAL S/o- BHAGIRATHI PAGAL R/o- Kiagadhia, Barapada, Bhadrak Rural, Odisha 756113 have changed my name to BHABATOSH NAYAK for all future purposes. D-1089

Through a Magistrate affidavit, I Saraswati Sahoo, Village- Bangida, P.O.- Bangida, Dist.- Khordha, Odisha declare that on 17 August 2024 my daughters name is changed from Swati Sahoo to Keshavi Sahoo. As per the horoscope I have changed her name. D-1084

**Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-**
classifieddharitri@gmail.com

## ମନେ ପଡ଼ନ୍ତି

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ରବି ନାରାୟଣ ନାୟକ (ଭାସୁ)**

ଆବିର୍ଭାବ- ୧୪।୦୫।୧୯୫୬
ତିରୋଧାନ- ୧୧।୦୮।୨୦୨୪

ଆପଣ ଆମକୁ ଛାଡ଼ି ଚାଲିଯିବେ ବୋଲି ଆମେ ବିଶ୍ୱାସ କରିପାରୁନାହୁଁ। ଆପଣଙ୍କ ବିୟୋଗ ତଥା ଅନୁପସ୍ଥିତି ଆମେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ। ଆପଣଙ୍କ ସ୍ନେହ, ଶ୍ରଦ୍ଧା, ଆଦର୍ଶ ତଥା ମାର୍ଗଦର୍ଶନ ଆମ ପାଇଁ ସଦାସର୍ବଦା ପ୍ରେରଣାର ଉତ୍ସ ହେଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଜଗତର ନାଥ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।

ଶୋକସନ୍ତପ୍ତ: ପୁଅ- ଅରୂପ ଓ ଅନୂପ

ଧ-୧୦୯୦

**ତୋରି ସ୍ମୃତିରେ**



**୰ ଅଧ୍ୟାପକ ଜୟପ୍ରକାଶ ମିଶ୍ର (ନୁନୁ)**

(୧୨.୪.୬୨ - ୨୧.୮.୯୫)

ତୋର ଅମର ଆତ୍ମାର ସଦ୍‌ଗତି ପାଇଁ ଭଗବାନଙ୍କ ନିକଟରେ ଆମର ପ୍ରାର୍ଥନା।

ଶୋକସନ୍ତପ୍ତ - ବୋଉ ଓ ଆତ୍ମୀୟ ସ୍ୱଜନ

ଧ-୭୫୫୫୭


# ଶ୍ରୀ ଶକ୍ତିର ତୃତୀୟ ପର୍ଯ୍ୟାୟ ଶୁଭାରମ୍ଭ





ନୂଆଦିଲ୍ଲୀ,୨୦।୮

ଭାରତର ସର୍ବବୃହତ୍ ଆଲୁମିନିୟମ ଉତ୍ପାଦକ ତଥା ବେଦାନ୍ତ ଆଲୁମିନିୟମର ବହୁ ପ୍ରତୀକ୍ଷିତ ପ୍ରକଳ୍ପ 'ଶ୍ରୀ ଶକ୍ତି'ର ତୃତୀୟ ପର୍ଯ୍ୟାୟ କାର୍ଯ୍ୟକ୍ରମକୁ ନିକଟରେ ଶୁଭାରମ୍ଭ କରାଯାଇଛି। ଏପରିକି କମ୍ପାନୀର ମହିଳା କର୍ମଚାରୀମାନଙ୍କୁ ଆବଶ୍ୟକ ସହଯୋଗ ଓ ସହାୟତା ଯୋଗାଇଦେବା ଆଶାରେ ଏହି ପ୍ରକଳ୍ପର ଶୁଭାରମ୍ଭ କରାଯାଇଛି। ସେହିଭଳି କମ୍ପାନୀର ଓଡ଼ିଶାସ୍ଥିତ ଝାରସୁଗୁଡ଼ା ସ୍ମେଲଟର ଅପରେଶନ ନାଇଟ୍ ଶିଫ୍ଟରେ ମଧ୍ୟ ଏହାକୁ ଅନ୍ତର୍ଭୁକ୍ତ କରାଯାଇଛି। ଏହି ପ୍ରକଳ୍ପର ସର୍ବଶେଷ ପର୍ଯ୍ୟାୟ ରାଜ୍ୟର ଧାତୁ ଏବଂ ଉତ୍ପାଦନ ଶିଳ୍ପ ସହ ଜଡ଼ିତ ରହିଛି। ଉକ୍ତ ପ୍ରଥମ ପ୍ରକଳ୍ପର ପ୍ରଥମ ପର୍ଯ୍ୟାୟକୁ ମଧ୍ୟ ବେଦାନ୍ତ ଲିମିଟେଡ୍‌ର ଅଣକାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ତଥା ହିନ୍ଦୁସ୍ଥାନ ଜିଙ୍କ୍‌ର ଅଧ୍ୟକ୍ଷା ପ୍ରିୟା ଅଗ୍ରୱାଲ ହେବରଙ୍କ ଦ୍ୱାରା ଆରମ୍ଭ କରାଯାଇଥିଲା। ବିଶେଷ କରି ଏହା ମହିଳା କର୍ମଚାରୀମାନଙ୍କୁ ସେମାନଙ୍କର ପସନ୍ଦିତ ସମୟ ଅନୁସାରେ କାର୍ଯ୍ୟ କରିବାକୁ ଅଧିକ ନମନୀୟତା ପାଇବାକୁ ସକ୍ଷମ ଏବଂ ମୂଳ ପ୍ଲାଣ୍ଟ କାର୍ଯ୍ୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଏହି ପଦକ୍ଷେପ ବେଦାନ୍ତ ଆଲୁମିନିୟମର ଅଧିକ ଅନ୍ତର୍ଭୁକ୍ତ ଏବଂ ସମାନ କାର୍ଯ୍ୟଶୈଳୀ ପ୍ରତିପୋଷଣ କରିବା ସହ ସେମାନଙ୍କର ନିରନ୍ତର ନିରାପତ୍ତା ଏବଂ ସୁସ୍ଥତାକୁ ସୁନିଶ୍ଚିତ କରିଛି।

ଏ ସମ୍ପର୍କରେ ବେଦାନ୍ତ ଲିମିଟେଡ୍‌ର ଅଣକାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ତଥା ହିନ୍ଦୁସ୍ଥାନ ଜିଙ୍କ୍‌ର ଅଧ୍ୟକ୍ଷା ପ୍ରିୟା ଅଗ୍ରୱାଲ ହେବର କହିଛନ୍ତି, ଆମେ ଏକ ଅନ୍ତର୍ଭୁକ୍ତ ସଙ୍ଗଠନ ଗଠନ କରି ସମସ୍ତଙ୍କ ପାଇଁ ସମାନ ସୁଯୋଗ ସୃଷ୍ଟିକରିବା ଉପରେ ନିରନ୍ତର ଧ୍ୟାନଦେବାର ଆବଶ୍ୟକ ରହିଛି। ଏପରିକି ପ୍ରୋଜେକ୍ଟ ଶ୍ରୀ ଶକ୍ତି ସେହି ଦିଗରେ ଏକ ଉତ୍ତମ ପଦକ୍ଷେପ ଏବଂ ଓଡ଼ିଶାର ଶିଳ୍ପ ଦୃଶ୍ୟପଟରେ ସକାରାତ୍ମକ ରୂପାନ୍ତରର ସକ୍ଷମକାରୀ ପ୍ରକଳ୍ପ ଭାବେ ଉଭା ହୋଇଛି। ବେଦାନ୍ତରେ ଆମେ ଏକ ଅନୁକୂଳ କାର୍ଯ୍ୟ ପରିବେଶ ସୃଷ୍ଟି କରିବାକୁ ପ୍ରତିବଦ୍ଧ ରହିଥାଉ, ଯେଉଁଠାରେ ଲିଙ୍ଗ ନିର୍ବିଶେଷରେ ପ୍ରତ୍ୟେକ ଦଳର ସଦସ୍ୟ ବୃଦ୍ଧି ଏବଂ ଉତ୍କର୍ଷ ହୋଇପାରନ୍ତି।

# ଜେଏମ୍ ଫାଇନାନ୍ସିଆଲର ନୂତନ ଶାଖା

ଭୁବନେଶ୍ୱର,୨୦।୮

ଘରୋଇ ବଜାରରେ ମ୍ୟୁଚୁଆଲ ଫଣ୍ଡର ଚାହିଦା ବୃଦ୍ଧି ପାଉଥିବା ବେଳେ ଭୁବନେଶ୍ୱରରେ ଜେଏମ୍ ଫାଇନାନ୍ସିଆଲ ଆସେଟ ମ୍ୟାନେଜମେଣ୍ଟ ଲିମିଟେଡ୍‌ର ନୂତନ ତଥା ପ୍ରଥମ ଶାଖା ନିକଟରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଜେଏମ୍ ଫାଇନାନ୍ସିଆଲ ଆସେଟ ମ୍ୟାନେଜମେଣ୍ଟ ଲିମିଟେଡ୍‌ର ମୁଖ୍ୟ ବ୍ୟବସାୟ ଅଧିକାରୀ ସିମନ୍ତ ଶୁକ୍ଳା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କମ୍ପାନୀର ଆଞ୍ଚଳିକ ମୁଖ୍ୟ ସତୀଶ ସିଂ, କ୍ଲଷ୍ଟର ହେଡ୍ ଭୁବନେଶ୍ୱର ଚିତ୍ତରଞ୍ଜନ ରାଉତଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

ଏ ସମ୍ପର୍କରେ ଜେଏମ୍ ଫାଇନାନ୍ସିଆଲ ଆସେଟ ମ୍ୟାନେଜମେଣ୍ଟ ଲିମିଟେଡ୍‌ର ମୁଖ୍ୟ ବ୍ୟବସାୟ ଅଧିକାରୀ ସିମନ୍ତ ଶୁକ୍ଳା କହିଛନ୍ତି, ଆମେ ଆମର ନୂତନ ଶାଖା ଉଦ୍‌ଘାଟନକରି ବେଶ୍ ଉତ୍ସାହିତ ଅଛୁ। ଏପରିକି ଭୁବନେଶ୍ୱର ଓ କଟକରେ ବ୍ୟାଙ୍କ ଜମା ୩୭,୭୦୦କୋଟିରୁ ୨,୧୭,୮୪୯ କୋଟିକୁ ବୃଦ୍ଧି ପାଇଛି।

# ଫଳଚାଷ



**ଅ**ମୃତଭଣ୍ଡା, ପିଜୁଳି, ପଣସ, ଆମ୍ବ, ନଡ଼ିଆ, ସପେଟା, ଲିଚୁ, କାଜୁ ଇତ୍ୟାଦି ଲାଗିଥିବା ଗଛର ଯତ୍ନ ନିଅନ୍ତୁ । ଗଛ ମୂଳରେ ପାଣି ଜମିବାକୁ ଦିଅନ୍ତୁ ନାହିଁ। ବଗିଚାରୁ ଘାସ ଓ ଅନାବନା ଗଛ ବାଛି ସଫା କରିଦିଅନ୍ତୁ। ବର୍ଷାଦିନ ସବୁ ଫଳଗଛ ଲଗାଇବା ପାଇଁ ଉତ୍କୃଷ୍ଟ ସମୟ । ଜମିର ଆୟତନ ଓ ଜଳବାୟୁ ଆଦିକୁ ନଜର ରଖି ବିଭିନ୍ନ ପ୍ରକାର ଉନ୍ନତ କିସମର ଚାରା ସଂଗ୍ରହକରି ଠିକ୍ ଭାବରେ ଗାତକରି ଲଗାନ୍ତୁ । ପୂର୍ବରୁ ଲଗାଯାଇଥିବା କୌଣସି ଫଳଗଛ ମରିଯାଇଥିଲେ ସେହି ଜାଗାରେ ଆଉ ଥରେ ଲଗାଇ ଖାଲି ଜାଗା ପୂରଣ କରନ୍ତୁ । ଫଳଗଛରେ ଲାଗୁଥିବା ବିଶେଷକରି କବକଜନିତ ରୋଗ ପାଇଁ କବକନାଶକ ସିଞ୍ଚନ କରନ୍ତୁ ।

# କପାଚାଷରେ ପତ୍ରଡିଆଁ ପୋକ ଦମନ

**ପ**ତ୍ରଡିଆଁ ପୋକ ଅର୍ଭକ ଦେଖାଗଲେ ପ୍ରତି ଲିଟର ପାଣିରେ ୨ ମି.ଲି. ଡାଇମେଥୋଏଟ୍ କିମ୍ବା ୩ ଲିଟର ପାଣିରେ ୧ ମି.ଲି. ଇମିଡାକ୍ଲୋପ୍ରିଡ୍ କିମ୍ବା ୧ ଗ୍ରାମ୍ ଥାୟାମେଥାକ୍‌ଜାମ୍ ମିଶାଇ ସକାଳବେଳା ଶୁଖିଲା ପାଗ ଦେଖି ସିଞ୍ଚନ କରନ୍ତୁ । ଏହାଛଡ଼ା ଅଠାଳିଆ ଯନ୍ତାର ବ୍ୟବହାର କରାଯାଇପାରେ । କପାଚାଷ କରିଥିଲେ କୋଡ଼ାଖୁସା କରି ହୁଡ଼ା ଟେକିଦିଅନ୍ତୁ । ଫସଲ ୯୦ ଦିନ ପରେ କିମ୍ବା ୩ ଫୁଟ ଉଚ୍ଚ ହୋଇଥିଲେ ଅଗ ଛିଣ୍ଡାଇ ଦିଅନ୍ତୁ । ଗଛ ୪୫ ଦିନର ହୋଇଯାଇଥିଲେ ସାଢ଼େ ୪ ଲିଟର ପାଣିରେ ୧ ମି.ଲି. ହିସାବରେ ପ୍ଲାନୋଫିକ୍ସ ସିଞ୍ଚନ କରନ୍ତୁ । ୧୫ ଦିନ ପରେ ପୁନର୍ବାର ପ୍ରତି ୪.୫ ଲିଟର ପାଣିରେ ୧ ମି.ଲି. ପ୍ଲାନୋଫିକ୍ସ ମିଶାଇ ସ୍ପ୍ରେ କରନ୍ତୁ ।



# ବାଇଗଣରେ ସମନ୍ୱିତ ପୋକ ପରିଚାଳନା

**ବା**ଇଗଣରେ ଫଳ ଓ କାଣ୍ଡବିନ୍ଧା ପୋକର ଦମନ ଲାଗି ସମନ୍ୱିତ ପୋକ ପରିଚାଳନା ପଦ୍ଧତି ଅନୁସାରେ ଏକର ପ୍ରତି ୨୦,୦୦୦ ଟ୍ରାଇକୋଗ୍ରାମା ପରାଶ୍ରୟୀ କୀଟ ଛାଡ଼ନ୍ତୁ କିମ୍ବା ୩୦୦ ପିପିଏମ୍ ନିମ୍ବଜାତ କୀଟନାଶକକୁ ଏକର ପ୍ରତି ୧ ଲିଟର ହିସାବରେ ପ୍ରୟୋଗ କରନ୍ତୁ ଅଥବା ପ୍ରତି ଲିଟର ପାଣିରେ ୫ ଗ୍ରାମ୍ କାର୍ବାରିଲ ମିଶାଇ ସିଞ୍ଚନ କରନ୍ତୁ। କଖାରୁ ଜାତୀୟ ଫସଲରେ ଲାଲ ଓ କଳା କଖାରୁ ଭୃଙ୍ଗ ଦମନ ପାଇଁ ଏକର ପ୍ରତି ୮୦୦ଗ୍ରାମ୍ ହିସାବରେ କାର୍ବାରିଲ ପ୍ରୟୋଗ କରନ୍ତୁ। ଲଙ୍କାମରିଚ ଫସଲରେ ପତ୍ରମୋଡ଼ା ଦେଖାଗଲେ ଏହାର ଦମନ ସକାଶେ ପ୍ରତି ଲିଟର ପାଣିରେ ୨ ମି.ଲି. ଆବାମେକ୍ଟିନ୍(୧.୯%) କିମ୍ବା ୧.୫ରୁ ୨ ମି.ଲି. ଇଥିଅନ୍ ମିଶାଇ ପତ୍ର ସିଞ୍ଚନ କରନ୍ତୁ। ଝୁଡ଼ଙ୍ଗ ଫସଲରେ ଜଉପୋକ ଆକ୍ରମଣ ଦେଖାଗଲେ ଏକର ପ୍ରତି ୫୦ମି.ଲି. ଇମିଡାକ୍ଲୋପ୍ରିଡ୍ ୨୦୦ଲିଟର ପାଣିରେ ମିଶାଇ ପତ୍ର ସିଞ୍ଚନ କରନ୍ତୁ ଏବଂ ଏହାର ୭ଦିନ ପରେ ଫସଲ ଅମଳ କରନ୍ତୁ।



# ମାଛଚାଷରେ ଦଳ, ଶିକାରୀ ମାଛ ନିରାକରଣ

**ମା**ଛଚାଷରେ ସାଧାରଣତଃ ସବୁ ଋତୁରେ ପାଣି ରହୁଥିବା ପୋଖରୀରେ ବିଭିନ୍ନ ପ୍ରକାର ଦଳ, ଶିକାରୀ ମାଛ ଏବଂ ଛୋଟ ଛୋଟ ଚୂନା ମାଛ ଦେଖିବାକୁ ମିଳିଥାଏ। ଋତୁକାଳୀନ ପୋଖରୀରେ ଏମାନେ ପ୍ରାୟତଃ ଦେଖିବାକୁ ମିଳିଥାଆନ୍ତି। ଯେହେତୁ ମାଛଚାଷ ଏକ ଲାଭଜନକ ଏବଂ ଏକ ସମୟ ଅନୁଯାୟୀ ଦରକାରୀ ଚାଷରେ ପରିଣତ ହେଲାଣି, ତେଣୁ ଏହି ଚାଷଟିକୁ ବୈଜ୍ଞାନିକ ପଦ୍ଧତିରେ କରିବା ନିମନ୍ତେ ଆବଶ୍ୟକ ହେଲାଣି। ଏହି କ୍ରମରେ ନିମ୍ନଲିଖିତ ନିରାକରଣ ପଦ୍ଧତିକୁ ଅବଲମ୍ବନ କରିବା ଆବଶ୍ୟକ।


## ଦଳ ନିରାକରଣ

ପୋଖରୀରେ ବିଭିନ୍ନ ପ୍ରକାର ଦଳ ଥାଏ। ସେଗୁଡ଼ିକ ହେଲା-ଭସା ଦଳ (ବିଲାତି ଦଳ, ବୋରଝାଞ୍ଜି), ବୁଡ଼ା ଦଳ (ଚିଙ୍ଗୁଡ଼ିଆ, ରସୁଣିଆ, ପାଣିକୋବି), ପାଣି ତଳେ ଚେର ଥାଇ ଉପରେ ପତ୍ର (କଇଁ, ପଦ୍ମ, ପାଣି ଟଗର, ସିଙ୍ଗଡ଼ା) ଓ ପୋଖରୀ ହୁଡ଼ା କଡ଼ରେ ଥିବା ଦଳ (ଘାସ, କଳମ, ଜୁଣିଆ) ପ୍ରଭୃତି । ଏହି ଦଳଗୁଡ଼ିକ ପୋଖରୀରୁ ପୋଷକତତ୍ତ୍ୱ ଶୋଷଣ କରିନେବା ଭଳି ସମସ୍ୟା ସୃଷ୍ଟିକରିବା ସଙ୍ଗେ ସଙ୍ଗେ ଶିକାରୀ ମାଛମାନଙ୍କର ବଂଶବୃଦ୍ଧି କରିବା ତଥା ମାଛମାନଙ୍କର ଅବାଧ ଚଳପ୍ରଚଳରେ ବ୍ୟାଘାତ ସୃଷ୍ଟି କରିଥାଆନ୍ତି। ଏହା ସହ ପୋଖରୀ ପାଣିରେ ଅମ୍ଳଜାନ ହ୍ରାସ ହେବା, ପାଣି ଭିତରକୁ ସୂର୍ଯ୍ୟକିରଣ ପ୍ରବେଶ କରିବାକୁ ନ ଦେବା ଓ ଜାଲ ପକାଇ ମାଛ ଧରିବା ପ୍ରକ୍ରିୟାରେ ବାଧା ସୃଷ୍ଟିକରିବା ଭଳି ସମସ୍ୟା ଉପୁଜାଇଥାଆନ୍ତି। ପୋଖରୀରେ ପାଣି ନିଷ୍କାସନ କରାଯାଇ ଚିରାଚରିତ ଭାବେ ହାତ ସାହାଯ୍ୟରେ ଏହିସବୁ ଦଳ ସଫା କରାଯାଇପାରେ। ତେବେ ପୋଖରୀ ପାଣି ଶୁଖାଇବାକୁ ହେଲେ ପୁନର୍ବାର ପାଣି ପ୍ରବେଶ ବା ପାଣିର ଉତ୍ସ ବିଷୟରେ ଭାବିବାକୁ ପଡ଼େ। କିନ୍ତୁ ଏହି ପଦ୍ଧତି ଦ୍ୱାରା ବହୁ ଲାଭ ମିଳିଥାଏ। ଯେପରି ଶିକାରୀ ମାଛମାନଙ୍କୁ ବାହାର କରାଯାଇପାରେ ଏବଂ ମାଟି ଓ ଖୋଲା ସୂର୍ଯ୍ୟକିରଣ ପାଇଥାଏ ଏବଂ ମାଟି ଶୁଖିଯାଇଥାଏ। ମାଟି ଫାଟିବା ଏବଂ ହଳ କରିବା ଦ୍ୱାରା ମାଟିରୁ ଅନାବଶ୍ୟକ ପଦାର୍ଥ ଓ ବିଷାକ୍ତ ଗ୍ୟାସ୍ ବାହାର କରାଯାଇପାରିବା ସଙ୍ଗେ ସଙ୍ଗେ ମାଟି ଖୋଲା ପବନ ପାଇଥାଏ। ଏହାବ୍ୟତୀତ ଅନ୍ୟ ଉପାୟ ମଧ୍ୟ ଅବଲମ୍ବନ କରାଯାଇପାରେ। ସେଗୁଡ଼ିକ ହେଲା, ଦଳକାଟି ସଫା କରିବା, ଦଳକଟା ଯନ୍ତ୍ର ବ୍ୟବହାର କରିବା ଏବଂ ରାସାୟନିକ ଦଳମରା ଔଷଧ ବ୍ୟବହାର କରିବା। କିନ୍ତୁ ନର୍ସରି ପୋଖରୀ ଏବଂ ଯାଆଁଳ ପାଳନ ପୋଖରୀରେ ପାଣି ଶୁଖାଇ ସଫା କରିବାର ପ୍ରଣାଳୀ ଅବଲମ୍ବନ କରିବାକୁ ସାଧାରଣତଃ ପରାମର୍ଶ ଦିଆଯାଇଥାଏ।

## ରାସାୟନିକ ପଦ୍ଧତି

ପୋଖରୀରେ ବିଲାତି ଦଳ ଦେଖିବାକୁ ମିଳିଲେ ୨-୪ ଡି ନାମକ ରାସାୟନିକ (୪-୬ କି.ଗ୍ରା.) ୪୦୦ଲିଟର ପାଣି ଏବଂ ୦.୧ ଶତକଡ଼ା ଡିଟରଜେଣ୍ଟ ମିଶାଇ ପୋଖରୀ ପାଣିରେ ପ୍ରୟୋଗକଲେ ସୁଫଳ ମିଳିବ। ପୋଖରୀରେ ବୋରଝାଞ୍ଜି ଦଳ ଦେଖାଦେଲେ ଗ୍ରାମାକ୍ସିନ୍ (୨ଲିଟର)କୁ ୨୦୦ ଲିଟର ପାଣିରେ ମିଶାଇ ପ୍ରୟୋଗ କରନ୍ତୁ। ଏହାବ୍ୟତୀତ ପୋଖରୀରେ ଅନେକ ସମୟରେ ଶୈବାଳଜାତୀୟ ଦଳ ଦେଖିବାକୁ ମିଳେ। ଏହାର ଦମନ ପାଇଁ ଡାଇୟୁରନ୍ ନାମକ ରାସାୟନକୁ ୦.୩-୦.୫ ମି.ଗ୍ରା. ହିସାବରେ ୧ ଲିଟର ପାଣିରେ ମିଶାଇ ପକାଇଲେ ସୁଫଳ ମିଳେ।

> "ପୋଖରୀରେ ବିଭିନ୍ନ ପ୍ରକାର ଦଳ ଥାଏ। ସେଗୁଡ଼ିକ ହେଲା-ଭସା ଦଳ (ବିଲାତି ଦଳ, ବୋରଝାଞ୍ଜି), ବୁଡ଼ା ଦଳ (ଚିଙ୍ଗୁଡ଼ିଆ, ରସୁଣିଆ, ପାଣିକୋବି), ପାଣି ତଳେ ଚେର ଥାଇ ଉପରେ ପତ୍ର (କଇଁ, ପଦ୍ମ, ପାଣି ଟଗର, ସିଙ୍ଗଡ଼ା) ଓ ପୋଖରୀ ହୁଡ଼ା କଡ଼ରେ ଥିବା ଦଳ (ଘାସ, କଳମ, ଜୁଣିଆ) ପ୍ରଭୃତି । ଏହି ଦଳଗୁଡ଼ିକ ପୋଖରୀରୁ ପୋଷକତତ୍ତ୍ୱ ଶୋଷଣ କରିନେବା ଭଳି ସମସ୍ୟା ସୃଷ୍ଟିକରିବା ସଙ୍ଗେ ସଙ୍ଗେ ଶିକାରୀ ମାଛମାନଙ୍କର ବଂଶବୃଦ୍ଧି କରିବା ତଥା ମାଛମାନଙ୍କର ଅବାଧ ଚଳପ୍ରଚଳରେ ବ୍ୟାଘାତ ସୃଷ୍ଟି କରିଥାଆନ୍ତି। ଏହା ସହ ପୋଖରୀ ପାଣିରେ ଅମ୍ଳଜାନ ହ୍ରାସ ହେବା, ପାଣି ଭିତରକୁ ସୂର୍ଯ୍ୟକିରଣ ପ୍ରବେଶ କରିବାକୁ ନ ଦେବା ଓ ଜାଲ ପକାଇ ମାଛ ଧରିବା ପ୍ରକ୍ରିୟାରେ ବାଧା ସୃଷ୍ଟିକରିବା ଭଳି ସମସ୍ୟା ଉପୁଜାଇଥାଆନ୍ତି।"



## ଶିକାରୀ ମାଛ ଓ ଛୋଟ ମାଛ ନିରାକରଣ

କେତେକ ପ୍ରକାର ଶିକାରୀ ମାଛ (ଗଡ଼ିଶା, ଶେଉଳ, ଫଳି, ଚିତଳ, କଉ, ବାଳିଆ) ପ୍ରଭୃତି ମାଛ ଗଚ୍ଛିତ କରାଯାଇଥିବା ଚାଷୋପଯୋଗୀ ମାଛକୁ ଖାଇଦେବା ସହ ଖାଦ୍ୟ, ସ୍ଥାନ ଓ ପାଣିରେ ଦ୍ରବୀଭୂତ ଅମ୍ଳଜାନ ପାଇଁ ସେମାନଙ୍କ ସହ ପ୍ରତିଯୋଗିତା କରିଥାଆନ୍ତି। ଏହାଦ୍ୱାରା ବିହନ ମାଛ ଉତ୍ପାଦନ ବା ବଡ଼ ମାଛ ଉତ୍ପାଦନର ଉଭୟ ହାର ଏବଂ ପରିମାଣ କମିଥାଏ। ଏହି ମାଛମାନଙ୍କ ସମ୍ପୂର୍ଣ୍ଣ ଉତ୍ପାଟନ କରିବା ଆବଶ୍ୟକ। ଏହି ମାଛମାନଙ୍କ ପାଇଁ ପୋଖରୀ ଉଖାଳିବା ବା ସମ୍ପୂର୍ଣ୍ଣ ଭାବରେ ପାଣି ବାହାର କରିବା ଭଳି ସର୍ବୋତ୍ତମ ପଦ୍ଧତି ଅନୁସରଣ କରିବା ପାଇଁ ପରାମର୍ଶ ଦିଆଯାଇଥାଏ। ଏହାର ଅନ୍ୟ ଉପାୟଗୁଡିକ ହେଲା-

- ମହୁଲ ପିଡ଼ିଆ ୧୦୦୦ କି.ଗ୍ରା. (ଏକର/ଲିଟର) ବ୍ୟବହାର କରାଯାଇପାରିବ। ଏହାର ପ୍ରଭାବ ୨୧ ଦିନ ପର୍ଯ୍ୟନ୍ତ ବଳବତ୍ତର ରହେ। ତା'ସହ ଏହା ପରବର୍ତ୍ତୀ ସମୟରେ ଜୈବସାର ଭଳି କାର୍ଯ୍ୟକରେ।
- ବ୍ଲିଚିଂ ପାଉଡର (୩୦ ପ୍ରତିଶତ କ୍ଲୋରିନ୍), ୧୪୦ କି.ଗ୍ରା. (ଏକର/ଲିଟର) ଭାବରେ ବ୍ୟବହାର କରାଯାଇପାରେ। ଏହାର ପ୍ରଭାବ ୭ ଦିନ ପର୍ଯ୍ୟନ୍ତ ବଳବତ୍ତର ରହେ। ଏହା ପୋଖରୀର ତଳ ଅଂଶକୁ ଜୀବାଣୁମୁକ୍ତ କରିଥାଏ ଏବଂ ଚୂନ ପ୍ରୟୋଗ ପରିମାଣ କମ୍ କରିଥାଏ।
- ୟୁରିଆ ଏବଂ ବ୍ଲିଚିଂ ପାଉଡର ୪୦ କି.ଗ୍ରା. (ଏକର/ଲିଟର) ପ୍ରତି ସମାନ ସମାନ ଭାଗରେ ପ୍ରୟୋଗ କରିବାକୁ ପଡ଼େ ଏବଂ ପ୍ରୟୋଗ କରିବାର ୧୮-୨୪ ଘଣ୍ଟା ପରେ ବ୍ଲିଚିଂ ପାଉଡର ୭୦ କି.ଗ୍ରା. (ଏକର/ଲିଟର) ହିସାବରେ ପ୍ରୟୋଗ କରାଯାଏ। ଏହାର ମୂଲ୍ୟ ବହୁ କମ୍ ଏବଂ ୟୁରିଆ ସାର ଭଳି କାର୍ଯ୍ୟ କରିଥାଏ। ଏହାର ବିଷାକ୍ତ ପ୍ରଭାବ ୭ଦିନ ପର୍ଯ୍ୟନ୍ତ ରହିଥାଏ।

**-ଦିଲୀପ କୁମାର ସାହୁ,** ଅଧ୍ୟାପକ,
**ଡ. ମାନସ ରଞ୍ଜନ ପଟ୍ଟନାୟକ,** ଅଧ୍ୟକ୍ଷ,
ବହୁବୃତ୍ତି କୃଷି ଏବଂ ବୈଷୟିକ କେନ୍ଦ୍ର (ମତ୍ସ୍ୟ ବିଜ୍ଞାନ), ଓୟୁଏଟି,
ରଙ୍ଗେଇଲୁଣ୍ଡା, ବ୍ରହ୍ମପୁର

# ପ୍ରାଣୀଙ୍କ ଯତ୍ନ



- ଗୁହାଳ ତଳ ଓଦା ରଖନ୍ତୁ ନାହିଁ । ଓଦା ରହିଲେ ବିଭିନ୍ନ ରୋଗ ଆଶଙ୍କା ଥାଏ। ଗୁହାଳ ତଳକୁ ଶୁଖିଲା ରଖିବା ପାଇଁ ପାଉଁଶ ବା ବାଲି ବିଛାନ୍ତୁ । ବର୍ଷାଋତୁରେ ଗୋ-ମହିଷ ଓ ବାଛୁରୀଙ୍କୁ ସାହାଣା ଓ ବଜବଜିଆ ରୋଗ ହେବା ଆଶଙ୍କା ଥାଏ। ଏହି ସଂକ୍ରାମକ ରୋଗ ନ ହେବା ପାଇଁ ପୂର୍ବରୁ ପ୍ରତିଷେଧକ ଟିକା ଦିଅନ୍ତୁ। ରୋଗ ଦେଖାଗଲେ ତୁରନ୍ତ ପ୍ରାଣୀ ଚିକିତ୍ସକଙ୍କ ପରାମର୍ଶ ନିଅନ୍ତୁ ।
- ଚଳିତ ମାସରେ ପ୍ରାଣୀଙ୍କୁ ଅଢ଼େଇ ଦିନିଆ ଜ୍ୱର ହୋଇଥାଏ । ସେମାନଙ୍କ ଦେହରେ ତାତି ରହେ ଓ ଆକ୍ରାନ୍ତ ପ୍ରାଣୀ ଗୋଟିଏ ଗୋଡ଼ ଟେକି ରଖେ । ଜ୍ୱରର ଉପଶମ ପାଇଁ ଡାକ୍ତରଙ୍କ ପରାମର୍ଶରେ ଔଷଧ ଖୁଆନ୍ତୁ ।
- ପ୍ରାଣୀଙ୍କ ଗୁହାଳ ପରିଷ୍କାର ଓ ଶୁଖିଲା ରଖନ୍ତୁ । ଗୁହାଳ ଓ ଘର ଚାରିପାଖ ଉଚ୍ଚା ଓ ନିଗିଡ଼ା କରନ୍ତୁ, ନଚେତ୍ ପାଣି ଜମି ସନ୍ତସନ୍ତିଆ ହେଲେ ଗୋରୁଙ୍କୁ ବିଭିନ୍ନ ସଂକ୍ରାମକ ରୋଗ ହେବା ଆଶଙ୍କା ଥାଏ।
- ମଶା ଓ ମାଛିଙ୍କ ଉପଦ୍ରବରୁ ରକ୍ଷା କରିବାକୁ ଗୁହାଳର ତଳକୁ ଦିନରେ ଅନ୍ତତଃ ଥରେ ବା ଦୁଇ ଥର ଫିନାଇଲ ପ୍ରଭୃତି ବିଶୋଧକ ପଦାର୍ଥରେ ସଫା କରନ୍ତୁ ।
- ଫିମ୍ପି ହୋଇଥିବା ଦାନା ଖୁଆନ୍ତୁ ନାହିଁ। ଏହା ସ୍ୱାସ୍ଥ୍ୟ ପକ୍ଷେ କ୍ଷତିକାରକ ।

# ରାଶି ବୁଣିବା ପୂର୍ବରୁ...

**ଢି**ପ ଜମିରେ ରାଶି ବୁଣିବା ପାଇଁ ଏହା ଉପଯୁକ୍ତ ସମୟ। ଏକର ପ୍ରତି ୪ କି.ଗ୍ରା. ବିହନ ଆବଶ୍ୟକ ହୋଇଥାଏ। ପ୍ରତି କି.ଗ୍ରା. ବିହନରେ ୨ ଗ୍ରାମ୍ ହିସାବରେ କାର୍ବେଣ୍ଡାଜିମ୍ କିମ୍ବା ୩ ଗ୍ରାମ୍ ଥିରାମ୍ ଗୋଳାଇ ବିଶୋଧନ କରନ୍ତୁ। ମୂଳସାର ଭାବେ ଏକର ପ୍ରତି ୨ଟନ୍ ଶଢ଼ା ଗୋବରଖତ ସହ ୬କି.ଗ୍ରା. ଯବକ୍ଷାରଜାନ,୬କି.ଗ୍ରା. ଫସ୍‌ଫରସ୍ ଓ ୬କି.ଗ୍ରା. ପଟାସ ଖାଦ୍ୟସାର ବିହନ ବୁଣାବେଳେ ମାଟିରେ ପ୍ରୟୋଗ କରନ୍ତୁ। ଅଧିକ ଅମଳକ୍ଷମ କିସମ ଯଥା- ପ୍ରାଚୀ,ନିର୍ମଳା,କନକ,କାଳିକା,ବିନାୟକ ଆଦି କିସମ ବ୍ୟବହାର କରନ୍ତୁ। ଧାଡ଼ିକୁ ଧାଡ଼ି ୩୦ସେ.ମି. ଓ ଗଛକୁ ଗଛ ୧୦ସେ.ମି. ବ୍ୟବଧାନ ରଖନ୍ତୁ। ବିହନ ବୁଣିବା ପୂର୍ବରୁ ପ୍ରତି କି.ଗ୍ରା. ବିହନରେ ୩ ଗ୍ରାମ୍ ହିସାବରେ ଥିରାମ୍ ଗୋଳାଇ ବିଶୋଧନ କରନ୍ତୁ। ଶେଷଓଡ଼ ଚାଷବେଳେ ବିହନ ବୁଣିବା ପୂର୍ବରୁ ୬କି.ଗ୍ରା. ଯବକ୍ଷାରଜାନ, ୮କି.ଗ୍ରା. ଫସ୍‌ଫରସ୍ ଓ ୮କି.ଗ୍ରା. ପଟାସ୍ ପ୍ରୟୋଗ କରନ୍ତୁ।

# ମଲ୍ଲୀଗଛ ଲଗାଇବା ପ୍ରଣାଳୀ



**ମ**ଲ୍ଲୀଗଛରେ ଅଧିକ ତଥା ଶୀଘ୍ର ଚେରହେବା ପାଇଁ ଇଣ୍ଡୋଲ ବ୍ୟୁଟିରିକ୍ ଏସିଡ୍ ୧୦୦୦ରୁ ୨୦୦୦ପିପିଏମ୍‌ର ଏକ ଦ୍ରବଣ ବା ପ୍ରଲେପରେ କଟା ଡାଳରେ ମୂଳ ଅଂଶକୁ ଉପଚାର କରି ପଟାଳିରେ ପୋତନ୍ତୁ। ଏହା ନ ମିଳିଲେ ବଜାରରେ ମିଳୁଥିବା ସେରାଡେକସ୍-ବି ଗୁଟେକ୍ସ ହର୍‌ମୋନ୍ ପାଉଡର ସଂଗ୍ରହକରି ଏହାର ଏକ ପ୍ରଲେପ କଟାଡାଳର ମୂଳ ଅଂଶରେ ଡାଳ ପୋତିବା ପୂର୍ବରୁ ପ୍ରୟୋଗ କରନ୍ତୁ। ମଲ୍ଲୀଗଛ ସାଧାରଣତଃ ମନ୍ଦାରେ ଲଗାଯାଏ। ମନ୍ଦାଗୁଡ଼ିକୁ ୬୦ସେ.ମି. ଲମ୍ବ,୬୦ସେ.ମି. ଓସାର ଏବଂ ୬୦ସେ.ମି. ଗଭୀର ବିଶିଷ୍ଟ ହେବା ଦରକାର। ମନ୍ଦା ଖୋଳିବା ପରେ ସେଥିରୁ ବାହାରୁଥିବା ମାଟିରେ ୫କି.ଗ୍ରା.ରୁ ୧୦କି.ଗ୍ରା. ଶଢ଼ା ଗୋବରଖତ ଭଲ ଭାବରେ ମିଶାଇ ପୁଣି ସେହି ମାଟିକୁ ମନ୍ଦା ମଧ୍ୟରେ ପୂରଣକରି ଗଛ ଲଗାନ୍ତୁ। ଏହାର ବଂଶବିସ୍ତାର କଟା କଲମୀ କିମ୍ବା ଗୁଟି କଲମୀ ଦ୍ୱାରା ହୁଏ। କଟା କଲମୀ ପାଇଁ ୧୫ରୁ ୨୦ସେ.ମି. ପାକଳ ଡାଳ ବ୍ୟବହାର କରାଯାଏ। ଜୁଲାଇ ମାସରେ ପଟାଳିକରି କଲମୀଗୁଡ଼ିକୁ ପୋତିଦେଲେ ୨/୩ ମାସ ମଧ୍ୟରେ ଚେର ହୋଇଯାଏ।



# ରୁଆଧାନରେ ସାର ପ୍ରୟୋଗ

**ଯେ**ଉଁ ଚାଷୀଭାଇମାନେ ଅନୁମୋଦିତ ପ୍ରଣାଳୀରେ ଧାନ ରୋଇ ସାରିଛନ୍ତି ଏବଂ ରୁଆର ୨୦ଦିନ ହୋଇଗଲାଣି,ଅନାବନା ଘାସ ବାଛି କିସମ ଅନୁଯାୟୀ ଏକର ପ୍ରତି ୧୬ କି.ଗ୍ରା. ଯବକ୍ଷାରଜାନ ପିଲ ସାର ଆକାରରେ ପ୍ରୟୋଗ କରନ୍ତୁ। ତଳି ୩-୪ସପ୍ତାହର ହୋଇଗଲେ ରୋଇବା ପାଇଁ ଉପଯୁକ୍ତ ହୋଇଥାଏ। ସେପରି ସ୍ଥଳେ ତଳି ରୋଇବା ପାଇଁ ମୁଖ୍ୟ କିଆରିକୁ କାଦୁଅ କରନ୍ତୁ। ପ୍ରଥମେ ୩-୪ ଓଡ଼ ଚାଷକରି ପାଣି ବାନ୍ଧି ରଖନ୍ତୁ। ରୋଇବା ପୂର୍ବଦିନ ଅତ୍ୟଧିକ ପାଣି ନିଗାଡ଼ିଦେଇ ଜମିକୁ କାଦୁଅ କରନ୍ତୁ। ସବୁଜ ସାର ପାଇଁ ଆଜୋଲା ବଢ଼ାଇଥିଲେ କାଦୁଅ ବେଳେ ହଳକରି ମାଟିରେ ମିଶାଇ ଦିଅନ୍ତୁ। ଏକର ପ୍ରତି ୨କି.ଗ୍ରା. ଆଜୋଟୋବ୍ୟାକ୍ଟର (ମଧ୍ୟମ ଜମିରେ ) ବା ଆଜୋସ୍ପିରିଲମ୍ (ଖାଲଜମିରେ) ସହ ୨କି.ଗ୍ରା. ପିଏସ୍ ବି ଖତ ସହିତ ମିଶାଇ ରୋଇବା ପୂର୍ବରୁ ଜମିରେ ପ୍ରୟୋଗ କରନ୍ତୁ। ଶେଷଓଡ଼ କାଦୁଅରେ କିସମ ଅନୁଯାୟୀ ଏକର ପ୍ରତି ୬-୮କି.ଗ୍ରା. ଯବକ୍ଷାରଜାନ, ୧୨-୧୬କି.ଗ୍ରା. ଫସ୍‌ଫରସ୍ ଓ ୧୨-୧୬କି.ଗ୍ରା. ପଟାସ୍ ପ୍ରୟୋଗ କରନ୍ତୁ। ତଳିଘରାରେ ଦାନାଦାର ବିଷ ପ୍ରୟୋଗ କରି ନ ଥିଲେ ପ୍ରତି ଲିଟର ପାଣିରେ ୧ମି.ଲି. ହିସାବରେ କ୍ଲୋରୋପାଇରିଫସ୍ ମିଶାଇ ତଳିର ଚେରକୁ ୮-୧୦ଘଣ୍ଟା ପର୍ଯ୍ୟନ୍ତ ବୁଡ଼ାଇ ବିଶୋଧନ କରନ୍ତୁ। ଧାଡ଼ିକୁ ୧୫-୨୦ସେ.ମି. ବୁଦାକୁ ବୁଦା ୧୦ସେ.ମି. ବ୍ୟବଧାନ ରଖନ୍ତୁ। ବୁଦା ପ୍ରତି ୨ରୁ ୩ଟି କରି ତଳି ସିଧା ଓ ଅଗଭୀରରେ ରୁଅନ୍ତୁ। ରୁଆ ସମୟରେ କିଆରିରେ ନଖବୁଡ଼ା ପାଣି ରଖନ୍ତୁ।



# ଆଜି ଭାରତୀୟ ହକି ଦଳର ରୋଡ୍ ଶୋ'

ଭୁବନେଶ୍ୱର, ୨୦।୮ (ତପନ ସ୍ୱାଇଁ)



ଖବରଦାତା ସମ୍ମିଳନୀରେ ଭାରତୀୟ ହକି ଦଳର ରୋଡ୍ ଶୋ' ଓ ଅନ୍ୟ କାର୍ଯ୍ୟକ୍ରମ ସମ୍ପର୍କରେ ମଙ୍ଗଳବାର ସୂଚନା ଦେଉଛନ୍ତି କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ। ନିକଟରେ ଅଛନ୍ତି ବିଧାୟକ ଇରାଶିଷ ଆଚାର୍ଯ୍ୟ (ବାମ), ବାବୁ ସିଂ (ଡାହାଣରୁ ଦ୍ୱିତୀୟ) ଓ କ୍ରୀଡ଼ା ସଚିବ ଭାସ୍କର ଜ୍ୟୋତି ଶର୍ମା। (ଫଟୋ: ବିକାଶ ନାୟକ)

ଭାରତୀୟ ପୁରୁଷ ହକି ଦଳ ପ୍ୟାରିସ ଅଲିମ୍ପିକ୍ସରେ ବ୍ରୋଞ୍ଜ ପଦକ ହାସଲ କରି ଦେଶ ପାଇଁ ଗୌରବ ଆଣିଛି। ଫଳରେ ଖେଳାଳିଙ୍କୁ ବିଭିନ୍ନ ସ୍ଥାନରେ ସମ୍ବର୍ଦ୍ଧନା ପର୍ବ ଜାରି ରହିଛି। ଓଡ଼ିଶା ୨୦୧୮ରୁ ଭାରତୀୟ ହକି ଦଳର ପ୍ରାୟୋଜକ ରହି ଆସିଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭାରତୀୟ ଦଳର ଖେଳାଳି ଓ ସପୋର୍ଟ ଷ୍ଟାଫ୍ଙ୍କ ପାଇଁ ପୁରସ୍କାର ରାଶି ଘୋଷଣା କରି ସାରିଛନ୍ତି। ପ୍ରତି ଖେଳାଳିଙ୍କୁ ୧୫ ଲକ୍ଷ, ସପୋର୍ଟ ଷ୍ଟାଫ୍ଙ୍କୁ ୧୦ ଲକ୍ଷ ଏବଂ ଓଡ଼ିଶାର ଅମିତ ରୋହିଦାସଙ୍କୁ ୪ କୋଟି ଟଙ୍କା ପ୍ରଦାନ କରାଯିବ। ଭାରତୀୟ ଦଳକୁ ଏଠାରେ ସମ୍ବର୍ଦ୍ଧନା ପାଇଁ ବୁଧବାର ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ଏ ସମ୍ପର୍କରେ ମଙ୍ଗଳବାର କଳିଙ୍ଗ ଷ୍ଟାଡିୟମରେ ସୂଚନା ଦେଇଛନ୍ତି କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ। ସେ କହିଛନ୍ତି ଯେ, "ପ୍ୟାରିସ୍ ଅଲିମ୍ପିକ୍ସ - ୨୦୨୪ରେ ବ୍ରୋଞ୍ଜ ପଦକ ଜିତି ଭାରତୀୟ ହକି ଦଳ ଦେଶ ପାଇଁ ସୁନାମ ଅର୍ଜନ କରିଛି। ଭାରତୀୟ ଦଳର ଏହି ବ୍ରୋଞ୍ଜ ପଦକ ଦୃଢ଼ନିଷ୍ଠ, ସ୍ୱର୍ଣ୍ଣିମ ଭବିଷ୍ୟତର ଶୁଭାରମ୍ଭ ପାଇଁ ଏକ ଆହ୍ୱାନ। ଏହି ବିଜୟ ଯୁବ କ୍ରୀଡ଼ାବିତ୍‌ମାନଙ୍କ ପାଇଁ ପ୍ରେରଣା ସଦୃଶ"।

ହକି ତାରକାମାନଙ୍କୁ ସମ୍ବର୍ଦ୍ଧିତ କରିବା ପାଇଁ ଓଡ଼ିଶା ସରକାରଙ୍କ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ବୁଧବାର ଅପରାହ୍ନ ୧୨.୩୦ରେ ଭାରତୀୟ ହକି ଦଳ ଭୁବନେଶ୍ୱରସ୍ଥିତ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ଆସି ପହଞ୍ଚିବ। ସେଠାରେ ଖେଳାଳି ଓ ସପୋର୍ଟ ଷ୍ଟାଫ୍ଙ୍କୁ ଭବ୍ୟ ସ୍ୱାଗତ କରାଯିବ। ଏହାପରେ ଭାରତୀୟ ଦଳକୁ

- ଭୁବନେଶ୍ୱର ବିମାନବନ୍ଦରରୁ କଳିଙ୍ଗ ଷ୍ଟାଡିୟମ
- ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ସମ୍ବର୍ଦ୍ଧିତ କରିବେ
- ହକିରୁ ବ୍ରୋଞ୍ଜ ସ୍ୱର୍ଣ୍ଣିମ ଭବିଷ୍ୟତର ଶୁଭାରମ୍ଭ ପାଇଁ ଆହ୍ୱାନ: କ୍ରୀଡ଼ାମନ୍ତ୍ରୀ

ରୋଡ୍ ଶୋ' ମାଧ୍ୟମରେ କଳିଙ୍ଗ ଷ୍ଟାଡିୟମ୍ ପର୍ଯ୍ୟନ୍ତ ଅଣାଯିବ। ପରେ ଲୋକସେବା ଭବନ କନଭେନଶନ ସେଣ୍ଟରରେ ଖେଳାଳିମାନଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମ୍ବର୍ଦ୍ଧିତ କରିବେ ବୋଲି କ୍ରୀଡ଼ାମନ୍ତ୍ରୀ ସୂଚନା ଦେଇଛନ୍ତି। ଯୁବ କ୍ରୀଡାବିତ୍‌ମାନେ ହେଉଛନ୍ତି ଆମ ପ୍ରେରଣାର ଉତ୍ସ। କ୍ରୀଡ଼ା ଏବଂ କ୍ରୀଡ଼ାବିତ୍‌ମାନଙ୍କର ସର୍ବାଙ୍ଗୀନ ବିକାଶ ପାଇଁ ଓଡ଼ିଶା ସରକାର ସଦାସର୍ବଦା ଚେଷ୍ଟିତ ଏବଂ ଏହି ଯାତ୍ରା ଆଗକୁ ମଧ୍ୟ ଜାରି ରହିବ ବୋଲି କ୍ରୀଡ଼ା ମନ୍ତ୍ରୀ ପ୍ରକାଶ କରିଛନ୍ତି। ୨୦୨୮ ଅଲିମ୍ପିକ୍ସରେ ଓଡ଼ିଶା କ୍ରୀଡ଼ାବିତ୍‌ମାନେ ଯେପରି ଅଧିକ ପଦକ ହାସଲ କରିପାରିବେ ସେଥିପାଇଁ ସମସ୍ତ ପ୍ରଚେଷ୍ଟା କରାଯିବ ବୋଲି ସେ କହିଛନ୍ତି। ଭାରତ ୨୦୩୬ରେ ଅଲିମ୍ପିକ୍ସ ଆୟୋଜନ ପାଇଁ ଯୋଜନା କରୁଛି। ସେହି ବର୍ଷ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ୧୦୦ ବର୍ଷ ପୂର୍ତ୍ତି ପାଳନ ହେବାକୁ ଯାଉଛି। ଅଲିମ୍ପିକ୍ସ ଆୟୋଜନ ପାଇଁ ନିର୍ଦ୍ଦିଷ୍ଟ ମାନଦଣ୍ଡ ରହିଥାଏ। ତାହା ପୂରଣ କରିପାରିଲେ ଆମେ ମଧ୍ୟ ଏହି ମେଗା ଇଭେଣ୍ଟ ଆୟୋଜନରେ ନିଜକୁ ସାମିଲ କରିପାରିବୁ ବୋଲି କ୍ରୀଡ଼ାମନ୍ତ୍ରୀ କହିଛନ୍ତି। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ବାବୁ ସିଂ, ଇରାଶିଷ ଆଚାର୍ଯ୍ୟ ଏବଂ କ୍ରୀଡ଼ା ସଚିବ ଭାସ୍କର ଜ୍ୟୋତି ଶର୍ମା ଉପସ୍ଥିତ ଥିଲେ।

ପ୍ରକାଶ ଯୋଗ୍ୟ ଯେ, ଭାରତୀୟ ହକିର ସଙ୍କଟ ସମୟରେ ସହାୟତାର ହାତ ବଢ଼ାଇଥିଲେ ଓଡ଼ିଶା ସରକାର। ୨୦୧୮ରେ ଜାତୀୟ ଦଳର ପ୍ରାୟୋଜକ ହୋଇଥିଲା ଓଡ଼ିଶା। ପ୍ରଥମ ରାଜ୍ୟଭାବେ ଏକ ଜାତୀୟ ହକି ଦଳର ପ୍ରାୟୋଜକ ହୋଇ ଓଡ଼ିଶା ଉଦାହରଣ ସୃଷ୍ଟି କରିଥିଲା। ଏହାପରେ ଭାରତୀୟ ହକି ଦଳର ପ୍ରଦର୍ଶନରେ ଉନ୍ନତି ଆସିଥିଲା। ୨୦୨୦ ଟୋକିଓ ଅଲିମ୍ପିକ୍ସରେ ଭାରତୀୟ ପୁରୁଷ ହକି ଦଳ ବ୍ରୋଞ୍ଜ ପଦକ ଜିତିଥିବାବେଳେ ମହିଳା ଦଳ ୪ର୍ଥ ସ୍ଥାନ ହାସଲ କରି ପ୍ରଶଂସିତ ହୋଇଥିଲା। ଏହାପରେ ରାଜ୍ୟ ସରକାର ୨୦୩୩ ପର୍ଯ୍ୟନ୍ତ ଚୁକ୍ତି ସମୟସୀମାକୁ ବୃଦ୍ଧି କରିଥିଲେ। ପରେ ଆଉ ୩ ବର୍ଷ ଅର୍ଥାତ୍ ୨୦୩୬ ପର୍ଯ୍ୟନ୍ତ ଏହାକୁ ବଢ଼ାଇବାକୁ ନୂଆ ସରକାର ନିଷ୍ପତ୍ତି ନେଇଥିଲେ। ତେଣୁ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ୧୦୦ ବର୍ଷ ପୂର୍ତ୍ତି ପାଳନ ପର୍ଯ୍ୟନ୍ତ ଓଡ଼ିଶା ସରକାର ଭାରତୀୟ ହକି ଦଳର ପ୍ରାୟୋଜକ ରହିବେ।

# ରଞ୍ଜିତ ପତିଙ୍କ ଚମତ୍କାର ପ୍ରଦର୍ଶନ



ମଙ୍ଗଳବାର ମ୍ୟାଚ ଅବସରରେ ରଞ୍ଜିତ ପତି।

## ଅଲ୍ ଓଡ଼ିଶା ଓପନ ସ୍ନୁକର

ଭୁବନେଶ୍ୱର, ୨୦।୮ (ତପନ ସ୍ୱାଇଁ)

ସ୍ଥାନୀୟ ଭିନ୍‌ଟେଜ୍ କ୍ଲବ ପରିସରରେ ଚାଲିଥିବା 'ଗ୍ରୀନ୍ ବାଇଜେ କ୍ଲାସିକ୍' ଅଲ୍ ଓଡ଼ିଶା ସ୍ନୁକର ଚାମ୍ପିୟନଶିପ୍‌ରେ ମଙ୍ଗଳବାର ୧୧ଟି ମ୍ୟାଚ ଅନୁଷ୍ଠିତ ହୋଇଛି। ଏଥିରେ ଚମତ୍କାର ପ୍ରଦର୍ଶନ କରି ରଞ୍ଜିତ ପତି ୩-୧ରେ ସତ୍ୟଦୀପ ଦାସଙ୍କୁ ପରାସ୍ତ କରିଛନ୍ତି। ଫଳରେ ତାଙ୍କୁ ପ୍ଲେୟର ଅଫ୍ ଦି ଡେ' ବିବେଚିତ କରାଯାଇଛି। ଅନ୍ୟ ମ୍ୟାଚଗୁଡ଼ିକ ମଧ୍ୟରେ ସିଦ୍ଧାର୍ଥ ସେନ୍ ୩-୦ରେ ରୁମିତ ଗୁପ୍ତା, ରଜତ ଧଳ ୩-୧ରେ ଗୁରୁଦ୍ୱିନ କୁଲି, ପ୍ରକାଶ ସାହୁ ୩-୦ରେ ଦେବୀ ପ୍ରସାଦ ସାହୁ, ଆକାଶ ମହାପାତ୍ର ୩-୦ରେ ପ୍ରକାଶ ସାହୁ, ଶାରଦା ବେହେରା ୩-୦ରେ ଚେତନ ଆନନ୍ଦଙ୍କୁ ହରାଇ ଦେଇଛନ୍ତି। ସେହିପରି କୁନାଲ ଅଗ୍ରୱାଲ ୩-୧ରେ ମିଶାଲ ସ୍ୱାଇଁ ଏବଂ ରାକେଶ ରୋଶନ ପ୍ରଧାନ ୩-୨ରେ ଚନ୍ଦ୍ର ପ୍ରକାଶ ମହାନ୍ତିଙ୍କୁ ହରାଇଥିବାବେଳେ ନିଶ୍ଚୟ ମିଶ୍ରଙ୍କ ବିପକ୍ଷରେ ୱାକ୍‌ଓଭର ପାଇଛନ୍ତି ଅମିୟ ରଞ୍ଜନ ନାୟକ। ବୁଧବାର ପ୍ରତିଯୋଗିତାର ପ୍ରି-କ୍ୱାର୍ଟର ଫାଇନାଲ ଆରମ୍ଭ ହେବ। ଏଥିରେ ଆକାଶ ମହାପାତ୍ର-ଉଭାସ ମହାପାତ୍ର, ସୁବ୍ରତ ଦାସ-ରଜତ ଧଳ, ଜ୍ଞାନ ଶତପଥୀ-ଅସିତ ଚୌଧୁରୀ, ଶାରଦା ବେହେରା-ରାକେଶ ରୋଶନ ପ୍ରଧାନ, ସିଦ୍ଧାର୍ଥ ସେନ୍-ଅବିନାଶ ମହାପାତ୍ର ଏବଂ ରଞ୍ଜିତ ପତି-କୁନାଲ ଅଗ୍ରୱାଲଙ୍କ ମଧ୍ୟରେ ମୁକାବିଲା ହେବ।

# ସତ୍ୟ ପ୍ରକାଶ ଚିଫ୍ ଡି' ମିଶନ ନିଯୁକ୍ତ

## ପ୍ୟାରିସ୍ ପାରାଲିମ୍ପିକ୍ସ

ନୂଆଦିଲ୍ଲୀ, ୨୦।୮ (ପି.ଟି.)



ଆଗାମୀ ପ୍ୟାରିସ ପାରାଲିମ୍ପିକ୍ସ ପାଇଁ ପାରାଲିମ୍ପିକ କମିଟି ଅଫ୍ ଇଣ୍ଡିଆ (ପିସିଆଇ) ଉପସଭାପତି ସତ୍ୟ ପ୍ରକାଶ ସାଙ୍ଗୱାନଙ୍କୁ ମଙ୍ଗଳବାର ଭାରତୀୟ ଦଳର ଚିଫ ଡି' ମିଶନ ଭାବେ ନିଯୁକ୍ତି ଦିଆଯାଇଛି। ପାରାଲିମ୍ପିକ୍ସ ଆନ୍ଦୋଳନରେ ଦଶନ୍ଧି ଧରି ଅଭିଜ୍ଞତା ରହିଛି। ଚିଫ ଡି ମିଶନ ଭାବେ ସେ ୧୨ଟି ଖେଳ ପାଇଁ ମନୋନୀତ ୮୪ ଜଣିଆ ସର୍ବବୃହତ୍ ଭାରତୀୟ ଦଳର ସେ ନେତୃତ୍ୱ ନେବେ। ତାଙ୍କ ନେତୃତ୍ୱରେ ଭାରତୀୟ ଦଳ ପ୍ୟାରିସ ପାରାଲିମ୍ପିକ୍ସ ୨୦୨୪ରେ ବଡ଼ ସଫଳତା ହାସଲ କରିବ ବୋଲି ପିସିଆଇ ସଭାପତି ଦେବେନ୍ଦ୍ର ଝାଝାରିଆ ଆଶା ପ୍ରକାଶ କରି କହିଛନ୍ତି।


# ମନ୍ଧାନା ୩ୟକୁ ଉନ୍ନୀତ

ଦୁବାଇ, ୨୦।୮ (ପି.ଟି.)

ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଦ୍ୱାରା ସଦ୍ୟ ପ୍ରକାଶିତ ମହିଳା ଦିନିକିଆ ବ୍ୟାଟିଂ ର୍ୟାଙ୍କିଂ ତାଲିକାରେ ଭାରତର ଉପ ଅଧିନାୟିକା ସ୍ମୃତି ମନ୍ଧାନା ଗୋଟିଏ ସ୍ଥାନ ପଦୋନ୍ନତି ପାଇଁ ୩ୟ ସ୍ଥାନକୁ ଉନ୍ନୀତ ହୋଇଛନ୍ତି। ୫୦ଓଭର ଫର୍ମାଟରେ ଶୀର୍ଷ ର୍ୟାଙ୍କିଂପ୍ରାପ୍ତ ଭାରତୀୟ ବ୍ୟାଟର ମନ୍ଧାନାଙ୍କ ରେଟିଂ ପଏଣ୍ଟ ବର୍ତ୍ତମାନ ୭୩୮ ରହିଛି। ଅଧିନାୟିକା ହରମନପ୍ରୀତ କୌର ତାଙ୍କ ୯ମ ସ୍ଥାନ ବଜାୟ ରଖିଛନ୍ତି। ଶ୍ରୀଲଙ୍କାର ଷ୍ଟାର ବ୍ୟାଟର ଚାମରୀ ଆଥାପାଥୁ ମନ୍ଧାନାଙ୍କ ପଛକୁ ଚତୁର୍ଥ ସ୍ଥାନରେ ଅଛନ୍ତି।

# ୟୁଏଇକୁ ସ୍ଥାନାନ୍ତର ହେଲା ଟି୨୦ ବିଶ୍ୱକପ

ଦୁବାଇ, ୨୦।୮(ପି.ଟି.)



ବାଂଲାଦେଶରେ ଦେଖାଦେଇଥିବା ରାଜନୈତିକ ସଙ୍କଟ ମଧ୍ୟରେ ମହିଳା ଟି୨୦ କ୍ରିକେଟ ବିଶ୍ୱକପକୁ ସ୍ଥାନାନ୍ତର କରିବାକୁ ନିଷ୍ପତ୍ତି ନେଇଛି ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ୍(ଆଇସିସି)। ଦେଶରେ ହିଂସାକାଣ୍ଡ ଚରମ ସୀମାରେ ପହଞ୍ଚିଥିବା ବେଳେ ବିଶ୍ୱକପକୁ ୟୁଏଇକୁ ସ୍ଥାନାନ୍ତର କରି ଦିଆଯାଇଛି। ଅକ୍ଟୋବର ୩ରୁ ୨୦ ତାରିଖ ମଧ୍ୟରେ ହେବାକୁ ଥିବା ଏହି ଟୁର୍ନାମେଣ୍ଟର ସମସ୍ତ ମ୍ୟାଚ୍ ବର୍ତ୍ତମାନ ଦୁବାଇ ଓ ସାରଜାରେ ଖେଳାଯିବ। ଆଇସିସିର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଜିଓଫ୍ ଆଲାର୍ଡିସ୍ ବିଶ୍ୱକପ ସ୍ଥାନାନ୍ତର ସମ୍ପର୍କରେ ଘୋଷଣା କରିଛନ୍ତି। ବାଂଲାଦେଶ କ୍ରିକେଟ ବୋର୍ଡ(ବିସିବି) ଏକ ଚମତ୍କାର ଇଭେଣ୍ଟ ଆୟୋଜନ କରିଥାନ୍ତା ଏହା ନିଃସନ୍ଦେହ। ମାତ୍ର ନୂତନ ସରକାରଙ୍କ ପକ୍ଷରୁ ଅନେକ ଦେଶ ଉପରେ ଯାତ୍ରା କରିବା ପାଇଁ ସର୍ତ୍ତ ଲାଗୁ କରାଯାଇଛି। ଏହା ଟୁର୍ନାମେଣ୍ଟକୁ ସୂଚାରୁ ଭାବରେ ପରିଚାଳନା କରିବାରେ ବାଧା ସୃଷ୍ଟି କରିଥିଲା। ଫଳସ୍ୱରୂପ ଅନ୍ୟ ସମସ୍ତ ବିକଳ୍ପ ଉପରେ ବିଚାର କରାଯାଇ ଟୁର୍ନାମେଣ୍ଟ ୟୁଏଇକୁ ସ୍ଥାନାନ୍ତର କରାଗଲା। ବାଂଲାଦେଶ ଆଧିକାରିକ ଭାବରେ ଆୟୋଜକ ରହିଲେ ମଧ୍ୟ ଏମିରେଟ୍ସ କ୍ରିକେଟ ବୋର୍ଡ ଏହାକୁ ଆୟୋଜନ କରିବ। ଆଗାମୀ ଦିନରେ ବାଂଲାଦେଶରେ ସ୍ଥିତି ସୁଧୁରିବା ପରେ ଅନ୍ୟ ଏକ ବଡ ଟୁର୍ନାମେଣ୍ଟ ଆୟୋଜନ କରାଯିବ ବୋଲି ଆଇସିସି ପ୍ରକାଶ କରିଛି।

ହିଂସା ଓ ସରକାରରେ ଅସ୍ଥିରତା କାରଣରୁ ପ୍ରଧାନମନ୍ତ୍ରୀ ଶେଖ୍ ହସିନା ଦେଶ ଛାଡି ପଳାୟନ କରିଥିବା ବେଳେ ଦେଶର ଆଇନ ଶୃଙ୍ଖଳା ଉପରେ ଏହାର ଗଭୀର ପ୍ରଭାବ ପଡିଛି। ବାଂଲାଦେଶ କ୍ରିକେଟ ବୋର୍ଡ ମୁଖ୍ୟ ନଜମୁଲ ହସନଙ୍କୁ ପଦ ଛାଡିବା ପାଇଁ କୁହାଯାଇଥିବା ବେଳେ ଚେୟରମ୍ୟାନ୍ (ଅପରେସନ୍ସ) ଜଲାଲ ୟୁନୁସ ସୋମବାର ପଦରୁ ଇସ୍ତଫା ପ୍ରଦାନ କରିଥିଲେ।

# ଚିଲି, କଲମ୍ବିଆ ବିପକ୍ଷ ମ୍ୟାଚରୁ ମେସି ବାଦ୍

ବୁଏନ୍ସଏରିଜ, ୨୦।୮ (ଏପି)

ଇଞ୍ଜୁରୀ କାରଣରୁ ଆର୍ଜେଣ୍ଟିନାର ପରବର୍ତ୍ତୀ ଦୁଇ ବିଶ୍ୱକପ୍ କ୍ୱାଲିଫାୟର ମ୍ୟାଚ ଖେଳିବେ ନାହିଁ ଦେଶର ଷ୍ଟାର ଫୁଟ୍‌ବଲ ଖେଳାଳି ଲିଓନେଲ ମେସି। ସେପ୍ଟେମ୍ବର ୫ରେ ଚିଲି ଏବଂ ଏହାର ୫ ଦିନ ପରେ କଲମ୍ବିଆ ବିପକ୍ଷ ମ୍ୟାଚ ପାଇଁ ଆର୍ଜେଣ୍ଟିନା କୋଚ୍ ଲିଓନେଲ ସ୍କାଲୋନି ୨୮ଜଣିଆ ଦଳ ଘୋଷଣା କରିଛନ୍ତି। ମେସିଙ୍କ ଡାହାଣ ପାଦରେ ଆଘାତ ଲାଗିଛି। ଏଥରୁ ସେ ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ମୁକୁଳିପାରି ନାହାନ୍ତି। ସେହିପରି ନିକଟରେ କୋପା ଆମେରିକା ବିଜୟ ପରେ ଜାତୀୟ ଦଳରୁ ଅବସର ନେଇଥିବା ୩୬ ବର୍ଷୀୟ ଆଞ୍ଜେଲ ଡି' ମାରିଆ ମଧ୍ୟ ସ୍ଥାନ ପାଇନାହାନ୍ତି।

# ଗ୍ରୁପ୍ 'ବି'ରେ ଓଡ଼ିଶା ଏଫ୍‌ସି

## ଭାଉସାହେବ ବନ୍ଦୋଦକର ମେମୋରିଆଲ ଟ୍ରଫି

ଭୁବନେଶ୍ୱର, ୨୦।୮ (ତପନ ସ୍ୱାଇଁ)

ଗୋଆର ଫତୋର୍ଦାସ୍ଥିତ ପିଏନ୍‌ଜି ଷ୍ଟାଡିୟମରେ ଭାଉସାହେବ ବନ୍ଦୋଦକର ମେମୋରିଆଲ ଟ୍ରଫି ଫୁଟବଲ ଟୁର୍ନାମେଣ୍ଟ ଚଳିତ ମାସ ୨୫ ତାରିଖରୁ ଆରମ୍ଭ ହେବାକୁ ଯାଉଛି। ଗୋଆର ପ୍ରଥମ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ଭାଉସାହେବ ବନ୍ଦୋଦକରଙ୍କ ନାମରେ ନାମିତ ଏହି ସମ୍ମାନଜନକ ଟୁର୍ନାମେଣ୍ଟରେ ଓଡ଼ିଶା ଏଫ୍‌ସି ସିନିୟର ଦଳ ଅଂଶଗ୍ରହଣ କରିବ। ଓଡ଼ିଶା ଏଫ୍‌ସି ଗ୍ରୁପ୍ 'ବି'ରେ ଚେନ୍ନାଇନ୍ ଏଫ୍‌ସି, ଆର୍ଜେଣ୍ଟିନାର କ୍ଲବ ଡିପୋର୍ଟିଭେ ଡିଫେନ୍ସା ୱାଇ ଜଷ୍ଟିକା ଓ ଚର୍ଚ୍ଚିଲ ବ୍ରଦର୍ସ ସହିତ ସ୍ଥାନ ପାଇଛି। ପ୍ରି-ସିଜନ ପ୍ରସ୍ତୁତି ପାଇଁ ଏହି ପ୍ରତିଯୋଗିତା ଓଡ଼ିଶା ଏଫ୍‌ସି ଲାଗି ଗୁରୁତ୍ୱପୂର୍ଣ୍ଣ। ଏଥିରେ ଭଲ ଅଭ୍ୟାସ ସହ ଦଳ ଆଗାମୀ ଆଇଏସ୍‌ଏଲ୍ ସିଜନ ପାଇଁ ରଣନୀତି ପ୍ରସ୍ତୁତ କରିପାରିବ। "ଏହି ଟୁର୍ନାମେଣ୍ଟରେ ଅଂଶଗ୍ରହଣ ପାଇଁ ମୁଁ ବ୍ୟଗ୍ରତାର ସହ ଅପେକ୍ଷା କରିଛି। ଆଇଏସଏଲ୍‌ର ପ୍ରି-ସିଜନରେ ଦଳକୁ ପ୍ରସ୍ତୁତ କରିବା ପାଇଁ ଏହି ଟୁର୍ନାମେଣ୍ଟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଗୋଆଭଳି ଏକ ସୁନ୍ଦର ସ୍ଥାନରେ ଭଲ ପ୍ରତିଦ୍ୱନ୍ଦ୍ୱୀ ଦଳ ବିପକ୍ଷରେ ଲଢ଼ିବାପାଇଁ ଆମେ ପ୍ରସ୍ତୁତ" ବୋଲି ଓଡ଼ିଶା ଏଫ୍‌ସି ମୁଖ୍ୟ କୋଚ୍ ସର୍ଗିଓ ଲୋବେରା ପ୍ରକାଶ କରିଛନ୍ତି। ୨୫ ତାରିଖରେ ୱାଇ ଜଷ୍ଟିକା ବିପକ୍ଷରେ ଖେଳି ଓଡ଼ିଶା ଏଫ୍‌ସି ଅଭିଯାନ ଆରମ୍ଭ କରିବ। ପରେ ୨୮ରେ ଚେନ୍ନାଇନ୍ ଏବଂ ୩୧ରେ ଚର୍ଚ୍ଚିଲ ବ୍ରଦର୍ସକୁ ଭେଟିବ।

# ୬ ପିଚ୍‌କୁ ସନ୍ତୋଷଜନକ ରେଟିଂ

ଦୁବାଇ,୨୦।୮(ପି.ଟି.)

ଟି୨୦ କ୍ରିକେଟ ବିଶ୍ୱକପର ନ୍ୟୁୟର୍କ ସଂସ୍କରଣରେ ବ୍ୟବହୃତ ଡ୍ରପ୍ ଇନ୍ ପିଚର ରେଟିଂ ମଙ୍ଗଳବାର ସାମ୍ନାକୁ ଆସିଛି। ଆମେରିକାରେ ମୋଟ ୯ଟି ମ୍ୟାଚ ଖେଳା ଯାଇଥିବା ବେଳେ ଏହା ମଧ୍ୟରୁ ୬ଟି ମ୍ୟାଚ୍‌ର ପିଚ୍‌କୁ ସନ୍ତୋଷ ଜନକ ରେଟିଂ ମିଳିଛି। ଜୁନ୍ ୧ରୁ ୨୯ ମଧ୍ୟରେ ଅନୁଷ୍ଠିତ ଏହି ଟୁର୍ନାମେଣ୍ଟର ପିଚ୍‌ର ରେଟିଂ ବେଶ ବିଳମ୍ବରେ ଘୋଷଣା ହୋଇଛି। ଟୁର୍ନାମେଣ୍ଟର ଆମେରିକା ଚରଣରେ ବ୍ୟବହୃତ ପିଚ୍‌କୁ ନେଇ ଉଭୟ ଖେଳାଳି ଓ ଦର୍ଶକ ଅସନ୍ତୋଷ ପ୍ରକାଶ କରିଥିଲେ। ନାସାଉ କ୍ରିକେଟ ଗ୍ରାଉଣ୍ଡରେ ଖେଳା ଯାଇଥିବା ଭାରତ-ଆୟର୍ଲାଣ୍ଡ ଏବଂ ଦକ୍ଷିଣ ଆଫ୍ରିକ-ଶ୍ରୀଲଙ୍କା ମ୍ୟାଚ୍‌ର ପିଚ୍‌କୁ ନକରାତ୍ମକ ରେଟିଂ ମିଳିଛି।

# ଗୋଟିଏ ଓଭରରେ ୩୯ ରନ୍ କଲେ ଭିସର

ନୂଆଦିଲ୍ଲୀ,୨୦।୮(ପି.ଟି.)




ଡାରିଅସ୍ ଭିସର୍

ଭାରତୀୟ କ୍ରିକେଟ କିମ୍ବଦନ୍ତୀ ଯୁବରାଜ ସିଂଙ୍କ ୧୭ ବର୍ଷର ରେକର୍ଡ ଭାଙ୍ଗିଛନ୍ତି ସମୋଆନ୍ କ୍ରିକେଟର ଡାରିଅସ୍ ଭିସର୍। ସମୋଆ ଓ ଭାନୁଆଟୁ ମଧ୍ୟରେ ଖେଳାଯାଇଥିବା ଟି୨୦ ମ୍ୟାଚ୍‌ରେ ଭିସର୍ ଗୋଟିଏ ଓଭରରେ ୩୯ ରନ୍ ସଂଗ୍ରହ କରିଥିଲେ। ଆପିଆରେ ଖେଳାଯାଉଥିବା ଇଷ୍ଟ ଏସିଆ ପାସିଫିକ୍ କ୍ୱାଲିଫାୟରରେ ପେସ୍ ବୋଲର ନଲିନ ନିପିକୋଙ୍କ ଓଭରରେ ସେ ଏହି ମାଇଲଖୁଣ୍ଟ ହାସଲ କରିଥିଲେ। ଏହି ଓଭରରେ ୬ଟି ଛକା ଦେଖିବାକୁ ମିଳିଥିବା ବେଳେ ୩ଟି ନୋ ବଲ୍ ଦେଖିବାକୁ ମିଳିଥିଲା। ସିଡ୍‌ନୀ ଗ୍ରେଡ୍ କ୍ରିକେଟରୁ ଆସିଥିବା ୨୮ ବର୍ଷୀୟ ଭିସର ନିଜର ତୃତୀୟ ଅନ୍ତର୍ଜାତୀୟ ଟି୨୦ ମ୍ୟାଚ୍ ଖେଳୁଛନ୍ତି। ଭାନୁଆଟୁ ବିପକ୍ଷରେ ୬୨ ବଲ୍ ଖେଳି ସେ ୧୪ ଛକା ଓ ୫ ଚୌକା ସହ ୧୩୨ ରନ୍ କରିଥିଲେ। ନ୍ୟୁ ସାଉଥ୍ ୱେଲ୍ସ କ୍ରିକେଟ ଏକାଡେମୀ ପକ୍ଷରୁ ଖେଳୁଥିବା ସମୟରେ ୧୬୦ କି.ମି.ର ବ୍ୟାଟ ସ୍ପିଡରେ ଶଟ୍ ମାରିବା ସହ ରେକର୍ଡ କରିଥିଲେ। ଆରମ୍ଭରୁ ବିଶ୍ୱ ରେକର୍ଡ କରିଥିବା ନେଇ ଭିସରଙ୍କ ଧାରଣା ନ ଥିଲା। ମ୍ୟାଚ୍‌ର ଇନିଂସ ବ୍ରେକ ସମୟରେ ଯୁବରାଜଙ୍କ ରେକର୍ଡ ଭାଙ୍ଗିଥିବା ଜଣାପଡିଥିଲା। ଏହି ମ୍ୟାଚ୍‌ରେ ବିଜୟୀ ହୋଇଥିବା ବେଳେ ପରବର୍ତ୍ତୀ ମ୍ୟାଚ୍ ଉପରେ ନଜର ରହିଥିବା କହିଛନ୍ତି ସମୋଆ ଅଧିନାୟକ ଜସମତ କାଲେବ।

ଏହାସହିତ ପ୍ରଥମ ସମୋଆନ୍ ଖେଳାଳି ଭାବରେ ଏକ ଅନ୍ତର୍ଜାତୀୟ ଟି୨୦ ମ୍ୟାଚ୍‌ରେ ଶତକ ହାସଲ କରିଛନ୍ତି। ଅନ୍ତର୍ଜାତୀୟ ମ୍ୟାଚ୍ ନଥିବା ସମୟରେ ଭିସର୍ ଅଷ୍ଟ୍ରେଲିଆରେ କୋଚିଂ ନେଇଥାନ୍ତି। ଭିସରଙ୍କ ଶତକ ବଳରେ ସମୋଆ ୧୭୪ ରନ୍ କରିଥିବା ବେଳେ ଭାନୁଆଟୁ ୨୦ ଓଭରରେ ୯ ଉଇକେଟ ହରାଇ ୧୬୪ ରନ୍ କରିଥିଲା।

## ଯୁବରାଜଙ୍କ ୧୭ ବର୍ଷର ରେକର୍ଡ ଭାଙ୍ଗିଲା

ଉଲ୍ଲେଖଯୋଗ୍ୟ ଯେ, ଅନ୍ତର୍ଜାତୀୟ ଟି୨୦ରେ ସର୍ବମୋଟ ୫ ଥର ଗୋଟିଏ ଓଭରରେ ୩୬ ରନ୍ ସ୍କୋର ହୋଇଛି। ୨୦୦୭ରେ ଭାରତୀୟ କ୍ରିକେଟର ଯୁବରାଜ ସିଂ ପ୍ରଥମେ ଏହି ମାଇଲଖୁଣ୍ଟ ହାସଲ କରିଥିଲେ। ଇଂଲଣ୍ଡର ଷ୍ଟୁଆର୍ଟ ବ୍ରଡ୍‌ଙ୍କୁ ୬ ଛକା ମାରିଥିଲେ ଯୁବରାଜ। ୨୦୨୧ରେ ଶ୍ରୀଲଙ୍କା ବିପକ୍ଷ ଦ୍ୱିପାକ୍ଷିକ ସିରିଜ୍‌ରେ ସ୍ପିନର ଅକିଳା ଧନଞ୍ଜୟଙ୍କ ଓଭରରେ ୩୬ ରନ୍ ସ୍କୋର କରିଥିଲେ ଯୁବରାଜ। ନେପାଳର ଦୀପେନ୍ଦ୍ର ସିଂ ଐରୀ ଏସିସି ପ୍ରିମିୟର କପ୍‌ରେ କାତାରର କମରାନ ଖାନ୍‌ଙ୍କ ଓଭରରେ ୩୬ ରନ୍ ସ୍କୋର କରିଥିଲେ। ଭାରତର ରୋହିତ ଶର୍ମା ଓ ରିଙ୍କୁ ସିଂ ଆଫଗାନିସ୍ତାନର କରିମ୍ ଜନତଙ୍କ ଓଭରରେ ମିଳିତ ଭାବରେ ୩୬ ରନ୍ ସଂଗ୍ରହ କରିଥିଲେ। ୱେଷ୍ଟଇଣ୍ଡିଜର ନିକୋଲାସ ପୁରନ ସଦ୍ୟ ସମାପ୍ତ ଟି୨୦ କ୍ରିକେଟ ବିଶ୍ୱକପରେ ଗ୍ରସ୍ ଆଇଲେଟ୍‌ରେ ଖେଳାଯାଇଥିବା ମ୍ୟାଚ୍‌ରେ ଆଫଗାନିସ୍ତାନର ଅଜମତଉଲ୍ଲା ଓମାରଜାଇଙ୍କ ଓଭରରେ ୩୬ ରନ୍ କରିଥିଲେ।




Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ